# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ଜୁଲାଇ ୧୫/୨୦୨୧ (୧୨ ପୃଷ୍ଠା) | Sambalpur, Thursday, July 15/2021 | ★★

୧୭ଶ ଭାଗ ୨୦୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-




**ପୁରସ୍କାର ପାଇଁ ସନ୍ନିଙ୍କ ରାଗ**

ଫିଲ୍ମ 'ଗଦର' ପାଇଁ ମିଳିଥିବା ପୁରସ୍କାରକୁ ରାଗରେ ବାଥରୁମ୍‌ରେ ଛାଡ଼ି ଦେଇଥିଲେ ଅଭିନେତା ସନ୍ନି ଦେଓଲ।

୧୦

୧୨

**ନମିତାଙ୍କୁ ଅଲିମ୍ପିକ୍ସ ସୁଯୋଗ**

ଓଡ଼ିଶାର ଅଭିଜ୍ଞ ମିଡ୍‌ଫିଲ୍ଡର ନମିତା ଟପ୍ପୋ ଟୋକିଓ ଅଲିମ୍ପିକ୍ସ ପାଇଁ ଭାରତୀୟ ମହିଳା ହକି ଦଳରେ ସାମିଲ ହୋଇଛନ୍ତି।






ଓଡ଼ିଶା ବନ୍ଦକୁ ସଫଳ କରିବା ପାଇଁ ବିଭିନ୍ନ ବାମପନ୍ଥୀ ଦଳ ପକ୍ଷରୁ ବୁଧବାର ସନ୍ଧ୍ୟାରେ ଭୁବନେଶ୍ୱର ରାଜମହଲ ଛକରୁ ବାହାରିଥିବା ମଶାଲ ରାଲି ।

# ରାଜଧାନୀରେ ନିଶା କାରବାର

## ଅଧକୋଟିର ବ୍ରାଉନସୁଗାର, ୩୫ଲକ୍ଷ ଟଙ୍କା ଜବତ

- କୋଲକାତାରୁ ଭାୟା ବାଲେଶ୍ୱର ଦେଇ ଆସୁଛି ଧଳା ଜହର
- ଜଳେଶ୍ୱରରେ ରହିଛନ୍ତି ଏକାଧିକ ଡିଲର
- ମହିଳାଙ୍କ ସମେତ ୨ ଗିରଫ

**ଭୁବନେଶ୍ୱର,୧୪।୭(ବ୍ୟୁରୋ)**

କୋଲକାତାରୁ ଭାୟା ବାଲେଶ୍ୱର ଦେଇ ଭୁବନେଶ୍ୱର ଆସୁଛି ବ୍ରାଉନସୁଗାର। ଜଳେଶ୍ୱରରେ ଏକାଧିକ ଚୋରା ଚାଲାଣକାରୀ ରହିଥିବାବେଳେ ଏମାନଙ୍କ ଜରିଆରେ ରାଜ୍ୟର ବିଭିନ୍ନ ସ୍ଥାନକୁ କୋଟି କୋଟି ଟଙ୍କାର ଧଳାଜହର ଚାଲାଣ ହେଉଛି। ଶହୀଦନଗର ଥାନାଞ୍ଚଳରେ ଏକ ଦମ୍ପତି ବ୍ରାଉନସୁଗାର କାରବାର କରୁଥିବା ଖବର ପାଇବା ପରେ କମିଶନରେଟ ପୋଲିସର କୁଇକ୍ ଆକ୍ସନ ଟିମ୍ (କ୍ୟୁଏଟି) ଓ ଶହୀଦନଗର ପୋଲିସର ମିଳିତ ଟିମ୍ ମଙ୍ଗଳବାର ରାତିରେ କେଶୁରାସ୍ଥିତ ଏକ ଘରେ ଚଢ଼ାଉ କରି ବଡ଼ ର୍ୟାକେଟକୁ ଧରିଛି। ସେଠାରୁ ପୋଲିସ ୫୫୦ ଗ୍ରାମର ବ୍ରାଉନସୁଗାର, ନଗଦ ୩୪ଲକ୍ଷ ୮୦ହଜାର ଟଙ୍କା, ଏକ କାର, ୨ ବାଇକ ଓ ୬ ମୋବାଇଲ୍ ଫୋନ୍ ଜବତ କରିବା ସହ ଦୁଇଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବାଲେଶ୍ୱର ଜିଲା ଜଳେଶ୍ୱରର ବିଶ୍ୱରଞ୍ଜନ ରାଉଳ ଓରଫ ମଣ୍ଟୁ(୨୩) ଓ ଖୋର୍ଦ୍ଧା ନିରାକାରପୁରର ପିଙ୍କି ଦାସ(୨୮)। ଅନ୍ୟପକ୍ଷେ ର୍ୟାକେଟ ମୁଖ୍ୟ ତଥା ଅଭିଯୁକ୍ତ ପିଙ୍କିଙ୍କ ସ୍ୱାମୀ ଶମ୍ଭୁନାଥ ବାରିକ ଓରଫ ପପୁ ଫେରାର ଅଛନ୍ତି। ତାଙ୍କୁ ଧରିବାକୁ ପୋଲିସ ଚଢ଼ାଉ ଜାରି ରଖିବା ସହ ର୍ୟାକେଟର ଅଧିକ ଖୋଳତାଡ଼ କରୁଛି। ଜବତ ବ୍ରାଉନସୁଗାର ମୂଲ୍ୟ ଅଧକୋଟିରୁ ଅଧିକ ହେବ। ପିଙ୍କି ଓ ଶମ୍ଭୁନାଥ କେଶୁରା ଅଞ୍ଚଳରେ ଘର ଭଡ଼ା ନେଇ ଦୀର୍ଘଦିନ ଧରି ରହିବା ସହ ସେଠାରେ ବ୍ରାଉନ୍‌ସୁଗାର ବେପାର କରୁଥିଲେ। ଅଭିଯୁକ୍ତ ମଣ୍ଟୁ ଜଳେଶ୍ୱରର ବ୍ୟବସାୟୀଙ୍କଠାରୁ ବ୍ରାଉନ୍‌ସୁଗାର ଆଣି ଉକ୍ତ ଦମ୍ପତିଙ୍କୁ ଯୋଗାଉଥିଲେ। ସେମାନେ ଭୁବନେଶ୍ୱର ବସ୍ତି ଅଞ୍ଚଳରେ ବ୍ରାଉନ୍‌ସୁଗାର ବ୍ୟବସାୟୀଙ୍କୁ ଛୋଟ ଛୋଟ ପ୍ୟାକେଟ୍ କରି ବିକୁଥିଲେ। ତେବେ ପୋଲିସ ଚଢ଼ାଉ ସମୟରେ ଅଭିଯୁକ୍ତମାନେ ଘରେ ଷ୍ଟକ୍ ରଖିଥିବା ବ୍ରାଉନ୍‌ସୁଗାରକୁ ପାଇଖାନାରେ ଢାଳିବା ସହ ପୋଡ଼ି ନଷ୍ଟ କରିବାକୁ ଚେଷ୍ଟା କରିଥିଲେ। ତେବେ ପୋଲିସ କବାଟ ଭାଙ୍ଗି ପଶିଯିବା ସହ ସେସବୁକୁ ☞ପୃଷ୍ଠା-୪



ଜବତ ବ୍ରାଉନସୁଗାର ଓ ଟଙ୍କା ।

# ଆଜି ଓଡ଼ିଶା ବନ୍ଦ

## ଆଇନଶୃଙ୍ଖଳା ପରିସ୍ଥିତିକୁ ଧ୍ୟାନ ଦେବାକୁ ଗୃହ ବିଭାଗର ଚିଠି

**ଭୁବନେଶ୍ୱର, ୧୪।୭(ବ୍ୟୁରୋ)**

ଦେଶରେ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ଯୋଗୁ ସାଧାରଣ ଜନତା ହନ୍ତସନ୍ତ ହେଉଛନ୍ତି। ଯୋଗୁ ଦୀର୍ଘ ୧୬ ମାସ ଧରି ଦେଶରେ ଲକ୍‌ଡାଉନ ଜାରି ରହିଛି। ତେଣୁ ସାଧାରଣ ଲୋକମାନେ କାମଧନ୍ଦା ହରାଇ ଘରେ ବସି ରହିଛନ୍ତି। ଏହିଭଳି ସମୟରେ ତୈଳ ଦର ୧୦୦ ଟଙ୍କା ପାର୍ ହୋଇସଲାରିଲାଣି। ଗ୍ୟାସ୍ ୯ ଶହ ଟଙ୍କା ପାଖରେ ପହଞ୍ଚିଲାଣି। ଏଭଳି ଦରଦାମ୍ ବୃଦ୍ଧିକୁ ବାମପନ୍ଥୀ ଦଳଗୁଡିକ ବିରୋଧ କରିବା ସାଙ୍ଗକୁ ଗୁରୁବାର ଓଡ଼ିଶା ବନ୍ଦ ଡାକରା ଦେଇଛନ୍ତି। ଏହି ବନ୍ଦ ଡାକରାକୁ କଂଗ୍ରେସ ସମେତ ସମାଜବାଦୀ ପାର୍ଟି ରାଜ୍ୟ ଶାଖା ସମର୍ଥନ ଦେଇଛି। ସକାଳ ୬ଟାରୁ ୧୨ଟା ପର୍ଯ୍ୟନ୍ତ ଅର୍ଥାତ୍ ୬ ଘଣ୍ଟା ବନ୍ଦ ଡାକରା ଦିଆଯାଇଛି। ଏହି ଗୋଟିଏ ଦିନ କୌଣସି ଲୋକ ପେଟ୍ରୋଲ, ଡିଜେଲ ନ କିଣିବା ଲାଗି କଂଗ୍ରେସ ଜନସାଧାରଣଙ୍କୁ ନିବେଦନ କରିଛି। ଏହି ବନ୍ଦ ଡାକରାରେ ସମସ୍ତ ପ୍ରକାର ଜରୁରୀ ସାମଗ୍ରୀକୁ ବାଦ୍ ଦେବା ଲାଗି ଘୋଷଣା କରାଯାଇଛି। ବନ୍ଦ ଡାକରାକୁ ଦୃଷ୍ଟିରେ ରଖି ଲୋକସେବା ଭବନ, ଖାରବେଳ ଭବନରେ ସୁରକ୍ଷା ବ୍ୟବସ୍ଥା କଡାକଡି କରିବା ଲାଗି ଗୃହ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ☞ପୃଷ୍ଠା-୪

# ସତର୍କ ପରେ ବି ଚେତା ପଶୁନି

**ଭୁବନେଶ୍ୱର,୧୪।୭(ବ୍ୟୁରୋ)**

## ଓଡ଼ିଶାରେ ଆତଙ୍କବାଦୀ ଅନୁପ୍ରବେଶ

- ଓଡ଼ିଶା ଲିଙ୍କ୍ ନ ଥିବା କହିଲେ ଗୋଇନ୍ଦା ନିର୍ଦ୍ଦେଶକ
- ପୂର୍ବରୁ ଓଡ଼ିଶାରୁ ଆତଙ୍କବାଦୀଙ୍କୁ ଏନ୍‌ଆଇଏ, ଦିଲ୍ଲୀ, ତେଲଙ୍ଗାନା ପୋଲିସ ଧରିଛି

ଓଡ଼ିଶାରେ ଆତଙ୍କବାଦୀଙ୍କ ଅନୁପ୍ରବେଶ ସମ୍ପର୍କରେ ପୂର୍ବରୁ ରାଜ୍ୟ ଗୋଇନ୍ଦା ବିଭାଗକୁ ସୂଚନା ଦିଆଯାଇଛି। ପାକିସ୍ତାନ ସମେତ ବାଂଲାଦେଶୀ ଆତଙ୍କବାଦୀଙ୍କ ପକ୍ଷରୁ ବିପଦ ରହିଥିବା ନ୍ୟାଶନାଲ ଇନ୍‌ଭେଷ୍ଟିଗେଶନ ଏଜେନ୍ସି (ଏନ୍‌ଆଇଏ)ର ତତ୍‌କାଳୀନ ମୁଖ୍ୟ ଯୋଗେଶ ଚନ୍ଦ୍ର ମୋଦି ଓଡ଼ିଶା ସମେତ ବିଭିନ୍ନ ରାଜ୍ୟକୁ ସତର୍କ କରାଇଥିଲେ। ବିଶେଷକରି ଓଡ଼ିଶା, ଆସାମ ଓ ଝାଡ଼ଖଣ୍ଡ ଆଦି ରାଜ୍ୟରେ ଜମ୍ମାତ-ଉଲ୍ ମୁଜାହିଦ୍ଦିନ ବାଂଲାଦେଶ (ଜେଏମ୍‌ବି) ଆତଙ୍କବାଦୀଙ୍କ ଗତିବିଧି ବୃଦ୍ଧି ଘଟିଥିବା ଏନ୍‌ଆଇଏ ୨୦୨୦ରେ ସତର୍କ ଜାରି କରିଥିଲା। ଏପରି କି ଜେଏମ୍‌ବି ସହିତ ଜଡ଼ିତ ୧୨୫ସନ୍ଦିଗ୍ଧଙ୍କ ତଥ୍ୟ ବିଭିନ୍ନ ରାଜ୍ୟରେ ଥିବା ଗୋଇନ୍ଦା ଏଜେନ୍ସିକୁ ପଠାଯାଇଥିଲା। ଏହି ସତର୍କତା ପରେ ବି ରାଜ୍ୟ ଗୋଇନ୍ଦା ବିଭାଗ ଆତଙ୍କବାଦୀଙ୍କ ସମ୍ପର୍କରେ ସାମାନ୍ୟତମ ସୂଚନା ପାଇପାରୁ ନାହିଁ। ଏବେ କୋଲକାତା ପୋଲିସର ସ୍ପେଶାଲ ଟାସ୍କ ଫୋର୍ସ ୩ ବାଂଲାଦେଶୀ ଆତଙ୍କବାଦୀଙ୍କୁ ଗିରଫ କରିବା ପରେ ଓଡ଼ିଶାରେ ଆତଙ୍କବାଦୀଙ୍କ ଉପସ୍ଥିତିକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। କୋଲକତା ପୋଲିସର ଜଣେ ଅଧିକାରୀଙ୍କ ସୂଚନା ମୁତାବକ ପ୍ରାୟ ୧୫ଜଣ ବାଂଲାଦେଶୀ ଆତଙ୍କବାଦୀ ଭାରତକୁ ଅନୁପ୍ରବେଶ କରିଥିବାବେଳେ ଏମାନଙ୍କ ମଧ୍ୟରୁ ୧୦ଜଣ ଓଡ଼ିଶା, ବିହାର ଓ ଝାଡ଼ଖଣ୍ଡରେ ରହିଥିବା ଜଣାପଡ଼ିଛି। ଗିରଫ ଆତଙ୍କବାଦୀମାନେ ଜାଲ୍ କାଗଜପତ୍ରରେ ଭାରତରେ ପ୍ରବେଶ କରିବା ସହ ଭଡ଼ାଘରେ ରହି ଫଳ ଓ ମଶାରି ଆଦି ବିକ୍ରି କରୁଥିବା କୋଲକାତା ପୋଲିସ କହିଛି।

ରାଜ୍ୟର ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ବାଂଲାଦେଶୀଙ୍କ ଗତିବିଧି ଏବେ ଦେଖିବାକୁ ମିଳୁଛି। ନିଜକୁ କୋଲକାତାର ବାସିନ୍ଦା କହି ସହର ଓ ଗାଁ ବୁଲି ବୁଲି ଫେରି ବେପାର କରୁଥିଲେ ମଧ୍ୟ ଏମାନଙ୍କ ଉପରେ ଗୋଇନ୍ଦା ବିଭାଗର ନଜର ପଡୁନି। ଅନ୍ୟପକ୍ଷରେ କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ଜଗତ୍‌ସିଂହପୁର ଆଦି ଜିଲାର ଉପକୂଳ ଅଞ୍ଚଳରେ ବାଂଲାଦେଶୀ ଶରଣାର୍ଥୀମାନେ ସ୍ଥାୟୀ ବାସିନ୍ଦା ପାଲଟିଯାଇଥିବାରୁ ସେମାନଙ୍କ ପାଖରେ ମଧ ☞ପୃଷ୍ଠା-୪

# ପରୀକ୍ଷା ଫି' ଫେରାଇବାକୁ ବିଚାରକର

**ନୂଆଦିଲ୍ଲୀ, ୧୪।୭**

## ସିବିଏସ୍‌ଇକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କୋଭିଡ୍ ମହାମାରୀ ଯୋଗୁ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ(ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ବୋର୍ଡ ପରୀକ୍ଷାକୁ ଚଳିତ ବର୍ଷ ବାତିଲ କରି ଦିଆଯାଇଛି। ତେଣୁ ପିଲାଙ୍କଠାରୁ ଆଦାୟ ହୋଇଥିବା ପରୀକ୍ଷା ଫି' ଫେରାଇବାକୁ ସିବିଏସ୍‌ଇ ୮ ସପ୍ତାହ ମଧ୍ୟରେ ବିଚାର କରୁ ବୋଲି ଦିଲ୍ଲୀ ହାଇକୋର୍ଟ ବୁଧବାର ନିର୍ଦ୍ଦେଶ ଦେଇଛନ୍ତି। ପରୀକ୍ଷା ବାବଦକୁ ୨୧ଶହ ଟଙ୍କା ଦେଇଥିବା ଜଣେ ଦଶମ ଛାତ୍ରଙ୍କ ମା' ଦୀପା ଯୋସେଫ୍‌ଙ୍କ ପକ୍ଷରୁ ଏ ନେଇ ଏକ ଆବେଦନର ଶୁଣାଣି କରି ଜଷ୍ଟିସ୍ ପ୍ରତୀକ ଜଲାନ ଉକ୍ତ ନିର୍ଦ୍ଦେଶ ଦେଇଛନ୍ତି। ବୋର୍ଡର କୌଣସି ପଦକ୍ଷେପ ଉଭୟ ପକ୍ଷ ପାଇଁ ଯୁକ୍ତିଯୁକ୍ତ ହେବା ଆବଶ୍ୟକ। ଯଦି ଯୋସେଫ୍ ଏଥିରେ ସନ୍ତୁଷ୍ଟ ନ ହୁଅନ୍ତି ତେବେ ପରୀକ୍ଷା ବାତିଲ ନିଷ୍ପତ୍ତି ସିବିଏସ୍‌ଇ ପାଇଁ ଏକ ଚ୍ୟାଲେଞ୍ଜ ହେବ ବୋଲି କୋର୍ଟ କହିଛନ୍ତି।

**ଟୋକିଓ ଅଲିମ୍ପିକ୍ସ**

# 'ଚିଅର୍ ଫର ଇଣ୍ଡିଆ'

**ନୂଆଦିଲ୍ଲୀ,୧୪।୭**





## ଭାରତୀୟ ଦଳର ସଙ୍ଗୀତ ଉନ୍ମୋଚନ କଲେ କ୍ରୀଡ଼ାମନ୍ତ୍ରୀ

ଟୋକିଓ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ଯାଉଥିବା ଭାରତୀୟ ଦଳର ଅଫିସିଆଲ ସଙ୍ଗୀତ ବା ଥିମ ସଙ୍ଗ୍ ଉନ୍ମୋଚନ କରାଯାଇଛି। କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ଚିଅର ଫର ଇଣ୍ଡିଆ (cheer4In-dia) ନାମରେ ଏହି ସଙ୍ଗୀତକୁ ଉନ୍ମୋଚନ କରିଛନ୍ତି। ଅଲିମ୍ପିକ୍ସ ଅବସରରେ ଦେଶର ଆଥ୍‌ଲେଟମାନଙ୍କୁ ପୂର୍ଣ୍ଣ ମନପ୍ରାଣରେ ସମର୍ଥନ କରିବାକୁ ସେ ସମସ୍ତଙ୍କୁ ନିବେଦନ କରିଛନ୍ତି।

ଗ୍ରାମୀ ତଥା ଓସ୍କାର ପୁରସ୍କାର ବିଜେତା ସଙ୍ଗୀତକାର ଏ.ଆର. ରହମାନ ଓ ଗାୟିକା ଅନନ୍ୟା ବିର୍ଲାଙ୍କ ମିଳିତ ପ୍ରୟାସରେ ଭାରତୀୟ ଦଳ ପାଇଁ ଏହି ଅଫିସିଆଲ ସଙ୍ଗୀତ ହିନ୍ଦୁସ୍ଥାନୀ ଶୈଳୀରେ ପ୍ରସ୍ତୁତ କରାଯାଇଛି। ଏହି ସଙ୍ଗୀତର ଟାଇଟଲ 'cheer4India' ରଖାଯାଇଛି। ଦେଶର ସବୁ ନାଗରିକଙ୍କୁ ଏହି ସଙ୍ଗୀତ ଶୁଣିବାକୁ, ଶେୟାର କରିବାକୁ ଓ ସମ୍ପୂର୍ଣ୍ଣ ଭାରତୀୟ ଦଳକୁ ଉତ୍ସାହିତ କରିବାକୁ ଠାକୁର ଅନୁରୋଧ କରିଛନ୍ତି। କୋଭିଡ୍-୧୯ ମହାମାରୀ ପ୍ରକୋପ ଜାରି ରହିଥିବା ବେଳେ ଏହି ସଙ୍ଗୀତ ସଂରଚନା କରିଥିବାରୁ ସେ ରହମାନ ଓ ଅନନ୍ୟାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ସଙ୍ଗୀତ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ମହାମାରୀରେ ମାନବ ଅଧିକାର




# ବଢ଼ିଲା କେନ୍ଦ୍ରୀୟ କର୍ମଚାରୀଙ୍କ ମହଙ୍ଗା ଭତ୍ତା

**ନୂଆଦିଲ୍ଲୀ, ୧୪।୭**

**ଜୁଲାଇ ୧ରୁ ଲାଗୁ**

କେନ୍ଦ୍ରୀୟ ସରକାରୀ କର୍ମଚାରୀମାନଙ୍କ ମହଙ୍ଗା ଭତ୍ତା (ଡିଏ)କୁ ୧୭ ପ୍ରତିଶତରୁ ୨୮ ପ୍ରତିଶତକୁ ବୃଦ୍ଧି କରାଯାଇଛି। ଜୁଲାଇ ୧ରୁ ଏହି ବର୍ଦ୍ଧିତ ଭତ୍ତା ଲାଗୁ ହେବ। ଏଥିସହିତ ପେନ୍‌ସନ ପାଉଥିବା ଅବସରପ୍ରାପ୍ତ କେନ୍ଦ୍ରୀୟ କର୍ମଚାରୀମାନଙ୍କ ମହଙ୍ଗା ସହାୟତା (ଡିଆର୍)କୁ ମଧ ୧୭ରୁ ୨୮ ପ୍ରତିଶତକୁ ବୃଦ୍ଧି କରାଯାଇଛି। ବୁଧବାର କେନ୍ଦ୍ର କ୍ୟାବିନେଟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଗତବର୍ଷ କରୋନା ☞ପୃଷ୍ଠା-୪




**ହସ୍ପିଟାଲରୁ ଫେରିଲେ ପୋପ୍**

ବୃହତ୍ ଅନ୍ତଃନଳୀରେ ଅସ୍ତ୍ରୋପଚାରର ୧୦ ଦିନ ପରେ ବୁଧବାର ପୋପ୍ ଫ୍ରାନ୍ସିସ୍ (୮୪)ହସ୍ପିଟାଲରୁ ଫେରିଛନ୍ତି। ଅନ୍ତଃନଳୀ ସଙ୍କୁଚିତ ହେବା କାରଣରୁ ଅସୁସ୍ଥ ହେବା ପରେ ଜୁଲାଇ ୪ରେ ତାଙ୍କର ଅପରେଶନ ହୋଇଥିଲା। ୨୦୧୩ରେ ପୋପ୍ ହେବା ପରଠାରୁ ଏହା ତାଙ୍କର ପ୍ରଥମ ପ୍ରମୁଖ ଅସ୍ତ୍ରୋପଚାର। ଆସନ୍ତା ନଭେମ୍ବରରେ ସେ ସ୍କଟ୍‌ଲାଣ୍ଡର ଗ୍ଲାସ୍‌ଗୋଠାରେ ହେବାକୁ ଥିବା ସିଓପି୨୬ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି।

## ସଂକ୍ଷେପରେ

### ଯାନ ବେଗ ସୀମା ବଢ଼ାଇବାକୁ ଯୋଜନା

**ନୂଆଦିଲ୍ଲୀ, ୧୪।୭:** ଯାନଗୁଡ଼ିକର ଘଣ୍ଟାପ୍ରତି ସର୍ବାଧିକ ବେଗ ସୀମା ବିଭିନ୍ନ ବର୍ଗର ସଡ଼କ ପାଇଁ ୨୦ କିଲୋମିଟର ବଢ଼ାଇବା ନିମନ୍ତେ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ତାଙ୍କ ମନ୍ତ୍ରଣାଳୟ ଅଧିକାରୀମାନଙ୍କୁ କହିଛନ୍ତି। ନିର୍ଦ୍ଦିଷ୍ଟ ସଡ଼କରେ ବେଗ ସୀମା ସମାନ ରଖିବା ଲାଗି ବ୍ୟବସ୍ଥା ଗ୍ରହଣ କରିବାକୁ ମଧ ସେ ପରାମର୍ଶ ଦେଇଛନ୍ତି। ଏବେ ଜାତୀୟ ରାଜପଥଗୁଡ଼ିକରେ କାର୍ ପାଇଁ ସର୍ବାଧିକ ଘଣ୍ଟାପ୍ରତି ବେଗ ୧୦୦ କି.ମି. ଏବଂ ଏକ୍ସପ୍ରେସ୍‌ୱେରେ ୧୨୦ କି.ମି. ଧାର୍ଯ୍ୟ ହୋଇଛି। ତେବେ ରାଜ୍ୟ ପୋଲିସ ଏବଂ ଅନ୍ୟ ସଂସ୍ଥାଗୁଡ଼ିକୁ ସେମାନଙ୍କ ଅଞ୍ଚଳ ମଧ୍ୟରେ ଥିବା ଜାତୀୟ ରାଜପଥ ଓ ଏକ୍ସପ୍ରେସ୍‌ୱେରେ ବେଗ ସୀମା ଧାର୍ଯ୍ୟ କରିବା କ୍ଷମତା ଦିଆଯାଇଛି। ଯେଉଁଥିପାଇଁ ବିଭିନ୍ନ ରାଜ୍ୟ ଦେଇ ଯାଇଥିବା ଜାତୀୟ ରାଜପଥଗୁଡ଼ିକରେ ଭିନ୍ନ ଭିନ୍ନ ଅଂଶରେ ଭିନ୍ନ ବେଗ ଧାର୍ଯ୍ୟ ହୋଇଛି, ଯାହା ଗାଡ଼ିଚାଳକମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି।

**ପାକ୍‌ରେ ବିସ୍ଫୋରଣ**

### ୯ ଚାଇନା ଇଞ୍ଜିନିୟରଙ୍କ ସମେତ ୧୩ ମୃତ

**ପେଶାୱର, ୧୪।୭:** ଉତ୍ତରପଶ୍ଚିମ ପାକିସ୍ତାନରେ ଚାଇନା ଇଞ୍ଜିନିୟର ଏବଂ ପାକିସ୍ତାନୀ ଯବାନମାନଙ୍କୁ ନେଇ ଯାଉଥିବା ଏକ ବସ୍‌କୁ ଟାର୍ଗେଟ କରି ବିସ୍ଫୋରଣ କରାଯାଇଛି। ବୁଧବାର ସକାଳେ ଘଟିଥିବା ଏହି ଶକ୍ତିଶାଳୀ ବିସ୍ଫୋରଣରେ ୯ ଚାଇନା ଇଞ୍ଜିନିୟରଙ୍କ ସମେତ ୧୩ ଜଣ ନିହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଦୁଇଜଣ ଯବାନ ଓ ୨ ସ୍ଥାନୀୟ ଲୋକ ଅଛନ୍ତି। ବସ୍‌ଟି ଚାଇନା ଇଞ୍ଜିନିୟରମାନଙ୍କୁ ନେଇ ଖାଇବର ପାଖତୁନ୍‌ଖ୍ୱା ପ୍ରଦେଶରେ ନିର୍ମାଣାଧୀନ ଡାସୁ ଡ୍ୟାମ୍‌କୁ ଯାଉଥିଲା। ସେଥିରେ ଇଞ୍ଜିନିୟର ଓ କର୍ମଚାରୀ ମିଶି ୩୦ ଜଣ ଥିଲେ। ଅନ୍ୟ କେତେଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ବିସ୍ଫୋରଣ ଘଟଣାର ଉପଯୁକ୍ତ ତଦନ୍ତ କରିବାକୁ ଚାଇନା ପକ୍ଷରୁ ପାକିସ୍ତାନ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି। ବିସ୍ଫୋରକ ସାମଗ୍ରୀ ରାସ୍ତା ପାର୍ଶ୍ୱରେ ଖଞ୍ଜାଯାଇଥିଲା କି ବସ୍‌ରେ ଥିଲା ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ବିସ୍ଫୋରଣ ପରେ ବସ୍‌ଟି ଗଭୀର ଉପତ୍ୟକା ମଧ୍ୟକୁ ଖସିପଡ଼ିଥିଲା। ଜଣେ ଚାଇନା ଇଞ୍ଜିନିୟର ଓ ଜଣେ ଯବାନ ନିଖୋଜ ଥିବାବେଳେ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

### ମୌସୁମୀ ଅଧିବେଶନରେ ଆସିବ ୧୭ ବିଲ୍


**ନୂଆଦିଲ୍ଲୀ, ୧୪।୭(ପି.ଟି.):** ଆଗାମୀ ୧୯ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ପାର୍ଲାମେଣ୍ଟର ମୌସୁମୀ ଅଧିବେଶନରେ ସରକାର ୧୭ଟି ନୂଆ ବିଧେୟକ ଆଣିବା ପାଇଁ ତାଲିକା ପ୍ରସ୍ତୁତ କରିଛନ୍ତି। ସେଥିରୁ ୩ଟି ବିଲ୍ ନିକଟରେ ଜାରି ହୋଇଥିବା ୩ଟି ଅଧାଦେଶ ସ୍ଥାନରେ ଆଇନ ଆଣିବା ପାଇଁ ଉଦ୍ଦିଷ୍ଟ। ଜରୁରୀ ପ୍ରତିରକ୍ଷା ସେବାରେ ନିୟୋଜିତ କେହି ଆନ୍ଦୋଳନ କିମ୍ବା ଧର୍ମଘଟ କରିପାରିବେ ନାହିଁ ବୋଲି ଜୁନ୍ ୩୦ରେ ଏକ ଅଧାଦେଶ ଜାରି ହୋଇଥିଲା। ଏହା ବଦଳରେ ଜରୁରୀ ପ୍ରତିରକ୍ଷା ସେବା ବିଲ୍, ୨୦୨୧ ଅଣାଯିବ। ସେହିପରି ଅନ୍ୟ ଦୁଇଟି ଅଧାଦେଶ ସ୍ଥାନରେ ଜାତୀୟ ରାଜଧାନୀ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବାୟୁ ମାନ ପରିଚାଳନା ବିଲ୍, ୨୦୨୧ ଏବଂ ଇନ୍‌ସଲ୍‌ଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି କୋଡ୍ (ସଂଶୋଧନ) ବିଲ୍, ୨୦୨୧ ଅଣାଯିବ।

### ମମତାଙ୍କ ପିଟିଶନ ଗ୍ରହଣ କଲେ ହାଇକୋର୍ଟ

**କୋଲକାତା, ୧୪।୭:** ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀଙ୍କ ବିଜୟକୁ ଚ୍ୟାଲେଞ୍ଜ କରିଥିବା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଆବେଦନକୁ ବୁଧବାର କାଲକାଟା ହାଇକୋର୍ଟ ଗ୍ରହଣ କରିଛନ୍ତି। ଜଷ୍ଟିସ୍ ଶାମ୍ପା ସର୍କାର ନନ୍ଦିଗ୍ରାମର ପରାଜିତ ଟିଏମ୍‌ସି ପ୍ରାର୍ଥୀ ମମତାଙ୍କ ପିଟିଶନର ଶୁଣାଣି ଅଗଷ୍ଟ ୧୨ରେ କରିବାକୁ ଧାର୍ଯ୍ୟ କରିଛନ୍ତି। ଇତିମଧ୍ୟରେ ଭାଜପା ବିଧାୟକ ଶୁଭେନ୍ଦୁ ଓ ଅନ୍ୟ ପକ୍ଷମାନଙ୍କୁ ନୋଟିସ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ନନ୍ଦିଗ୍ରାମ ନିର୍ବାଚନ ସମ୍ପର୍କିତ ସମସ୍ତ ରେକର୍ଡ ଓ ଉପକରଣ ସୁରକ୍ଷିତ ରଖିବା ପାଇଁ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଶୁଭେନ୍ଦୁ ଉକ୍ତ ଆସନରୁ ମମତାଙ୍କୁ ୧,୯୫୬ ଭୋଟ ବ୍ୟବଧାନରେ ପରାଜିତ କରିଥିବା ନିର୍ବାଚନ କମିଶନ ଘୋଷଣା କରିଥିଲେ। ମମତା ଏହା ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

# ଯନ୍ତ୍ରଣା ଭୋଗିବେ ଆଫଗାନ୍ ମହିଳା

**ସେନା ପ୍ରତ୍ୟାହାରକୁ ବୁଶ୍‌ଙ୍କ ସମାଲୋଚନା**



ଆଫଗାନସ୍ଥାନରୁ ଆମେରିକା ସେନା ପ୍ରତ୍ୟାହାର ସହ ତାଲିବାନ ଅଧିକାଂଶ ଅଞ୍ଚଳକୁ ଅକ୍ତିଆର କରିଛି। ଆଗକୁ ଆଫଗାନ ମହିଳାମାନେ ସଙ୍କଟର ସମ୍ମୁଖୀନ ହେବା ଆଶଙ୍କା ବଢ଼ିଥିବାବେଳେ ଆମେରିକାର ଏହି ପଦକ୍ଷେପକୁ ପୂର୍ବତନ ରାଷ୍ଟ୍ରପତି ଜର୍ଜ ଡବ୍ଲ୍ୟୁ ବୁଶ୍ ସମାଲୋଚନା କରିଛନ୍ତି। ଏଥିଯୋଗୁ ମହିଳାମାନେ ଅକଥନୀୟ ଯନ୍ତ୍ରଣା ଭୋଗିବେ। ଆମେରିକା ସେନାକୁ ସହଯୋଗ କରିଥିବା ଲୋକଙ୍କୁ ଆତଙ୍କବାଦୀ ହତ୍ୟା କରିବେ। ଏହା ଅତ୍ୟନ୍ତ ହୃଦୟ ବିଦାରକ ବୋଲି ବୁଶ୍ କହିଛନ୍ତି। ବୁଶ୍ ଆମେରିକା ରାଷ୍ଟ୍ରପତି ଥିବାବେଳେ ୨୦୦୧ରେ ଆଫଗାନିସ୍ତାନରେ ଯୁଦ୍ଧ ଆରମ୍ଭ ହୋଇଥିଲା।

# ଜାକି ଚାନ୍‌ଙ୍କ ଜିନ୍‌ପିଙ୍ଗ୍ ପ୍ରେମ

**ସିପିସିରେ ମିଶିପାରନ୍ତି**

ହଲିଉଡ୍ ଆକ୍ସନ ଅଭିନେତା ତଥା ଚାଇନାର ଜାକି ଚାନ୍ ଏବେ ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କ ଦଳ ଚାଇନା କମ୍ୟୁନିଷ୍ଟ ପାର୍ଟି(ସିପିସି)ର ସଦସ୍ୟ ହେବାକୁ ଚାହୁଁଥିବା କହିଛନ୍ତି। ୨୦୧୯ରେ ହଂକଂରେ ଗଣତନ୍ତ୍ର ସମର୍ଥକଙ୍କୁ ବିରୋଧ କରି ଚାନ୍ ବିଶ୍ୱସ୍ତରରେ ସମାଲୋଚନାର ଶିକାର ହୋଇଥିଲେ। ଏକ ସାକ୍ଷାତକାରରେ ଚାଇନା ଫିଲ୍ମ ଆସୋସିଏଶନର ଉପାଧ୍ୟକ୍ଷ ୬୭ ବର୍ଷୀୟ ଚାନ୍ କହିଛନ୍ତି, ସିପିସି ଯାହା କହିଥାଏ ତାହା କରିଦେଖାଏ। ଶହେ ବର୍ଷ ଭିତରେ ଯେଉଁ କାର୍ଯ୍ୟ କରିବା ପାଇଁ ପ୍ରତିଶ୍ରୁତି ଦେଇଥାଏ ତାହାକୁ ମାତ୍ର କିଛି ବର୍ଷରେ ପୂରଣ କରିଦିଏ। ତେଣୁ ସେ ସିପିସିରେ ମିଶିବାକୁ ଇଚ୍ଛା ରଖିଥିବା ପ୍ରକାଶ କରିଛନ୍ତି। ତେବେ ସିପିସିକୁ ଚାନ୍‌ଙ୍କ ସମର୍ଥନ ନୂଆ ନୁହେଁ।



ଚାଇନିଜ୍ ପିପୁଲ୍ସ ପଲିଟିକାଲ କନଫରେନ୍ସ (ସିପିପିସିସି)ର ମଧ ସଦସ୍ୟ ରହିସାରିଛନ୍ତି।

# କ'ଣ ରହିଛି ପିକେ ପ୍ଲାନ୍

**ଦେଶର ଜଣାଶୁଣା ପୋଲ୍ ଷ୍ଟ୍ରାଟେଜିଷ୍ଟ ପ୍ରଶାନ୍ତ କିଶୋରଙ୍କୁ ନେଇ ଜାତୀୟ ରାଜନୀତିରେ ଉଷ୍ମତା ବଢ଼ିବାରେ ଲାଗିଛି। ପିକେ କେବେ ଏନ୍‌ସିପି ମୁଖ୍ୟ ଶରଦ ପାୱାରଙ୍କୁ ଭେଟୁଛନ୍ତି ତ ପୁଣି କେତେବେଳେ କଂଗ୍ରେସର ଗାନ୍ଧୀମାନଙ୍କୁ। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ବେଳେ ଶାସକ ତୃଣମୂଳ କଂଗ୍ରେସର ସାରଥି ସାଜି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ହ୍ୟାଟ୍ରିକ୍ ବିଜୟୀ କରାଇଥିବା ୪୪ ବର୍ଷୀୟ ଉଚ୍ଚଶିକ୍ଷିତ ପ୍ରଶାନ୍ତ କିଶୋରଙ୍କ ମନରେ କ'ଣ ଅଛି ସ୍ପଷ୍ଟ ଜଣାପଡୁ ନ ଥିବାରୁ ତାଙ୍କ ପଲିଟିକାଲ କ୍ୟାରିୟରକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇବାରେ ଲାଗିଛି। କିଏ କହୁଛନ୍ତି ପିକେ ୨୦୨୪ ସାଧାରଣ ନିର୍ବାଚନ ପାଇଁ ଏକ ବିକଳ୍ପ ରାଜନୈତିକ ମଞ୍ଚର ଭିତ୍ତିଭୂମି ନିର୍ମାଣ କରୁଛନ୍ତି। ଆଉ କେତେଜଣଙ୍କ ମତରେ ଭାଜପାକୁ ଘେରିବା ପାଇଁ ପାୱାରଙ୍କୁ ରାଷ୍ଟ୍ରପତି କରାଇବା ସକାଶେ ସହମତି ଆଶାରେ ବିରୋଧୀଙ୍କ ନିକଟରେ ସେ ଲବି କରୁଛନ୍ତି। ଏଭଳି ସମୟରେ ବୁଧବାର ବିହାରୀ ବାବୁଙ୍କ କ୍ୟାରିୟର ରେଟିଙ୍ଗ୍‌ସକୁ ଉଚ୍ଚକୁ ନେଇଯାଇଛି ଆଉ ଗୋଟିଏ ଖବର। ତାହା ହେଲା ପ୍ରଶାନ୍ତ କିଶୋର ଖୁବ୍‌ଶୀଘ୍ର ମୁଖ୍ୟ ବିରୋଧୀ ଦଳ କଂଗ୍ରେସରେ ଯୋଗଦେବାକୁ ଯାଉଛନ୍ତି। ପିକେଙ୍କ ରଣନୀତିରୁ କାହାକୁ ଫାଇଦା ମିଳିବ ତାକୁ ନେଇ ଚାଲିଛି ଚର୍ଚ୍ଚା।**



ପ୍ରଶାନ୍ତ କିଶୋର

**ନୂଆଦିଲ୍ଲୀ, ୧୪।୭**

ଆସନ୍ତା ଫେବୃୟାରୀ-ମାର୍ଚ୍ଚରେ ପଞ୍ଜାବ, ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ, ଗୋଆ ଓ ମଣିପୁରରେ ବିଧାନସଭା ନିର୍ବାଚନ ହେବ। କଂଗ୍ରେସ ଶାସିତ ପଞ୍ଜାବରେ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂଙ୍କ ବିରୋଧରେ ଅଘୋଷିତ ଯୁଦ୍ଧ ଲଢୁଥିବା କ୍ୟାବିନେଟର ପୂର୍ବତନ ସହଯୋଗୀ ନଭଜୋତ ସିଂ ସିଦ୍ଧୁ ମଙ୍ଗଳବାର ଦିଲ୍ଲୀରେ କ୍ଷମତାସୀନ ଆମ୍ ଆଦ୍‌ମୀ ପାର୍ଟି (ଏଏପି)କୁ ପ୍ରଶଂସା କରିଥିଲେ। ଏହାର କିଛି ସମୟ ପରେ ନିର୍ବାଚନ ରଣନୀତିକାର ପ୍ରଶାନ୍ତ କିଶୋର କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଭେଟିଥିଲେ। ରାହୁଲଙ୍କ ନୂଆଦିଲ୍ଲୀସ୍ଥିତ ବାସଭବନରେ ପିକେଙ୍କ ସହ ଆଲୋଚନା ପାଇଁ ଏଆଇସିସି ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଲକ୍ଷ୍ନୌ ଗସ୍ତ ବାତିଲ କରି ଦେଇଥିଲେ। ବୈଠକରେ ପଞ୍ଜାବ ପ୍ରଭାରୀ ହରିଶ ରାୱତଙ୍କ ସମେତ ଆଉ କେତେଜଣ ନେତା ଉପସ୍ଥିତ ଥିଲେ। ଏପରି କି କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ ମଧ ପିକେଙ୍କ ସହ ଭିଡିଓ ଲିଙ୍କ୍‌ରେ ଏକାଧିକ ଥର ଆଲୋଚନା କରିଛନ୍ତି। ପଞ୍ଜାବ କଂଗ୍ରେସରେ ବିଦ୍ରୋହ ପରିପ୍ରେକ୍ଷୀରେ ଏହି ଭେଟକୁ ବିଶ୍ଳେଷକମାନେ ଗୁରୁତ୍ୱ ଦେଉଥିବାବେଳେ ବୁଧବାର ଖବର ଆସିଛି ଯେ, ପ୍ରଶାନ୍ତ କିଶୋର କଂଗ୍ରେସରେ ଯୋଗଦେବାକୁ ଯାଉଛନ୍ତି। ସାକ୍ଷାତ ବେଳେ ସେ ଦଳର ରଣନୀତିକାର ରୂପେ ଏକ ଆନୁଷ୍ଠାନିକ ଭୂମିକା ଆବିଷ୍କାର କରିଥାଇପାରନ୍ତି। କାରଣ ଆଗକୁ ପାଞ୍ଚ ପାଞ୍ଚଟି ରାଜ୍ୟ ବିଧାନସଭା ଭୋଟ ଏବଂ ୨୦୨୪ ଲୋକ ସଭା ନିର୍ବାଚନ ରହିଛି। ୨୦୨୨ ଶେଷ ଆଡ଼କୁ ହିମାଚଳ ପ୍ରଦେଶ ଓ ଗୁଜରାଟ ବିଧାନସଭା ନିର୍ବାଚନ ହେବ। ସେହିପରି ଉପରାଷ୍ଟ୍ରପତି ଓ ରାଷ୍ଟ୍ରପତି ନିର୍ବାଚନ ମଧ ଆସନ୍ତା ବର୍ଷ ଅନୁଷ୍ଠିତ ହେବ।


ସୂତ୍ରରୁ ଜଣାପଡ଼ିଛି ଯେ, ତିନି ଗାନ୍ଧୀଙ୍କ ସହ ପିକେଙ୍କ ଆଲୋଚନା କେବଳ ପଞ୍ଜାବ କି ୟୁପି ନିର୍ବାଚନରେ ସୀମିତ ନ ରହି ସେଥିରୁ ଆହୁରି କିଛି ବଡ଼ ପ୍ରସଙ୍ଗକୁ ଯାଇଥିଲା। ଆଗାମୀ ସାଧାରଣ ନିର୍ବାଚନ ପାଇଁ କଂଗ୍ରେସକୁ ପ୍ରସ୍ତୁତ କରିବା ଲାଗି ସେ ଏକ ନିର୍ଣ୍ଣାୟକ ଭୂମିକା ଚାହୁଁଛନ୍ତି। ଏପ୍ରିଲ-ମେ'ରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ପଶ୍ଚିମବଙ୍ଗରେ ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀ ଓ ତାମିଲନାଡୁରେ ଡିଏମ୍‌କେ ମୁଖ୍ୟ ଏମ୍.କେ. ଷ୍ଟାଲିନଙ୍କ ବିଜୟ ପିକେଙ୍କ ପୋର୍ଟଫୋଲିଓରେ ନୂଆ ପ୍ରଶଂସାପତ୍ର ଯୋଡ଼ିଥିଲା। ଏହା ପରେ ମେ'ରେ ପ୍ରଶାନ୍ତ କିଶୋର କହିଥିଲେ, ଆଗକୁ ସେ ଏହି ଭୂମିକାରେ ଅବତୀର୍ଣ୍ଣ ହେବେ ନାହିଁ। ଅର୍ଥାତ୍ ଅନ୍ୟ କାହାର ବିଜୟ ପାଇଁ ରଣନୀତି ପ୍ରସ୍ତୁତ କରିବେ ନାହିଁ। ପ୍ରତ୍ୟକ୍ଷ ରାଜନୀତିକୁ ଓହ୍ଲାଇବା ନେଇ ପ୍ରଶ୍ନ କରାଯିବାରୁ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସଂଯୁକ୍ତ ଜନତା ଦଳ (ଜେଡିୟୁ)ରେ ତିକ୍ତ ଅନୁଭୂତିକୁ ନେଇ ନିଜକୁ ଜଣେ 'ବିଫଳ ରାଜନେତା' ଭାବେ ଅଭିହିତ କରି କହିଥିଲେ, ପଛକୁ ଫେରି ଚିନ୍ତା କରିବେ। ୨୦୧୭ ନିର୍ବାଚନରେ ୟୁପିରେ କଂଗ୍ରେସ ଏବଂ ସମାଜବାଦୀ ପାର୍ଟି (ଏସ୍‌ପି) ମେଣ୍ଟ କରି ନିର୍ବାଚନ ଲଢ଼ି ହାରିଥିଲେ। ସେତେବେଳେ ପିକେଙ୍କ ପଞ୍ଜାବ ରଣନୀତି କେବଳ ସାନ୍ତ୍ୱନା ଦେଇଥିଲା। ସେବେଠୁ କଂଗ୍ରେସର କାର୍ଯ୍ୟଶୈଳୀକୁ ନେଇ ସେ ଅନେକ ଥର ସମାଲୋଚନା କରିଛନ୍ତି। ଦଳ ଭିତରେ କ'ଣ ଭୁଲ୍ ରହିଯାଉଛି ସେନେଇ କଂଗ୍ରେସ ଆତ୍ମସମୀକ୍ଷା କରିବା ଜରୁରୀ ବୋଲି ଗତ ମେ'ରେ ପ୍ରଶାନ୍ତ କିଶୋର ପ୍ରସ୍ତାବ ଦେଇଥିଲେ।



ରାହୁଲ ଗାନ୍ଧୀ

## ପାୱାରଙ୍କୁ ରାଷ୍ଟ୍ରପତି କରାଇବାକୁ ଲବି

ଘନ ଘନ ରୁଦ୍ଧଦ୍ୱାର ମନ୍ତ୍ରଣା। ବଡ଼ ନେତାମାନଙ୍କ ସହ ଆଲୋଚନା। ଏସବୁ ପ୍ରଶାନ୍ତ କିଶୋରଙ୍କ ନାମକୁ ଜାତୀୟ ରାଜନୀତିରେ ଚର୍ଚ୍ଚିତ କରିଛି। ପଶ୍ଚିମବଙ୍ଗ ନିର୍ବାଚନ ଫଳ ଆସିବା ପରଠାରୁ ପିକେ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ସୁପ୍ରିମୋ ଶରଦ ପାୱାରଙ୍କୁ ମୁମ୍ବାଇ ଓ ଦିଲ୍ଲୀରେ ୩ ଥର ଭେଟିଲେଣି। ପାୱାରଙ୍କ ନୂଆଦିଲ୍ଲୀସ୍ଥିତ ବାସଭବନରେ ପିକେ ତାଙ୍କୁ ସାକ୍ଷାତ କରିବା ପରେ ବିରୋଧୀ ଦଳଗୁଡ଼ିକର ନେତାମାନେ ଏକ ବୈଠକ କରିଥିଲେ। ତେବେ ଏହା ୨୦୨୪ ସଂସଦୀୟ ନିର୍ବାଚନ ପାଇଁ ଉଦ୍ଦିଷ୍ଟ ନ ଥିଲା କହି ତୃତୀୟ ଓ ଚତୁର୍ଥ ସାମ୍ମୁଖ୍ୟ ଗଠନର କଳ୍ପନାଜଳ୍ପନାକୁ ମଧ ସେ ଖଣ୍ଡନ କରିଥିଲେ। ତେଣୁ ଆସନ୍ତା ବର୍ଷ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନରେ ଏନ୍‌ଡିଏ ପ୍ରାର୍ଥୀଙ୍କୁ ହରାଇ ପାୱାରଙ୍କୁ ରାଷ୍ଟ୍ରପତି କରାଇବା ପାଇଁ ସେ ଲବି କରୁଥିବା ଚର୍ଚ୍ଚା ହେଉଛି।



ଶରଦ ପାୱାର

# ଗହଳି ନିୟନ୍ତ୍ରଣ କର



କଟକଣା କୋହଳ ପରେ ମୁମ୍ବାଇର ଏକ ବଜାରରେ ଅସମ୍ଭାଳ ଭିଡ଼।

**ନୂଆଦିଲ୍ଲୀ, ୧୪।୭**

ହିଲ୍ ଷ୍ଟେଶନ ଏବଂ ବଜାରଗୁଡ଼ିକରେ ଅତ୍ୟଧିକ ଜନଗହଳିକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ବେଗ ପ୍ରକାଶ କରିବାର ଦିନକ ପରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ବୁଧବାର ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ପତ୍ର ଲେଖି ଗହଳି ନିୟନ୍ତ୍ରଣ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛି। ଅଧିକାଂଶ ରାଜ୍ୟରେ କୋଭିଡ୍ ସଂକ୍ରମଣର ଆର୍-ରେଟ୍ ବଢୁଥିବାରୁ ଭିଡ଼ ନିୟନ୍ତ୍ରଣ ଜରୁରୀ ବୋଲି କୁହାଯାଇଛି। ଏଥିରେ ତ୍ରୁଟି ଦେଖାଦେଲେ ସେଥିପାଇଁ ଜିଲାପାଳମାନଙ୍କୁ ବ୍ୟକ୍ତିଗତ ଭାବେ ଉତ୍ତରଦାୟୀ କରିବା ଲାଗି ସ୍ୱରାଷ୍ଟ୍ର ସଚିବ ଅଜୟ ଭାଲ୍ଲା ରାଜ୍ୟଗୁଡ଼ିକୁ ପତ୍ର ଲେଖି ଅନୁରୋଧ କରିଛନ୍ତି।

ଦେଶରେ ସକ୍ରିୟ ମାମଲା କମିବା ସହିତ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଲକ୍‌ଡାଉନ କଟକଣାକୁ ପର୍ଯ୍ୟାୟକ୍ରମେ କୋହଳ କରି ବିଭିନ୍ନ କାର୍ଯ୍ୟ କରିବା ଲାଗି ଅନୁମତି ଦେଇଛନ୍ତି। ତେବେ ଦେଶର ବିଭିନ୍ନ ଭାଗରେ କୋଭିଡ୍ ନିୟମାବଳୀର ସମ୍ପୂର୍ଣ୍ଣ ଉଲ୍ଲଂଘନ ହେଉଥିବା ଦେଖାଯାଇଛି। ବିଶେଷକରି ସାଧାରଣ ପରିବହନ ଏବଂ ହିଲ୍ ଷ୍ଟେଶନଗୁଡ଼ିକରେ କେହି କଟକଣା ମାନୁନାହାନ୍ତି। ସାମାଜିକ ଦୂରତ୍ୱକୁ ଭ୍ରୂକ୍ଷେପ ନ କରି ବଜାରକୁ ବହୁସଂଖ୍ୟାରେ ଆସି ଗହଳି କରିବା ଯୋଗୁ କେତେକ ରାଜ୍ୟରେ ଆର୍-ଫ୍ୟାକ୍ଟର ବଢ଼ିଯାଇଛି। ଏବେ ଚିନ୍ତାର

**ରାଜ୍ୟକୁ କେନ୍ଦ୍ରର ନିର୍ଦ୍ଦେଶ**

### କୋଭିଡ୍ ନିୟମ ଉଲ୍ଲଂଘନ କଲେ ଜିଲାପାଳ ଦାୟୀ

କାରଣ ପାଲଟିଥିବା ଭାଲ୍ଲା ସବୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ବୁଧବାର ଲେଖିଥିବା ପତ୍ରରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ପକ୍ଷରୁ ଜାରି ପ୍ରୋଟୋକଲ ସହ ଲୋକେ କୌଣସି ପ୍ରକାର ସାଲିସ କରିବା ଅନୁଚିତ। କୋଭିଡ୍-୧୯ ଭୂତାଣୁ ରୂପ ବଦଳାଇ ଆସିପାରେ ବୋଲି ବିଶେଷଜ୍ଞମାନେ ଅଧ୍ୟୟନରୁ ଜାଣିବାକୁ ପାଇଛନ୍ତି। ଏଭଳି ସ୍ଥିତିରେ ଉଭୟ ନିରାକରଣ ଓ ଚିକିତ୍ସା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଧାନମନ୍ତ୍ରୀ ସତର୍କ କରାଇଥିଲେ।

ଭାଲ୍ଲା ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି, ଆର୍-ଫ୍ୟାକ୍ଟର ୧.୦ରୁ ଅଧିକ ହେବା ଅର୍ଥ ସଂକ୍ରମଣର ଦ୍ରୁତ ବୃଦ୍ଧି। ସେଥିପାଇଁ ସମସ୍ତ ଗହଳିସ୍ଥାନରେ କୋଭିଡ୍ ନିୟମାବଳୀ ଯେପରି ପାଳନ ହୁଏ ସେଥିପାଇଁ ସମ୍ପୃକ୍ତ ଜିଲାପାଳଙ୍କୁ ଉତ୍ତରଦାୟୀ କରାଇବା ନିମନ୍ତେ ସ୍ୱରାଷ୍ଟ୍ର ସଚିବ ପରାମର୍ଶ ଦେଇଛନ୍ତି। ମଲ୍, ବଜାର, ସାପ୍ତାହିକ ବଜାର, ମାର୍କେଟ କମ୍ପ୍ଲେକ୍ସ, ହୋଟେଲ, ରେଷ୍ଟୁରାଣ୍ଟ, ବାର୍, ମଣ୍ଡି, ବସ୍ ଷ୍ଟାଣ୍ଡ, ରେଲୱେ ପ୍ଲାଟ୍‌ଫର୍ମ ଓ ଷ୍ଟେଶନ, ସର୍ବସାଧାରଣ ପାର୍କ, ଜିମ୍, ବିବାହ ମଣ୍ଡପଗୁଡ଼ିକରେ ଗହଳି ନିୟନ୍ତ୍ରଣ କରିବା ସହ କୋଭିଡ୍ ନିୟମାବଳୀ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ରହିଛି।

# ଦେଶଦ୍ରୋହ ଆଇନର ସମୀକ୍ଷା ହେବ

**ନୂଆଦିଲ୍ଲୀ, ୧୪।୭(ପି.ଟି.)**

ଦେଶଦ୍ରୋହ ମାମଲାର ସାମ୍ବିଧାନିକ ବୈଧତାକୁ ଚାଲେଞ୍ଜ କରି ଜଣେ ପୂର୍ବତନ ସେନା ଅଧିକାରୀ ସୁପ୍ରିମକୋର୍ଟରେ କରିଥିବା ଆବେଦନର ସମୀକ୍ଷା ହେବ। ଏଭଳି ଆଇନ ବାକ୍ ସ୍ୱାଧୀନତା ଏବଂ ଅବାଧ ଅଭିବ୍ୟକ୍ତି ଭଳି ମୌଳିକ ଅଧିକାର ଉପରେ ଅଯଥା କଟକଣା ଲଗାଉଥିବା ଆବେଦନକାରୀ ଦର୍ଶାଇଛନ୍ତି। ଆବେଦନର ଏକ କପି ଆର୍ଟର୍ନି ଜେନେରାଲ କେ.କେ. ବେଣୁଗୋପାଳଙ୍କ ପାଖକୁ ପଠାଇବା ଲାଗି ସିଜେଆଇଙ୍କ ଅଧକ୍ଷତାରେ ଗଠିତ ତିନି ଜଣିଆ ଖଣ୍ଡପୀଠ ଆବେଦନକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଦେଶଦ୍ରୋହ ଅପରାଧ ପାଇଁ ଲାଗୁ ହେଉଥିବା ଆଇପିସିର ଧାରା ୧୨୪-ଏ ସମ୍ପୂର୍ଣ୍ଣ ଅସାମ୍ବିଧାନିକ ହୋଇଥିବାରୁ ଏହାକୁ ସ୍ପଷ୍ଟ ଭାବେ ରଦ୍ଦ କରାଯିବା ଆବଶ୍ୟକ ବୋଲି ଅବସରପ୍ରାପ୍ତ ମେଜର ଜେନେରାଲ ଏସ୍.ଜି. ଭୋମ୍ବାଟ୍‌କର ପିଟିଶନରେ ଦର୍ଶାଇଥିଲେ। ସରକାରଙ୍କ ପ୍ରତି ଅସନ୍ତୋଷ ବ୍ୟକ୍ତ କରୁଥିବା ଏକ ଅସାମ୍ବିଧାନିକ ଅସ୍ୱଷ୍ଟ ସଂଜ୍ଞା ଆଧାରରେ ଦେଶଦ୍ରୋହ ମାମଲା ରୁଜୁ କରାଯାଉଛି। ଧାରା ୧୨୪-ଏ ଲାଗୁ କରିବା ପୂର୍ବରୁ ସମୟର ପ୍ରବାହ ଏବଂ ଆଇନର ପରିବର୍ତ୍ତନକୁ ବିଚାରକୁ ନିଆଯିବା ଆବଶ୍ୟକ ବୋଲି ଆବେଦନକାରୀ କହିଛନ୍ତି। ପୂର୍ବରୁ ମଣିପୁର ଏବଂ ଛତିଶଗଡ଼ର ଦୁଇଜଣ ଖବରଦାତା ଉକ୍ତ ଆଇନକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଏହା ଉପରେ ସୁପ୍ରିମକୋର୍ଟଙ୍କ ଅନ୍ୟଏକ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କୁ ଜବାବ ମାଗିଥିଲେ।

# ୟୁପି, କେନ୍ଦ୍ରକୁ ସୁପ୍ରିମକୋର୍ଟ ନୋଟିସ

**କନୱର ଯାତ୍ରାକୁ ଅନୁମତି**

**ନୂଆଦିଲ୍ଲୀ, ୧୪।୭**

କରୋନା ମହାମାରୀବେଳେ କନୱର ଯାତ୍ରାକୁ ଉତ୍ତରପ୍ରଦେଶ ସରକାର ଅନୁମତି ଦେବା ପରେ ସୁପ୍ରିମକୋର୍ଟ ନିଜ ଆଡୁ ମାମଲା କରି ଯୋଗୀ ଆଦିତ୍ୟନାଥ ସରକାର ଏବଂ କେନ୍ଦ୍ରକୁ ବୁଧବାର ନୋଟିସ କରିଛନ୍ତି। ଆସନ୍ତା ୧୬ରେ ଏହାର ଶୁଣାଣି ହେବ। ଉତ୍ତରାଖଣ୍ଡ ସରକାର ଏହି ଯାତ୍ରାକୁ ବନ୍ଦ କରିଥିବାବେଳେ ୟୁପି ପ୍ରଶାସନ କଟକଣା ମଧ୍ୟରେ କୋଭିଡ୍ ନେଗେଟିଭ୍ ରିପୋର୍ଟ ଥିବା ଲୋକଙ୍କୁ କନୱର ଯାତ୍ରାକୁ ମଙ୍ଗଳବାର ଅନୁମତି ଦେଇଥିଲା। ଏହି ଯାତ୍ରାରେ ଶିବଭକ୍ତମାନେ ଉତ୍ତରାଖଣ୍ଡର ହରିଦ୍ୱାରକୁ ଯାଇ ଗଙ୍ଗାନଦୀରୁ ପାଣି ଆଣି ଫେରିଥାନ୍ତି। ଚଳିତ ବର୍ଷ ଜୁଲାଇ ୨୫ରୁ କନୱାର ଯାତ୍ରା ଆରମ୍ଭ ହେବାକୁ ସ୍ଥିର ହୋଇଥିଲା। ପୂର୍ବରୁ କୁମ୍ଭମେଳାରେ ଜନସମାଗମକୁ ଅନୁମତି ଦିଆଯିବା ଦେଶରେ କରୋନାର ଦ୍ୱିତୀୟ ଲହର ସଂକ୍ରମଣର ପ୍ରମୁଖ କାରଣ ବୋଲି କୁହାଯାଇଥିଲା। ଏବେ ତୃତୀୟ ଲହର ଆଶଙ୍କା ଘନେଇଥିବାବେଳେ ଏଭଳି ଯାତ୍ରାକୁ ଅନୁମତି ଦିଆଯିବାକୁ ବିଭିନ୍ନ ମହଲରେ ସମାଲେଚନା କରାଯାଇଛି।

# ବର୍ଷାରେ ଭିଜିଲା ଦିଲ୍ଲୀ

**ନୂଆଦିଲ୍ଲୀ, ୧୪।୭**

ରାଜଧାନୀ ଦିଲ୍ଲୀରେ ବିଳମ୍ବରେ ଦକ୍ଷିଣପଶ୍ଚିମ ମୌସୁମୀ ପହଞ୍ଚିଥିବାବେଳେ ବୁଧବାର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି। ବିଜୁଳି ଘଡ଼ଘଡ଼ି ସହ ଦିନ ସାରା ଦିଲ୍ଲୀର ଅଧିକାଂଶ ସ୍ଥାନରେ ବର୍ଷା ଲାଗି ରହିଥିଲା। ତାପମାତ୍ରା ହ୍ରାସ ଯୋଗୁ ଦିଲ୍ଲୀବାସୀଙ୍କୁ ଗରମରୁ ଆଶ୍ୱସ୍ତି ମିଳିଛି। ଅନ୍ୟପକ୍ଷରେ କେତେକ ଜାଗାରେ ରାସ୍ତାରେ ପାଣି ଜମି ରହିଥିବାରୁ ଟ୍ରାଫିକ୍ ସମସ୍ୟା ଦେଖିବାକୁ ମିଳିଛି। ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଏଠାରେ ବର୍ଷା ଜାରି ରହିବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ଆକଳନ କରାଯାଇଛି।




ନୂଆଦିଲ୍ଲୀରେ ବର୍ଷାରେ ଭିଜି ମଜା ନେଉଛନ୍ତି ପିଲାମାନେ।

# ମୃତ୍ୟୁ ଉପତ୍ୟକାରେ ଅଗ୍ନିବର୍ଷା

**ନ୍ୟୁୟର୍କ, ୧୪।୭**

ବିଶ୍ୱର ବିଭିନ୍ନ ଦେଶରେ ମୌସୁମୀ ବର୍ଷା ଜାରି ଥିବାବେଳେ ଉତ୍ତର ଆମେରିକାର ମୃତ୍ୟୁ ଉପତ୍ୟକା ବା ଡେଥ୍ ଭ୍ୟାଲିରେ ଅଗ୍ନି ବର୍ଷୁଛି। କାଲିଫର୍ନିଆର ଦକ୍ଷିଣପୂର୍ବରେ ଥିବା ୨୨୫ କି.ମି. ଲମ୍ବ ପର୍ଯ୍ୟନ୍ତ ବ୍ୟାପ୍ତ ଏହି ଉପତ୍ୟକାରେ ଗତ ରବିବାର ତାପମାତ୍ରା ୫୪ ଡିଗ୍ରୀ ସେଲ୍‌ସିୟସ ରହିଥିଲାବେଳେ ବୁଧବାର ଏହା ୪୯ ଡିଗ୍ରୀ ସେଲ୍‌ସିୟସ ଥିବା ରେକର୍ଡ ହୋଇଛି। ୧୯୧୩ ମସିହାରେ ଡେଥ୍ ଭ୍ୟାଲି ତାପମାତ୍ରା (୫୬.୭ ଡିଗ୍ରୀ ସେଲ୍‌ସିୟସ) ବିଶ୍ୱର ସର୍ବାଧିକ ଉତ୍ତପ୍ତ ସ୍ଥାନ ଭାବେ ରେକର୍ଡ କରିଥିଲା। ୨୦୨୦ ଅଗଷ୍ଟ ୧୬ରେ ତାପମାତ୍ରା ୫୪ ଡିଗ୍ରୀ ସେଲସିୟସ ଟପିଥିଲା। ଏବେ ସେହି ରେକର୍ଡର ପୁନରାବୃତ୍ତି ହୋଇଛି। ଗତ ଶୁକ୍ରବାର, ଶନିବାର ଓ ରବିବାର କ୍ରମାଗତ ୩ ଦିନ ଧରି ଏଠାକାର ତାପମାତ୍ରା ୫୪ ଡିଗ୍ରୀ ସେଲ୍‌ସିୟସ ଉପରେ ରହି ଦୁନିଆର ସବୁଠୁ ଉତ୍ତପ୍ତ ସ୍ଥାନ ପାଲଟିଛି।



ଜୁନ୍ ଶେଷ ଆଡ଼କୁ ଉତ୍ତରପଶ୍ଚିମ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ପ୍ରବଳ ଗ୍ରୀଷ୍ମ ଲହର ଯୋଗୁ ଓରେଗନ୍ ଏବଂ ୱାଶିଂଟନ୍‌ରେ ପ୍ରାୟ ୨ ଶହ ଲୋକଙ୍କ ଜୀବନ ଗଲାଣି। ନିଜ ବାସସ୍ଥାନକୁ ଥଣ୍ଡା ରଖିବା, ଘରୁ ବାହାରିବା, ରାସ୍ତା ଘାଟରେ ଚାଲିବା ଲୋକଙ୍କ ପକ୍ଷରେ କଷ୍ଟକର ହୋଇପଡୁଛି। ଜଳବାୟୁରେ ବ୍ୟାପକ ପରିବର୍ତ୍ତନ ଯୋଗୁ ଗତ ସପ୍ତାହରେ ଉତ୍ତରପଶ୍ଚିମ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ତାପମାତ୍ରା ବୃଦ୍ଧି ହେଉଥିବା ପାଣିପାଗ ବିଶେଷଜ୍ଞ ମତ ରଖିଛନ୍ତି। ଊନବିଂଶ ଶତାବ୍ଦୀ ପରଠାରୁ ହାରାହାରି ତାପମାତ୍ରା ୨ ଡିଗ୍ରୀ ଫାରେନହାଇଟ୍ ବଢ଼ିଛି। ଆଗକୁ ଏହା ଆହୁରି ବୃଦ୍ଧି ପାଇବା ଆଶଙ୍କା ରହିଛି। ବିଶେଷ କରି କାଲିଫର୍ନିଆ, ନେଭାଡା, ଆରିଜୋନା, ଉଟାହ, ଓରେଗନ୍, ଇଡାହୋରେ ପ୍ରବଳ ଗ୍ରୀଷ୍ମ ଲହର ଜାରି ରହିବ ବୋଲି ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି।

**ବିଶ୍ୱର ସର୍ବୋଚ୍ଚ ତାପମାତ୍ରା ୫୪ ଡିଗ୍ରୀ**

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୮,୮୮,୯୨,୦୭୧ | ୪୦,୬୯,୪୬୫ | ୧୭,୨୫,୭୦,୩୯୭ |
| ଭାରତ | ୩,୦୯,୮୧,୩୩୯ | ୪,୧୧,୯୨୮ | ୩,୦୧,୨୯,୫୯୭ |
| ଓଡ଼ିଶା | ୯,୪୫,୭୪୯ | ୪୭୯୫(+୫୩) | ୯,୨୦,୬୪୬ |

ବୁଧବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଅନିଦ୍ରା ରହିଲେ ମହାପ୍ରଭୁ

**ପୁରୀ ଅଫିସ,୧୪।୭**

■ ପହୁଡ଼ ନୀତି ହୋଇପାରିଲାନି
■ ମିଳିଲା ଆଡ଼ପ ଅବଢ଼ା

ରଥଯାତ୍ରାଠାରୁ ଆରମ୍ଭ କରି ଆଡ଼ପମଣ୍ଡପ ବିଜେ ପର୍ଯ୍ୟନ୍ତ ସମସ୍ତ ନୀତିକାନ୍ତି ନିର୍ଦ୍ଧାରିତ ସମୟ ପୂର୍ବରୁ ହୋଇଥିଲେ ମଧ୍ୟ ମଙ୍ଗଳବାର ରାତ୍ର ପହୁଡ଼ ନୀତି ହୋଇପାରିନାହିଁ। ଫଳରେ ମହାପ୍ରଭୁଙ୍କୁ ଅନିଦ୍ରା ରହିବାକୁ ପଡ଼ିଛି। ମହାପ୍ରଭୁ ବଡ଼ସିଂହାର ବେଶରେ ବୁଧବାର ଭୋର ପର୍ଯ୍ୟନ୍ତ ରହିବା ପରେ ନୀତିକାନ୍ତି କରାଯାଇଛି।

ବରିଷ୍ଠ ସେବାୟତ ବିନାୟକ ଦାସମହାପାତ୍ର କହିଛନ୍ତି, ସମସ୍ତ ଚେଷ୍ଟା ଓ ବ୍ୟବସ୍ଥା ସତ୍ତ୍ୱେ ପହୁଡ଼ ହୋଇପାରି ନ ଥିଲା। ମୁଖ୍ୟତଃ ରୁନ୍ଧା ନୀତିରେ ମାତ୍ରାଧିକ ସମୟ ଅତିବାହିତ ହୋଇଯାଇଥିଲା। ଏହାପରେ ଭୋର ୪ଟାରେ ଶ୍ରୀମୁଖ ଖଣ୍ଡୁଆ, ୪ଟା ୫ରେ ଚକା ପୋଛା, ୪ଟା ୧୦ରେ ସିଂହାସନ ଧୁଆ କରାଯିବା ପରେ ୪ଟା ୩୫ରେ ମହାସ୍ନାନ ସରିଥିଲା। ଏହାପରେ ବେଶ ପାଇଁ ପ୍ରସ୍ତୁତି କରାଯାଇ ପାଖାପାଖି ୫ଟା ୨୦ରେ ବେଶ ଶେଷ ହୋଇଥିଲା। ଫଳରେ ପହୁଡ଼ ପାଇଁ ସମୟ ମିଳି ନ ଥିଲା। ଏ ନେଇ ବିଳମ୍ବ ପାଇଁ କାହାକୁ ଦାୟୀ କରିହେବ ନାହିଁ। ଏହା ଗୋଷ୍ଠୀ ସେବା ହୋଇଥିବାରୁ ସମସ୍ତ ଦଇତାପତି ନିର୍ଦ୍ଧାରିତ ସମୟରେ ନୀତି ସାରିବାକୁ ପ୍ରୟାସ କରିଥିଲେ ମଧ୍ୟ ତାହା ସମ୍ଭବ ହୋଇପାରି ନ ଥିଲା। ଉଲ୍ଲେଖଯୋଗ୍ୟ, ଧାର୍ଯ୍ୟ ସମୟ ମଧ୍ୟରେ ନୀତିକାନ୍ତି ସାରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ଓ ଦଇତାପତିଙ୍କ ପକ୍ଷରୁ ମିଳିତ ଭାବେ ଉଦ୍ୟମ କରାଯାଇଥିଲା। ରଥାରୂଢ଼ ଶ୍ରୀଜୀଉଙ୍କୁ ନିର୍ଦ୍ଧାରିତ ସମୟ ପୂର୍ବରୁ ରଥ ଉପରୁ ପହଣ୍ଡି କରି ଆଡ଼ପମଣ୍ଡପକୁ ନିଆଯାଇଥିଲା। ଏହାସତ୍ତ୍ୱେ ଧାର୍ଯ୍ୟ ସମୟ ମଧ୍ୟରେ ନୀତି ସମ୍ପୂର୍ଣ୍ଣ ହୋଇପାରି ନ ଥିଲା।

ତେବେ ବୁଧବାର ଚତୁର୍ଥୀ ତିଥିରେ ମହାପ୍ରଭୁଙ୍କ ନୀତିକାନ୍ତି ସଅଳ ହୋଇଥିଲା। ସାଢ଼େ ୧୨ରୁ ୧ଟା ମଧ୍ୟରେ ଆଡ଼ପ ଅବଢ଼ା ବାହାରିଥିଲା। ଫଳରେ ଶ୍ରଦ୍ଧାଳୁମାନେ ମହାପ୍ରସାଦ ସେବନର ସୁଯୋଗ ପାଇଥିଲେ। ପରବର୍ତ୍ତୀ ନୀତିକାନ୍ତି ଶୃଙ୍ଖଳିତ ଭାବେ ନିର୍ଦ୍ଧାରିତ ସମୟରେ ଶେଷ ହୋଇଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।


ଗୁଣ୍ଡିଚା ମନ୍ଦିରରୁ ଆଡ଼ପ ଅବଢ଼ା ଅଣାଯାଉଛି।

## ନାଗସାପ କାମୁଡ଼ାରେ ଆହତ ମଞ୍ଜୁଲତା ଏସ୍‌ସିବିରେ ଭର୍ତ୍ତି


**କଟକ ଅଫିସ/ଉମରକୋଟ(ସ୍ୱ.ପ୍ର.), ୧୪।୭:** ନବରଙ୍ଗପୁର ଜିଲା ରାଇଘର ବ୍ଲକ ବାଲିଝର ଗ୍ରାମରେ ଗତ ମାସେତଳେ ନାଗସାପ ଦଂଶନରେ ଆହତ ହୋଇଥିବା ୯ବର୍ଷୀୟା ମଞ୍ଜୁଲତାଙ୍କୁ ବୁଧବାର କଟକ ଏସ୍‌ସିବି ମେଡିକାଲ୍‌ର କାଜୁଆଲ୍‌ଟିରେ ଭର୍ତ୍ତି କରାଯାଇଛି। ମଞ୍ଜୁଲତାଙ୍କ ଡାହାଣ ହାତକୁ ସାପ କାମୁଡ଼ିଥିବାରୁ ତାଙ୍କ ହାତ ଏବେ ପଚିବା ଅବସ୍ଥାରେ ରହିଛି। ତେଣୁ ତାଙ୍କୁ ଖୁବ୍‌ଶୀଘ୍ର ସର୍ଜରୀ ବିଭାଗକୁ ସ୍ଥାନାନ୍ତର କରାଯିବ ବୋଲି ଏସ୍‌ସିବି ଜରୁରିକାଳୀନ ଅଧିକାରୀ ଭୁବନାନନ୍ଦ ମହାରଣା ସୂଚନା ଦେଇଛନ୍ତି। ପ୍ରଥମେ ଝିଅର ଜୀବନ ବଞ୍ଚାଇବା ଗୁରୁତ୍ୱପୂର୍ଣ୍ଣ। ଏବେ ପ୍ଲାଷ୍ଟିକ୍ ସର୍ଜରି, ସର୍ଜରି ଓ କାର୍ଡିଓଥେରୋସିସ ବିଭାଗର ୩ଜଣ ଡାକ୍ତର ମିଳିତ ଭାବରେ ଏକ ଟିମ୍ କରି ମଞ୍ଜୁଲତାଙ୍କ ଚିକିତ୍ସା ଆରମ୍ଭ କରିଥିବା ମହାରଣା କହିଛନ୍ତି। ଅପରପକ୍ଷରେ ମଞ୍ଜୁଲତାଙ୍କୁ କାମୁଡ଼ିଥିବା ସାପକୁ ଦୀର୍ଘଦିନ ଧରି ବନ୍ଦୀ କରି ରଖାଯିବା ପରେ ବନବିଭାଗ ସହାୟତାରେ ଉଦ୍ଧାର କରାଯାଇ ଜଙ୍ଗଲରେ ଛଡ଼ାଯାଇଛି। ମିଳିଥିବା ସୂଚନା ଅନୁସାରେ, ମଞ୍ଜୁଲତାଙ୍କୁ ନାଗ ସାପ ଦଂଶନ କରିବା ପରେ ପରିବାର ଲୋକେ ତାଙ୍କୁ ରାଇଘରପୁରସ୍ଥିତ ଚିକିତ୍ସା କେନ୍ଦ୍ରକୁ ନେଇଥିଲେ। ସେଠାରେ ଆଶୁଚିକିତ୍ସା ପରେ ନବରଙ୍ଗପୁର ଚିକିତ୍ସା କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ଚିକିତ୍ସା କରିବାରେ ଅର୍ଥ ବାଧକ ହେବାରୁ ମଞ୍ଜୁଲତାଙ୍କୁ ଘରକୁ ଫେରାଇ ଆଣି ଗୁଣିଗାରେଡ଼ି ଜରିଆରେ ପରିବାର ଲୋକ ଚିକିତ୍ସା କରିଥିଲେ। ଦିନକୁ ଦିନ ମଞ୍ଜୁଲତାଙ୍କ ସ୍ୱାସ୍ଥ୍ୟ ବିଗିଡ଼ିବା ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ପ୍ରଶାସନର ଦୃଷ୍ଟିକୁ ଆସିଥିଲା। ଜିଲା ପ୍ରଶାସନ ହସ୍ତକ୍ଷେପ କରି ମଞ୍ଜୁଲତାଙ୍କ ଚିକିତ୍ସା ନିମନ୍ତେ ତୁରନ୍ତ ପଦକ୍ଷେପ ନେଇଥିଲେ। ନାବାଳିକାଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରିବାକୁ ଘୋଷଣା କରିବା ସହ ତାଙ୍କୁ ଏସ୍‌ସିବି ମେଡିକାଲ୍‌କୁ ପଠାଇଛନ୍ତି। ଅନ୍ୟପଟେ ମଞ୍ଜୁଲତାଙ୍କ ପରିବାର ଲୋକେ କାବୁ କରି ରଖିଥିବା ବିଷଧର ନାଗସାପକୁ ବନ ବିଭାଗକୁ ହସ୍ତାନ୍ତର କରିଛନ୍ତି। ବନ ବିଭାଗ କର୍ମଚାରୀ ସାପଟିର ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିବା ପରେ ତାକୁ ଜଙ୍ଗଲରେ ଛାଡ଼ିଦେଇଛନ୍ତି।

# ନୂଆ ଗାଇଡ୍‌ଲାଇନକୁ ଅପେକ୍ଷା

**ଭୁବନେଶ୍ୱର, ୧୪।୭(ବ୍ୟୁରୋ)**

**ଆଜି ହୋଇପାରେ ଘୋଷଣା**

ରାଜ୍ୟରେ ଏବେ ୧୫ ଦିନିଆ ଆଂଶିକ ଲକ୍‌ଡାଉନ୍ ବା ଅନ୍‌ଲକ୍ ପର୍ଯ୍ୟାୟ ଜାରି ରହିଛି। ୧୬ ତାରିଖ ସକାଳ ୬ଟାରେ ଏହା ସରୁଥିବାରୁ ଗୁରୁବାର ସରକାର ଆଗାମୀ ନିଷ୍ପତ୍ତି ଉପରେ ଘୋଷଣା କରିପାରନ୍ତି। ସରକାର କ'ଣ ପଦକ୍ଷେପ ନେବେ, ସାରା ରାଜ୍ୟ କଟକଣାମୁକ୍ତ ହେବ ନା ପୂର୍ବ ପରି ବର୍ଗ-୧ ଓ ବର୍ଗ-୨ ପଦ୍ଧତି ଆପଣେଇବେ, ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି। ଏଯାଏ ସବୁ ଜିଲାରେ ବସ୍ ସେବା ଆରମ୍ଭ ହୋଇନାହିଁ। ଜିମ୍, ବିୟୁଟି ପାର୍ଲର, ମଲ୍, ଫିଲ୍ମ ହଲ୍ ଆଦି ମଧ୍ୟ ବନ୍ଦ ରହିଛି। ଯେଉଁଥିପାଇଁ ଜୀବନଜୀବିକା ଓ ଜୀବନଯାତ୍ରା ପୂରା ସ୍ୱାଭାବିକ ହୋଇପାରିନି। ତେଣୁ ୧୬ରୁ ନୂଆ ଗାଇଡ୍‌ଲାଇନ୍ ସହ ଏସବୁ ଖୋଲିବାକୁ ଅନୁମତି ମିଳିପାରେ ବୋଲି ଆଶା କରାଯାଉଛି। ଏପଟେ କରୋନା ସଙ୍କଟ ଏବେ ବି ଜାରି ରହିଥିବାରୁ ସରକାରଙ୍କ ନୂଆ ଘୋଷଣା ବେଶ୍ ଗୁରୁତ୍ୱ ବହନ କରିବ ବୋଲି କୁହାଯାଉଛି।



ରାଜ୍ୟରେ କରୋନା ସଂକ୍ରମଣ କମିଥିଲେ ମଧ୍ୟ ବର୍ଗ-୨ରେ ଥିବା କଟକ, ପୁରୀ, ଖୋର୍ଦ୍ଧାର ସ୍ଥିତି ଏବେ ବିଗମ୍ଭୀର ରହିଛି। ବିଶେଷକରି ଦ୍ୱୈତ ନଗରୀ ଭୁବନେଶ୍ୱର ଓ କଟକରେ ପଜିଟିଭ୍ ସଂଖ୍ୟା ଅଧିକ ରହୁଛି। ତେଣୁ ଏହି ଦୁଇ ସହର ପାଇଁ ସରକାର ସ୍ୱତନ୍ତ୍ର ଷ୍ଟ୍ରାଟେଜି ଆପଣେଇପାରନ୍ତି। ବର୍ଗ-୧ରେ ଥିବା ୧୦ ଜିଲା ମଧ୍ୟରୁ ୭ ଜିଲା ଖୋର୍ଦ୍ଧା, କଟକ, ପୁରୀ, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଓ ଯାଜପୁରରେ କଟକଣା ବଳବତ୍ତର ରହିପାରେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରୁ ଜଣାପଡୁଛି। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି, ରାଜ୍ୟରେ କରୋନା ସଂକ୍ରମଣ କମିଛି, କିନ୍ତୁ ଭୁବନେଶ୍ୱର, କଟକରେ ଟିକେ ଉଦ୍‌ବେଗଜନକ ସ୍ଥିତି ରହିଛି। ସଂକ୍ରମଣ କମିବା ଉପରେ ପଦକ୍ଷେପ ନିଆଯାଉଛି। ଛତିଶଗଡ଼ ସୀମାନ୍ତ ନୂଆପଡ଼ାରେ ସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ଛତିଶଗଡ଼ରେ ସଂକ୍ରମଣ ସଂଖ୍ୟା ସାମାନ୍ୟ ବୃଦ୍ଧି ପାଇଥିବାରୁ ସୀମାନ୍ତ ଜିଲା ଉପରେ ନଜର ରଖାଯାଇଛି। ସେପଟେ ପଶ୍ଚିମବଙ୍ଗ ସୀମାବର୍ତ୍ତୀ ଜିଲା ଉପରେ ମଧ୍ୟ ସତର୍କ ଦୃଷ୍ଟି ରହିଛି। ଏସବୁ ତଥ୍ୟକୁ ନେଇ ସରକାର ଅନ୍‌ଲକ୍‌ର ପରବର୍ତ୍ତୀ ନିଷ୍ପତ୍ତି ନେବେ ବୋଲି ଡା. ମିଶ୍ର କହିଛନ୍ତି।

ସେପଟେ ରାଜ୍ୟରେ ଗତ ୨୪ ଘଣ୍ଟାରେ ୬୯,୨୮୭ ନମୁନା ପରୀକ୍ଷା ହୋଇଥିବାବେଳେ ୨,୦୭୪ ପଜିଟିଭ୍ ବାହାରିଛନ୍ତି। ସଂକ୍ରମଣ ହାର ୨.୯୯% ରହିଛି। ପୁରୀରେ ସର୍ବାଧିକ ସଂକ୍ରମଣ ହାର ୭.୦% ରହିଥିବାବେଳେ ନୟାଗଡ଼ ୬.୨%, ଜଗତ୍‌ସିଂହପୁର ୫.୬% ଓ କଟକରେ ୫.୫% ରହିଛି। ନୂଆ ଆକ୍ରାନ୍ତଙ୍କୁ ମିଶାଇ ମୋଟ ଆକ୍ରାନ୍ତ ସଂଖ୍ୟା ୯,୪୫,୭୪୯ରେ ପହଞ୍ଚିଛି। ସେହିଭଳି ଆଉ ୬୫ଜଣଙ୍କ ମୃତ୍ୟୁ ହେବାପରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୪,୭୯୫କୁ ବୃଦ୍ଧି ପାଇଛି।









**ଆଜିର ମନ୍ତବ୍ୟ**

"କେନ୍ଦ୍ର ସରକାରଙ୍କ ବିଦେଶ ଓ ପ୍ରତିରକ୍ଷା ନୀତି ଦେଶକୁ ଦୁର୍ବଳ କରିଦେଇଛନ୍ତି। ପୂର୍ବରୁ ଭାରତ କେବେ ଏତେ ଅସୁରକ୍ଷିତ ହୋଇନାହିଁ। -**ରାହୁଲ ଗାନ୍ଧୀ, କଂଗ୍ରେସ ନେତା**"


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ରିଙ୍କି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଟିକା ସଙ୍କଟ: ଅଧିକ କ୍ଷତିଗ୍ରସ୍ତ କରିପାରେ ତୃତୀୟ ଲହର

ନୂଆଦିଲ୍ଲୀ, ୧୪।୭: ବିଭିନ୍ନ ରାଜ୍ୟରେ କୋଭିଡ୍ ଟିକାର ଗୁରୁତର ଅଭାବ ଦେଖାଦେଇଥିବା କଂଗ୍ରେସ ଅଭିଯୋଗ କରିଛି। ଟିକାକରଣର ମନ୍ଥର ଗତି ଏବଂ କେନ୍ଦ୍ର ସରକାରଙ୍କ ବିଫଳତା ଯୋଗୁ ମହାମାରୀର ତୃତୀୟ ଲହର ଭାରତକୁ ଅଧିକ କ୍ଷତିଗ୍ରସ୍ତ କରିପାରେ ବୋଲି ବରିଷ୍ଠ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି। ଭାକ୍ସିନ ଅଭାବରୁ ଟିକାକରଣ ୭୦ ପ୍ରତିଶତ କମିଯାଇଥିବା ସେ ଅଭିଯୋଗ କରିଛନ୍ତି। ଟିକାକରଣ ଅଭିଯାନକୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ କ୍ରମାଗତ ଭାବେ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଆସୁଛନ୍ତି। ବିରୋଧୀ ଦଳ ଶାସିତ ରାଜ୍ୟଗୁଡ଼ିକ ସମେତ ଓଡ଼ିଶା, ଆନ୍ଧ୍ରପ୍ରଦେଶ ଏବଂ ତେଲେଙ୍ଗାନାରେ ମଧ୍ୟ ଟିକା ସଙ୍କଟ ଦେଖାଦେଇଛି। ଏଥିପାଇଁ ଟିକାକରଣ ଦୁଇଗୁଣା କରିବା ସହ ରାଜ୍ୟଗୁଡ଼ିକୁ ତୁରନ୍ତ ଯୋଗାଇଦେବା ପାଇଁ କଂଗ୍ରେସ ନେତା ଜୟରାମ ରମେଶ ପରାମର୍ଶ ଦେଇଛନ୍ତି।

# ବସ୍ ଟିକସ ଛାଡ଼ ନେଇ ବିଚାର ଚାଲିଛି: ମନ୍ତ୍ରୀ

**ଭୁବନେଶ୍ୱର, ୧୪।୭(ବ୍ୟୁରୋ)**

ରାଜ୍ୟରେ ଲକ୍‌ଡାଉନରୁ ଦୀର୍ଘ ୧୬ ମାସ ହେବ ଗାଡିମଟର ଚଳାଚଳ ବନ୍ଦ ହୋଇ ରହିଛି। ଫଳରେ ବସ୍ ମାଲିକମାନେ ସର୍ବାଧିକ କ୍ଷତି ସହିଛନ୍ତି। ଏହାକୁ ଦୃଷ୍ଟି ଦେଇ ରାଜ୍ୟରେ ବସ୍ ଟିକସ ଛାଡ଼ ପାଇଁ ବିଚାର ଚାଲିଥିବା ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ବୁଧବାର ସୂଚନା ଦେଇଛନ୍ତି। ଲକ୍‌ଡାଉନ ପରବର୍ତ୍ତୀ ବସ୍ ଚଳାଚଳ ସ୍ୱାଭାବିକ ପାଇଁ ପଦକ୍ଷେପ ନିଆଯାଉଛି। ବସ୍ ମାଲିକଙ୍କ ଟିକସ ଛାଡ ସହ ଅନ୍ୟ ସୁବିଧା ପ୍ରଦାନ ନିମନ୍ତେ ବିଚାର ଚାଲିଛି। କାଟାଗୋରି- ବି ଜିଲାଗୁଡିକରେ ବସ୍ ଚଳାଚଳ କରିବ ନା ନାହିଁ ନିଷ୍ପତ୍ତି ନିଆଯିବ। ମନ୍ତ୍ରୀ ବେହାରା କହିଛନ୍ତି, ଏବେ ମଧ୍ୟ ଆମେ କରୋନାରୁ ବାହାରି ପାରିନାହାନ୍ତି। ରାଜ୍ୟରେ ବର୍ତ୍ତମାନ ଲକ୍‌ଡାଉନ ଜାରି ରହିଛି। ଏ-କାଟାଗୋରି ୨୦ ଜିଲାରେ ବସ୍ ଚଳାଚଳ କରିବାକୁ ଅନୁମତି ଦିଆଯାଇଛି। ୧୦ ଜିଲାରେ ବସ୍ ଚଳାଚଳ ବନ୍ଦ ରହିଛି। ତେବେ ଲକ୍‌ଡାଉନର ପରବର୍ତ୍ତୀ ପର୍ଯ୍ୟାୟରେ ବସ୍ ଚଳାଚଳ କରିବ ନା ନାହିଁ ଏହା ଉପରେ ନିଷ୍ପତ୍ତି ନିଆଯିବ। ନିଶ୍ଚିତଭାବେ ବସ୍ ଚଳାଚଳ ନେଇ ବ୍ୟବସ୍ଥା କରାଯିବ ବୋଲି ମନ୍ତ୍ରୀ ବେହେରା କହିଛନ୍ତି। ସୂଚନାଯୋଗ୍ୟ, କିଛିଦିନ ତଳେ ରାଜ୍ୟ ବସ୍ ମାଲିକ ସଂଘ ଜୁଲାଇରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ଟିକସ ଛାଡ ସହ ପ୍ରତି ବସ୍ ପିଛା ୧ ଲକ୍ଷ ଟଙ୍କା ସୁଧ ବିହୀନ ଋଣ ଓ କର୍ମଚାରୀଙ୍କୁ ଆର୍ଥିକ ପ୍ୟାକେଜ ପ୍ରଦାନ ଲାଗି ଦାବି କରାଯାଇଛି। ନଚେତ୍ ଆସନ୍ତା ୧୬ତାରିଖରୁ ଲକ୍‌ଡାଉନ ଖୋଲିଲେ ମଧ୍ୟ ରାଜ୍ୟରେ ଚାଲୁଥିବା ୧୪ ହଜାର ବସ୍ ବନ୍ଦ ରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

# ଆଜିଠୁ ଏମ୍‌ସରେ ଏକ୍‌ମୋ ସେବା

**ଭୁବନେଶ୍ୱର, ୧୪।୭(ବ୍ୟୁରୋ)**

ଭୁବନେଶ୍ୱର ସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍‌ସ)ରେ ଗୁରୁବାରଠାରୁ ଏକ୍‌ମୋ ସେବା ଆରମ୍ଭ ହେବ। କାର୍ଡିଓଲୋଜି, ଆନାସ୍ଥେସିଆ, ପଲ୍‌ମୋଲୋଜି, ଶିଶୁରୋଗ ଆଦି ବିଭାଗର ଡାକ୍ତରଙ୍କୁ ଏଥିପାଇଁ ପ୍ରଶିକ୍ଷଣ ଦିଆଯାଇଛି। ଓଡ଼ିଶାରେ ପ୍ରଥମ ସରକାରୀ ଡାକ୍ତରଖାନା ଭାବେ ଏମ୍‌ସ ଏହି ଚିକିତ୍ସା ସେବା ପ୍ରଦାନ କରିବ। ସୂଚନାଯୋଗ୍ୟ, ଓଡ଼ିଶାରେ କେବଳ ଦୁଇଟି ଘରୋଇ ହସ୍ପିଟାଲରେ ଏହି ସେବା ପ୍ରଦାନ କରାଯାଉଥିଲା। କୌଣସି ସରକାରୀ ହସ୍ପିଟାଲରେ ଏକ୍‌ମୋ ମେଶିନ ନ ଥିବାରୁ ସେବା ମିଳୁ ନ ଥିଲା। କରୋନା ସମୟରେ ଏକ୍‌ମୋ ଚିକିତ୍ସାର ଅଧିକ ଆବଶ୍ୟକ ପଡ଼ିଥିଲା। ଓଡ଼ିଶାରେ ଏକ୍‌ମୋ ମେଶିନ ଅଭାବରୁ ବହୁ ଗୁରୁତର ରୋଗୀ ଚେନ୍ନାଇ, କୋଲକାତା ଆଦି ରାଜ୍ୟ ଉପରେ ନିର୍ଭର କରୁଥିଲେ। ଏହି ଚିକିତ୍ସା ପାଇଁ ବହୁ ଟଙ୍କା ଆବଶ୍ୟକ ପଡୁଥିବାରୁ ଅନେକ ବାହାର ରାଜ୍ୟକୁ ଯାଇ ନ ପାରି ନିଜ ପ୍ରିୟଜନଙ୍କୁ ହରାଇଛନ୍ତି। ତେବେ ଏମ୍‌ସରେ ଏହି ଚିକିତ୍ସା ସେବା ଆରମ୍ଭ ହେଲେ ଲୋକଙ୍କୁ ଆଉ ବାହାର ରାଜ୍ୟକୁ ଯିବାକୁ ପଡିବ ନାହିଁ। ଏମ୍‌ସରେ ଏହି ସେବାକୁ ଆହୁରି ବ୍ୟାପକ କରିବା ପାଇଁ ଆଉ ଏକ ଏକ୍‌ମୋ ମେଶିନ ମଧ୍ୟ ଆସୁଛି। ଖୁବ୍‌ଶୀଘ୍ର ଓଡ଼ିଶାରେ ପହଞ୍ଚିବ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ କଟକ ଏସ୍‌ସିବିରେ ଖୁବ୍‌ଶୀଘ୍ର ଏହି ଏକ୍‌ମୋ ସେବା ଆରମ୍ଭ ହେବ। ଏଥିପାଇଁ ୬ଟି ମେଶିନ ଆସୁଛି ଓ ଏଥିପାଇଁ ପ୍ରଶିକ୍ଷିତ ମାନବସମ୍ବଳର ମଧ୍ୟ ଆବଶ୍ୟକତା ରହିଛି।

# ସ୍ତ୍ରୀ, ଡିଏଫ୍‌ଓ, ରୋଷେୟାଙ୍କ ବିରୋଧରେ ଅଭିଯୋଗ

**ପାରଳାଖେମୁଣ୍ଡି, ୧୪।୭(ଡି.ଏନ୍.ଏ.)**

### ପୋଡ଼ି ହୋଇ ଏସିଏଫ୍‌ଙ୍କ ମୃତ୍ୟୁ ଘଟଣା

ଗଜପତି ଜିଲା ପାରଳାଖେମୁଣ୍ଡି ସହକାରୀ ବନ ସଂରକ୍ଷକ (ଏସିଏଫ୍) ସୌମ୍ୟରଞ୍ଜନ ମହାପାତ୍ର ପୋଡି ହୋଇଗଲେ ନା ତାଙ୍କ ଦେହରେ ନିଆଁ ଲଗାଇ ଦିଆଗଲା ତାହା ଦୁଇ ଦିନ ପରେ ବି ସ୍ପଷ୍ଟ ହୋଇପାରିନି। ବୁଧବାର ସୌମ୍ୟଙ୍କ ବାପା ଅଭିରାମ ମହାପାତ୍ର ପୁଅର ମୃତ୍ୟୁ ଘଟଣାରେ ପାରଳାଖେମୁଣ୍ଡି ଡିଏଫ୍‌ଓ, ସୌମ୍ୟଙ୍କ ସ୍ତ୍ରୀ ଓ ରୋଷେୟାଙ୍କ ସମ୍ପୃକ୍ତି ଥିବା ଇ-ମେଲ ମାଧ୍ୟମରେ ପାରଳାଖେମୁଣ୍ଡି ଥାନାକୁ ଅଭିଯୋଗ ପତ୍ର ପଠାଇଛନ୍ତି। ସେ ଦର୍ଶାଇଛନ୍ତି ଯେ, ଡିଏଫଓ ଓ ସୌମ୍ୟଙ୍କ ସ୍ତ୍ରୀଙ୍କ ମଧ୍ୟରେ ଅନୈତିକ ସମ୍ପର୍କ ରହିଥିଲା। ଏମାନଙ୍କୁ ରୋଷେୟା ଜଣକ ସହଯୋଗ କରି ଆସୁଥିଲେ। ଅନେକ ସମୟରେ କାର୍ଯ୍ୟାଳୟରେ ବିଭିନ୍ନ କାର୍ଯ୍ୟର ଆଳ ଦେଖାଇ ରାତିରେ ବାହାରକୁ ପଠାଉଥିବା ସମ୍ପର୍କରେ ସୌମ୍ୟ ତାଙ୍କ ମା' ଏବଂ ମାଇଁଙ୍କୁ ଫୋନ ମାଧ୍ୟମରେ ଜଣାଇଥିଲେ। ସ୍ତ୍ରୀ ଓ ଡିଏଫ୍‌ଓଙ୍କ ମଧ୍ୟରେ ସମ୍ପର୍କ ରହିଥିବା ଜାଣିଯିବାରୁ ସୌମ୍ୟଙ୍କୁ ଅନେକ ସମୟରେ ଧମକ ମିଳୁଥିଲା। ତେଣୁ ସେ ବଦଳି ହୋଇ ଅନ୍ୟତ୍ର ଯିବାକୁ ଚାହୁଁଥିଲେ ବୋଲି ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି। ଷଡ଼ଯନ୍ତ୍ର କରି ୩ ଜଣ ମିଶି ପୁଅକୁ ମାରି ଦେଇଥିବା ସୌମ୍ୟଙ୍କ ବାପା ଅଭିଯୋଗ କରିବା ସହ ନ୍ୟାୟ ଦାବି କରିଛନ୍ତି। ଅଭିଯୋଗ ପ୍ରକାରେ ପାରଳାଖେମୁଣ୍ଡି ଥାନାରେ ନଂ. ୧୪୧/୨୧ରେ ହତ୍ୟା ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ସୌମ୍ୟଙ୍କ ବାପାଙ୍କ ଅଭିଯୋଗକୁ ଡିଏଫ୍‌ଓ ଖଣ୍ଡନ କରିଛନ୍ତି। ସୌମ୍ୟଙ୍କ ସ୍ତ୍ରୀଙ୍କ ସହ ତାଙ୍କର କୌଣସି ସମ୍ପର୍କ ନ ଥିଲା। ଯେ କୌଣସି ସଂସ୍ଥା କିମ୍ବା ପୋଲିସ ଏହାର ତଦନ୍ତ କଲେ ପୂର୍ଣ୍ଣ ସହଯୋଗ କରିବେ ବୋଲି ଡିଏଫଓ ସଂଗ୍ରାମ କେଶରୀ ବେହେରା କହିଛନ୍ତି। ସୂଚନାଯୋଗ୍ୟ, ବାଲେଶ୍ୱର ଖଇରା ଅଞ୍ଚଳର ସୌମ୍ୟ ତାଙ୍କ ସ୍ତ୍ରୀଙ୍କ ସହ ନିଜ ସରକାରୀ କ୍ୱାର୍ଟର୍ସରେ ରହୁଥିଲେ। ଗତ ୧୨ ତାରିଖ ରାତିରେ ସୌମ୍ୟ ପୋଡ଼ି ହୋଇ ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ପାରଳାଖେମୁଣ୍ଡି ଓ ପରେ ବ୍ରହ୍ମପୁର ଏବଂ ସେଠାରୁ ଅଧିକ ଚିକିତ୍ସା ପାଇଁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ତାଙ୍କର ମୃତ୍ୟୁ ଘଟିଥିଲା।

# ଭୋଗ ଖାଇ ୧୫ରୁ ଅଧିକ ଝାଡ଼ାବାନ୍ତିରେ ଆକ୍ରାନ୍ତ

ଆରଡ଼ି, ୧୪।୭ (ଡି.ଏନ.ଏ.)-ଭଦ୍ରକ ଜିଲା ଧୁଷୁରୀ ଥାନା ଅଧୀନ ସୁନ୍ଦରପୁର ଗାଁରେ ୧୫ଜଣରୁ ଅଧିକ ବ୍ୟକ୍ତି ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ବୁଧବାର ସନ୍ଧ୍ୟାରେ ଆମ୍ବୁଲାନ୍ସରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ସୋମବାର ରଥଯାତ୍ରା ଦିନ ଭୋଗ ଖାଇବା ପରେ ଅସୁସ୍ଥ ହୋଇପଡ଼ିଥିବା ଗ୍ରାମବାସୀ କହିଛନ୍ତି।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କୋଇଲି ପାରଡା ଆମ୍ବ;**
**ଦାଣ୍ଡ ଦୁହୁଡ଼ିର ଯାଉଁଳି କବାଟ,**
**ଖଞ୍ଜାରେ ନଡ଼ିଆ ଖମ୍ବ।**

ଘର ବାହାରେ ଯାଉଁଳି କବାଟ। ଲୋକେ ଜାଣିବାକୁ ଥିଲାବାଲା ଘର, ଖାଇପିଇ ଅୟସରେ ଚଳୁଥିବେ। କିନ୍ତୁ ଭିତରର କଥା ନ କହିଲେ ଭଲ। ଦୀନହୀନ ଦରିଦ୍ର ସମ ଜୀବନଯାପନ କରୁଥିବା ବ୍ୟକ୍ତିଙ୍କ ଲୋକଦେଖାଣିଆ ରଙ୍ଗଢଙ୍ଗ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**କୋରଡେ ବୋବାଏ ବଣି;**
**ପଲମ ପରାଏ ନ କର ମୁହଁ,**
**ଦେବି ସୁନାଚୁଡ଼ି ଆଣି।**

ସାଧାରଣତଃ ମହିଳାମାନେ ଗହଣାପ୍ରିୟ। ଗହଣାଗାଣ୍ଠି ପ୍ରତି ମନରେ ଅହେତୁକ ଦୁର୍ବଳତା ରହିଥାଏ। ଏପରିସ୍ଥଳେ ମୁହଁ ଶୁଖାଇ ବସିଥିବା ନାରୀକୁ ସୁନା ଗହଣାର ଲୋଭ ଦେଖାଇ ମାନଭଞ୍ଜନ କରାଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ପ୍ରଥମ ପୃଷ୍ଠାରୁ...

### ସତର୍କ ପରେ ବି ଚେତା ...

ଆତଙ୍କବାଦୀମାନେ ଆଶ୍ରୟ ନେଉଥିବା ଆଶଙ୍କା କରାଯାଉଛି। ବହୁ ବାଂଲାଦେଶୀ ଅନୁପ୍ରବେଶକାରୀ ଓଡ଼ିଶାର ମତ୍ସ୍ୟଜୀବୀ ଭାବେ ରହିଥିବା ମଧ୍ୟ ନଜର ରହିଛି। ତେବେ ଏମାନଙ୍କ କାର୍ଯ୍ୟକଳାପ ଉପରେ ରାଜ୍ୟ ଗୋଇନ୍ଦା ବିଭାଗ ପକ୍ଷରୁ ନିୟମିତ ନଜର ରଖାଯାଉ ନ ଥିବାରୁ ଆଗକୁ ଓଡ଼ିଶା ପାଇଁ ଦେଶର ସୁରକ୍ଷା ବିପନ୍ନ ହେବ ବୋଲି ମତପ୍ରକାଶ ପାଇଲାଣି।

ଏନେଇ ଗୋଇନ୍ଦା ନିର୍ଦ୍ଦେଶକ ଲଳିତ ଦାସ କହିଛନ୍ତି, ଗିରଫ ଆତଙ୍କବାଦୀଙ୍କ ଓଡ଼ିଶା ସହ କୌଣସି ସମ୍ପର୍କ ନାହିଁ। ପଶ୍ଚିମବଙ୍ଗ ପୋଲିସ ନିକଟରୁ ମଧ୍ୟ ସେମିତି କୌଣସି ସୂଚନା ଆସିନାହିଁ। ଏହା ଏକ ଭିତ୍ତିହୀନ କଥା, ଏଥିରେ କୌଣସି ସତ୍ୟାସତ୍ୟ ନାହିଁ। ପୂର୍ବ ସତର୍କତା ଅନୁସାରେ ଆମେ ସଜାଗ ଅଛୁ ଓ ରାଜ୍ୟରେ ସମସ୍ତ ଦିଗକୁ ଗୋଇନ୍ଦା ନଜର ରଖିଥିବା ଦାସ କହିଛନ୍ତି।

ବିଗତ ଦିନରେ ଓଡ଼ିଶାରେ ଘଟିଥିବା ଆତଙ୍କବାଦ ଘଟଣାକୁ ତର୍ଜମା କଲେ ରାଜ୍ୟ ଗୋଇନ୍ଦା ବିଭାଗର କାର୍ଯ୍ୟଧାରା ଓ ଅଧିକାରୀଙ୍କ ବୟାନର ବାସ୍ତବତା ସହଜରେ ବାରି ହୋଇପଡୁଛି। ଏନ୍‌ଆଇଏର ସୂଚନାକୁ ଆଧାର କରି ଆତଙ୍କବାଦୀ ଲିଙ୍କ୍ ନେଇ ୨୦୧୫ଜାନୁୟାରୀ ୨୪ରେ ଚାନ୍ଦିପୁର ଆଇଟିଆର୍‌ରେ ଠିକା ଭାବେ କାମକରୁଥିବା କ୍ୟାମେରାମ୍ୟାନ୍ ତଥା ମୟୂରଭଞ୍ଜର ଈଶ୍ୱର ଚନ୍ଦ୍ର ବେହେରାଙ୍କୁ ବାଲେଶ୍ୱର ପୋଲିସ ଗିରଫ କରିଥିଲା। ପାକିସ୍ତାନର ଆତଙ୍କବାଦୀ ସଙ୍ଗଠନ ଆଇଏସ୍‌ଆଇ ଏଜେଣ୍ଟ ଭାବେ କାର୍ଯ୍ୟ କରୁଥିବା ଓ ଡିଆର୍‌ଡିଓର ଗୁରୁତ୍ୱପୂର୍ଣ୍ଣ ଫଟୋ ସହ ତଥ୍ୟ ପଠାଉଥିବା ନେଇ ଈଶ୍ୱରଙ୍କ ବିରୋଧରେ ଅଭିଯୋଗ ରହିଥିଲା। ସେହିବର୍ଷ ଅକ୍ଟୋବର ୧୫ରେ ଅଲ୍‌କଏଦା ଆତଙ୍କବାଦୀ ସଂଗଠନର ସଦସ୍ୟ ଅବଦୁର୍ ରହମନଙ୍କୁ ଦିଲ୍ଲୀ ପୋଲିସ୍‌ର ସ୍ୱତନ୍ତ୍ର ସେଲ୍ କଟକ ଜଗତପୁରରୁ ଗିରଫ କରିଥିଲା। ରହମାନ ନିଜ ସଂଗଠନର ୫ ସଦସ୍ୟଙ୍କୁ କଟକ ଲାଲ୍‌ବାଗ ଥାନା ଓଡ଼ିଆ ବଜାରରେ ଘର ଭଡ଼ା ନେଇ ରଖିଥିଲେ। ସେହିଭଳି ୨୦୧୬ ଫେବୃୟାରୀ ୧୬ରେ ରାଉରକେଲାର କ୍ୟୁରେସି ମହଲ୍ଲାସ୍ଥିତ ଏକ ଭଡ଼ାଘରୁ ଜଣେ ମହିଳାଙ୍କ ସମେତ ୫ଜଣ ଫେରାର ସିମି ଆତଙ୍କବାଦୀଙ୍କୁ ତେଲଙ୍ଗାନା କାଉଣ୍ଟର ଇଣ୍ଟେଲିଜେନ୍ସ ସେଲ୍ ଗିରଫ କରିଥିଲା। ୨୦୧୮ ଅଗଷ୍ଟ ୫ରେ ଲଶ୍କର-ଇ-ତୋଏବା ଆତଙ୍କବାଦୀ ସଂଗଠନର ସଦସ୍ୟ ହବିବୁର ରହମାନଙ୍କୁ ଏନ୍‌ଆଇଏ କେନ୍ଦ୍ରାପଡ଼ା ପାଟକୁରା ଥାନା ଅଞ୍ଚଳରୁ ଗିରଫ କରିଥିଲା। ତେବେ ଏସବୁ ଘଟଣାରେ ରାଜ୍ୟ ଗୋଇନ୍ଦା ବିଭାଗ ନିଜ ଆଡୁ ପ୍ରଥମେ ସୂଚନା ପାଇବାରେ ବିଫଳ ହୋଇଥିଲା।

### 'ଚିଅର ଫର ...

ଲଞ୍ଚ୍ କରିବା ପଛରେ ସମସ୍ତଙ୍କର ଅବଦାନ ରହିଛି। ଗତ ୧୮ ମାସ ହେବ ସମସ୍ତେ ଏଥିପାଇଁ କଠିନ ପରିଶ୍ରମ କରି ଆସୁଥିଲେ ବୋଲି ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ଅଧ୍ୟକ୍ଷ ନରିନ୍ଦର ବାତ୍ରା କହିଛନ୍ତି। ସଙ୍ଗୀତର ଉନ୍ମୋଚନ ଅବସରରେ କେନ୍ଦ୍ର କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ନୀଶିଥ ପ୍ରମାଣିକ, କ୍ରୀଡ଼ା ସଚିବ ରବି ମିତ୍ତଲ, ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ପ୍ରବନ୍ଧ ନିର୍ଦ୍ଦେଶକ ରାଜୀବ ମେହେଟା ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଟୋକିଓରେ ଅଲିମ୍ପିକ୍ସ ଜୁଲାଇ ୨୩ରୁ ଆରମ୍ଭ ହୋଇ ଅଗଷ୍ଟ ୮ ତାରିଖରେ ଶେଷ ହେବ। ଅଲିମ୍ପିକ୍ସରେ ଏଥର ୧୮ଟି କ୍ରୀଡ଼ାବର୍ଗରେ ଦେଶର ୧୨୬ଜଣ ଆଥ୍‌ଲେଟ ଅଂଶଗ୍ରହଣ କରିବେ। ଆଥ୍‌ଲେଟଙ୍କ ସମେତ କୋଚ୍, ସପୋର୍ଟ ଷ୍ଟାଫ୍ ଓ ଅଫିସିଆଲଙ୍କୁ ନେଇ ୨୨୭ ଜଣିଆ ଭାରତୀୟ ଦଳ ଟୋକିଓ ଯାତ୍ରା କରିବ।

### ବଢ଼ିଲା କେନ୍ଦ୍ରୀୟ କର୍ମଚାରୀଙ୍କ ....

ମହାମାରୀ ପାଇଁ ମହଙ୍ଗା ଭତ୍ତା ବୃଦ୍ଧି କରାଯାଇ ନ ଥିଲା। ବର୍ତ୍ତମାନ ଡିଏ ୧୧ ପ୍ରତିଶତ ବଢ଼ିଥିବାରୁ ଏଥିପାଇଁ କେନ୍ଦ୍ର ସରକାରଙ୍କୁ ପ୍ରାୟ ୩୪,୪୦୦ କୋଟି ଟଙ୍କାର ଅତିରିକ୍ତ ବ୍ୟୟଭାର ବହନ କରିବାକୁ ହେବ। ଏହା ଦ୍ୱାରା ୪୮ .୩୪ ଲକ୍ଷ କେନ୍ଦ୍ରୀୟ କର୍ମଚାରୀ ଏବଂ ୬୫ ଲକ୍ଷ ୨୬ ହଜାର ପେନ୍‌ସନଧାରୀ ଉପକୃତ ହେବେ ବୋଲି କ୍ୟାବିନେଟ ବୈଠକ ଶେଷରେ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ପ୍ରତି ୬ ମାସରେ ଥରେ କେନ୍ଦ୍ରୀୟ କର୍ମଚାରୀମାନଙ୍କ ଡିଏ ଏବଂ ପେନ୍‌ସନଧାରୀଙ୍କ ଡିଆର୍ ବୃଦ୍ଧି କରାଯାଇଥାଏ। କୋଭିଡ୍-୧୯ ମହାମାରୀ ପାଇଁ ୨୦୨୦ ଜାନୁୟାରୀ, ଜୁଲାଇ ଏବଂ ୨୦୨୧ ଜାନୁୟାରୀରେ ଡିଏ ଏବଂ ଡିଆର୍ ବଢ଼ାଯାଇ ନ ଥିଲା। ମୂଳ ବେତନ ଉପରେ ବର୍ତ୍ତମାନ ୧୭ ପ୍ରତିଶତ ମହଙ୍ଗା ଭତ୍ତା ମିଳୁଥିବାବେଳେ ଏହାକୁ ଆଉ ୧୧ ପ୍ରତିଶତ ବଢ଼ାଇବାକୁ କ୍ୟାବିନେଟ ନିଷ୍ପତ୍ତି ନେଇଛି।

### ଆଜି ଓଡ଼ିଶା ...

ଖାରବେଳ ଭବନ, ରାଜୀବ ଭବନ ଏବଂ ଲୋକସେବା ଭବନରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ୯ଟା ୩୦ ସୁଦ୍ଧା ଅଫିସ କାର୍ଯ୍ୟରେ ଯୋଗ ଦେବାକୁ କୁହାଯାଇଛି। ଲୋକସେବା ଭବନ ଭବନର ମୁଖ୍ୟ ଫାଟକ ପୂର୍ବାହ୍ନ ୧୦ଟା ୧୫ ସୁଦ୍ଧା ବନ୍ଦ କରିଦିଆଯିବ। ସେହିପରି ଗୃହ ବିଭାଗ ପକ୍ଷରୁ ସବୁ ଜିଲାପାଳଙ୍କୁ ଚିଠି ଦିଆଯାଇଛି। ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି ଯେ, ଅତ୍ୟାବଶ୍ୟକ ସାମଗ୍ରୀ, ତୈଳ ଦର ବୃଦ୍ଧି ପ୍ରତିବାଦରେ ୬ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଛି। ତେଣୁ ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରି ହେଉଥିବା ଦୋକାନ, ବଜାର, ସରକାରୀ ଅଫିସ, ପେଟ୍ରୋଲ ପମ୍ପ, ବ୍ୟାଙ୍କ, ରେଲୱେ ଏବଂ କୋର୍ଟ ପ୍ରମୁଖ ବନ୍ଦ କରିଦେଇପାରନ୍ତି। ତେଣୁ ଏହ ସମସ୍ତ ସେବା ବାଧାପ୍ରାପ୍ତ ହୋଇପାରେ। ତେଣୁ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ରହିଛି। ତେଣୁ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନରେ ଯେପରି ବାଧା ନ ହେବ ସେ ଦିଗରେ ଧ୍ୟାନ ଦେବାକୁ ଚିଠିରେ ଉଲ୍ଲେଖ କରାଯାଇଛି। ବର୍ତ୍ତମାନ ସମୟରେ କୌଣସି ସ୍କୁଲ, କଲେଜ ଏବଂ ବିଶ୍ୱବିଦ୍ୟାଳୟ ଖୋଲା ନାହିଁ। ଛାତ୍ରୀଛାତ୍ରମାନଙ୍କ ପରୀକ୍ଷା ମଧ୍ୟ ନାହିଁ। ତେଣୁ ବନ୍ଦ ପାଳନରେ ଏସବୁ ସମସ୍ୟା ପ୍ରାୟ ସରକାରଙ୍କ ଉପରେ ରହିବନି।

### ରାଜଧାନୀରେ ନିଶା ...

ଜବତ କରିଥିଲା ବୋଲି ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ରାଜଧାନୀରୁ ବ୍ରାଉନସୁଗାର ସହ ଏତେ ପରିମାଣର ଟଙ୍କା ମିଳିବା ଅଭୂତପୂର୍ବ। ଏହା ପଛରେ କିଛି ବଡ଼ ଆପରାଧିକ ଷଡ଼ଯନ୍ତ୍ର ଥିବା ସନ୍ଦେହ କରାଯାଉଛି। ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଚାଲିଛି। ଏତେ ଟଙ୍କା କେଉଁଠାରୁ ଆସିଛି ତାହାର ମଧ୍ୟ ତଦନ୍ତ କରାଯିବ। କୋଲକାତାରୁ ଜଳେଶ୍ୱର ଦେଇ କଟକ-ଭୁବନେଶ୍ୱରକୁ ବିପୁଳ ପରିମାଣର ବ୍ରାଉନସୁଗାର ଆସୁଛି। ଗତ ୪ମାସ ମଧ୍ୟରେ କମିଶନରେଟ୍ ପୋଲିସ ଦ୍ୱୈତ ନଗରୀରୁ ୫ କିଗ୍ରା ୧୦୦ଗ୍ରାମ ବ୍ରାଉନସୁଗାର ଜବତ କରିଥିବା ସେ କହିଛନ୍ତି।


# classifieds Everyday

0674-2580101, 2549302







**SALE**

ଖୋର୍ଦ୍ଧାରୋଡ୍ ରେଲ୍‌ୱେ ଷ୍ଟେସନ୍‌ରୁ 1km ଦୂରତାରେ ଜଟଣୀ ହାଟ ବଜାରରେ ନିଜସ୍ୱ ମାଲିକାନାରେ ଥିବା ଘରବାରି ସ୍ଥିତିବାନ୍ 5 ଡିସିମିଲ୍ ଜାଗା ସହିତ ଦୁଇ ବଖରା ଆଜବେଷ୍ଟ ଘର ତୁରନ୍ତ ବିକ୍ରିହେବ। @ 45Lakhs Owner- 9439270333. D-70866

**2419sqft. plot with double storied building (1500x2) for sale at Indira Gandhi Housing colony, Lingipur, Bhubaneswar. 50meters from main road. Price 1crore 20lakhs. Contact- 9437034277.** D-21078

Bhubaneswar Smartcity area Ghangapatna Mouza 30ft. road, electricity, borewell ସହ ସ୍ଥିତିବାନ plot ପୋଜେସନ୍ ଥାଇ ମିଳୁଛି। Owner. 9090963952. D-70865

DAV ପୋଖରିପୁଟରୁ 3k.m distance ଘରବାରି ପ୍ଲଟ୍ ବର୍ଗଫୁଟକୁ 1500/-, 1000/- କାଟେଣୀ ଡେରାସରେ 650/- ଦିଆଯାଉଛି। Swati- 6371010864. D-70861

Shoproom (10'x10') opposite Biju Patnaik College, Jayadev Vihar main road. Contact: 9938511622. D-21086

**LOST**

The given below original ROR has been lost from our Branch, kindly inform us any information regarding this original ROR to Punjab National Bank, Jharsuguda Branch, Beheramal. Schedule of the land: Khata No.- 561, Plot No.- 3209/3892, Mouza- Jharsuguda Po+Dist- Jharsuguda area of land 0.335 acres in the name of Mr. Ratan Lal Agrawal. D-21083

The given below original title deed has been lost from our Branch. Kindly inform us any information regarding this original title deed to Punjab National Bank, Jharsuguda Branch, Beheramal. Schedule of the land: Deed No.- 699 of the year 1999 vide Khata No.- 929/1587, Plot No.- 1209, Mouza Jharsuguda Unit No.- 06 Po+Dist- Jharsuguda area of land 0.04 acres in the name of Santi Suna. D-21084

**AFFIDAVIT**

By virtue of an affidavit before Notary Public, Puri, I Sarat Kumar Bhatta, S/o- Late Basudev Bhatta, At- Tikarapada, Puri-2, Odisha beg to state that in my Pension Book Date of Birth of my Wife Sanjukta Bhatta and my Daughter Subhashree Bhatta are wrongly mentioned as 01.03.1978 and 26.12.2000 respectively. But the real Date of Birth of my Wife and Daughter are dt- 23.05.1977 and dt- 01.01.2001 as per their H.S.C Certificate and Aadhaar number which may be corrected in my Pension Book. D-69044

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଚନ୍ଦ୍ର କୋଣ ଭାବରେ ଥିବାରୁ ନିକଟରେ ରହୁ ନଥିବା ପିଲାଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତିତ ହେବେ। ଶୁକ୍ର ଓ ମଙ୍ଗଳ ଚତୁର୍ଥସ୍ଥ ହେତୁ ସଭାସମିତି ଓ ଆନୁଷ୍ଠାନିକ କାମରେ ବ୍ୟସ୍ତ ରହିପାରନ୍ତି। ଅଫିସରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ଈର୍ଷାଳୁ ଲୋକେ ଅସୁବିଧାରେ ପକାଇପାରନ୍ତି। ପାରିବାରିକ କ୍ଷେତ୍ର ବୁଝାମଣା ମାଧ୍ୟମରେ ଶୃଙ୍ଖଳିତ ହେବ।

**ବୃଷ** ଆର୍ଥିକ ସମସ୍ୟା କେତେକ ପାରିବାରିକ ଆବଶ୍ୟକତାକୁ ଅଟକାଇ ଦେବ। ଭାଗ୍ୟସ୍ଥାନ ପ୍ରତି ଗ୍ରହଦୃଷ୍ଟି ପ୍ରଭାବରେ ଯେଉଁ କାମରେ ହାତଦେବେ ଅବଶ୍ୟ ସଫଳତା ପାଇବେ। ନିର୍ମାଣ,ବ୍ୟବସାୟ, ସାମ୍ବାଦିକତା, ଏଜେନ୍ସିପ୍, ମାଲିମକଦ୍ଦମା ପ୍ରଭୃତିରେ ଉନ୍ନତି କରିବେ। କୌଣସି ବନ୍ଧୁ ସାହାଯ୍ୟ କରିବାକୁ ଅନୁରୋଧ କରିପାରନ୍ତି।

**ମିଥୁନ** ଆଜିର ବୁଧାଦିତ୍ୟ ଯୋଗ ପ୍ରଭାବରୁ ସାମାଜିକ ସ୍ତରରେ ପ୍ରତିଷ୍ଠା ଲାଭ କରିବେ। ଅର୍ଥ ଲାଭ କାରଣରୁ ମନ ଭଲ ରହିବ ଓ କାମଗୁଡ଼ିକ ମଧ୍ୟ ଶୃଙ୍ଖଳିତ ହୋଇଯିବ। ସ୍ୱାସ୍ଥ୍ୟ ସମସ୍ୟା ଲାଗିରହିବା କାରଣରୁ ମନରେ ସରସତା ରହି ନ ପାରେ। କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି।

**କର୍କଟ** ରାଶ୍ୟାଧିପତି ସ୍ୱଗୃହସ୍ଥ ଯୋଗୁ କର୍ମକ୍ଷେତ୍ରରେ କୂଟନୀତି ବଳରେ କାର୍ଯ୍ୟ ସାଧନ କରିବେ। ପାରିବାରିକ କ୍ଷେତ୍ରରେ ଅତିପ୍ରିୟ ବନ୍ଧୁଙ୍କ ପରାମର୍ଶରେ ସାନ୍ତ୍ୱନା ମିଳିବ। ସାମାନ୍ୟ ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ଉପରିସ୍ଥଙ୍କ ଆଦେଶ ପାଳନପୂର୍ବକ ଦୂରଯାତ୍ରାର ସୁଯୋଗ ପାଇବେ।

**ସିଂହ** ରାଶିରେ ଚନ୍ଦ୍ରଙ୍କ ସ୍ଥିତି ମାନସିକ ଅଶାନ୍ତି ସାଙ୍ଗକୁ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ। ମନକଥା ମନରେ ଗୋପନ ରଖି ପିଠି ଥାପୁଡ଼େଇ କାମ ହାସଲ କରିବେ। ଅସମର୍ଥିତ ସୂତ୍ରରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବ୍ୟବସାୟରେ ଆଖିଦୃଷ୍ଟିଆ ସଫଳତା ହାସଲ କରିପାରିବେ ନାହିଁ।

**କନ୍ୟା** କର୍ମଭାବସ୍ଥ ରବି ଓ ବୁଧଜନିତ ପ୍ରତ୍ୟେକ କ୍ଷେତ୍ରରେ ଜୟଯୁକ୍ତ ହେବେ। ସମସ୍ତ ପ୍ରକାରର ସୁବିଧା ଥିଲେ ମଧ୍ୟ ନିଜ ଲୋକମାନଙ୍କ ଦ୍ୱାରା କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଶୁଭଗ୍ରହ ପ୍ରଭାବରୁ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। କେତେକ ଆକସ୍ମିକ ଅସୁବିଧା ଉପୁଜିବା କାରଣରୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ।

**ତୁଳା** କର୍ମଭାବସ୍ଥ ରାଶ୍ୟାଧିପତି ହେତୁ ବନ୍ଧୁମାନଙ୍କୁ ଉପଯୁକ୍ତ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। କିନ୍ତୁ ଆଜି ଦିନ ଭିତରେ କୌଣସି ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ଯେତେ ଭଲ କାମ କଲେ ମଧ୍ୟ ବିଭିନ୍ନ କ୍ଷେତ୍ରରୁ ଅଭିଯୋଗ ଆସିପାରେ। ବ୍ୟବସାୟିକ ସ୍ଥିତି ମାନ୍ଦା ହେବନାହିଁ ଅବଶ୍ୟ ବିଶେଷ ଲାଭ ନ ହୋଇପାରେ ।

**ବିଛା** ମୁଖଭାବାଧିପତି କେନ୍ଦ୍ରସ୍ଥ ଯୋଗୁ ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ଅନ୍ୟକୁ ସନ୍ତୁଷ୍ଟ କରିବେ। ନୀଚାରୋହୀ ଶୁକ୍ରଙ୍କ ଦୁର୍ବଳତା କାରଣରୁ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି ଯୋଗୁ ମନ ଅଶାନ୍ତ ରହିବ। ବନ୍ଧୁଙ୍କ ଜରିଆରେ ପ୍ରତୀକ୍ଷିତ ଖବର ପାଇ ଖୁସି ହେବେ। ଲଘୁକ୍ରୋଧ କାରଣରୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

**ଧନୁ** ବୃହସ୍ପତିଙ୍କ ଦୁର୍ବଳତା ଜନିତ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ। ଶତ୍ରୁମାନେ ଆଗରେ ନ ହେଲେ ମଧ୍ୟ ପଛରେ ନାନାଦି କଥା କହିପାରନ୍ତି। ସମ୍ପର୍କୀୟଙ୍କ ନିକଟରୁ ହଠାତ୍ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ବହୁତ ଦିନରୁ ଅଟକି ରହିଯାଇଥିବା କାମ ହାସଲ କରିବାରେ ସମର୍ଥ ହେବେ।

**ମକର** ଆଜି ଅଷ୍ଟମଚନ୍ଦ୍ର କାରଣରୁ ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଦେଇ ଗତି କରିବେ। ଅନ୍ୟାନ୍ୟ କ୍ଷେତ୍ର ତଥା ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। କର୍ମକ୍ଷେତ୍ରରେ ନୀଚ ମନୋଭାବାସମ୍ପନ୍ନ ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇ ପାରନ୍ତି। ଶିଳ୍ପ,ବାଣିଜ୍ୟ,ବ୍ୟବସାୟ ପୂର୍ବପରି ସମସ୍ୟା ମଧ୍ୟରେ ଗତିକରିବ।

**କୁମ୍ଭ** ଚନ୍ଦ୍ରଙ୍କ ପ୍ରତ୍ୟକ୍ଷ ଦୃଷ୍ଟି ଜନିତ ସ୍ୱାର୍ଥହାସଲ ଅଭାବରୁ ନିଜ ଲୋକଟି ହଠାତ୍ ଶତ୍ରୁତା କରିବାକୁ ପଛାଇବ ନାହିଁ। ବନ୍ଧୁଙ୍କ ନିକଟରୁ ପ୍ରାପ୍ୟଧନରେ ବାଧା ସୃଷ୍ଟି ହେବାରେ ପଡ଼ୋଶୀଙ୍କ ପରୋକ୍ଷ ପ୍ରଭାବ ରହିପାରେ। ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି।

**ମୀନ** ଗୁରୁକୃପାରୁ ଗତକାଲିର ଅସମ୍ପୂର୍ଣ୍ଣ କାମକୁ ଆଜି ପୂର୍ଣ୍ଣାଙ୍ଗ କରିପାରିବାରେ ସମର୍ଥ ହେବେ। ମାଲି ମାକଦ୍ଦମାରେ ସଫଳତା ହାସଲ କରିବେ। ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବାରେ ବନ୍ଧୁ ସାହାଯ୍ୟ କରିପାରନ୍ତି। ଧର୍ମକାର୍ଯ୍ୟରେ ବ୍ୟୟ ବରାଦ କରିପାରନ୍ତି।

ଆଜି ଆଷାଢ଼ ଶୁକ୍ଳ ୫ମୀ ଯୁକ୍ତ ଷଷ୍ଠୀ ଗୁରୁବାର, ମାସାନ୍ତ, ଜୁଲାଇ ୧୫ ତାରିଖ, ବିଶ୍ୱ ଯୁବକୌଶଳ ଦିବସ, ରାଶି ନକ୍ଷତ୍ର- ଉତ୍ତରାଫାଲଗୁନୀ/ସିଂହ, ଦିବା ଘ.୦୯।୩୮ ଗତେ କନ୍ୟା ଚନ୍ଦ୍ର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ଦିବା ଘ.୦୩।୪୮ ଗତେ ଘ.୦୬।୨୫ ମଧ୍ୟେ ଅମୃତବେଳା। ସକାଳ ଘ.୦୫।୨୦ ଗତେ ଘ.୦୬।୧୨ ମଧ୍ୟେ, ଘ.୦୯।୪୧ ଗତେ ଘ.୧୧।୨୬ ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୦୧।୩୦ ଗତେ ଘ.୦୩।୦୮ମଧ୍ୟେ ରାହୁକାଳ।

**ସ୍କୁଲ ପରିଦର୍ଶନ କଲେ ଏଡିଇଓ**

ବରଗଡ଼ ଅଫିସ୍: ବରଗଡ଼ ବ୍ଲକ ଗୋବିନ୍ଦପୁର ଉନ୍ନୀତ ସରକାରୀ ଉଚ୍ଚବିଦ୍ୟାଳୟକୁ ବୁଧବାର ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ ପରିଦର୍ଶନରେ ଯାଇଥିଲେ। ସ୍କୁଲର ପ୍ରଧାନଶିକ୍ଷକ ନବୀନ ସାବତଙ୍କ ସମେତ ଅନ୍ୟ ଶିକ୍ଷକ, ଅଭିଭାବକ ଏବଂ ଛାତ୍ରୀଛାତ୍ରଙ୍କୁ ଭେଟି ଅନ୍‌ଲାଇନ କ୍ଲାସ ଉପରେ ପଚାରି ବୁଝିଥିଲେ । ସେହିପରି ସ୍କୁଲରେ ପରିଚାଳିତ ମୋ ସ୍କୁଲ ଯୋଜନା, ପୋଷାକ ବଣ୍ଟନ ଉପରେ ସମୀକ୍ଷା କରିଥିଲେ। ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ନାଏକ, ନିତ୍ୟାନନ୍ଦ ନାଏକ, ଶେଷଦେବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ଟିକା ନେଇ ଶିଶୁ ମୃତ

**ଡାକ୍ତରଖାନାରେ ଉତ୍ତେଜନା**

**ଭଦ୍ରକ ଅଫିସ,୧୪।୭:** ଭଦ୍ରକ ଜିଲା ସଦର ବ୍ଲକ ବାଣିତିଆ ମୁକ୍ତିପଦା ଶାସନ ଗ୍ରାମର ଅରୁଣ ଦାସଙ୍କ ଦୁଇମାସର ପୁଅର ବୁଧବାର ସନ୍ଧ୍ୟାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଟିକା ନେବା ପରେ ପୁଅର ଜୀବନ ଯାଇଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ଏହାକୁ ନେଇ ଡାକ୍ତରଖାନାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରିବାର ଲୋକଙ୍କ କହିବା ଅନୁଯାୟୀ, ମଧ୍ୟାହ୍ନରେ ଗାଁ ସ୍କୁଲ ଟିକାକରଣ କେନ୍ଦ୍ରରେ ଶିଶୁପୁତ୍ରକୁ ହେପାଟାଇଟିସ୍-ବି ଟିକା ଦିଆଯାଇଥିଲା। ଅପରାହ୍ନରେ ତାକୁ ଜ୍ୱର ହେବାରୁ ସେମାନେ ଜିଲା ଚିକିତ୍ସାଳୟକୁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସନ୍ଧ୍ୟାରେ ଶିଶୁର ମୃତ୍ୟୁ ହୋଇଥିଲା। ପରିବାର ଲୋକେ ଶିଶୁର ମୃତଦେହ ଧରି ଡାକ୍ତରଖାନା ପରିସରରେ ଧାରଣା ଦେଇଥିଲେ। ରିପୋର୍ଟ ଲେଖାହେବା ବେଳକୁ ଧାରଣା ଜାରି ରହିଥିଲା। ଭାରପ୍ରାପ୍ତ ଜିଲା ଚିକିତ୍ସାଧିକାରୀ ଶିବାଶିଷ ମହାରଣାଙ୍କୁ ପଚାରିବାରୁ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

### 'ଆବେଦନ ପ୍ରକ୍ରିୟା ଚାଲୁ, ନିଯୁକ୍ତି ନୁହେଁ'

**ସରକାରୀ ଅନୁଦାନପ୍ରାପ୍ତ ହାଇସ୍କୁଲରେ ଅତିଥି ଶିକ୍ଷକ ପଦବୀ ମାମଲା**

**କଟକ ଅଫିସ,୧୪।୭:** ସରକାରୀ ଅନୁଦାନପ୍ରାପ୍ତ ହାଇସ୍କୁଲରେ ଅତିଥି ଶିକ୍ଷକ ପଦବୀ ନେଇ ଆବେଦନ ଉପରେ ହୋଇଥିବା ମାମଲାର ଶୁଣାଣି ବୁଧବାର ହାଇକୋର୍ଟରେ ହୋଇଥିଲା। ଜଷ୍ଟିସ ବିଶ୍ୱନାଥ ରଥ ଏହାର ଶୁଣାଣି କରି କହିଛନ୍ତି, ଆବେଦନ ପ୍ରକ୍ରିୟା ଚାଲୁ ରହିପାରେ, କିନ୍ତୁ ନିଯୁକ୍ତି ଦିଆଯାଇପାରିବ ନାହିଁ। ଅଗଷ୍ଟ ୯ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇଛି। ଆବେଦନକାରୀ ପିଟିଶନରେ ଦର୍ଶାଇଛନ୍ତି, ୨୦୨୦-୨୧ବର୍ଷ ପାଇଁ ରାଜ୍ୟର ସରକାରୀ ଅନୁଦାନପ୍ରାପ୍ତ ହାଇସ୍କୁଲରେ ଅତିଥି ଶିକ୍ଷକ ପଦବୀ ଲାଗି ଆବେଦନ ଗ୍ରହଣ କରାଯାଉଛି। ଏଥିପାଇଁ କେବଳ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସୁଯୋଗ ଦିଆଯାଉଛି। ଏଥିରୁ ହଜାର ହଜାର ଯୋଗ୍ୟତାଧାରୀ ଯୁବକ ବଞ୍ଚିତ ହେବା ସହ ରୋଜଗାର ହରାଇଛନ୍ତି। ଏ ନେଇ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ଆବେଦନକାରୀ ଈଶ୍ୱର ଗୁରୁ ଓ ଅନ୍ୟମାନଙ୍କ ତରଫରୁ ଆଇନଜୀବୀ ଏ.କେ. ମହାନ୍ତି ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଆଇନଜୀବୀ ଡି. ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

### ଭିଏସ୍ଏସ୍ ବିମାନ ବନ୍ଦରରେ ଆଇଏଲ୍ଏସ୍ ବ୍ୟବସ୍ଥା କାର୍ଯ୍ୟକ୍ଷମ

**ଝାରସୁଗୁଡ଼ା ଅଫିସ,୧୪।୭:** ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ (ଭିଏସ୍ଏସ୍) ବିମାନ ବନ୍ଦରରେ ପ୍ରତିକୂଳ ପାଗରେ ବିମାନ ଅବତରଣ କରିବାରେ ସମସ୍ୟା ଦେଖାଦେଉଥିଲା। ଏ ନେଇ ଅନେକ ସମୟରେ ବିମାନ ବାତିଲ କରିବାକୁ ପଡୁଥିଲା। ଫଳରେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏଠାରେ ଆଇଏଲ୍ଏସ୍ ବ୍ୟବସ୍ଥା କରିବା ପାଇଁ ଯାତ୍ରୀମାନେ ଦାବି କରିଆସୁଥିଲେ। ଏହାକୁ ଦୃଷ୍ଟିରେ ରଖି ବିମାନ ବନ୍ଦର କର୍ତ୍ତୃପକ୍ଷ ୨୬କୋଟି ଟଙ୍କା ବ୍ୟୟରେ ଆଇଏଲ୍ଏସ୍ ସ୍ଥାପନ ପ୍ରକ୍ରିୟା ଆରମ୍ଭ କରିଥିଲେ। ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇଥିବାବେଳେ ବୁଧବାର ମଧ୍ୟରାତ୍ରରୁ ଏହା କାର୍ଯ୍ୟକ୍ଷମ ହେବ। ଫଳରେ ଆଗକୁ ଅବତରଣ କରିବାକୁ ଥିବା ସମସ୍ତ ବିମାନ ପ୍ରତିକୂଳ ପାଗରେ ଆଇଏଲ୍ଏସ୍ ସୁବିଧା ପାଇପାରିବେ ବୋଲି ବିମାନ ବନ୍ଦର ନିର୍ଦ୍ଦେଶକ କିଶୋର ସେନାପତି ସୂଚନା ଦେଇଛନ୍ତି।

# ରୁଙ୍ଗ୍‌ଟାରେ ୧୧ ହଜାର କୋଟିର ପୁଞ୍ଜି ନିବେଶ

**ରାଜ୍ୟ ହେବ ଇସ୍ପାତ ହବ୍**

**୨୦୩୦ ସୁଦ୍ଧା ୧୦୦ ମିଲିୟନ ଟନ୍ ଉତ୍ପାଦନ ଲକ୍ଷ୍ୟ**

**ଭୁବନେଶ୍ୱର (ବ୍ୟୁରୋ)/ ଢେଙ୍କାନାଳ ଅଫିସ ୧୪।୭**

୨୦୩୦ ମସିହା ସୁଦ୍ଧା ରାଜ୍ୟରେ ଇସ୍ପାତ ଉତ୍ପାଦନ ୧୦୦ ମିଲିୟନ ଟନ୍‌ରେ ପହଞ୍ଚିବ। ଏଥିଲାଗି ରାଜ୍ୟ ସରକାର ଆବଶ୍ୟକ ପଦକ୍ଷେପ ନେଉଛନ୍ତି। ମହାମାରୀ ସତ୍ତ୍ୱେ ଗତ ଦୁଇବର୍ଷ ମଧ୍ୟରେ ରାଜ୍ୟରେ ପୁଞ୍ଜି ବିନିଯୋଗ ୪.୪୧ ଲକ୍ଷ କୋଟିକୁ ବୃଦ୍ଧି ପାଇଛି। ନିକଟରେ ରାଜ୍ୟ ସରକାର ୧ଲକ୍ଷ ୪୭ ହଜାର କୋଟି ଟଙ୍କାର ପୁଞ୍ଜି ବିନିଯୋଗକୁ ଅନୁମୋଦନ କରିଛନ୍ତି। ଏଥିରେ ଇସ୍ପାତ ଶିଳ୍ପକୁ ଅଗ୍ରାଧିକାର ଦିଆଯାଇଛି। ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ଝାଡ଼ବନ୍ଧ ଗ୍ରାମରେ ଚାଲିଥିବା ରୁଙ୍ଗ୍‌ଟା ମାଇନ୍ସ ସମନ୍ୱିତ ଇସ୍ପାତ କାରଖାନାର ଉତ୍ପାଦନ କ୍ଷମତା ବଢ଼ିବ। ପ୍ରସ୍ତାବିତ ଲକ୍ଷ୍ୟ ଅନୁଯାୟୀ କାରଖାନାର ଉତ୍ପାଦନ କ୍ଷମତା ୨ଲକ୍ଷ ୮୫ ନିୟୁତ ଟନ୍ ରହିଥିଲା। ଏବେ ଏହାକୁ ୭ଲକ୍ଷ ୫୫ ନିୟୁତ ଟନ୍ ପର୍ଯ୍ୟନ୍ତ ବୃଦ୍ଧି କରାଯିବ। ଏଥିରେ ୧୧ ହଜାର ୧ କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରାଯିବ ବୋଲି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଅନ୍ୟପଟେ ଏହି ସମ୍ପ୍ରସାରିତ ବୃହତ୍ ପ୍ରକଳ୍ପ ଲାଗି ଢେଙ୍କାନାଳ ଜିଲାର ଜନପ୍ରତିନିଧି ଏବଂ ଜିଲାବାସୀ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

ଭିଡିଓ କନ୍‌ଫରେନ୍ସରେ ଆୟୋଜିତ ଏ ସଂକ୍ରାନ୍ତ ଏକ ବୈଠକରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଲେ, ଢେଙ୍କାନାଳକୁ ଏକ ଶିଳ୍ପ ସମୃଦ୍ଧ ଜିଲା ଭାବେ ଗଢ଼ିତୋଳିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ। ରୁଙ୍ଗ୍‌ଟା ମାଇନ୍ସ ସମନ୍ୱିତ ଇସ୍ପାତ କାରଖାନା ସମ୍ପ୍ରସାରଣ ଏ ଦିଗରେ ଏକ ବଡ଼ ପଦକ୍ଷେପ। ୨୦୦୦ରେ ଶାସନ ଦାୟିତ୍ୱ ଗ୍ରହଣ କରିବା ସମୟରେ ରାଜ୍ୟରେ ମାତ୍ର ୨ ମିଲିୟନ ଟନ୍ ଇସ୍ପାତ ଉତ୍ପାଦନ ହେଉଥିଲା। ଏହା ଏବେ ୩୦ ମିଲିୟନ ଟନ୍‌ରେ ପହଞ୍ଚିଛି। ଇସ୍ପାତ କାରଖାନା ଯୋଗୁ ୧୭ ରାଜ୍ୟକୁ କୋଭିଡ୍ ସମୟରେ ଅକ୍ସିଜେନ ପଠାଯାଇପାରିଛି। ଢେଙ୍କାନାଳରେ ଚାଲିଥିବା ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହାଦ୍ୱାରା ଜିଲାର ୮ ବ୍ଲକ ଏବଂ ସମସ୍ତ ସହରାଞ୍ଚଳରେ ଘରେ ଘରେ ପାଇପ୍ ପାଣି ସୁବିଧା ମିଳିପାରିବ। ଜିଲାର ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରାଯାଉଛି। ଜିଲା ମୁଖ୍ୟ ଚିକିତ୍ସାଳୟର ଶଯ୍ୟା ସଂଖ୍ୟା ୩୦୦କୁ ବୃଦ୍ଧି କରାଯିବା ଲାଗି ପଦକ୍ଷେପ ନିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ଓସ୍ୱାନ୍ ହଲ୍‌ରେ ଆୟୋଜିତ ଭିଡିଓ କନଫରେନ୍ସ ବୈଠକରେ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଏମ୍‌ପି ମହେଶ ସାହୁ, ବିଧାୟକ ସୁଧୀର କୁମାର ସାମଲ, ଡା. ନୃସିଂହ ଚରଣ ସାହୁ, ବ୍ଲକ ଅଧ୍ୟକ୍ଷ ପ୍ରିୟରଞ୍ଜନ ମାହୁନ୍ତ, ରାଜ୍ୟ ଯୁବ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ ବିଜୟ ନାୟକ ପ୍ରମୁଖ ଉପସ୍ଥିତ ରହି ଜିଲାର ବିକାଶ ଲାଗି ସମୁଚିତ ପଦକ୍ଷେପ ନେଉଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମକୁ ୫-ଟି ସଚିବ ଭି.କେ. ପାଣ୍ଡିଆନ ସଞ୍ଚାଳନ କରିଥିଲେ।



ଭିଡିଓ କନଫରେନ୍ସରେ ଉପସ୍ଥିତ ଢେଙ୍କାନାଳ ଜିଲାର ଜନପ୍ରତିନିଧି।

## ପୁଣି ପରିବାର ଅଦାଲତରେ ବର୍ଷା, ଅନୁଭବ

**କଟକ ଅଫିସ,୧୪।୭**



- ବର୍ଷାଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା
- ମିଳାମିଶା ପ୍ରକ୍ରିୟା ଶେଷ ପାଇଁ ଅନୁରୋଧ

କଟକ ପରିବାର ଅଦାଲତଙ୍କ ମଧ୍ୟସ୍ଥତା କେନ୍ଦ୍ରରେ ବୁଧବାର ପୁଣିଥରେ ହାଜର ହୋଇଛନ୍ତି ଅଭିନେତା ତଥା କେନ୍ଦ୍ରାପଡ଼ା ଏମ୍‌ପି ଅନୁଭବ ମହାନ୍ତି ଓ ସ୍ତ୍ରୀ ବର୍ଷା ପ୍ରିୟଦର୍ଶିନୀ। ସେଠାରେ ଉଭୟଙ୍କୁ କନସିଲିଏଟର ପାରିବାରିକ ବିବାଦର ଅନ୍ତ ଘଟାଇବା ପାଇଁ ପ୍ରାୟ ୨ ଘଣ୍ଟା ଧରି କାଉନ୍‌ସେଲିଂ କରିଥିଲେ। ହେଲେ ସମାଧାନର ବାଟ ବାହାରି ପାରି ନ ଥିଲା। ପରେ ଅନୁଭବ ପରିବାର ଅଦାଲତଙ୍କ ନିକଟରେ ବର୍ଷାଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ଦାଏର କରିବା ସହ ମିଳାମିଶା ପ୍ରକ୍ରିୟା ଶେଷ ପାଇଁ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷରେ ଅନୁଭବ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି, ମୁଁ ନିଜର ବ୍ୟକ୍ତିଗତ ଜୀବନ ବିଷୟରେ ସର୍ବସାଧାରଣରେ ଆଲୋଚନା କରିବାକୁ ଚାହୁଁନାହିଁ।

ଅନୁଭବଙ୍କ ଓକିଲ ଆଲୋକ ମହାପାତ୍ର କହିଛନ୍ତି, ବର୍ଷା କାଉନ୍‌ସେଲିଂ ରିପୋର୍ଟରେ ଦସ୍ତଖତ କରିବାକୁ ମନା କରିଛନ୍ତି। ତାଙ୍କର କାଉନସେଲିଂରେ ବିଶ୍ୱାସ ନାହିଁ ଏବଂ ତାଙ୍କ ପ୍ରତି ପକ୍ଷପାତ କରାଯାଉଛି ବୋଲି ବର୍ଷା କହିଛନ୍ତି। ତେଣୁ ଆମ ପକ୍ଷରୁ ଏକ ଅଦାଲତ ଅବମାନନା ମାମଲା ଦାଏର କରାଯାଇଛି। ଏହି ମିଳାମିଶା ପ୍ରକ୍ରିୟା ଶେଷ କରିବାକୁ ଅଦାଲତଙ୍କ ନିକଟରେ ଅନୁରୋଧ କରାଯାଇଛି। କନସିଲିଏଟର ଏହି ମାମଲାର ସମାଧାନ କରି କୋର୍ଟରେ ରିପୋର୍ଟ ଦାଖଲ କରିବେ। ଗୁରୁବାର କୋର୍ଟରେ ଅଦାଲତ ଅବମାନନା ମାମଲାର ଶୁଣାଣି ହେବ।



କଂଗ୍ରେସ ପକ୍ଷରୁ ବାହାରିଥିବା ସାଇକେଲ୍ ରାଲି।

## ତୈଳ ଦରବୃଦ୍ଧି ପ୍ରତିବାଦରେ କଂଗ୍ରେସର ସାଇକେଲ ଯାତ୍ରା

**ଭୁବନେଶ୍ୱର, ୧୪।୭(ବ୍ୟୁରୋ)**

**ଘଣ୍ଟି ବଜାଇ ପ୍ରତିବାଦ କଲା ମହିଳା କଂଗ୍ରେସ**

କରୋନା ମୁକାବିଲାରେ ବିଫଳ ହୋଇଥିବା ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର କ୍ରମାଗତ ଭାବେ ପେଟ୍ରୋଲ୍ ଓ ଡିଜେଲ୍ ଉପରେ ଟିକସ୍ ଲଦି ସାଧାରଣ ଲୋକଙ୍କୁ ଲୁଟ୍ କରିବା ନୀତି ଆପଣାଇଛନ୍ତି। ଏହାକୁ ତୁରନ୍ତ ପ୍ରତ୍ୟାହାର ଦାବି କରି ରାଜ୍ୟ କଂଗ୍ରେସ ଗତ ୭ ତାରିଖରୁ ବିଭିନ୍ନ ପର୍ଯ୍ୟାୟରେ ଆନ୍ଦୋଳନ ଜାରି ରହିଛି। ବୁଧବାର ପ୍ରଦେଶ କଂଗ୍ରେସ୍ କମିଟି ପକ୍ଷରୁ ଏକ ସାଇକେଲ୍ ଶୋଭାଯାତ୍ରା ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଛି। ନିରଞ୍ଜନଙ୍କ ସମେତ ବହୁ ବରିଷ୍ଠ ନେତା ସାଇକେଲ ଧରି ସହର ପରିକ୍ରମା କରିଥିବା ଦେଖିବାକୁ ମିଳିଛି। ସମାନଭାବେ ଜିଲାସ୍ତରରେ ମଧ୍ୟ କଂଗ୍ରେସ ନେତାମାନେ ସାଇକେଲ ଶୋଭାଯାତ୍ରାରେ ବାହାରି ତୈଳ ଦରବୃଦ୍ଧିକୁ ନିନ୍ଦା କରିଛନ୍ତି। ଆଗକୁ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏପରି ଆନ୍ଦୋଳନ ଜାରି ରହିବ ବୋଲି ନିରଞ୍ଜନ କହିଛନ୍ତି। ନିରଞ୍ଜନଙ୍କ ନିର୍ଦ୍ଦେଶକ୍ରମେ ପ୍ରଦେଶ ମହିଳା କଂଗ୍ରେସ କମିଟି ସଭାନେତ୍ରୀ ବନ୍ଦିତା ପରିଡ଼ାଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଗ୍ୟାସ୍ ଟାଙ୍କି, ପ୍ଲାକାର୍ଡ, ବ୍ୟାନର ଧରି କଂଗ୍ରେସ ଭବନରୁ ବାହାରି ମାଷ୍ଟରକ୍ୟାଣ୍ଟିନ୍ ଛକରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନମାରଣ ନୀତି ବିରୋଧରେ ସ୍ଲୋଗାନ୍ ଦେଇଛନ୍ତି। ଏହାସହ ଘଣ୍ଟି ବଜାଇ ପ୍ରତିବାଦ ମଧ୍ୟ କରିଛନ୍ତି।

## ଅପରାଧ ନିୟନ୍ତ୍ରଣକୁ ପ୍ରାଥମିକତା

**ବରଗଡ଼ ଅଫିସ୍,୧୪।୭**

ବରଗଡ଼ ଏସ୍‌ପି ଭାବେ ବୁଧବାର ରାହୁଲ ଜୈନ ଯୋଗଦାନ ସହିତ ପୂର୍ବତନ ଏସ୍‌ପି ପଦ୍ମିନୀ ସାହୁଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଜିଲାରେ ଅପରାଧ ନିୟନ୍ତ୍ରଣକୁ ପ୍ରାଥମିକତା ଦେବେ ବୋଲି ଏହି ଅବସରରେ ଏସ୍‌ପି ଜୈନ କହିଛନ୍ତି। ସେହିପରି ପଡ଼ୋଶୀ ଛତିଶଗଡ଼କୁ ବରଗଡ଼ ଲାଗିଥିବାରୁ ସୀମାନ୍ତବର୍ତ୍ତୀ ସମସ୍ୟାକୁ ଅଧିକ ଗୁରୁତ୍ୱ ଦିଆଯିବ। ବରଗଡ଼ ପୋଲିସକୁ ମାଓବାଦୀ ଦମନ କ୍ଷେତ୍ରରେ ସଫଳତା ମିଳି ଚାଲିଛି। ଏହାକୁ ସେ ଆଗେଇ ନେଇ ଜିଲାକୁ ମାଓବାଦୀମୁକ୍ତ କରିବା, ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ବଜାୟ ରଖିବା ପ୍ରତି ଧ୍ୟାନ ଦିଆଯିବ ବୋଲି ସେ କହିଛନ୍ତି। ସେହିପରି ଜିଲା କୋଭିଡ୍‌ମୁକ୍ତ ହୋଇ ନ ଥିବାରୁ ଏହାକୁ ପ୍ରତିହତ କରିବା ପାଇଁ ସରକାରଙ୍କ ଗାଇଡ୍ ଲାଇନ ଉପରେ ଲୋକଙ୍କୁ ସଚେତନ କରାଯିବ ଏବଂ କଟକଣାକୁ କଡ଼ାକଡ଼ି କରାଯିବ ବୋଲି ସେ କହିଥିଲେ। ଏହାପୂର୍ବରୁ ଏସ୍‌ପି ଜୈନ ନୂଆପଡ଼ାରେ କାର୍ଯ୍ୟରତ ଥିଲେ। ଏସ୍‌ପି ପଦ୍ମିନୀ ସାହୁଙ୍କ କେନ୍ଦ୍ରୀୟ ଡେପୁଟେଶନରେ ରାଜ୍ୟ ବାହାରକୁ ବଦଳି ପରେ ଜୈନ ଏଠାରେ ଯୋଗଦାନ କରିଛନ୍ତି।

## ନୂଆପଡ଼ା ଜିଲାପାଳଙ୍କ ବାସଭବନରେ ଭାଲୁ



**ପାଚେରି ଡେଇଁ ପଳାଇଲା**

**ନୂଆପଡ଼ା ଅଫିସ,୧୪।୭**

ନୂଆପଡ଼ା ଜିଲାରେ ଗତ କିଛିଦିନ ହେଲା ଭାଲୁ ବନ ବିଭାଗକୁ ନାକେଦମ କରିଛି। ୮ ତାରିଖରେ ନୂଆପଡ଼ା ମୃତ୍ତିକା ସଂରକ୍ଷଣ ବିଭାଗ କାର୍ଯ୍ୟାଳୟ ଭିତରେ ଏକ ଭାଲୁ ପଶି ଆତଙ୍କ ଖେଳାଇଥିଲା। ପୁଣି ବୁଧବାର ନୂଆପଡ଼ା ଜିଲାପାଳଙ୍କ ସରକାରୀ ବାସଭବନ ଭିତରେ ଏକ ଭାଲୁ ପଶିଯାଇଛି। ଏହା ଦେଖି କର୍ମଚାରୀଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି। ଭୋରୁ ଜିଲାପାଳଙ୍କ ସରକାରୀ ବାସଭବନ ଭିତରେ ଭାଲୁ ବୁଲୁଥିବା କର୍ମଚାରୀମାନେ ଦେଖି ଭୟଭୀତ ହୋଇ ବନ ବିଭାଗକୁ ସୂଚନା ଦେଇଥିଲେ। ସୁରକ୍ଷା ଦୃଷ୍ଟିରୁ ନୂଆପଡ଼ା ବନ୍ୟଜନ୍ତୁ ବିଭାଗ, ବନ ବିଭାଗ, ପୋଲିସ ଓ ଫୋର୍ସ ସେଠାରେ ଜଗି ରହିଛନ୍ତି। ଜଙ୍ଗଲରେ ଖାଦ୍ୟ ଅଭାବ ଯୋଗୁ ନିକଟସ୍ଥ ସାଲିହା ଜଙ୍ଗଲରୁ ଭାଲୁ ଚାଲି ଆସିଥିବା ଅନୁମାନ କରାଯାଉଛି। ଖବର ଲେଖାଯିବା ପର୍ଯ୍ୟନ୍ତ ଭାଲୁକୁ ଘଉଡ଼ା ଯାଇ ନ ଥିବା ଜଣାପଡ଼ିଛି। ରାତି ପ୍ରାୟ ୯ଟା ୧୫ ମିନିଟରେ ଜିଲାପାଳଙ୍କ ସରକାରୀ ବାସଭବନ ସମ୍ମୁଖରେ ଥିବା ଜିଲା ପ୍ରାଣୀ ଚିକିତ୍ସାଳୟ ପରିସର ଭିତରକୁ ପଶି ଆସିଥିବା ସେଠାରେ କାର୍ଯ୍ୟରତ କର୍ମଚାରୀମାନେ କହିଛନ୍ତି। ରାତି ୧୦ଟାରେ ଭାଲୁ ପାଚେରି ଡେଇଁ ପଳାଇ ଯାଇଥିବା ପ୍ରାଣୀ ଚିକିତ୍ସକ ବସନ୍ତ କୁମାର ଧଳ କହିଛନ୍ତି। ନୂଆପଡ଼ା ରେଞ୍ଜର ବିନିତା ଭୋଇ କହିଛନ୍ତି ଯେ, ଜିଲାପାଳଙ୍କ ବାସ ଭବନକୁ ଭାଲୁ ପଶିଥିବା ଖବର ପାଇ ସେହି ସ୍ଥାନରେ ପହଞ୍ଚିଲୁ। ଆମର ୭ ଜଣିଆ ଟିମ୍ ସେଠାରେ ଜଗି ରହିଛନ୍ତି। ରାତିରେ ଜନଶୂନ୍ୟ ହେଲେ ଭାଲୁକୁ ଘଉଡ଼ାଇବୁ।

## ଏମ୍ଆର୍ଆଇ, ସିଟି ସ୍କାନ୍ ସେବା ଲୋକାର୍ପଣ

**ଆଚାର୍ଯ୍ୟ ହରିହର କର୍କଟ ପ୍ରତିଷ୍ଠାନରେ**

**ଭୁବନେଶ୍ୱର,(ବ୍ୟୁରୋ)/କଟକ ଅଫିସ୍, ୧୪।୭:** କଟକସ୍ଥିତ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ପ୍ରତିଷ୍ଠାନରେ ଏଣିକି ମିଳିବ ଏମ୍ଆର୍ଆଇ ଓ ସିଟି ସ୍କାନ୍ ସେବା। ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ୍‌ରେ ଏହି ସେବାର ଲୋକର୍ପଣ କରି କହିଛନ୍ତି, ଆସନ୍ତା ୨/୩ ବର୍ଷ ମଧ୍ୟରେ ଆମେ କର୍କଟ ରୋଗ ଚିକିତ୍ସା ଓ ସେବାଯତ୍ନ ନିମନ୍ତେ ଯଥେଷ୍ଟ ଅତ୍ୟାଧୁନିକ ଚିକିତ୍ସା ସୁବିଧା ଉପଲବ୍ଧ କରିପାରିବୁ। ଏଥିପାଇଁ ଲୋକଙ୍କୁ ଅନ୍ୟ ସହରକୁ ଯିବାର ଆବଶ୍ୟକତା ରହିବ ନାହିଁ। ରୋଗୀଙ୍କୁ ନିଃଶୁଳ୍କ ସେବା ଉପଲବ୍ଧ ହେବ। ଏଥିପାଇଁ ଏସ୍‌ସିବି ମେଡିକାଲ କଲେଜ ଉପରେ ଆଉ ନିର୍ଭର କରିବାକୁ ପଡିବ ନାହିଁ। ଏହି ପ୍ରତିଷ୍ଠାନକୁ ଦେଶର ଏକ ପ୍ରମୁଖ ପ୍ରତିଷ୍ଠାନ ଭାବରେ ଗଢ଼ିତୋଳୁଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ, ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଯୋଗଦେଇଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-'ଟି' ସଚିବ ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ପ୍ରତିଷ୍ଠାନ ନିର୍ଦ୍ଦେଶକ ଲଲାଟେନ୍ଦୁ ଷଡ଼ଙ୍ଗୀ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଏମ୍‌ସି କମିଶନର ଅନନ୍ୟା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ଦରବୃଦ୍ଧି ପ୍ରତିବାଦରେ ରାସ୍ତାକୁ ଓହ୍ଲାଇଲା ଭାଜପା

**ଭୁବନେଶ୍ୱର, ୧୪।୭(ବ୍ୟୁରୋ)**

କରୋନା ସମୟରେ ରାଜ୍ୟ ସରକାର ବିଦ୍ୟୁତ୍ ବିଲ ବୃଦ୍ଧି କରିବା ବୋଝ ଉପରେ ନଳିତା ବିଡା ସଦୃଶ। ଓଇଆରସିର ବିଦ୍ୟୁତ ଦର ବୃଦ୍ଧି କୌଣସି ପରିସ୍ଥିତିରେ ଗ୍ରହଣୀୟ ନୁହେଁ। ୨୦୨୧ ଏପ୍ରିଲ ୪ରୁ ରାଜ୍ୟ ସରକାର ବିଦ୍ୟୁତ ବିଲ୍‌ରେ ୟୁନିଟ ପିଛା ୩୦ ପଇସା ବୃଦ୍ଧି କରି ସାଧାରଣ ଜନତାଙ୍କୁ ଶୋଷଣ କରୁଥିବା ଭାଜପା ଅଭିଯୋଗ କରିଛି। ରାଜ୍ୟ ସରକାରଙ୍କ ଅହେତୁକ ବିଦ୍ୟୁତ ଶୁଳ୍କ ବୃଦ୍ଧି, ଅଘୋଷିତ ବିଜୁଳି କାଟ୍ ଏବଂ ଲୋ ଭୋଲଟେଜ ପ୍ରତିବାଦରେ ଭାଜପା ପକ୍ଷରୁ ମାଷ୍ଟର କ୍ୟାଣ୍ଟିନ ଛକ ଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

ରାଜ୍ୟ ସରକାର ଏବଂ ଓଇଆରସି ମଧ୍ୟରେ ମଧୁଚନ୍ଦ୍ରିକା ଚାଲିଥିବାରୁ ବିଦ୍ୟୁତ ଦର ବୃଦ୍ଧି ନେଇ ସରକାର କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି ବୋଲି ଭୁବନେଶ୍ୱର ଜିଲା ସଭାପତି ବାବୁ ସିଂ ଅଭିଯୋଗ କରିଛନ୍ତି। ରାଜ୍ୟରେ ବର୍ଦ୍ଧିତ ବିଦ୍ୟୁତ ଶୁଳ୍କ ପ୍ରତ୍ୟାହାର ନ ହେବା ପର୍ଯ୍ୟନ୍ତ ରାଜ୍ୟର ୯୨ ଲକ୍ଷ ଉପଭୋକ୍ତାଙ୍କ ପାଇଁ ଭାଜପା ଲଢେଇ ଜାରି ରଖିବ ବୋଲି ଦଳର ରାଜ୍ୟ ମୁଖପାତ୍ର ଦିଲୀପ ମହାନ୍ତି ଚେତାବନୀ ଦେଇଛନ୍ତି।





ଭାଜପା ପକ୍ଷରୁ ପ୍ରତିବାଦ କରାଯାଉଛି।

## କିରଣଙ୍କ ମୁହଁରେ ଫୁଟିଲା ହସ

**ବରଗଡ଼ ଅଫିସ୍,୧୪।୭**

ନାଁ ତାଙ୍କର କିରଣ। ପିଲାବେଳୁ ସେ ନିଜ ମା' ବାପାଙ୍କୁ ଦେଖିନାହାନ୍ତି। ୨୦୦୦ ମସିହା ଜାନୁଆରୀରୁ ସେ ବରଗଡ଼ ଜିଲା କସ୍ତୁରବା ଗାନ୍ଧୀ ମାତୃ ନିକେତନରେ ରହି ଆସୁଥିଲେ। ସେତେବେଳେ ତାଙ୍କୁ ମାସେ ପୂରି ନ ଥିଲା। ବୁଧବାର କିରଣଙ୍କୁ ମିଳିଛି ତାଙ୍କ ଜୀବନସାଥୀ। ଅତାବିରା ବ୍ଲକ ଗୋଡ଼ଭଗା ଗ୍ରାମର ରମେଶ ଓ କିରଣ ପଟେଲଙ୍କ ପୁଅ ଜିଲ୍ଙ୍କ ସହିତ ସେ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। କୁମେଲସିଂହା-ଦୁଲମପୁରସ୍ଥିତ ସାଇ ମନ୍ଦିରରେ କୋଭିଡ୍ କଟକଣା ମଧ୍ୟରେ ନିରାଡ଼ମ୍ବର ଭାବେ ଏହି ବିବାହ ସମ୍ପନ୍ନ ହୋଇଛି। ଜିଲା ଶିଶୁ ମଙ୍ଗଳ ସମିତି ତତ୍ତ୍ୱାବଧାନରେ ହୋଇଥିବା ଏହି ବିବାହ କାର୍ଯ୍ୟକ୍ରମରେ ବରପକ୍ଷର ମାତାପିତା ଓ ପରିବାର ଲୋକଙ୍କ ସମେତ ଅନେକ ଶୁଭେଚ୍ଛୁ ଯୋଗଦାନ କରି ନବଦମ୍ପତିଙ୍କୁ ଶୁଭାଶିଷ ପ୍ରଦାନ କରିଥିଲେ। ସେହିପରି ସିଡବ୍ଲ୍ୟୁସି ଚେୟାରମ୍ୟାନ ସୁଜିତ କୁମାର ଦାଶ ଓ ସ୍ତ୍ରୀ ଆଭାରାଣୀ କନ୍ୟାଦାନ କରିଥିଲେ। ସିଡବ୍ଲ୍ୟୁସି ସଭ୍ୟା କବିତା ମେହେର, ଅଞ୍ଜୁ ଅଗ୍ରୱାଲ, ସଭ୍ୟ ବିରେନ୍ଦ୍ର ମେହେର, ବିଦ୍ୟୁତ ଦାଶ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ । କିରଣ ବିକାଶ ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲରେ ନର୍ସିଂ ଷ୍ଟାଫ ଭାବେ କାର୍ଯ୍ୟରତ। ବରପକ୍ଷ କନ୍ୟା ଖୋଜାଖୋଜି କରିଥିଲେ ଏବଂ କିରଣଙ୍କ ସମ୍ପର୍କରେ ଜାଣିବା ପରେ ବିବାହ ପ୍ରସ୍ତାବ ନେଇ ସିଡବ୍ଲ୍ୟୁସି ସହିତ ଯୋଗାଯୋଗ କରିଥିଲେ। ଏହା ସହିତ କିରଣ ପ୍ରଥମେ ତାଙ୍କ ଘରକୁ ଆସି ସବୁ ଦେଖିବା ପରେ ବିବାହ ପାଇଁ ନିଷ୍ପତ୍ତି ନେବାକୁ ବରପକ୍ଷ ତାଙ୍କୁ ଆମନ୍ତ୍ରଣ କରିଥିଲେ। କିରଣ ଏହି ବିବାହ ପ୍ରସ୍ତାବରେ ସହମତି ପ୍ରକାଶ କରିଥିଲେ। ବିବାହ ସମ୍ପନ୍ନ ପରେ ବୁଧବାର ରାତ୍ରିରେ କିରଣ ଶାଶୁଘରକୁ ଯାଇଛନ୍ତି ।



ନବଦମ୍ପତି

## ଦକ୍ଷିଣ ଆଫ୍ରିକାରେ ଫସିଛନ୍ତି ସବ୍ୟସାଚୀ

**ଢେଙ୍କାନାଳ ଅଫିସ, ୧୪।୭**

- ପୁଅ ଚିନ୍ତାରେ ଆଖିବୁଜିଲେ ମଧୁମେହ ପୀଡ଼ିତା ମା'
- ଫେରାଇ ଆଣିବାକୁ ବାପାଙ୍କ ଆକୁଳ ନିବେଦନ



ସବ୍ୟସାଚୀ ନନ୍ଦ।

ଆସନ୍ତା ଦିନରେ ... ଭୁବନେଶ୍ୱରସ୍ଥିତ ଏଜି ଅଫିସରେ କାର୍ଯ୍ୟ କରନ୍ତି ରଞ୍ଜନ ନନ୍ଦ। ଡିସେମ୍ବର ୨୦୧୯ରେ ତାଙ୍କର ଏକମାତ୍ର ପୁଅ ସବ୍ୟସାଚୀ ଦକ୍ଷିଣ ଆଫ୍ରିକାସ୍ଥିତ 'ଫାର୍ମା କଲଚର' ନାମକ ଏକ ଘରୋଇ ସଂସ୍ଥାରେ ୩ ମାସିଆ ତାଲିମ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଇଥିଲେ। ୨୦୨୦ ଏପ୍ରିଲରେ ସେ ଫେରିବାର ଥିଲା। କିନ୍ତୁ କରୋନା ମହାମାରୀ ଯୋଗୁ ଭାରତ ସରକାର ସମସ୍ତ ଅନ୍ତରାଷ୍ଟ୍ରୀୟ ବିମାନ ଚଳାଚଳ ନିଷିଦ୍ଧ କରିବା ପରେ ସବ୍ୟସାଚୀ ଜୋହାନ୍ସବର୍ଗସ୍ଥିତ ଜଣେ ବ୍ୟକ୍ତିଙ୍କ ଘରେ ଭଡ଼ାରେ ରହୁଥିଲେ। ଇତିମଧ୍ୟରେ ତାଙ୍କର ଭିସା ବାତିଲ ହୋଇଯାଇଥିଲା। ୨୦୨୧ ଫେବୃୟାରୀରେ କେତେଜଣ ଆତତାୟୀ ସବ୍ୟସାଚୀ ରହୁଥିବା ଭଡ଼ା ଘରେ ପଶି ଘର ମାଲିକଙ୍କ ପୁଅକୁ ଗୁଳିକରି ହତ୍ୟା କରିଥିଲେ। ଘଟଣାର ପ୍ରତ୍ୟକ୍ଷଦର୍ଶୀ ହୋଇଥିବାରୁ ପୋଲିସ ସବ୍ୟସାଚୀଙ୍କୁ ଅଟକ ରଖିବା ସହ ପାସପୋର୍ଟ ଜବତ କରିଥିଲା। ଦୀର୍ଘଦିନ ପରେ ଘଟଣା ସମ୍ପର୍କରେ ପରିବାର ଲୋକେ ସୂଚନା ପାଇଥିଲେ। ଏହାପରେ ସବ୍ୟସାଚୀ ରହୁଥିବା ଘର ମାଲିକ ଏବଂ ସେଠାକାର ପୋଲିସ ସହିତ ଯୋଗାଯୋଗ କରିଥିଲେ। ତେବେ ତଦନ୍ତ ଶେଷ ନ ହେବା ଯାଏ ସବ୍ୟସାଚୀଙ୍କୁ ଛଡ଼ାଯିବନାହିଁ ବୋଲି ପୋଲିସ କହିଥିଲା। ଏହାପରେ ସବ୍ୟସାଚୀ ଦକ୍ଷିଣ ଆଫ୍ରିକାସ୍ଥିତ ଭାରତୀୟ ଦୂତାବାସ ସହ ଯୋଗାଯୋଗ କରିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ରଞ୍ଜନ ଏ ନେଇ ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରୀ ଓ ସଚିବଙ୍କୁ ଅବଗତ କରାଇଥିଲେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ମିଳି ନ ଥିବା କହିଛନ୍ତି।

ସ୍ୱପ୍ନରେ ବି ଭାବ ନାହିଁ ଯେ, ଦାରିଦ୍ର୍ୟରୁ ମୁକ୍ତି ପାଇଲେ ମଣିଷ ସୁଖୀ ବା ତୃପ୍ତ ହୋଇଯିବ ଏବଂ ସମାଜ ମଧ୍ୟ ତା'ର ଯେତେ ବ୍ୟାଧି, ଦୁର୍ଭୋଗ ଆଉ ସମସ୍ୟାରୁ ମୁକ୍ତ ହୋଇଯିବ। ଏହାହେଲା ଅବଶ୍ୟ ସର୍ବପ୍ରଥମ ଓ ସର୍ବନିମ୍ନ ପ୍ରୟୋଜନ। କିନ୍ତୁ ଅନ୍ତରାତ୍ମାର ସଂଗଠନରେ ଯେତେ କିଛି ତ୍ରୁଟି ରହିବ- ସେତେଦିନ ପର୍ଯ୍ୟନ୍ତ ବାହାରେ ମଧ୍ୟ ସେମିତି ରହିଥିବ ଅଶାନ୍ତି, ବିଶୃଙ୍ଖଳା ଓ ବିପ୍ଳବ। -ଶ୍ରୀଅରବିନ୍ଦ



# ମହାମାରୀରେ ମାନବ ଅଧିକାର



ମ୍ୟାରୀ ରବିନ୍‌ସନ

କୋଭିଡ୍-୧୯ ମହାମାରୀ ଲକ୍ଷ ଲକ୍ଷ ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିଛି। ଏହା ସମାଜର ଜାତି, ଲିଙ୍ଗ ଏବଂ ବର୍ଗ କ୍ଷେତ୍ରରେ ଅସମାନତା ବୃଦ୍ଧି କରିଛି। ବହୁ ରାଜନୈତିକ ବ୍ୟବସ୍ଥା ବା ସରକାରରେ ଅସମାନତାକୁ ପଦାରେ ପକାଇଛି। ମୁଖ୍ୟତଃ ବ୍ୟକ୍ତିର ମାନକ ଅଧିକାର ଏବଂ ମର୍ଯ୍ୟାଦା ସୁରକ୍ଷା କରିବାରେ ବହୁ ରାଜନୈତିକ ବ୍ୟବସ୍ଥାର ଅକ୍ଷମତାକୁ ଲୋକଲୋଚନକୁ ଆଣିଛି। ଏହି ସଙ୍କଟରୁ ବିଶ୍ୱ ନ ମୁକୁଳିଲେ ପୁନଃ ନିର୍ମାଣ କରିପାରିବ ନାହିଁ କି ବ୍ୟାପକ ଜଳବାୟୁ ପରିବର୍ତ୍ତନ ସଙ୍କଟକୁ ନିୟନ୍ତ୍ରଣ କରବାର କୌଣସି ସୁଯୋଗ ପାଇବ ନାହିଁ। ଆମେ ଯେତେବେଳ ଯାଏ ପୁଣି ଥରେ ରାଜନୈତିକ ଏବଂ ନାଗରିକଙ୍କ ଜୀବନ ଉପରେ ଆଶା ଓ ବିଶ୍ୱାସ ସ୍ଥାପନ ନ କରିବା,ସେତେବେଳ ପର୍ଯ୍ୟନ୍ତ ଏହା ସମ୍ଭବ ହେବ ନାହିଁ। ଭାଗ୍ୟର କଥା, ମାନବ ଅଧିକାର ସମ୍ପର୍କିତ ବୈଶ୍ୱିକ ଘୋଷଣାନାମାରେ ଆଗକୁ ମାନବିକତା ପାଇଁ ପଥପ୍ରଦର୍ଶନ କରିବାର ଏକ ନକ୍ସା ନିହିତ ରହିଛି। ୧୯୪୮ରେ ଜାତିସଂଘର ସାଧାରଣ ସଭାରେ ଏହି ଘୋଷଣାନାମା ଗୃହୀତ ହୋଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଲୋକଙ୍କ ସାମାଜିକ ଓ ନୈତିକ ସ୍ଥିତି ଦୋହଲି ଯାଇଥିବାବେଳେ ଏହାର ଆବଶ୍ୟକତା ଅଧିକ ଥିଲା ଓ ଏବେ ମଧ୍ୟ ଏହାର ପ୍ରାସଙ୍ଗିକତା ରହିଛି। ଘୋଷଣାନାମାର ଅନୁଚ୍ଛେଦ ୧ ପୂରା ସ୍ପଷ୍ଟ ଓ ଏକ ଗ୍ରହଣୀୟ ସତ୍ୟତାକୁ ପ୍ରକାଶ କରେ। ତାହା ହେଉଛି- ସବୁଲୋକ ଜନ୍ମରୁ ସ୍ୱାଧୀନ। ସେମାନେ ସମାନ ଅଧିକାର ଓ ମର୍ଯ୍ୟାଦାର ସହ ଜନ୍ମ ନେଇଛନ୍ତି। ଏବେ ଏହି ଦୃଷ୍ଟିକୋଣକୁ ହୃଦୟଙ୍ଗମ କରିବାକୁ ହେଲେ ନେତାମାନଙ୍କୁ ଗୁରୁତ୍ୱପୂର୍ଣ୍ଣ, ସୁସଙ୍ଗତ ଏବଂ ଉପଯୁକ୍ତ ପଦକ୍ଷେପ ନେବା ଉପରେ ପ୍ରତିବଦ୍ଧତା ପ୍ରକାଶ କରିବାକୁ ହେବ। ନିର୍ଦ୍ଦିଷ୍ଟ ଭାବେ ସେମାନେ ବିଶ୍ୱ ସ୍ତରରେ କୋଭିଡ୍-୧୯ ଟିକାର ସମବଣ୍ଟନ ନିଶ୍ଚିତ କରିବା ଦରକାର। ଏହାବାଦ ଜଳବାୟୁ ପରିବର୍ତ୍ତନ ପ୍ରଭାବରେ କ୍ଷତି ହେବାର ସମ୍ଭାବନା ଥିବା ଦେଶଗୁଡ଼ିକୁ ପର୍ଯ୍ୟାପ୍ତ ଆର୍ଥିକ ସହଯୋଗ କରିବା ଉଚିତ। ପ୍ରଥମେ ଉଚ୍ଚ ଆୟକାରୀ ଦେଶଗୁଡ଼ିକୁ ଏହା ଆରମ୍ଭ କରିବାକୁ ପଡ଼ିବ। ଗରିବ ଦେଶଗୁଡ଼ିକୁ ୧ ସେପ୍ଟେମ୍ବର ୨୦୨୧ ପୂର୍ବରୁ ଅତି କମ୍‌ରେ ୧୦୦ କୋଟି ଓ ୨୦୨୨ ମଧ୍ୟଭାଗ ସୁଦ୍ଧା ୨୦୦ କୋଟିରୁ ଅଧିକ ଡୋଜ୍ ଯୋଗାଇ ଦେବା ଲାଗି ଗାଭି କୋଭାକ୍ସ ଆଡ୍‌ଭାନ୍‌ସ ମାର୍କେଟ କମିଟିର ଲକ୍ଷ୍ୟ ପୂରଣ କରିବା ଦିଗରେ ଏମାନେ ପଦକ୍ଷେପ ନେବା ଆବଶ୍ୟକ।

କିନ୍ତୁ ଧନୀ ରାଷ୍ଟ୍ରଗୁଡ଼ିକ ନିଜ ଲୋକଙ୍କ ପାଇଁ ଅତ୍ୟଧିକ ଟିକା କିଣୁଛନ୍ତି। ଏହା ସ୍ୱାସ୍ଥ୍ୟ, ଅର୍ଥନୀତି ଦୃଷ୍ଟିରୁ ଅନ୍ୟାୟ ଓ ଏକ ଅଦୂରଦର୍ଶୀ କାର୍ଯ୍ୟ। ଅଳ୍ପ ସଂସାଧନ ଥିବା ଗରିବ ଦେଶଗୁଡ଼ିକରେ ଯଦି ବିଳମ୍ବ ଯାଏ କରୋନା ଭୂତାଣୁ ରହିବ ଏବଂ ରୂପ ବଦଳାଇ ଚାଲିବ, ତେବେ ପୁଣି ମାନବିକତା ସଙ୍କଟ ପ୍ରକାଶ ପାଇବ। ଜୀବନ ଓ ଜୀବିକା ଉପରେ ବିଜୟ ପାଇବା ଲାଗି କଷ୍ଟକର ହୋଇପଡିବ। ଏହାକୁ ଦୃଷ୍ଟିରେ ରଖି ଜି୭ ଏବଂ ଜି୨୦ ଦେଶଗୁଡ଼ିକର ନେତୃବର୍ଗ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏବଂ ବିଶ୍ୱ ବାଣିଜ୍ୟ ସଂସ୍ଥାର ଘୋଷଣାକୁ ସମର୍ଥନ କରିବା ଉଚିତ। ମୁଖ୍ୟତଃ ଟିକା ଉତ୍ପାଦନରେ ସ୍ୱେଚ୍ଛାକୃତ ଭାବେ ଲାଇସେନ୍‌ସ ଏବଂ ପ୍ରଯୁକ୍ତି ଯୋଗାଇ ଦେବାରେ ଏହି ଦେଶଗୁଡ଼ିକ ପ୍ରମୁଖ ଭୂମିକା ନେବାକୁ ହେବ। ଏହା ନ କରିପାରିଲେ, ସେମାନେ ନିର୍ଦ୍ଦିଷ୍ଟ ଭାବେ ବିଶ୍ୱ ବାଣିଜ୍ୟ ସଂଗଠନ ଅଧୀନରେ ଥିବା ଇଣ୍ଟେଲେକଚୁଆଲ ପ୍ରପର୍ଟି ରାଇଟସ୍‌ରୁ ତତ୍‌କ୍ଷଣାତ ଛାଡିଦେବା ଉଚିତ। ନିକଟରେ ଏହି ଅଭିଯାନକୁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ସମର୍ଥନ କରିଛନ୍ତି। କିନ୍ତୁ ଦୁଃଖର ବିଷୟ, ଇଂଲଣ୍ଡରେ ନିକଟରେ ଅନୁଷ୍ଠିତ ସମ୍ମିଳନୀରେ ଜି୭ର ନେତୃମଣ୍ଡଳୀ କୋଭିଡ୍-୧୯ ଦ୍ୱାରା ସୃଷ୍ଟି ହୋଇଥିବା ଅସମାନତାର ମୁକାବିଲା କରିବା ପାଇଁ ସେମାନଙ୍କ ଦାୟିତ୍ୱବୋଧ ଉପରେ କୌଣସି ସହମତି ପ୍ରକାଶ କରିବାକୁ ସକ୍ଷମ ହେଲେ ନାହିଁ। ସାମଗ୍ରିକ ଭାବେ କୋଭିଡ୍-୧୯ ସଙ୍କୀର୍ଣ୍ଣ ଜାତୀୟତା ଓ ଲୋକପ୍ରିୟ ଯୋଜନା ଅଭାବକୁ ପ୍ରକାଶ କରିଛି। କହିବାକୁ ଗଲେ ଶକ୍ତି ଓ ଆକାରକୁ ନେଇ କୌଣସି ଦେଶ ତା' ନିଜର ସାଧାରଣ ସ୍ୱାସ୍ଥ୍ୟ ସଙ୍କଟକୁ ପ୍ରଭାବୀ ଢଙ୍ଗରେ ନିୟନ୍ତ୍ରଣ କରିପାରିବ ନାହିଁ। ଏଥିପାଇଁ ସମୂହ ସହଯୋଗ ଲୋଡ଼ା।

ନେତାମାନେ ସେମାନଙ୍କ ଭୁଲ୍‌ରୁ ଶିକ୍ଷା କରିବା ଉଚିତ। ମହାମାରୀ ପ୍ରସ୍ତୁତି ଏବଂ ମୁକାବିଲା ପାଇଁ ଗଠିତ ବିଶେଷଜ୍ଞଙ୍କ ସ୍ୱତନ୍ତ୍ର କମିଟିର ପରାମର୍ଶ ଉପରେ ଧ୍ୟାନ ଦେବା ଅନିବାର୍ଯ୍ୟ। ଉଚିତ ଆର୍ଥିକ ପ୍ରବନ୍ଧନ, ସମନ୍ୱିତ, ସଂଗଠିତ ସ୍ୱାସ୍ଥ୍ୟ ବ୍ୟବସ୍ଥା ଭବିଷ୍ୟତରେ ମହାମାରୀ ଏବଂ ଜରୁରୀ ସ୍ୱାସ୍ଥ୍ୟ ସଙ୍କଟକୁ ସାମ୍ନା କରିବାକୁ ସକ୍ଷମ ହେବ ବୋଲି ସେମାନେ ବୁଝିବା ଦରକାର। ଅନୁରୂପ ଭାବେ ମହାମାରୀକୁ ନିୟନ୍ତ୍ରଣ କରିବାରେ ଧନୀ ବିଶ୍ୱ ବା ବିକଶିତ ଦେଶଗୁଡ଼ିକ ଅସଫଳ ହୋଇଛନ୍ତି। ଏହାଯୋଗୁ ଉନ୍ନତ ଦେଶ ଏବଂ ନିମ୍ନ ଆୟକାରୀ ଦେଶଗୁଡ଼ିକ ମଧ୍ୟରେ ଅବିଶ୍ୱାସ ଆହୁରି ବଢ଼ିଯାଇଛି। ଏହା ଦ୍ୱାରା ଆଗାମୀ ନଭେମ୍ବରରେ ଗ୍ଲାସ୍‌ଗୋରେ ଅନୁଷ୍ଠିତ ହେବାକୁ ଥିବା ମହତ୍ତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ କୋପ୨୬ ଜଳବାୟୁ ସମ୍ମିଳନୀରେ ଏକ ବୁଝାମଣାରେ ପହଞ୍ଚିବା ବହୁତ କଷ୍ଟ ହୋଇଯିବ। କୋପ୍-୨୬ ଆଗରୁ ସମସ୍ତ ଦେଶ ନିକଟ ଭବିଷ୍ୟତରେ ସବୁଜଗୃହ ବାଷ୍ପ ନିର୍ଗମନ ହ୍ରାସ କରିବାର ଧାର୍ଯ୍ୟ ପରିମାଣକୁ ବଢ଼ାଇବା ଆବଶ୍ୟକ। ତେବେ ପ୍ରମୁଖ ନିର୍ଗମନକାରୀ ଦେଶଗୁଡ଼ିକ ଏହା କରିବେ ବୋଲି ଆମେ ଦେଖିବାକୁ ଅପେକ୍ଷା କରିଛୁ। ଧନୀ ଦେଶଗୁଡ଼ିକ ପୁଣି ବିଶ୍ୱାସ ଫେରାଇ ଆଣିବା ଉପରେ ଯତ୍ନବାନ୍ ହେବା ଉଚିତ। ଜଳବାୟୁ ଅର୍ଥନୀତିକୁ ସେମାନଙ୍କ ଯୋଗଦାନ ବୃଦ୍ଧି କରିବା ସହ ଏବକାର ପରିସ୍ଥିତିକୁ ବଦଳେଇବା ପାଇଁ ଏକ ବୃହତ୍ ସହଭାଗିତା ଉପରେ ଗୁରୁତ୍ୱ ଦେବା ଦରକାର। ବିଶ୍ୱତାପନ ବିରୋଧରେ ଲଢ଼େଇ କରିବା ପାଇଁ ପ୍ରତିବର୍ଷ ବିକାଶଶୀଳ ଦେଶଗୁଡ଼ିକୁ ସାହାଯ୍ୟ ଆକାରରେ ୧୦୦ ବିଲିୟନ ଆମେରିକୀୟ ଡଲାର ଯୋଗାଇ ଦେବାକୁ ଧନୀ ଦେଶଗୁଡ଼ିକ ଯେଉଁ ସଙ୍କଳ୍ପ କରିଛନ୍ତି,ସେଥିରେ ସେମାନଙ୍କର ବୃହତ୍ ଭାଗୀଦାରି ରହିଲେ ବିଶ୍ୱାସ ପୁନଃପ୍ରତିଷ୍ଠା ହୋଇପାରିବ।

ମାନବ ଅଧିକାର ସୁରକ୍ଷା, ମହାମାରୀ ଉପରେ ବିଜୟ ଏବଂ ଜଳବାୟୁ ସଙ୍କଟକୁ ନିୟନ୍ତ୍ରଣ କରିବାରେ ଆମେ ଅନେକ ଆହ୍ୱାନର ସମ୍ମୁଖୀନ ହେଉଛୁ। ଏହା ସମ୍ପର୍କରେ ଆସୁଥିବା ଅଭିଯୋଗଗୁଡ଼ିକ ଉପରେ ଅନୁଧ୍ୟାନ କରିବା ଦରକାର ଏବଂ ଉତ୍ତମ ପରିଣାମ ଲାଗି କାର୍ଯ୍ୟ କରିବା ଉତ୍ତରଦାୟିତ୍ୱ ମଧ୍ୟ ରହିଛି। ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଆମେ ନେଲ୍‌ସନ ମଣ୍ଡେଲାଙ୍କ ପ୍ରେରଣାକୁ ଗ୍ରହଣ କରିପାରିବା ଯିଏ କି ମାନବ ଅଧିକାର ଏବଂ ନ୍ୟାୟ ପ୍ରତି ତାଙ୍କ ପ୍ରତିବଦ୍ଧତାରୁ କେବେ ବି ଦୂରେଇ ଯାଇ ନ ଥିଲେ। ଯେଉଁ ବର୍ଷ ଦକ୍ଷିଣ ଆଫ୍ରିକା ତା'ର ବର୍ଣ୍ଣଭେଦ ଶାସନ ପ୍ରତିଷ୍ଠା କଲା ତାହା ଥିଲା ଐତିହାସିକ ବିଡ଼ମ୍ବନା। ସେହି ବର୍ଷ ମାନବ ଅଧିକାରର ବିଶ୍ୱସ୍ତରୀୟ ଘୋଷଣାନାମା ଗୃହୀତ ହୋଇଥିଲା। କିନ୍ତୁ ମଣ୍ଡେଲା ତତ୍‌କ୍ଷଣାତ ଘୋଷଣାନାମାର ଶକ୍ତି ଓ କ୍ଷମତାକୁ ଲକ୍ଷ୍ୟ କରିଥିଲେ। ୧୯୯୭ରେ ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ଥିବା ସମୟରେ ସେ ପ୍ରକାଶ କରିଥିଲେ ଯେ, ଘୋଷଣାନାମାର ସରଳ ଓ ଶ୍ରେଷ୍ଠ ଶବ୍ଦଗୁଡ଼ିକ ଆମର ଏକ ଅନ୍ଧକାରମୟ କ୍ଷଣରେ ହଠାତ୍ ଏକ ଆଶାର କିରଣ ଭାବେ ଉଭା ହୋଇଥିଲା। ଘୋଷଣାନାମାର ଐକ୍ୟଭାବ ଏବଂ ସାର୍ବଜନୀନ ପ୍ରୟାସର ସିଦ୍ଧାନ୍ତଗୁଡ଼ିକୁ ମଣ୍ଡେଲା ତାଙ୍କ ଜୀବନକାଳରେ ସ୍ପଷ୍ଟ ଭାବେ ପ୍ରକାଶ କରିଥିଲେ। ଏବେ ସେହି ସିଦ୍ଧାନ୍ତଗୁଡ଼ିକୁ ପୁଣି ଅନ୍ୱେଷଣ କରି ଦୃଢତାପୂର୍ବକ ସାମ୍ନାକୁ ଆଣିବା ଦରକାର। ଏଥିପାଇଁ ପୂର୍ବାପେକ୍ଷା ଅଧିକ ପ୍ରୟାସ କରିବାକୁ ପଡିବ। ତେବେ ଏବେ ବିପର୍ଯ୍ୟୟ ଏବଂ ଆଘାତକୁ ଦୃଷ୍ଟିରେ ରଖି ଭବିଷ୍ୟତରେ ମହାମାରୀ ଜନିତ ସାମାଜିକ, ପରିବେଶଗତ ତଥା ଆର୍ଥିକ ବିପଦକୁ ହ୍ରାସ କରିବା ଲକ୍ଷ୍ୟରେ ରଣନୀତି ଗ୍ରହଣ କରିବା ଆମର କାମ ନୁହେଁ। କାରଣ ଆମେ ପୂର୍ବରୁ ଥିବା ସ୍ଥିତି ଯାହା ଅସମାନତା ଏବଂ ନିଷ୍କ୍ରିୟ ବ୍ୟବସ୍ଥା ଉପରେ ପର୍ଯ୍ୟବସିତ, ସେଥିରେ ଆମେ ମହାମାରୀ ପର ପୁନର୍ଗଠନ କରିବାକୁ ସକ୍ଷମ ହୋଇପାରିବା ନାହିଁ। ବରଂ, ମହାମାରୀ ପର ପରିସ୍ଥିତିରେ ଶୀଘ୍ର ପୁନର୍ଗଠନ କରିବା ଆମ ଲକ୍ଷ୍ୟ ହେବ ଦରକାର। ଲୋକମାନଙ୍କର ମହାମାରୀରେ ଯାହା କ୍ଷତି ହୋଇଛି ତାହାକୁ ଭରଣା କରିବା ପାଇଁ ପ୍ରାକୃତିକ ସଂସାଧନ, ପରିଚାଳନା ଏବଂ ଉତ୍ପାଦନ କ୍ଷମତା ବଢ଼ାଇବାକୁ ହେବ। ଏଥିପାଇଁ ଜାତୀୟ ସଂସ୍ଥା ଓ ମାନବୀୟ କ୍ଷମତା ବୃଦ୍ଧି କରିବା ଉପରେ ଜୋର ଦେବା ଆବଶ୍ୟକ। ଆଗାମୀ ପିଢ଼ି ପାଇଁ କେବଳ ଏକ ସ୍ଥାୟୀ, ଶାନ୍ତିପୂର୍ଣ୍ଣ ପୃଥିବୀ ଗଠନ କରିବା ପାଇଁ ଲକ୍ଷ୍ୟ ନେଇ ଆମକୁ ପ୍ରୟାସ କରିବାକୁ ହେବ।

ଆୟର୍ଲାଣ୍ଡର ପୂର୍ବତନ ରାଷ୍ଟ୍ରପତି, ପୂର୍ବତନ ୟୁଏନ୍ ହାଇ କମିଶନର ଫର୍ ହ୍ୟୁମ୍ୟାନ ରାଇଟ୍‌ସ

# ବାକ୍ ସଂଯମ



ଡ.ଅରୁନ୍ଧତୀ ଦେବୀ

ମାନବ ଜନ୍ମ ଦୁର୍ଲଭ ବୋଲି କୁହାଯାଏ। କାରଣ ୮୪ ଲକ୍ଷ ଜନ୍ମ ପରେ ମାନବ ଜନ୍ମ ମିଳେ। ଆମେମାନେ ସମସ୍ତେ ନିଶ୍ଚିତ ଭାବରେ ଭାଗ୍ୟବାନ୍ ଓ ଭାଗ୍ୟବତୀ ଯେ ଆମକୁ ମଣିଷ ଶରୀର ମିଳିଛି। ଏହି ଶରୀରକୁ ଆମର ବୁଦ୍ଧି ବିବେକ ବଳରେ ଯଦି ଆମେ ଠିକ୍ ଭାବରେ ଉପଯୋଗ କରିପାରିବା, ତା'ହେଲେ ଆମ ଜନ୍ମ ସାର୍ଥକ ହେବ। ପଞ୍ଚ ମହାଭୂତରେ ଗଢ଼ା ଆମ ଶରୀର। ଏ ଶରୀର ଭିତରେ ଆମର ପଞ୍ଚ ଜ୍ଞାନେନ୍ଦ୍ରିୟ ଓ ପଞ୍ଚ କର୍ମେନ୍ଦ୍ରିୟ ରହିଛନ୍ତି। ଏଠାରେ ଗୋଟିଏ ଜ୍ଞାନେନ୍ଦ୍ରିୟ ବିଷୟରେ ଆଲୋଚନା କରିବା। ତାହା ହେଲା 'ଜିହ୍ୱା'। ପ୍ରତ୍ୟେକ ଇନ୍ଦ୍ରିୟ ଗୋଟିଏ ଗୋଟିଏ କାମରେ ନିଯୁକ୍ତ ଥିବାବେଳେ ଏହି ଇନ୍ଦ୍ରିୟଟି ଦୁଇଟି କାମ କରିପାରେ। ଗୋଟିଏ କଥା କହିବାରେ ଶକ୍ତିଦିଏ, ଅନ୍ୟଟି ଖାଦ୍ୟର ସ୍ୱାଦ ବାରିବାରେ ସାହାଯ୍ୟ କରେ। ଏହାକୁ ରସନେନ୍ଦ୍ରିୟ ମଧ୍ୟ କୁହାଯାଏ। ଆମେ ବାକ୍‌ଶକ୍ତି ପାଇଛୁ ଏହି ଜିହ୍ୱା ସାହାଯ୍ୟ ଯୋଗୁ। ତେଣୁ ଏହି ବାକ୍ ଶକ୍ତିକୁ କିପରି ଭାବରେ କାମରେ ଲଗାଇବା ତାହା ଆମ ଉପରେ ନିର୍ଭର କରୁଛି। ବାକ୍ ସଂଯମ ଓ ତା'ର ଉପକାରିତା ବିଷୟରେ କିଛି ଆଲୋଚନା କରିବା। ଭଗବାନ୍ ସତ୍ୟସାଇ ବାବା ତାଙ୍କ ସଙ୍ଗଠନର ନବବିଧ ଆଚରଣ ଉପରେ ଗୁରୁତ୍ୱ ଦିଅନ୍ତି। ତା' ଭିତରେ ପ୍ରାର୍ଥନା କରିବା, ଜପ କରିବା, ଭଜନ କରିବା ଇତ୍ୟାଦି ରହିଛି। ସମସ୍ତଙ୍କ ସହିତ ମୃଦୁ ସ୍ୱରରେ ବାର୍ତ୍ତାଳପ ଓ ଅନ୍ୟ କାହାରି ନିନ୍ଦା ରଚନା ନ କରିବା ବିଶେଷତଃ ସେମାନଙ୍କ ଅନୁପସ୍ଥିତିରେ ମଧ୍ୟ ରହିଛି। ଏହି ଦୁଇଟି ବିଧି କଷ୍ଟସାଧ୍ୟ ହେଲେ ମଧ୍ୟ ଅଭ୍ୟାସ ବଳରେ ମାନିବା ସମ୍ଭବ ହେବ। ପୁରୁଷ ଲୋକମାନଙ୍କ ଅପେକ୍ଷା ସ୍ତ୍ରୀ ଲୋକମାନେ ଅଧିକ କଥା କହନ୍ତି। ୫/୭ଜଣ ସ୍ତ୍ରୀଲୋକ ଏକାଠି ହୋଇଗଲେ ନାନା ପ୍ରକାର ଗପ ଆରମ୍ଭ ହୋଇଯାଏ। ଅଧିକ କଥା କହିଲେ ଅଧିକ ଭୁଲ ହୁଏ। ତେଣୁ ବାବା କହନ୍ତି- ନୀରବତା ହିଁ ସାଧନାର ପ୍ରଥମ ସୋପାନ। ଯେତିକି ଦରକାର, ସେତିକି କଥା କୁହନ୍ତୁ।

ଆମ ପାଟି ଭିତରେ ଥିବା ଜିହ୍ୱାଟି ଅତି କୋମଳ। ସେ ମଧ୍ୟ ସଂଯମ ବଳରେ ମୁନିଆ ଦାନ୍ତମାନଙ୍କ ମଧ୍ୟରେ ନିଜକୁ ସୁରକ୍ଷିତ ରଖିଥାଏ। ଭଗବାନ୍ କହନ୍ତି- ତୁମର ଜିହ୍ୱାକୁ ପବିତ୍ର କାର୍ଯ୍ୟରେ ନିଯୁକ୍ତ କର। ଏହା ସତ୍ୟ, ମଧୁର ଓ କୋମଳ ବଚନ କହୁ। ତୁମର କଥା ବା ବାଣୀ ଦ୍ୱାରା ଅନ୍ୟ କାହାକୁ କଷ୍ଟ ନ ହେଉ। ଯେଉଁ ବ୍ୟକ୍ତି ଅନ୍ୟକୁ ଗାଳିଦିଏ, ସେ ପ୍ରକୃତରେ ଈଶ୍ୱରଙ୍କୁ ଗାଳିଦିଏ। କାରଣ ଈଶ୍ୱର ସମସ୍ତଙ୍କ ମଧ୍ୟରେ ବିଦ୍ୟମାନ। ଜିହ୍ୱାର ପ୍ରଶଂସା କରି ଜୟଦେବ କହିଛନ୍ତି- 'ଜିହ୍ୱେ ରସଜ୍ଞେ ମଧୁର ପ୍ରିୟା ତ୍ୱଂ, ସତ୍ୟଂ ହିତଂ ତ୍ୱା ପରମଂ ବଦାମି, ଅବର୍ଣ୍ଣୟେଧା ମଧୁକ୍ଷରାଣି, ଗୋବିନ୍ଦ ଦାମୋଦର ମାଧବେତି।' ପ୍ରଭୁଙ୍କର ନାମ ସର୍ବଦା ଆମ ଜିହ୍ୱାରେ ନୃତ୍ୟ କରୁ। କାରଣ ନାମ ସ୍ମରଣ ହିଁ କଳିଯୁଗର ସହଜତମ ଉପାୟ। ଏହି ଜିହ୍ୱା ଚାରୋଟି ପାପ କରିଥାଏ। ଯଥା- ମିଛ କହିବା, ଚୁଗୁଲି କରିବା, ଭର୍ତ୍ସନା କରିବା ଓ ବହୁତ କଥା କହିବା। ଏହାଛଡ଼ା ଜିହ୍ୱାର ବହୁତ ଭଲ ଗୁଣ ମଧ୍ୟ ରହିଛି। ସତ୍ୟତା, ଦୃଢ଼ତା, ମଧୁରତା, ସଂକ୍ଷିପ୍ତତା, ହିତକାରିତା, ନମ୍ରତା ଓ ଶିଷ୍ଟତା ଇତ୍ୟାଦି। ବେଦ କହେ, 'ସତ୍ୟଂବଦ ଧର୍ମଂଚର'। ଅର୍ଥାତ୍ ସର୍ବଦା ସତ୍ୟକଥା କୁହ ଏବଂ ଧର୍ମର ଆଚରଣ କର। ଆଜିକାଲି କଳିଯୁଗର ଲୋକମାନେ କୁହନ୍ତି- ''ସତ କହିଲେ, ଧର୍ମପଥରେ ଚାଲିଲେ ଆମର ବେଶି କ୍ଷତି ହେଉଛି। ଯେଉଁମାନେ ମିଛ କହି ଅଧର୍ମ ପଥରେ ଯାଉଛନ୍ତି, ସେମାନେ ବହୁତ ସୁଖରେ ରହୁଛନ୍ତି ଓ ତାଙ୍କର ସବୁପ୍ରକାର ଉନ୍ନତି ହେଉଛି।'' କିନ୍ତୁ ଏହା ଠିକ୍ ନୁହେଁ। ଯୁଗେ ଯୁଗେ ସତ୍ୟର ଜୟ ହୋଇ ଆସିଛି। ଯେଉଁମାନେ ଅସତ୍ୟ ପଥରେ ଯାଇ ସୁଖରେ ଅଛନ୍ତି ତାହା କ୍ଷଣସ୍ଥାୟୀ। ତେଣୁ କୁହାଯାଏ, 'ମିଛ କହିବା ମହାପାପ, ସତରେ ଥା'ନ୍ତି ଜଗନ୍ନାଥ'। ସତ କଥାରେ ଆମ ମନ ଦୃଢ଼ ରହେ। ଅନ୍ୟର କଥାରେ ଯଦି ମନ ବିଚଳିତ ନ ହୁଏ, ତା'ହେଲେ ଆମେ ନିଶ୍ଚୟ ସମ୍ମାନର ଅଧିକାରୀ ହୋଇପାରିବା। ତେଣୁ ସମସ୍ତେ ସବୁବେଳେ ସତ କହିବା ଉଚିତ। ନବବିଧ ଆଚରଣ ଆଉ ଗୋଟିଏ ବାଣୀ। 'ସମସ୍ତଙ୍କ ସହିତ ମୃଦୁ ସ୍ୱରରେ ବାର୍ତ୍ତାଳପ'। ଆମେ କାହାକୁ ଧନ ସମ୍ପଦ ନ ଦେଇପାରୁ, ଶ୍ରମଦାନ କରି ନ ପାରୁ ; କିନ୍ତୁ ସ୍ନେହ ସହାନୁଭୂତି ଦେଖାଇ ମଧୁର ସ୍ୱରରେ କଥା ଦି'ପଦ କହିପାରିବା ତ ? ତେଣୁ କୁହାଯାଏ, 'ମଧୁର ବିନୟ ବଚନ, କହି ତୋଷିବ ଜନମନ'। କାହା ଆଗରେ ନିଜର ବଡ଼ପଣିଆ ଦେଖାଇ କଥାବାର୍ତ୍ତା କରିବା ନାହିଁ। ସବୁବେଳେ ନିଜକୁ ନ୍ୟୂନ ମନେକରି ବଡ଼ମାନଙ୍କ ସହିତ କଥାବାର୍ତ୍ତା କରିବା। ଅଧିକାଂଶ ଲୋକ ଅଛନ୍ତି ମୁହଁରେ ମିଠା ମିଠା କଥା କହନ୍ତି, କିନ୍ତୁ ତାଙ୍କ ହୃଦୟରେ ନିର୍ମଳତା ନଥାଏ। ସେ ଅନ୍ୟ କାହାର ଅନିଷ୍ଟ ଚିନ୍ତା କରୁଥା'ନ୍ତି। ସେପରି ଲୋକଙ୍କଠାରୁ ଦୂରେଇ ରହିବା ଉଚିତ। ଆମ ଭିତରେ 'ତ୍ରିକରଣ ଶୁଦ୍ଧି' ରହିବା ଉଚିତ। ଚିନ୍ତା, ବାକ୍ୟ ଓ କର୍ମରେ ସମନ୍ୱୟ ରହିବା ଉଚିତ। ଆପଣ ଯାହାସବୁ ପ୍ରଦର୍ଶନୀରେ ଦେଖିଲେ ସେ ସବୁ କ୍ଷଣିକ ଆନନ୍ଦ ଦେଇପାରେ, କିନ୍ତୁ ଗୋଟେ ଭଲ ଜିହ୍ୱା ମୃଦୁ ସ୍ୱରରେ ପ୍ରେମ ଭାବରେ ସହାନୁଭୂତିର ସହିତ ଯଦି କେତେପଦ କଥା କୁହେ, ତାହା ମଣିଷ ମନରେ ବର୍ଷ ବର୍ଷ ଧରି ଆନନ୍ଦ ପ୍ରଦାନ କରିବ। ଏହା ଦୁଃଖ ଯନ୍ତ୍ରଣା ଭୋଗୁଥିବା ଲୋକଙ୍କ ମନରେ ଆଶାର ସଂଚାର କରାଇବ, ଦୁର୍ବଳକୁ ଉତ୍ସାହିତ କରି ବଳ ଯୋଗାଇବ। ଅସହାୟମାନଙ୍କୁ ସାନ୍ତ୍ୱନା ଦେଇ ସ୍ନେହ, ପ୍ରେମ ଓ ବିଶ୍ୱାସ ଜାଗରଣ କରିବ। ଅର୍ଥାତ୍ ଗୋଟିଏ ଭଲ ଜିହ୍ୱା କେବଳ ମଣିଷ ମନରେ ଶାନ୍ତି ଓ ଆନନ୍ଦ ପ୍ରଦାନ କରିବ। ଅପରପକ୍ଷରେ ଗୋଟିଏ ଖରାପ ଜିହ୍ୱା ମଣିଷ ମନରୁ ସବୁ ସୁଖ, ଶାନ୍ତି ଓ ଆନନ୍ଦକୁ ଦୂରେଇ ନେଇ ମଣିଷ ମନରେ ହତାଶ ଓ ନିରାଶ ଭରିଦେବ। ତେଣୁ ଖରାପ ଜିହ୍ୱାଟି ମଣିଷର ସବୁଠାରୁ ବଡ଼ ଶତ୍ରୁ। ଆମେ ମଣିଷ ଜନ୍ମ ପାଇଛୁ। ଆମେ ସମସ୍ତେ ବାକ୍ ସଂଯମ କରିବା ଓ ସମସ୍ତଙ୍କ ମନରେ ଶାନ୍ତି ଏବଂ ଆନନ୍ଦ ଭରିଦେବା ପାଇଁ ଚେଷ୍ଟା କରିବା।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ମୋ: ୯୯୩୭୧୭୨୮୧୦

## ଏଇ ଭାରତରେ

ନିଜ କଥାକୁ ପଛ କରି ଅନ୍ୟମାନଙ୍କ ଜୀବନ ଜୀବିକାରେ ପରିବର୍ତ୍ତନ ଆଣିବା ଲାଗି ଯେଉଁ କେତେ ଜଣ ପ୍ରୟାସ କରୁଛନ୍ତି, ସେମାନଙ୍କ ମଧ୍ୟରେ ବେଙ୍ଗାଲୁରର ପ୍ରତିଭା ବିଷ୍ଟୋଇ ଅନ୍ୟତମ। ବେଙ୍ଗାଲୁରରେ ଉଚ୍ଚ ଦରମାର ଚାକିରି ଛାଡ଼ି ଉତ୍ତରାଖଣ୍ଡର ଦୁର୍ଗମ ଗାଁ ଖେତିଖାନରେ ରହୁଛନ୍ତି। ରହିବା ପଛରେ ରହିଛି ଏକ ମହାନ୍ ଉଦ୍ଦେଶ୍ୟ। ଖେତିଖାନ ଓ ଏହାର ଆଖପାଖ ଗାଁର ମହିଳାମାନଙ୍କୁ ରୋଜଗାରର ରାସ୍ତା ଦେଖାଉଛନ୍ତି। ଏବେ ସୁଦ୍ଧା ସେ ୪୦ଟି ଗାଁର ୨୦୦ ମହିଳାଙ୍କୁ ଆତ୍ମନିର୍ଭର କରି ସାରିଲେଣି। ୨୦୧୬ରୁ 'ହିମାଳୟାନ ବ୍ଲୁମ' ସଂସ୍ଥା ମାଧ୍ୟମରେ ସେ ଏହି କାର୍ଯ୍ୟ କରୁଛନ୍ତି। ମହିଳାମାନେ ଉଲ୍ ସ୍ୱିଟେର, ସକ୍ସ ଏବଂ ଅନ୍ୟ ସାମଗ୍ରୀ ବୁଣୁଛନ୍ତି। ଉତ୍ପାଦଗୁଡ଼ିକର ଚାହିଦା ବଢିଛି। ଏହାକୁ ପ୍ରତିଭା ଦେଶ ବିଦେଶରେ ବିକ୍ରି କରୁଛନ୍ତି। ପ୍ରତିଦିନ ବିଭିନ୍ନ ସାମଗ୍ରୀ ଲାଗି ସେ ୧ ହଜାରରୁ ଊର୍ଦ୍ଧ୍ୱ ଅର୍ଡର ପାଉଛନ୍ତି। ମହିଳାମାନେ ପ୍ରତିମାସରେ ଏବେ ୭,୦୦୦ରୁ ୧୦,୦୦୦ ଟଙ୍କା ରୋଜଗାର କରୁଛନ୍ତି ବୋଲି କହନ୍ତି ୩୭ ବର୍ଷୀୟା ପ୍ରତିଭା।

## ୨୫ ବର୍ଷ ତଳର ଧରିତ୍ରୀ

DHARITRI

୧୫ ଜୁଲାଇ ୧୯୯୬

- ଦୀର୍ଘ ୬ ବର୍ଷ କାଳ ଢାକାର କେନ୍ଦ୍ରୀୟ ଜେଲ୍‌ରେ ବନ୍ଦୀ ଥିବା ବାଂଲାଦେଶର ପୂର୍ବତନ ରାଷ୍ଟ୍ରପତି ହୁସେନ ମହମ୍ମଦ ଏର୍ଶାଦ ପାରୋଲରେ ଖଲାସ।
- ଲିବିୟାର ରାଜଧାନୀ ତ୍ରିପୋଲିଠାରେ ଫୁଟବଲ ମ୍ୟାଚ୍ ଚାଲୁଥିବା ବେଳେ ମୁଆମ୍ମାର ଗଦାଫିଙ୍କ ବିରୋଧରେ ସ୍ଲୋଗାନ ଦେବାରୁ ୨୦ ଜଣ ଦର୍ଶକଙ୍କୁ ଗୁଳିକରି ହତ୍ୟା।
- ପଶ୍ଚିମବଙ୍ଗର ଦାର୍ଜିଲିଂ ଜିଲା ଅନ୍ତର୍ଗତ କାଳିଂପୋଇଂ ସବ୍‌ଡିଭିଜନରେ ବଡ଼ଧରଣର ଅତଡ଼ା ଧସି ୨୮ ଜଣଙ୍କ ମୃତ୍ୟୁ।

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 7 | | | | 8 | | 2 |
| | | | 4 | | | | 7 | |
| | | | | 2 | | | | |
| 4 | | | | 3 | | | | 1 |
| | 2 | 8 | | 6 | | | | |
| | | | | 5 | 1 | | | |
| | 7 | 2 | | | 9 | | 3 | |
| 6 | 1 | | 8 | | | | 4 | |
| | 3 | | | | | | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 6 | 9 | 4 | 1 | 5 | 2 | 8 | 7 |
| 7 | 4 | 5 | 8 | 2 | 9 | 1 | 3 | 6 |
| 2 | 1 | 8 | 6 | 7 | 3 | 4 | 9 | 5 |
| 4 | 3 | 7 | 1 | 9 | 6 | 5 | 2 | 8 |
| 9 | 5 | 2 | 7 | 4 | 8 | 3 | 6 | 1 |
| 1 | 8 | 6 | 5 | 3 | 2 | 9 | 7 | 4 |
| 6 | 9 | 1 | 2 | 8 | 4 | 7 | 5 | 3 |
| 5 | 7 | 3 | 9 | 6 | 1 | 8 | 4 | 2 |
| 8 | 2 | 4 | 3 | 5 | 7 | 6 | 1 | 9 |

ଗତକାଲିର ଉତ୍ତର

# ଦକ୍ଷତା ବିକାଶ ଓ ଯୁବବର୍ଗ



ଶୁଭନାରାୟଣ ଶତପଥୀ

ଯୁବବର୍ଗଙ୍କ ନିମନ୍ତେ କୌଶଳ ଓ ଦକ୍ଷତାର ଆବଶ୍ୟକତା ଢେର ବେଶି। ଯୁବକ ନିଜର ଶିକ୍ଷା, କୌଶଳକୁ ଯେତେ ଉନ୍ନତ କରନ୍ତି ସେ ସେତେ ଦକ୍ଷ ହୁଅନ୍ତି। ଆଉ ଦକ୍ଷ ବ୍ୟକ୍ତିଟିଏ ହିଁ ସମାଜରେ ସହଜରେ ନିଜର ପତିଆରା ଜାହିର କରେ ଓ ତା'ର ସବୁ ଆବଶ୍ୟକତା ପୂରଣ କରିବାରେ ସମର୍ଥ ହୁଏ। ଏ ଲକ୍ଷ୍ୟ ପୂରଣ ପାଇଁ କେବଳ ସରକାର କାହିଁକି ପ୍ରତ୍ୟେକ ଯୁବବର୍ଗ ନିଜ ପାଇଁ ଚିନ୍ତାକରି ଆଗକୁ ବଢ଼ିବାର ପ୍ରୟାସ କଲେ ବ୍ୟକ୍ତିଗତ, ଗୋଷ୍ଠିଗତ ଓ ଜାତିଗତ ବିକାଶ ସମ୍ଭବ ହେବ।

କେବଳ ନିଜର ଶିକ୍ଷାଗତ ଯୋଗ୍ୟତା ବଢ଼ାଇଲେ ଯେ ଅର୍ଥ ରୋଜଗାର ସମ୍ଭବ ହେବ ତାହା ନୁହେଁ, ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ବିନା ଉଚ୍ଚ ଶିକ୍ଷାଗତ ଯୋଗ୍ୟତାରେ ନିଜ ଦକ୍ଷତା ଆଧାରରେ ଅର୍ଥରୋଜଗାର କ୍ଷେତ୍ରରେ ଶୀର୍ଷସ୍ଥାନ ଅଧିକାର କରି ଅନ୍ୟକୁ ରୋଜଗାର ପ୍ରଦାନ କରୁଛନ୍ତି। ଅଧାରୁ କଲେଜ ପାଠ ଛାଡ଼ିଥିବା ବିଲ୍ ଗେଟ୍‌ସ ହେଉଛନ୍ତି ବିଶ୍ୱର ଧନିକ ବ୍ୟକ୍ତି ଯିଏ ମାଇକ୍ରୋସଫ୍ଟର ପ୍ରତିଷ୍ଠାତା, ମାର୍କ ଜୁକରବର୍ଗ ହେଉଛନ୍ତି ଆଉଜଣେ ଅଧାରୁ ପାଠ ଛାଡ଼ିଥିବା ବ୍ୟକ୍ତିତ୍ୱ ଯିଏ ଫେସ୍‌ବୁକର ଜନକ। ସେପରି ଆଉ ଜଣେ ବିଖ୍ୟାତ କାର୍ଟୁନିଷ୍ଟ ଓ ଡିସନି କମ୍ପାନୀର ମାଲିକ ଓାଲ୍ଟ ଡିସନି। ଏମିତି ଅନେକ ସଫଳ ବ୍ୟକ୍ତି ଯେଉଁମାନେ ଉଚ୍ଚଶିକ୍ଷା ନୁହେଁ ବରଂ ନିଜର ଦକ୍ଷତା ବଳରେ ନିଜେ ପ୍ରତିଷ୍ଠିତ ହେବା ସହ ସମାଜ ପାଇଁ ଉଦାହରଣ ପାଲଟିଛନ୍ତି। ଏହାର ଅର୍ଥ ନୁହେଁ ଯେ ଆମେ ଉଚ୍ଚଶିକ୍ଷାର ଯୋଗ୍ୟତା ହାସଲ କରିବା ନାହିଁ। ଏଣୁ ବୁଦ୍ଧିମାନର କାମ ହେଉଛି, କୌଣସି ଏକ କ୍ଷେତ୍ରରେ ନିଜର ଦକ୍ଷତା ବିକାଶ କରିବା। ମାଟ୍ରିକ ଫେଲ୍‌ଠାରୁ ତଦୂର୍ଦ୍ଧ୍ୱ ଶିକ୍ଷାଗତ ଯୋଗ୍ୟତା ପର୍ଯ୍ୟନ୍ତ କୌଶଳ ବିକାଶ ଯୋଜନାଗୁଡ଼ିକ ମାଧ୍ୟମରେ ଶିକ୍ଷା ପ୍ରଦାନ କରାଯାଉଛି। ଦେଖାଯାଉଛି ଏ ସମ୍ବନ୍ଧରେ ଅନେକ ଯୁବତୀଯୁବକଙ୍କ ଅସଚେତନତା ହେତୁ ସେମାନେ ପାରମ୍ପରିକ ଶିକ୍ଷା ପଦ୍ଧତିରେ କେବଳ ଯୋଗ୍ୟତା ହାସଲ କରି ଚାକିରି ଖୋଜିବା ପଥରେ ଅଗ୍ରସର ହେଉଛନ୍ତି। ବରଂ ସେମାନେ ଧନ୍ଦାମୂଳକ ବୈଷୟିକ ତାଲିମପ୍ରାପ୍ତ ଶିକ୍ଷା ଗ୍ରହଣ କଲେ ଅଧିକ ରୋଜଗାରକ୍ଷମ ହୋଇପାରିବେ। ଏ ଶିକ୍ଷା କେବଳ ବୈଷୟିକ ତାଲିମ ନୁହେଁ ବରଂ କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ସୂଚନା ପ୍ରଯୁକ୍ତି ଆଦି କ୍ଷେତ୍ରରେ ନିଜ ଯୋଗ୍ୟତା ଓ ଦକ୍ଷତା ଅନୁଯାୟୀ ୬ ମାସ ଓ ତା'ଠାରୁ ଊର୍ଦ୍ଧ୍ୱ ସମୟ ତାଲିମ ଗ୍ରହଣ କରି ନିଜକୁ ଉକ୍ତ ବୃତ୍ତିଗତ ଧନ୍ଦାମୂଳକ ରୋଜଗାରରେ ନିୟୋଜିତ କଲେ ଅର୍ଥ ରୋଜଗାର ସହଜ ହୋଇଯିବ। ଏହି କୌଶଳ ଶିକ୍ଷା ପାଇଁ ବିଭିନ୍ନ କଲ୍ୟାଣକାରୀ ଯୋଜନା ମାଧ୍ୟମରେ ସ୍କଲାରଶିପ, ମାଗଣା ଶିକ୍ଷା ଆଦି କାର୍ଯ୍ୟକାରୀ କରାଯାଉଛି, ଯାହାର ଲାଭ ଉଠାଉଛନ୍ତି ମହିଳା, ଅନୁନ୍ନତ ଆଦିବାସୀ, ହରିଜନ ବର୍ଗର ଛାତ୍ରୀଛାତ୍ର। ତା'ଛଡା ଏହି ବ୍ୟବସ୍ଥା ସହ ବ୍ୟାଙ୍କ, ବ୍ୟବସାୟ ପ୍ରତିଷ୍ଠାନ ଆଦି ଅନୁବନ୍ଧିତ ହେଉଥିବାରୁ ଯୁବବର୍ଗଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଅର୍ଥ ମଧ୍ୟ ଯୋଗାଇ ଦେଉଛନ୍ତି। ସେହିପରି ବେସରକାରୀ ସଂସ୍ଥାମାନଙ୍କ ସହଭାଗିତାରେ ସାମାଜିକ, ଅର୍ଥନୈତିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଧନ୍ଦାମୂଳକ ପାଠ୍ୟକ୍ରମର ବିକାଶ ଓ ପ୍ରଶିକ୍ଷଣ ଦିଆଯାଉଛି। ଏସବୁ କାମରେ ସ୍ୱୟଂସହାୟକ ଗୋଷ୍ଠୀ ନିଜକୁ ନିୟୋଜିତ କରି ମଧ୍ୟ ଅର୍ଥ ରୋଜଗାର କରୁଛନ୍ତି।

ୟୁନିସେଫ ରିପୋର୍ଟ ୨୦୧୯ ଅନୁସାରେ ଅର୍ଦ୍ଧାଧିକ ଦକ୍ଷିଣ ଏସିଆର ଯୁବତୀଯୁବକ ୨୦୩୦ ସୁଦ୍ଧା ରୋଜଗାର ନିମନ୍ତେ ଆବଶ୍ୟକ ଶିକ୍ଷା ଓ କୌଶଳ ହାସଲ କରିବାର ପଥରେ ନାହାନ୍ତି। ଯେଉଁଥିରୁ ଭାରତର ହେଉଛନ୍ତି ୪୭ ଶତକଡା। ଏଥିପାଇଁ ଲୋଡ଼ା କେବଳ ବ୍ୟକ୍ତିଗତ ଆଗ୍ରହ ଓ ନିଜ ପସନ୍ଦର ଧନ୍ଦାକୁ ଚିହ୍ନିବା। ତାହାହେଲେ ଆମ ଦେଶ ବୈଷୟିକ, ଧନ୍ଦାମୂଳକ ବ୍ୟବସାୟ ଓ ଦକ୍ଷତାରେ ଆଗରେ ଥିବା ଦେଶଗୁଡ଼ିକୁ ଆଗାମୀ ଦିନରେ ପଛରେ ପକାଇଦେବ ଏଥିରେ ସନ୍ଦେହ ନାହିଁ। କାର୍ଯ୍ୟ ବା ଶ୍ରମଗୋଷ୍ଠୀଙ୍କୁ ଅତ୍ୟାଧୁନିକ ଓ ଅଧିକ ଦକ୍ଷ କରିବାକୁ ଯାଇ ସେମାନଙ୍କର ଦକ୍ଷତା, କୌଶଳ, ବ୍ୟବହାର, ବ୍ୟକ୍ତିଗତ ଗୁଣ, ମନୋବୃତ୍ତିକୁ ସମୃଦ୍ଧ କରି ତାଙ୍କ ପାଇଁ କାମ କରିବାର ପରିବେଶ ଓ ପରିସ୍ଥିତି ଅନୁକୂଳ କାର୍ଯ୍ୟ ଯୋଗାଇଦେବାର ପ୍ରୟାସ କରାଯାଉଛି, ଯାହାଫଳରେ ସେମାନେ ସେମାନଙ୍କ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବେ। ସେହିପରି ବର୍ତ୍ତମାନ ସମୟରେ ଯୁବବର୍ଗ ସାମାଜିକ ଦକ୍ଷତା, ସମସ୍ୟା ସମାଧାନ, ଦଳଗତ କାର୍ଯ୍ୟ କରିବା, ନେତୃତ୍ୱ ବିକାଶ, ଯୋଗାଯୋଗ, ଉଚ୍ଚ ଭାବନା, ଆତ୍ମ ନିୟନ୍ତ୍ରଣ, ସକାରାତ୍ମକ ସ୍ୱଧାରଣା ଆଦି ବିଷୟରେ ଦକ୍ଷତା ହାସଲ କରିବା ଉଚିତ।

ଆକଳନରୁ ଜଣାଯାଏ, ଆମ ଦେଶରେ ୨୫ବର୍ଷ ଓ ୩୫ ବର୍ଷରୁ କମ୍ ବୟସର ଯୁବତୀଯୁବକଙ୍କ ସଂଖ୍ୟା ହେଉଛି ଯଥାକ୍ରମେ ୫୦ ଶତକଡା ଓ ୬୫ ଶତକଡା। ଭାରତର ଅନେକ ଯୁବତୀଯୁବକ ବିଦେଶରେ ରୋଜଗାରକ୍ଷମ ଓ ପ୍ରତିଷ୍ଠିତ। ତଥାପି ଦେଶର ଯୁବବର୍ଗର ସିଂହଭାଗ ବେକାରି ସହ ଏବେବି ଯୁଝୁଛନ୍ତି। ନିଜର ଦକ୍ଷତାକୁ ନ ଚିହ୍ନି ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନ ନେଇ ସେମାନେ ନିର୍ଭରଶୀଳ ହୋଇପଡୁଛନ୍ତି। ଯୁବବର୍ଗଙ୍କ ଭବିଷ୍ୟତ ନିର୍ଦ୍ଧାରଣ ଓ ରୋଜଗାର ନିମନ୍ତେ ଗୋଷ୍ଠୀ ସ୍ତରରେ ଯୁବତୀଯୁବକଙ୍କ ସହଭାଗିତାରେ କୌଶଳ ଓ କ୍ୟାରିୟର ନକ୍ସା ପ୍ରସ୍ତୁତ କରି ସେମାନଙ୍କୁ ଉପଲବ୍ଧ ବ୍ୟବସ୍ଥା ସହ ଯୋଡ଼ିଲେ ଓ ସ୍ଥାନୀୟ ନିଯୁକ୍ତି ସୁବିଧା ସୃଷ୍ଟି କଲେ, ଗାଁ ଓ ସହରରେ ବେକାରି ହାର ନିଶ୍ଚୟ କମିବ ଓ ସମସ୍ତ ଯୁବବର୍ଗଙ୍କ ନିମନ୍ତେ ରୋଜଗାର ନିଶ୍ଚିତ ହୋଇପାରିବ। ଏଥିପାଇଁ ଗ୍ରାମପଞ୍ଚାୟତସ୍ତରରେ ଦକ୍ଷ ପରାମର୍ଶ ଦଳ ନିୟୋଜିତ କରିବା ଓ ଯୁବଗୋଷ୍ଠୀଙ୍କ ସ୍ଥିତି ସମୀକ୍ଷା କରିବା ଜରୁରୀ।

ତେବେ କୌଶଳ ବିକାଶ କ୍ଷେତ୍ରରେ ଓଡ଼ିଶା ହେଉଛି ଦେଶର ଏକ ଅଗ୍ରଣୀ ରାଜ୍ୟ। ଗ୍ରାମୀଣ ଯୁବତୀଯୁବକଙ୍କୁ କୌଶଳ ଶିକ୍ଷା ପ୍ରଦାନ କ୍ଷେତ୍ରରେ ସର୍ବଭାରତୀୟ ସ୍ତରରେ ଆମ ରାଜ୍ୟ ଓଡ଼ିଶା କେବଳ ପୁରସ୍କୃତ ହୋଇଛି ତାହା ନୁହେଁ ବରଂ ଶ୍ରେଷ୍ଠ ୧୦୦ଟି ଶିଳ୍ପ ତାଲିମ କେନ୍ଦ୍ର ମଧ୍ୟରେ ଓଡ଼ିଶାର ୬ଟି ସ୍ଥାନ ପାଇଛି। ଏହା ଆମ ପାଇଁ ଗୌରବର ବିଷୟ। ସେହିପରି ଗତ ବର୍ଷ ଶିଶୁ ସୁରକ୍ଷା ୟୁନିଟ ପ୍ରୟାସରେ ପୁରୀ ଜିଲାର ବିଭିନ୍ନ ଶିଶୁଯତ୍ନ ଅନୁଷ୍ଠାନରେ ରହୁଥିବା ୨୧ ଜଣ ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ପିଲାଙ୍କୁ ମାଟ୍ରିକ ପାସ୍ ପରେ ବୈଷୟିକ ଶିକ୍ଷା ଓ ତାଲିମ ନିମନ୍ତେ ଆଇଟିଆଇ ଓ ଡିପ୍ଲୋମା ଇଞ୍ଜିନିୟରିଂ ପାଠ୍ୟକ୍ରମରେ ନାମ ଲେଖାଯାଇଛି। ଯାହା ସେମାନଙ୍କୁ ୧୮ ବର୍ଷ ପରେ ରୋଜଗାର ଯୋଗାଇବାରେ ସହାୟକ ହେବ। ଏସବୁ ଆମ ଗୋଟିଏ ଗୋଟିଏ ଉଦାହରଣ। ତଥାପି ଏକ୍ଷେତ୍ରରେ ବ୍ୟବସ୍ଥିତ ଢଙ୍ଗରେ ଆହୁରି ଆଗକୁ ଯିବାର ବାକି ଅଛି।

ସମ୍ପ୍ରତି ଏ ବିପରୀତ ସମୟ ବାଧକ ସାଜିଛି। କରୋନା ମହାମାରୀ ଯୋଗୁ ବିପର୍ଯ୍ୟସ୍ତ ହୋଇଛି ଶିକ୍ଷା, ତାଲିମ, ନିଯୁକ୍ତି ଇତ୍ୟାଦି। ନିଯୁକ୍ତି ବଜାର ସଂକୋଚନ ଓ ତାଲାବନ୍ଦର ପ୍ରଭାବ ଯୁବଗୋଷ୍ଠୀଙ୍କ ଉପରେ ପଡିବା ସ୍ୱାଭାବିକ କଥା। ଫଳସ୍ୱରୂପ ଅନ୍ତର୍ଜାତୀୟ ଶ୍ରମ ସଂସ୍ଥାର ଆକଳନ ଅନୁଯାୟୀ ୨୦୨୦ରେ ସାରା ବିଶ୍ୱରେ ୮.୭ ଶତକଡା ଯୁବତୀଯୁବକଙ୍କ ନିମନ୍ତେ ନିଯୁକ୍ତି ସୁଯୋଗ ହ୍ରାସ ପାଇଛି। ତେବେ ମହାମାରୀ ପରିସ୍ଥିତିରେ ଭାଙ୍ଗି ନ ପଡ଼ି ନିଜକୁ ଖାପଖୁଆଇ ସ୍ୱାବଲମ୍ବନ ହେବା ଓ ଆତ୍ମନିର୍ଭର ଭାରତ ଗଠନରେ ସହାୟକ ହେବାକୁ ଯୁବଗୋଷ୍ଠୀ ଆଗେଇ ଆସିବା ଦରକାର। ଏହାଦ୍ୱାରା ଆମେ ଦକ୍ଷତାସମ୍ପନ୍ନ ଧନ୍ଦାମୂଳକ, ବୈଷୟିକ ଶିକ୍ଷା ସମ୍ବନ୍ଧୀୟ ଚିରସ୍ଥାୟୀ ବିକାଶ ଲକ୍ଷ୍ୟ ପୂରଣ କରିବାରେ ସକ୍ଷମ ହୋଇପାରିବା।

ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ-୯୪୩୮୪୩୨୦୨୩

## ପାଠକ ଶ୍ରେଷ୍ଠ ବିଚାରକ

### ଘରୋଇ ଡାକ୍ତରଖାନାର କଟେପୁଅ ବାର

ମହାଶୟ,

ଏ କରୋନା ମହାମାରୀ ସଂସାର ସାରିଦେଲାଣି। ଘରୋଇ ଡାକ୍ତରଖାନାରେ ରୋଗୀଟିଏ ପଡ଼ି ମୃତ୍ୟୁବରଣ କଲେ ତା'ର ଡବଲ କ୍ଷତି। ରୋଗୀ ମଲା, ସେଥିରେ ପୁଣି ଡାକ୍ତରଖାନା ଚାର୍ଜ ଆଶାତୀତ। ସରକାରଙ୍କ ଫି ନିର୍ଦ୍ଧାରଣ ରୋଗୀର ଆତ୍ମୀୟ ଜାଣିବେ କେମିତି ? ଜୀବନ ଯାଉଛି, ସେଥିରେ ପୁଣି ଫି ଗଣି ଗଣି ନୟାନ୍ତ। ଡାକ୍ତରଖାନାର ମଧ୍ୟ ଡବଲ ଲାଭ। ମନମୁଖି ଟଙ୍କା ନେବା ବେଳେ ଦେହରୁ ଯନ୍ତ୍ରାଂଶ ବି କାଢ଼ି ନେଉଛନ୍ତି। ସରକାରଙ୍କ ଘୋଷଣାନୁସାରେ ମୃତଦେହକୁ ତ କେହି ଛୁଇଁବେ ନାହିଁ କି ଦେଖିବେ ନାହିଁ। ତେଣୁ ଘରୋଇ ଡାକ୍ତରଖାନା ମାଲିକର ପୁଷ ମାସ। ଲୋକର ଜୀବନ ଓ ଅପର୍ଯ୍ୟାପ୍ତ ଟଙ୍କା ଯିବ ସିନା, ତେଣେ ଡାକ୍ତରଖାନାର କଟେପୁଅ ବାର।

-ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ମୁହୂର୍ତ୍ତକେ ଉଦେ ହୋଇ ମୁହୂର୍ତ୍ତକେ ପଡ଼ିଲେ ମଉଳି
ନବୋଦ୍‌ଗତ ଅଙ୍କୁରଟି ରବିକରେ ନଇଁଲେ ଝାଉଁଳି,
ଅକାରଣ ନୁହେ ତା'ର କ୍ଷଣିକ ବିକାଶ-
ଅକଳଙ୍କ ସୃଷ୍ଟିର ନିର୍ଯାସ। -(ସୃଜନ ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଚାଷୀ ପଞ୍ଜୀକରଣ ଦାବି

ସମ୍ବଲପୁର,(ବ୍ୟୁରୋ): ସମ୍ବଲପୁର ଜିଲା ଭାଜପାର ଦ୍ୱିତୀୟ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଗିରିଶ ପଟେଲଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ପୂର୍ବତନ ମନ୍ତ୍ରୀ ତଥା ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ତଥା ଭାଜପା ରାଜ୍ୟ ଉପସଭାପତି ନାଉରୀ ନାଏକ, ରାଜ୍ୟ ସାଧାରଣ ସମ୍ପାଦକ ରବି ନାଏକ, ସୀମାଞ୍ଚଳ ଖଟେଇ, ଦେବେନ୍ଦ୍ର ମହାପାତ୍ରଙ୍କ ସମେତ ସମସ୍ତ ମଣ୍ଡଳ ସଭପତି ସାମିଲ ଥିଲେ। ତୃଣମୂଳ ସ୍ତରରୁ ସଙ୍ଗଠନକୁ ଆହୁରି ମଜଭୁତ କରିବା ପାଇଁ ରାଜ୍ୟ ସମ୍ପାଦକ ତଥା ସମ୍ବଲପୁର ପ୍ରଭାରୀ ଟଙ୍କଧର ତ୍ରିପାଠୀ ଆହ୍ୱାନ ଦେଇଥିଲେ। ବୈଠକରେ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଚାଷୀ ପଞ୍ଜୀକରଣ ସମୟ ବୃଦ୍ଧି କରିବାକୁ ଦାବି ହୋଇଥିଲା।

# ପମ୍ପହାଉସରେ ତାଲା ପକାଇଲେ ଗ୍ରାମବାସୀ

**ଜମନକିରା,୧୩।୭ ( ଡି.ଏନ୍.ଏ.)**

ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ଟାଙ୍ଗରମାଲ ଗ୍ରାମବାସୀ ପିଇବା ପାଣି ନ ପାଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶେଷରେ ଅସନ୍ତୁଷ୍ଟ ଗ୍ରାମବାସୀ ପମ୍ପହାଉସରେ ତାଲା ପକାଇଥିଲେ। ପ୍ରତିଶ୍ରୁତି ମିଳିବା ପରେ ତାଲା ଖୋଲିଥିବା ଜଣାଯାଇଛି। ଏ ସଂକ୍ରାନ୍ତରେ ଜମନକିରା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷୀରୋଦ ଚନ୍ଦ୍ର ଖାଡ଼ିଆଙ୍କୁ ପଚାରିବାରୁ ଆସନ୍ତା ୨ଦିନ ମଧ୍ୟରେ ସମସ୍ୟା ସମାଧାନ କରାଯିବ ବୋଲି ପ୍ରକାଶ କରିଥିଲେ।

ସୂଚନାଯୋଗ୍ୟ ଟାଙ୍ଗରମାଲ ଗାଁରେ ପ୍ରାୟ ୪ ଶହରୁ ଊର୍ଦ୍ଧ୍ୱ ଲୋକ ବାସ କରନ୍ତି। ଏମାନେ ଜମନକିରା ପଞ୍ଚାୟତ ପକ୍ଷରୁ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଦ୍ୱାରା ପରିଚାଳିତ ପ୍ରକଳ୍ପରୁ ପାଣି ପାଇପାରୁଥିଲେ। ତେବେ ପ୍ରାୟ ବର୍ଷେ ହେବ କୌଣସି କାରଣବଶତଃ ପାଣି ଯୋଗାଣ ବ୍ୟାହତ ହୋଇଥିଲା। ଏ ନେଇ ଗ୍ରାମବାସୀ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଅବଗତ କରିଥିଲେ ସୁଦ୍ଧା ସମସ୍ୟା ସମାଧାନ ହୋଇପାରି ନ ଥିଲା। ଏଥିରେ ଅତିଷ୍ଠ ହୋଇ ଗ୍ରାମବାସୀ ପମ୍ପହାଉସରେ ତାଲା ପକାଇଦେଇଥିଲେ। ସରପଞ୍ଚ ଜାଣିବା ପରେ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଏଥିରେ ହସ୍ତକ୍ଷେପ କରି ଆସନ୍ତା ସପ୍ତାହେ ମଧ୍ୟରେ ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲା। ପରେ ଗ୍ରାମବାସୀ ତାଲା ଖୋଲିଦେଇଥିଲେ। ମାତ୍ର ଆସନ୍ତା ୪ ଦିନ ମଧ୍ୟରେ ସମସ୍ୟା ସମାଧାନ ନ ହେଲେ ପୁନର୍ବାର ତାଲା ପକାଇବେ ବୋଲି କହିଛନ୍ତି। ତାଲା ପକାଇବାବେଳେ ଗାଁର ଉମା ମହାନନ୍ଦ, ଡଲି ସାହାସିଆ, ସୁଭଦ୍ରା ମହାନନ୍ଦ, ଅନୁ ସୁନାନୀ, ସନ୍ତୋଷିନୀ ମହାନନ୍ଦ, ଯମୁନା କୁସୁମ, ସୁମିତ୍ର ଗର୍ଡ଼ିଆ, ଜୟକାନ୍ତି ନାଏକ, କସ୍ତୁରୀ ସୁହୁଲା, ଶିବାନୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ପମ୍ପହାଉସରେ ତାଲା ପକାଇ ଗ୍ରାମବାସୀ ବସିରହିଛନ୍ତି।


**ପିଇବା ପାଣି ସମସ୍ୟା**

# ବ୍ଲକ୍ ଅଫିସ ଆଗରେ ଭାଜପାର ଧାରଣା

**ନାକଟିଦେଉଳ,୧୪।୭(ଡ଼ି.ଏନ.ଏ.)**

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ଅଭିଯୋଗ କରି ବୁଧବାର ନାକଟିଦେଉଳ ବ୍ଲକ ଭାଜପା ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ପରେ ବିଡ଼ିଓ ବିବେକାନନ୍ଦ ସାହୁଙ୍କ ଜରିଆରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। କିସିଣ୍ଡା ମଣ୍ଡଳ ସଭାପତି ନେତ୍ରାନନ୍ଦ ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର ମହାପାତ୍ର, ଜିଲାପରିଷଦ ସଦସ୍ୟ ତଥା ନାକଟିଦେଉଳ ମଣ୍ଡଳ ସଭାପତି ପ୍ରମୋଦ କୁମାର ସାହୁ, ଜିଲାପରିଷଦ ଜୋନ-୧ର ସଦସ୍ୟ ପୂର୍ଣ୍ଣଚନ୍ଦ୍ର ଗଡ଼ତ୍ୟା ପ୍ରମୁଖ ଯୋଗଦେଇ ପ୍ରଧାନମନ୍ତ୍ରୀ ଆବାସ ସହ ଅନ୍ୟ କେନ୍ଦ୍ରୀୟ ଯୋଜନାକୁ ରାଜ୍ୟ ସରକାର ତୋସରପାତ କରି ବାହାଦୁରି ନେଉଛନ୍ତି ବୋଲି କହିଥିଲେ। ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଯୋଗୁ ପ୍ରକୃତ ହିତାଧିକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି ବୋଲି ଅଭିଯୋଗ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଯଜ୍ଞେଶ୍ୱର ସାହୁ, ବିଜୟାନନ୍ଦ ପ୍ରଧାନ, ଅଶୋକ କୁମାର ପ୍ରଧାନ, ବାବୁଲି ସାହୁ, ଅବନୀକାନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ସାମୂହିକ ଉଦ୍ୟମରେ ଶିକ୍ଷାନୁଷ୍ଠାନର ବିକାଶ ସମ୍ଭବ



ପ୍ରତିଷ୍ଠାତା ସମ୍ପାଦକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ସମ୍ବଲପୁର,୧୪।୭(ବ୍ୟୁରୋ)**

କର୍ମଚାରୀ ଓ ଅଧିକାରୀଙ୍କ ସାମୂହିକ ଉଦ୍ୟମରେ ଶିକ୍ଷାନୁଷ୍ଠାନର ବିକାଶ ସମ୍ଭବ ହୋଇଥାଏ। ସେଥିପାଇଁ ବ୍ୟକ୍ତିର ଦକ୍ଷତା ବିକାଶ ଜରୁରୀ। ଦକ୍ଷତା ବ୍ୟକ୍ତି ମଧ୍ୟରେ ନେତୃତ୍ୱ ବିକଶିତ କରିଥାଏ। ଏହାଦ୍ୱାରା ଶିକ୍ଷାନୁଷ୍ଠାନକୁ ପ୍ରକୃତ ସାଙ୍ଗଠନିକ ଶକ୍ତି ମିଳିଥାଏ। ବୁଧବାର ସମ୍ବଲପୁର ଜମାଦାରପାଲିସ୍ଥିତ ଗାୟତ୍ରୀ କଲେଜ ଅଫ ଫାର୍ମାସୀରେ ଆୟୋଜିତ ଆଲୋଚନାଚକ୍ରରେ ବକ୍ତାମାନେ ଏହା କହିଛନ୍ତି। କଲେଜ ଅଧ୍ୟକ୍ଷ ଡ. ସୂର୍ଯ୍ୟନାରାୟଣ ଦାଶଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ନାଟ୍ୟକାର ଓ ଗୀତିକାର ବିନୋଦ ପଶାୟତ ମୁଖ୍ୟଅତିଥି, ନାଟ୍ୟଶ୍ରୀ ବିପିନ ବିହାରୀ ଦାଶ, ଶିକ୍ଷାବିତ୍ ପ୍ରଫେସର ଶମ୍ଭୁପ୍ରସାଦ ମିଶ୍ର, ନାଟ୍ୟଶ୍ରୀ ପୁଷ୍ପାଞ୍ଜଳି ବେହେରା ବକ୍ତା ଭାବେ ଯୋଗଦେଇ ଆଲୋଚନା କରିଥିଲେ। ଏହି ଅବସରରେ କଲେଜ ପ୍ରତିଷ୍ଠାତା ସମ୍ପାଦକ ଡ. ଶିବନାରାୟଣ ଶତପଥୀଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଗାୟତ୍ରୀ କଲେଜ ଅଫ ଫାର୍ମାସୀ ନିର୍ଦ୍ଦେଶକ ପ୍ରଫେସର ଅଶୋକ କୁମାର ଶତପଥୀ ସୂଚନା ଦେଇଥିବାବେଳେ ନିଯୁକ୍ତି ଅଧିକାରୀ ଅତିଶ କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ସେବା ଶିବିର

**ସମ୍ବଲପୁର,୧୪।୭(ବ୍ୟୁରୋ):** ଟିପିଡବ୍ଲ୍ୟୁଓଡିଏଲ୍ ଗ୍ରାହକ ସେବାକୁ ଗୁରୁତ୍ୱ ଦେଇଆସୁଛି। ବିଭିନ୍ନ ପର୍ଯ୍ୟାୟରେ କମ୍ପାନୀ ଜନସାଧାରଣଙ୍କ ପାଖରେ ସେବା ପ୍ରଦାନ କରିବାକୁ ପ୍ରୟାସ କରୁଛି। ଯେପରି କି ନୂତନ ସଂଯୋଗ ଓ ଟ୍ରାନ୍ସଫର୍ମରର କ୍ଷମତା ବୃଦ୍ଧି ଇତ୍ୟାଦି। ଏହି କ୍ରମରେ ଚଳିତମାସ ୧୫ ତାରିଖରେ କମ୍ପାନୀ ପକ୍ଷରୁ କଳାହାଣ୍ଡି ଜିଲା କେସିଙ୍ଗାଠାରେ ଗ୍ରାହକ ସେବା ଶିବିର ହେବ। ଏହା ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଟିପିଡବ୍ଲ୍ୟୁଓଡିଏଲ୍ ସବ୍‌ଡିଭିଜନ ଅଫିସ କେସିଙ୍ଗାଠାରେ ଆୟୋଜନ କରାଯିବ। ଗ୍ରାହକମାନଙ୍କର ନୂତନ ସଂଯୋଗ, ଲୋଡ ଓ ମାଲିକାନା ପରିବର୍ତ୍ତନ ଇତ୍ୟାଦି ସମସ୍ୟା ସମାଧାନ କରାଯିବ। ଏହି ଶିବିରରେ ବୁର୍ଲା ଓ ଭବାନୀପାଟଣା ଅଫିସ୍‌ର ଅଧିକାରୀ ଓ କର୍ମଚାରୀ ଯୋଗଦେବେ। ଜନସାଧାରଣ ଏହାର ସୁଯୋଗ ନେବାକୁ ଟିପିଡବ୍ଲ୍ୟୁଓଡିଏଲ୍ ଅଧିକାରୀ ମନୋଜ ପଟ୍ଟନାୟକ ପ୍ରେସ ବିବୃତିରେ ସୂଚିତ କରିଛନ୍ତି।

# ବନ୍ଦ ସଫଳ ପାଇଁ ବାମପନ୍ଥୀ ଦଳର ଆହ୍ୱାନ

**ଝାରସୁଗୁଡ଼ା ଅଫିସ,୧୪।୭**

ଡିଜେଲ, ପେଟ୍ରୋଲ, ରନ୍ଧନ ଗ୍ୟାସ୍ ସାଙ୍ଗକୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦରବୃଦ୍ଧି ପ୍ରତିବାଦରେ ବାମପନ୍ଥୀ ଦଳ ତରଫରୁ ଗୁରୁବାର ବନ୍ଦ ଡାକରା ଦିଆଯାଇଛି। ଝାରସୁଗୁଡା ଜିଲାରେ ଏହି ବନ୍ଦ ସଫଳ କରିବା ପାଇଁ ଆହ୍ୱାନ ଦିଆଯାଇଛି। ବୁଧବାର ସିପିଆଇ ଜିଲା ଜୋନାଲ ସେକ୍ରେଟାରୀ ହରିଶଙ୍କର ସାହୁଙ୍କ ଅଧ୍ୟକ୍ଷତାରେ ବିଜୁନଗରସ୍ଥିତ ସିଟୁ କାର୍ଯ୍ୟାଳୟରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସିପିଆଇ(ଏମ୍) ଜିଲା ସମ୍ପାଦକ ଗୌରୀଶଙ୍କର ପାତ୍ର, ବାସୁଦେବ ଧୁରୁଆ, ଧର୍ମେନ୍ଦ୍ର କିଷାନ, ଡଗେଶ୍ୱର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାର ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ସହ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିବ। ଦଳୀୟ କର୍ମୀମାନେ ବିଜୁ ଏକ୍ସପ୍ରେସ୍ ୱେର ପ୍ରସନ୍ନ ପଣ୍ଡା ଛକ, ବେହେରାମାଲ କିଷାନ ଛକ, ବସ୍‌ଷ୍ଟାଣ୍ଡ ଗାନ୍ଧୀଛକରେ ପିକେଟିଂ କରି ବନ୍ଦ କରିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏହାକୁ କଂଗ୍ରେସ, ଆମ୍ ଆଦ୍‌ମୀ ପାର୍ଟି ଓ ଜିଲା ବାର୍ ଆସୋସିଏଶନ ସମର୍ଥନ ଜଣାଇଛନ୍ତି। ଗୁରୁବାର ସକାଳ ୬ରୁ ୧୨ଟା ପର୍ଯ୍ୟନ୍ତ ବନ୍ଦ ପାଳନ ହେବ।




ପ୍ରସ୍ତୁତି ବୈଠକରେ ଉପସ୍ଥିତ ଥିବା ଦଳୀୟ କର୍ମକର୍ତ୍ତା।

## ବିଜେଡିରୁ ନିଲମ୍ବିତ ନେତାଙ୍କ ଗିରଫ ଦାବି କଲା ଭାଜପା

**ରେଢାଖୋଲ,୧୪।୭(ଡି.ଏନ.ଏ.)**

କେନ୍ଦୁପତ୍ର ଚୋରା ଚାଲାଣରେ ସମ୍ପୃକ୍ତ ବିଜେଡି ବ୍ଲକ ସଭାପତିଙ୍କ ଗିରଫ ଦାବି କରିଛି ଭାଜପା। ଏ ନେଇ ଦଳ ପକ୍ଷରୁ ରେଢାଖୋଲ ଏସ୍‌ଡିପିଓ ଜ୍ୟୋତ୍ସ୍ନାମୟୀ ପ୍ରଧାନଙ୍କୁ ଦାବିପତ୍ର ଦିଆଯାଇଛି। ଏଥିରେ ଶାସକ ଦଳର ନେତାଙ୍କ ସମ୍ପୃକ୍ତି ଥିବାରୁ ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ତାଙ୍କୁ ଗିରଫ କରାଯିବାକୁ ଦାବି କରାଯାଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଦେବେନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ନଗର ସଭାପତି ରାମାନୁଜ ମହାପାତ୍ର, ପ୍ରତାପ ପ୍ରଧାନ, ନରେନ୍ଦ୍ର ମଲ୍ଲିକଙ୍କ ସମେତ ବହୁ କର୍ମି ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ପାହାଡ଼ିମନ୍ଦିର ପାଚେରି ନିର୍ମାଣରେ ଅନିୟମିତତା

**ଝାରସୁଗୁଡ଼ା ଅଫିସ,୧୪।୭**

ଝାରସୁଗଡ଼ା ପାହାଡ଼ିମନ୍ଦିର ପାଚେରି ନିର୍ମାଣରେ ଅନିୟମିତତା ହୋଇଥିବା ନେଇ ପାହାଡେଶ୍ୱର ବିକାଶ ପରିଷଦ ତରଫରୁ ମଙ୍ଗଳବାର ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଏହାର ଏକକିତା ନକଲ ତହସିଲଦାର ଓ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ ରହିଛି ଗତ ମାର୍ଚ୍ଚ ୬ରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ମନ୍ଦିର ପାଚେରି ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। ପୂର୍ବରୁ ପୌର ପରିଷଦ ତରଫରୁ ପ୍ରଥମେ ଜମି ଚିହ୍ନଟ ହୋଇଥିଲା। ଏହି ସମୟରେ ପୌର ପରିଷଦ କର୍ତ୍ତୃପକ୍ଷ, ମନ୍ଦିର ବିକାଶ ପରିଷଦ, ଆର୍‌ଆଇ, ଅମିନ ଓ ସ୍ଥାନୀୟ ଲୋକ ଉପସ୍ଥିତ ରହିଥିଲେ। ଚିହ୍ନଟ ଜମିରେ ପାଚେରି ନିର୍ମାଣ କାମ ନ କରି ଏଥିରେ ପରିବର୍ତ୍ତନ କରାଯାଇଛି। ଏହା କିଏ ଓ କାହିଁକି କଲା ସେ ନେଇ ବିକାଶ ପରିଷଦ ପ୍ରଶ୍ନ ଉଠାଇଛି। ଏହାର ତଦନ୍ତ କରାଯାଇ ପୂର୍ବରୁ ଚିହ୍ନଟ ହୋଇଥିବା ଜମିରେ ପାଚେରି ନିର୍ମାଣ ପାଇଁ ବିକାଶ ପରିଷଦ ଜିଲାପାଳଙ୍କ ନିକଟରେ ଦାବି କରିଛି।


# ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ

## ଓଡ଼ିଶା, ଭୁବନେଶ୍ୱର

### ମୁଖ୍ୟ ବିଭାଗ କାର୍ଯ୍ୟାଳୟ, ୟୁନିଟ୍ – ୫

## ରାଜ୍ୟ ହସ୍ତଶିଳ୍ପ ପୁରସ୍କାର – ୨୦୨୦

No. PP-18: ରାଜ୍ୟର ହସ୍ତଶିଳ୍ପ କାରିଗରମାନଙ୍କୁ ସେମାନଙ୍କ ଉତ୍କୃଷ୍ଟ କାରିଗରୀ କୃତି ପାଇଁ ସମ୍ମାନିତ କରିବା ନିମନ୍ତେ ରାଜ୍ୟ ସରକାର ''ରାଜ୍ୟ ହସ୍ତଶିଳ୍ପ ପୁରସ୍କାର'' ଓ ଜୀବନ ବ୍ୟାପୀ ହସ୍ତଶିଳ୍ପ କୃତି ପୁରସ୍କାର ପ୍ରଦାନ କରି ଆସୁଛନ୍ତି। ଏହି କାର୍ଯ୍ୟକ୍ରମ ଅନୁଯାୟୀ ୨୦୨୦ ବର୍ଷ ନିମନ୍ତେ ରାଜ୍ୟର ହସ୍ତଶିଳ୍ପ କାରିଗରମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି।

**ଯୋଗ୍ୟତା:** ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ୫୦ଗୋଟି ହସ୍ତଶିଳ୍ପ ଅନ୍ତର୍ଗତ ୧୮ବର୍ଷରୁ ଊର୍ଦ୍ଧ୍ୱ ଯେ କୌଣସି ହସ୍ତଶିଳ୍ପ କାରିଗର ଆବେଦନ କରିପାରିବେ।

**ଆବେଦନ ପ୍ରଣାଳୀ:**

**ରାଜ୍ୟ ହସ୍ତଶିଳ୍ପ ପୁରସ୍କାର (State Handicraft Awards)**

ଇଚ୍ଛୁକ ହସ୍ତଶିଳ୍ପୀମାନେ ଉକ୍ତ ପ୍ରତିଯୋଗିତାରେ ଭାଗ ନେବା ନିମନ୍ତେ ନିର୍ଦ୍ଧାରିତ ଆବେଦନ ପତ୍ର ସହ ନିଜର କଳାକୃତିର ନମୁନା, ତତ୍ ସମ୍ବନ୍ଧୀୟ ସମସ୍ତ ପ୍ରମାଣ ପତ୍ର ଓ ସ୍ୱହସ୍ତ ନିର୍ମିତ କଳାକୃତିର ଫଟୋ (8" × 10")ର ଦୁଇକିତା ନକଲ ସମ୍ପୃକ୍ତ ସହକାରୀ ନିର୍ଦ୍ଦେଶକ (ହସ୍ତଶିଳ୍ପ)ଙ୍କ କାର୍ଯ୍ୟାଳୟରେ ତା୨୫।୧୦।୨୦୨୧ରିଖ ମଧ୍ୟରେ ଦାଖଲ କରିବା ଆବଶ୍ୟକ।

**ଅସମ୍ପୂର୍ଣ୍ଣ ଥିବା ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ।**

**ପୁରସ୍କାର ରାଶି: ଟ.୫୦,୦୦୦/–ଙ୍କା ସହିତ ପ୍ରମାଣ ପତ୍ର।**

**ଜୀବନ ବ୍ୟାପୀ ହସ୍ତଶିଳ୍ପ କୃତି ପୁରସ୍କାର (Life Time Achievement Award)**

ରାଜ୍ୟର ହସ୍ତଶିଳ୍ପ କାରିଗରମାନଙ୍କ ମଧ୍ୟରୁ ପ୍ରତି ବର୍ଷ ଏକ ଜଣଙ୍କୁ ତାଙ୍କର ହସ୍ତଶିଳ୍ପ ବିକାଶର ଅନବଦ୍ୟ ଅବଦାନ ପାଇଁ ''ଜୀବନ ବ୍ୟାପୀ ହସ୍ତଶିଳ୍ପ କୃତି ପୁରସ୍କାର'' ପ୍ରଦାନ କରାଯିବା ପାଇଁ ଯୋଗ୍ୟ ହସ୍ତଶିଳ୍ପୀ ପ୍ରାର୍ଥୀମାନଙ୍କଠାରୁ ୨୦୨୦ ମସିହାର ପୁରସ୍କାର ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଏହି ପୁରସ୍କାର ପାଇଁ ଯୋଗ୍ୟ ହସ୍ତଶିଳ୍ପ କାରିଗରମାନେ ସେମାନଙ୍କ ସମ୍ପୂର୍ଣ୍ଣ ତଥ୍ୟ ସହ ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ସମ୍ପୃକ୍ତ ସହକାରୀ ନିର୍ଦ୍ଦେଶକ (ହସ୍ତଶିଳ୍ପ)ଙ୍କର କାର୍ଯ୍ୟାଳୟରେ ତା୨୫।୧୦।୨୦୨୧ରିଖ ମଧ୍ୟରେ ଆବେଦନ କରିପାରିବେ।

**ପୁରସ୍କାର ରାଶି: ୫,୦୦,୦୦୦/–ଙ୍କା ସହିତ ମାନପତ୍ର।**

ବି.ଦ୍ର.: ଉପରୋକ୍ତ ଉଭୟ ପୁରସ୍କାର ଯୋଜନାର ଅଂଶ ଗ୍ରହଣ ପାଇଁ ଦରଖାସ୍ତ କରିବାର ଆବଶ୍ୟକ ଆବେଦନ ଫର୍ମ ଓ ସବିଶେଷ ତଥ୍ୟ ସମ୍ପୃକ୍ତ ସହକାରୀ ନିର୍ଦ୍ଦେଶକ (ହସ୍ତଶିଳ୍ପ)ଙ୍କ କାର୍ଯ୍ୟାଳୟରୁ ମିଳିପାରିବ।

**ସ୍ୱା./– ନିର୍ଦ୍ଦେଶକ**
**ହସ୍ତ ଓ କୁଟୀର ଶିଳ୍ପ, ଓଡ଼ିଶା**

OIPR-43002/11/0004/2122



# ODISHA PUBLIC SERVICE COMMISSION

**ADVERTISEMENT No.06 OF 2021-2022**

**RECRUITMENT TO THE POSTS OF ASSOCIATE PROFESSORS IN DIFFERENT STATE PUBLIC UNIVERSITIES UNDER THE ADMINISTRATIVE CONTROL OF THE HIGHER EDUCATION DEPARTMENT**

**WEBSITE - http://opsc.gov.in**

**No. D-55:-** Online applications are invited from the prospective candidates for the posts of Associate Professors in different State Public Universities of Odisha. This recruitment covers across **50 subjects** comprising total vacancies across subjects at **320 (119-W)**. The online registration shall start from **23.07.2021**.

**EDUCATIONAL QUALIFICATION:**

i) A good academic record with a Ph.D. Degree in the concerned/allied/relevant disciplines.
ii) A Master's Degree with at least 55% marks (or an equivalent grade in a point- scale, wherever the grading system is followed).
iii) A minimum of eight years of experience of teaching and / or research in an academic/research position equivalent to that of Assistant Professor in a University, College or Accredited Research Institution/industry.
iv) A minimum of seven publications in the peer-reviewed or UGC-listed journals.
v) Total research score of Seventy five (75).

- Application fee- Rs. 400/- for candidates other than SC, ST and PWD candidates.
- Last date for online registration and payment is **23.08.2021**.
- Last date for submission online application is **31.08.2021**.
- For details, the prospective candidates are requested to visit OPSC Website http://opsc.gov.in.

**N.B.- The online application form is automated & system driven and will guide the candidate seamlessly in filling the application. The requisite options shall be enabled and information shall be asked as per data furnished by the candidate. Before filling up the information ensure that acurate information is fed, for edit option is limited and on confirmation there is no scope for further edit even if wrongful entry has been made while filling up application.**

**CUTTACK**
**DATE: 14.07.21**

**Sd./- SECRETARY**
**ODISHA PUBLIC SERVICE COMMISSSION**
**CUTTACK**

OIPR-12002/11/0033/2122



OPHWC

# OFFICE OF THE PROJECT MANAGER THE ODISHA STATE POLICE HOUSING AND WELFARE CORPORATION LTD.

(A Govt. of Odisha Undertaking)
SAMBALPUR DIVISION
AT:- SIVAM COLONY, BEHIND INCOME TAX OFFICE, AINTHAPALI, SAMBALPUR -768004
Tel./Fax. (0663) 2541061, e-mail: jm_sambalpur@rediffmail.com & jmsbp.ophwc.od.@nic.in

## PREQUALIFICATION NOTICE

**(For Enlistment of different class of Contractors for execution of works through K-2 Agreement)**

No. CAD-625:- The Odisha State Police Housing & Welfare Corporation Ltd. (OSPH&WC), Sambalpur Division invites application for enlistment of contractors for execution of Civil, PH & Internal Electrification works of various building projects in the district of Sambalpur, Bargarh, Deogarh, Jharsuguda, Sundargarh, Angul & Dhenkanal. All applications will be evaluated as per terms and conditions laid down in the prequalification documents for enlistment. After successful evaluation of the prequalification documents, selected firms will be registered in Sambalpur Division, OSPH&WC's Contractors list, valid for a period of 01 (One) year from date of enlistment.

The pre-qualification documents can be obtained from the office of the undersigned during office hours on payment of Rs. 2950/-(Rupees two thousand nine hundred and fifty) only inclusive of GST (Non refundable) in Cash or Demand Draft or pay order drawn in favour of **"The Odisha State Police Housing & Welfare Corporation Ltd-Sambalpur Division"** drawn on any Nationalized Bank payable at Sambalpur. The above documents can also be obtained through Speed Post by sending a self-addressed envelope of size 35cmX25cm with stamped Rs.75.00 (Rupees Seventy Five) only. The pre-qualification documents will also available from our website www.ophwc.nic.in and the same can be downloaded. However, in case of downloaded pre-qualification documents, cost of Rs.2950/-(Rupees two thousand nine hundred and fifty) only (Non-refundable) described as above in the shape of Demand Draft or Pay order shall be enclosed along with pre-qualification documents, failing which prequalification documents shall be summarily rejected.

Application for pre-qualification shall be submitted in sealed cover superscribing **"Application for enlistment of Contractors in OSPH&WC, Sambalpur Division"** addressed to the Project Manager, OSPH&WC, At – Sivam Colony, Behind Income Tax Office, Ainthapali, Sambalpur -768004 for award of work eventually to be drawn on K2 Agreement in line with the rules of OPWD Code & other clauses as decided by the Corporation.

The pre-qualification document not submitted in prescribed format or otherwise than in the manner prescribed in the document shall be rejected.

| | | |
|---|---|---|
| **Last date for issue of pre-qualification document up to** | : | **05.00 PM, Dt-28.07.2021** |
| **Last date for receipt up to** | : | **02.00 PM, Dt-29.07.2021** |
| **Date of opening at** | : | **04.00 PM, Dt-29.07.2021** |

OIPR-12098/11/0001/2122

**Sd./- Project Manager (Engg.).**

# ଅଧା ସ୍ୱପ୍ନରେ ଭାଙ୍ଗିଛି ନିଦ...

## (ପ୍ରୟାତ କବି ଶୁଭେନ୍ଦୁ ମୁଣ୍ଡ: ଏକ ସ୍ମୃତିଲିପି)

### ପ୍ରଦକ୍ଷିଣ



ଶୁଭେନ୍ଦୁ ମୁଣ୍ଡ

"ଗତ ମେ ୨୮ରେ କବି ଶୁଭେନ୍ଦୁ ମୁଣ୍ଡଙ୍କର ପରଲୋକ ହୋଇଛି ସତୁରି ବର୍ଷ ବୟସରେ। ଆଜୀବନ ସାହିତ୍ୟ ସାଧନାରେ ନିୟୋଜିତ ରହି ଅନେକ ଗବେଷଣାମୂଳକ ପ୍ରକଳ୍ପ ସହ ସେ ସଂପୃକ୍ତ ଥିଲେ। ଅନେକ ଅନୁବାଦ କାମରେ ହାତ ଦେଇଥିଲେ। କିଛି ସରିଛି, କିଛି ବାକି ଅଛି। ଅନେକ କବିତାର ଧାଡ଼ି ତାଙ୍କର ଅଧାରେ ଅଟକିଛି। ଥମିଛି କଲମ। ଅସମ୍ପୂର୍ଣ୍ଣ ରହିଗଲା ଜୀବନ; ଅଧା ରହିଛି ସ୍ୱପ୍ନ। ଅଧା ସ୍ୱପ୍ନରେ ଭାଙ୍ଗିଯାଇଛି ଶୁଭେନ୍ଦୁଙ୍କ ସୁଖ ନିଦ।"

ସ୍ୱପ୍ନବିଳାସୀ ଥିଲେ କବି ଶୁଭେନ୍ଦୁ। ଜୀବନ୍ତ, ହସହସ, ଅଫୁରନ୍ତ ଉତ୍ସାହରେ ଜିଉଥିବା ପ୍ରାଣବନ୍ତ ମଣିଷଟିଏ ଥିଲେ ସେ। କବି ଭାବରେ ଥିଲେ ମାନବବାଦୀ। ମାଟି ଓ ମଣିଷର ସ୍ୱରରେ ଝଂକୃତ ହେଉଥିଲା ତାଙ୍କ କବିତା। ଶୁଭେନ୍ଦୁଙ୍କର ଜନ୍ମ ହୋଇଥିଲା ୧୬ ମେ ୧୯୫୧ରେ, କଳାହାଣ୍ଡି ଜିଲାର କାଶୀବାହାଲ୍ ଗ୍ରାମରେ। ପିଲାଦିନୁ ସେ କଳାନୁରାଗୀ ଥିଲେ ହେଁ ଛାତ୍ରାବସ୍ଥାରୁ ଲେଖାଲେଖି ଆଡ଼କୁ ମନ ବଳାଇଥିଲେ ଏବଂ କଲେଜରେ ପଢ଼ିବା ବେଳେ ତାଙ୍କ କବିତା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ ପାଇବା ଆରମ୍ଭ କରିଥିଲା। ତାଙ୍କର ପ୍ରଥମ କବିତା ସଂକଳନ 'ଶବ୍ଦ ନିଃଶବ୍ଦ' ୧୯୮୦ରେ ପ୍ରକାଶ ପାଇଥିଲା। ଏହା ପରେ ପରେ ସେ କବିତା କ୍ଷେତ୍ରରେ ବେଶ୍ ସୁନାମ ଅର୍ଜନ କରିଥିଲେ। ଏଯାବତ୍ ତାଙ୍କର ଛଅଟି କବିତା ସଂକଳନ ପ୍ରକାଶ ପାଇଛି। ସେଗୁଡ଼ିକ ଯଥାକ୍ରମେ: 'ଶବ୍ଦ ନିଃଶବ୍ଦ', 'ମୁହୂର୍ତ୍ତଟିଏ ମୋହିନୀ', 'ସ୍ୱପ୍ନାବର୍ତ୍ତ', 'ଶବ୍ଦଫେଣା', 'ସ୍ଥିର ଉଡ଼ାଣ' ଓ 'ଅନ୍ତରଙ୍ଗ ଉଚ୍ଚାରଣ'। ଶେଷ କବିତା ସଂକଳନ 'ଅନ୍ତରଙ୍ଗ ଉଚ୍ଚାରଣ' ପ୍ରକାଶ ପାଇଥିଲା ୨୦୧୬ ମସିହାରେ। ତା'ପରେ ଯଦିଓ ଆଉ କବିତା ସଂକଳନ ପ୍ରକାଶିତ ହୋଇନାହିଁ, ତେବେ ତାଙ୍କ ରଚିତ ଅନେକ ପ୍ରକାଶିତ କବିତା ପଡ଼ିରହିଛି; ଯାହାକୁ ନେଇ ସେ ଆଉ ଏକ ପାଣ୍ଡୁଲିପି ପ୍ରସ୍ତୁତିରେ ଥିଲେ।

ଶୁଭେନ୍ଦୁ କେବଳ କବି ନ ଥିଲେ। ସେ ଥିଲେ ଏକାଧାରରେ କବି, ଗାଳ୍ପିକ, ପ୍ରାବନ୍ଧିକ, ଭ୍ରମଣ କାହାଣୀକାର, ସମାଲୋଚକ, ଗବେଷକ ଓ ଅନୁବାଦକ। ତାଙ୍କର ଦୁଇଟି ଗଳ୍ପ ପୁସ୍ତକ ପ୍ରକାଶିତ– 'ଛକ' ଓ 'ସୀମାବଦ୍ଧ'। ଏଥିରେ ଥିବା ଗଳ୍ପଗୁଡ଼ିକ ବେଶ୍ ଆଦୃତ। ତାଙ୍କ ପ୍ରବନ୍ଧ ପୁସ୍ତକଗୁଡ଼ିକ ମଧ୍ୟରେ 'କବି ପଦ୍ମଚରଣ', 'ନାଟକ ଜିଜ୍ଞାସା', 'ଓଡ଼ିଆ ସାହିତ୍ୟ ଓ ସାହିତ୍ୟିକ: ନବ ମୂଲ୍ୟାୟନ', 'ସାହିତ୍ୟ ଓ ସାଂସ୍କୃତିକ ଅଧ୍ୟୟନ: କେତୋଟି ଚିନ୍ତନ', 'ପଶ୍ଚିମ ଓଡ଼ିଶାର ସଂସ୍କୃତି ଓ ପରମ୍ପରା' (ସଂପାଦନା) ପ୍ରଭୃତି ଉଲ୍ଲେଖନୀୟ। ଏତଦ୍‌ବ୍ୟତୀତ ତାଙ୍କର ଏକ ଭ୍ରମଣ କାହାଣୀ ରହିଛି: 'ଦେଶ ଦେଶ ମଣିଷ ମଣିଷ'। ତାଙ୍କ ଦ୍ୱାରା ଓଡ଼ିଆରେ ଅନୂଦିତ ପୁସ୍ତକ ମଧ୍ୟରେ ରହିଛି କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ 'ତ୍ୟାଗରାଜ' ଓ ଏନ୍‌ବିଟି ପ୍ରସ୍ତୁତ ଶିଶୁପୁସ୍ତକ 'ଲୋଭୀ ବାଛୁରୀ'। ସ୍ୱର୍ଗତ କାଳିନ୍ଦୀ ଚରଣ ପାଣିଗ୍ରାହୀ ଓ ଆହୁରି କେତେଜଣ ଦିଗ୍‌ଗଜ ଓଡ଼ିଆ ଲେଖକଙ୍କ କୃତିକୁ ସେ ଇଂରାଜୀରେ ଅନୁବାଦ କରିଥିଲେ, ଯାହା ପ୍ରକାଶୋନ୍ମୁଖୀ। ସମକାଳୀନ ଅନେକ ଓଡ଼ିଆ କବିଙ୍କର କବିତାକୁ ସେ ଇଂରାଜୀରେ ଅନୁବାଦ କରିଥିଲେ।

ଶୁଭେନ୍ଦୁ କେବଳ ସାରସ୍ୱତ ସାଧକ ନ ଥିଲେ, ଥିଲେ ସାରସ୍ୱତ ସନ୍ଧାନୀ। ଭାଷା ଓ ସାହିତ୍ୟରେ ଅଧ୍ୟୟନ ଓ ଗବେଷଣା ତାଙ୍କ ସାରସ୍ୱତ ସାଧନାର ବୃହତ୍ତମ ଦିଗ ଥିଲା। ପୁରୀ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ, କଟକ ରେଭେନ୍ସା ମହାବିଦ୍ୟାଳୟ ଓ ଭୁବନେଶ୍ୱର ବକ୍ସି ଜଗବନ୍ଧୁ ମହାବିଦ୍ୟାଳୟରେ ଦୀର୍ଘ ଦିନର ଅଧ୍ୟାପନା ସାରି ଅବସର ଗ୍ରହଣ ପରେ ମଧ୍ୟ ତାଙ୍କର ଅଧ୍ୟୟନ ଓ ଗବେଷଣା ସରି ନ ଥିଲା। ସେ ବିଭିନ୍ନ ବିଶ୍ୱବିଦ୍ୟାଳୟର ଭିଜିଟିଂ ପ୍ରଫେସର ଭାବେ ନାନା ଗବେଷଣା ଓ ସେମିନାର୍ ପେପର ପ୍ରସ୍ତୁତିରେ ଶେଷ ଜୀବନ ପର୍ଯ୍ୟନ୍ତ ବ୍ୟସ୍ତ ରହିଥିଲେ। ସେ 'ଇଣ୍ଡିଆନ୍ ଜର୍ନାଲ୍ ଅଫ୍ ୱାର୍ଲଡ ଲିଟରେଚର୍ ଆଣ୍ଡ କଲ୍‌ଚର'ର ମୁଖ୍ୟ ସଂପାଦକ ଥିଲେ। ଓଡ଼ିଆ ଭାଷାରୁ ଇଂରାଜୀକୁ ବହୁ ପୁସ୍ତକ ଅନୁବାଦ କରିଥିଲେ। ସାହିତ୍ୟ ଏକାଡେମୀର ଭାଷା ସଂକ୍ରାନ୍ତ କାର୍ଯ୍ୟକ୍ରମ, ଅଭିଧାନ ପ୍ରସ୍ତୁତି ଆଦି କାର୍ଯ୍ୟରେ ସେ ନିୟୋଜିତ ଥିଲେ। ଭାରତୀୟ ଇଂରାଜୀ ଲେଖକଙ୍କ ଉପରେ ସେ ଦୀର୍ଘ ଦିନ ଧରି ଅଧ୍ୟୟନ ଓ ଗବେଷଣା କରି ବହୁ ନିବନ୍ଧ ଲେଖିଥିଲେ। ନିକଟରେ ତାଙ୍କର ଏ ସମ୍ପର୍କୀୟ ଏକ ପୁସ୍ତକ 'The Making of Indian English Literature' ପ୍ରକାଶ ପାଇ ଚର୍ଚ୍ଚିତ ହୋଇଥିଲା।

ଶୁଭେନ୍ଦୁ ବହୁ ବଡ଼ବଡ଼ ସାହିତ୍ୟ-ପୁରସ୍କାରର ଚୂଡ଼ାନ୍ତ ବିଚାରକ ଭାବେ ଯଦିଓ କାର୍ଯ୍ୟ କରିଥିଲେ, ସାରା ଜୀବନ ସାହିତ୍ୟ ସାଧନା କରି ମଧ୍ୟ ନିଜେ ସାହିତ୍ୟ ଏକାଡେମୀ ପୁରସ୍କାରଟିଏ ପାଇ ନ ଥିଲେ। ଅବଶ୍ୟ ସେଥିପାଇଁ ସେ ବିଚଳିତ ନ ଥିଲେ। ସ୍ଥିତପ୍ରଜ୍ଞ ଏହି ଲେଖକଙ୍କ ଆକସ୍ମିକ ବିୟୋଗ ଏକ ଜାତୀୟ କ୍ଷତି।

**ସମରେନ୍ଦ୍ରନାଥ ମହାପାତ୍ର**
ମୋ: ୯୪୩୯୨୯୧୨୭୭

### କବିର ବଞ୍ଚିବା

**ଶୁଭେନ୍ଦୁ ମୁଣ୍ଡ**

ଲୁହ ବହି ଆଖି ଶୁଖିଗଲା ପରେ ବି
ଯାହା ବଳକା ରହିଯାଏ
ତା' ନାଁ ଦୁଃଖ,
ସମସ୍ତ ଉଚ୍ଛ୍ୱାସ ଶବ୍ଦ ହୋଇ
ଧାଡ଼ି ଧାଡ଼ି ଖଞ୍ଜି ହୋଇଗଲା ପରେ ବି
ଯାହା ରହିଯାଏ,
ତା' ନାଁ କବିତା!
ଦୁଃଖ ଭଳି
କବିତାର ଶେଷ ନାହିଁ।

ଯେତେବେଳେ କେଉଁଠି ଗୁଳିଟିଏ ଫୁଟୁଥାଏ
ଉପାସରେ କାନ୍ଦୁଥାଏ ମା'ଛେଉଣ୍ଡ ପିଲାଟିଏ,
ଭିତରୁ ଚେଇଁଉଠେ ଦୁଃଖ,
ଗୁଳିମାଡ଼ ଖାଇଥିବା ସୈନିକର ରକ୍ତ ଭଳି
କବିତା ବହିଆସେ,
ବହିଆସେ, ଜମାଟ ବାନ୍ଧିଯାଏ,
ଫୁଲଟିଏ ପାକଳ ହୋଇ ଫଳ ପାଲଟିବା ଭଳି
ଶୁଖିଲା ପାଖୁଡ଼ା ଝଡ଼ିପଡ଼େ,
କଳା, ଜମାଟବନ୍ଧା ରକ୍ତର ବକଳା ବି
ଠିକ୍ ସେମିତି ଖସିପଡ଼େ।

ପୁଣି ରକ୍ତ ବହେ
ରିସ୍‌ରିସ୍ ଲେପି ହୋଇଯାଏ ଭିତରସାରା
ନିଃଶବ୍ଦ ଅନ୍ଧାର ଭଳି,
ରକ୍ତପାୟୀ କେହି ଜଣେ ଜନ୍ମନିଏ
ଅନ୍ଧାର ଭିତରୁ
ଆଉ ସେଇ କ୍ଷତକୁ ଚାଟିବା ଆରମ୍ଭ କରେ
ପୁରୁଣା ଘା' ପୁଣି ସତେଜ ଟହଟହ ଲାଲ୍
ହେଉଥାଏ,
ପୁଣି ରକ୍ତ ଝରି ଆସୁଥାଏ।

ଏମିତି ବଞ୍ଚିରହେ ଦୁଃଖ,
ଏମିତି ବଞ୍ଚିରହେ କବିଟିଏ,
ଏମିତି ମରୁଥାଏ।

### କବିତା

#### ଏରସ୍ (୧)

**ବିଜୟ ରାୟ**

ଛାତି ଭିତରେ
ଏଇ କାନ୍ଦ ଟିକକ
ଅବଶିଷ୍ଟ ଅଧିକାର ହୋଇ ଥାଉ!
ଲୁହଟୋପାରେ କେବେ ବୋହିନଯାଉ!!

ଲୁହର ଦ୍ରବଣରେ ସବୁବେଳେ
ରୂପ ଖୋଜିହେବା
କିଛି ଜରୁରୀ ନଥାଏ
ଓଠ ବି ବେଳେବେଳେ
ଯନ୍ତ୍ରଣାର ହସ ନାଇଥାଏ!

ସ୍ପନ୍ଦନ ବିହୀନ ଲତାଟିଏ
ପରି ନୀରବତା;
ପରିତ୍ୟକ୍ତ ପରିସ୍ରାଗାର କାନ୍ଥରେ
ମାଡ଼ି ଚାଲିଥାଉ...
ଏ କାନ୍ଦର ଓର ଖୋଜା ସେମିତି
ଅଜଣା ରହୁ!

କେମିତି ବେଳ କି ଇଏ?
ପୁରୁଖାଏ ଦାବି କଲେଣି ବିସ୍ତାର
ନବୀନମାନେ ଦାବିକଲେଣି ନଜର
ମଫି ମଫିକାଏ କାହାର?
ମହାଜନ ନା' ଖାତକର!!

ଏମିତିକା ଗୋଟେ ରଙ୍ଗମଞ୍ଚ
ଯୋଉଠି; ଖୋଦ୍ ଅଭିନେତାକୁ ବି
ଜଣା ନଥାଏ...
ଅଭିନୀତ ହେବ କୋଉ
ଆଗିଲା ଦୃଶ୍ୟ!!

ଭାବ ଓ ଶବ୍ଦଙ୍କ ଆଲୋକିତ
ଜଙ୍ଗଲରୁ, ଲୁଚେଇ ଚୋରେଇ
ମହୁତକ ତ ନିଜର କଲି
ପୁରୁଣା କରିବି ବୋଲି...
ଅଜ୍ଞାନତାର ଅମୁହାଁ ବେକାରେ
ଭରି...
ସମୟ ଶିକାରେ ଝୁଲେଇଦେଲି
ବେଳ ଅବେଳରେ
ପଥି ପରି ପାନେ ପାନେ
ବେଧଡ଼କ ହୋଇ ବାଣ୍ଟି ଲାଗିଲି
ହେଲେ, ଏ ମହୁ ସୃଜିବାର
ତୌର୍ ତରିକାକୁ କୋଉ
ସାଧି ପାରିଲି?

ନିଜ କାନ୍ଧରେ ନିଜେ
କାନ୍ଦି ପାରିଲି ନାହିଁ ବୋଲି ତ
କବିତାକୁ କାନ୍ଧ କଲି!!

ମୋ: ୬୩୭୦୦୬୩୭୨୩

#### ଗୃହିଣୀ

**ତପସ୍ୱିନୀ ମିଶ୍ର**

ସମୟ ସହ ସଂଯତ ପାଦ ଶବ୍ଦରେ
ଘଡ଼ି ଓ ତା' ଶବ୍ଦର ଗମ୍ଭୀରତାରେ
ସେ ଗୃହିଣୀଟିଏ
ଦିନରୁ ରାତି ଓ ରାତିରୁ ଦିନ
ଅହରହ ସିଝୁଥାଏ।
ଆବୋରିଥିବା ପଣତର ତାତିରେ।
ଆୟୁଷ ଖୋଜୁଥାଏ
ପ୍ରେମ ଆଉ ଆପଣାପଣର
ଟା କପ୍‌ର ଉଷୁମ ବାମ୍ଫରେ।।


ଯୁକ୍ତି କରିପାରେନି
ସନ୍ଧି ଭାଙ୍ଗି ପାରେନି
ସବୁବେଳେ ସବୁକାଳେ
ନିଜରଙ୍କୁ ହାରିଦେବାର ଭୟରେ
ଉଦାସପଣକୁ ଓଢ଼ଣାତଳେ ଲୁଚାଇନିଏ
ଆଖି ଛଳଛଳରେ
ମନର ବିକଳ ପଣରେ।
ଉପେକ୍ଷାକୁ ଅପେକ୍ଷାର ତରାଜୁରେ
ତେର୍‌ବାର ତଉଲିଥାଏ
ଶୂନ୍ୟ ଏକ ସଂପର୍କର କୁଟିଳ ବନ୍ଧନୀରେ।।

ସଂପର୍କ ଯୁଦ୍ଧରେ
କେବେ ଜିତିଛି ମନେ ନାହିଁ
ସଂପର୍କ ପାଇଁ କେବେ
ସମଝୌତାରେ ହାରେ ନାହିଁ
ଜୀବନର ଦୁଇପାଖକୁ
ଏକାକାର କରୁକରୁ
ସ୍ଥିତି ଓ ତିଥିର ପରିଧି ଭିତରେ।
ସେ ଗୃହିଣୀଟିଏ ଅହରହ ସିଝୁଥାଏ
ସମୟ ସହ ସଂଯତ ପାଦଶବ୍ଦରେ
ଘଡ଼ି ଓ ତା' ଶବ୍ଦର ଗମ୍ଭୀରତାରେ।।

ମୋ: ୮୦୧୮୭୯୭୧୪୭

### ପୁସ୍ତକ ପରିଚୟ


#### ଓଡ଼ିଶା ଅଫ୍ ମାଇଁ ଟାଇମ୍‌ସ




**ମୂଳ ଓଡ଼ିଆ:** ଡ. କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
**ଇଂଲିଶ୍ ରୂପାନ୍ତର:** ହିରଣ୍ୟ କୁମାର ପାଣିଗ୍ରାହୀ
ଅବନୀକାନ୍ତ ମିଶ୍ର
**ପ୍ରକାଶକ:** ନୋସନ୍ ପ୍ରେସ୍ ମେଡିଆ ପ୍ରା. ଲିମିଟେଡ୍, ଚେନ୍ନାଇ
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ.୧୪୯୯/-

ପ୍ରଖ୍ୟାତ ଗବେଷକ ପଦ୍ମଶ୍ରୀ ଡ. କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ 'ଓଡ଼ିଶା ସାହିତ୍ୟ ଏକାଡେମୀ' ପୁରସ୍କାର ପ୍ରାପ୍ତ (୧୯୭୮) ପୁସ୍ତକର ଅତି ସଫଳ ଇଂଲିଶ୍ ଅନୁବାଦ ନୋସନ୍ ପ୍ରେସ୍ ଦ୍ୱାରା ଏବେ ପ୍ରକାଶ ପାଇଛି, ଯାହାର ଯଶସ୍ୱୀ ଅନୁବାଦକ ଆଉ କେହି ନୁହନ୍ତି, ଡ. ପାଣିଗ୍ରାହୀଙ୍କ ସୁପୁତ୍ର ସୁସାହିତ୍ୟିକ ଇଂ. ହିରଣ୍ୟ କୁମାର ପାଣିଗ୍ରାହୀ ଓ ସୁଲେଖକ ଅବନୀକାନ୍ତ ମିଶ୍ର। ବହିଟିର ଅନୁବାଦ ଏତେ ଯତ୍ନର ସହ କରାଯାଇଛି, ଯାହାକୁ ପଢ଼ିଲେ ଲାଗେ ସତେ ଯେମିତି ଏହା ଓଡ଼ିଆରୁ ଅନୂଦିତ ନୁହେଁ, ମୂଳତଃ ଇଂଲିଶ୍‌ରେ ହିଁ ଲେଖା। ୨୮୮ ପୃଷ୍ଠାର ଏହି ପୁସ୍ତକରେ ମୂଳ ଓଡ଼ିଆ ପୁସ୍ତକ-ସୂଚୀର କ୍ରମାଙ୍କକୁ ଅପରିବର୍ତ୍ତିତ ରଖାଯାଇଛି। ମୁଖବନ୍ଧରେ ହିରଣ୍ୟ ବାବୁ ଲେଖିଛନ୍ତି: "...this book is not merely his autobiography. It is that and much more: it paints a vivid and honest picture of Odisha of his times, ...his many life occurrences, and his frank and out spoken views on men and matter that he encountered in his life's voyage." (P:06) ମୂଳ ଓଡ଼ିଆ ଗ୍ରନ୍ଥ 'ମୋ ସମୟର ଓଡ଼ିଶା'ର ଦ୍ୱିତୀୟ ସଂସ୍କରଣ ମୁଖବନ୍ଧରେ ଲୋକରତ୍ନ ଡ. କୁଞ୍ଜବିହାରୀ ଦାଶ ଲେଖିଛନ୍ତି: "This book is meant to awaken the forgotten spirit of an ethnic race." (P:12) ଅନୁବାଦର ଚାରୁତା, ବିଶ୍ୱସନୀୟତା ଓ ତଲ୍ଲୀନତାର ଚାକ୍ଷୁଷ ରୂପ ନିମ୍ନୋକ୍ତ ଉଦ୍ଧୃତିରେ ଅଲକ୍ଷ୍ୟ ରହେନାହିଁ। ୧. "There is no other place in the world like Odisha. All concerned gang up on a man here and try to foil his efforts if he makes an honest effort in the cultural field. Culture can never be appreciated here unless it is blended with hypocrisy." (P:228) ୨. "I have committed many sins in my life. But I have not committed sins like misappropriating someone else's property, misappropriating Government revenue, or drinking alcohol. x x Being sincere to my duties and complete rejection of the corrupt practices were the reasons why I had resigned from the Government of India service." (P:228). ଅପ୍ରିୟ ସତ୍ୟ କଥନ ଓ ଅନସୂୟାର ଯେଉଁ ଅତୁଟ ବନ୍ଧନ ମୂଳଗ୍ରନ୍ଥଟିକୁ ଅପୂର୍ବ ପାଠକାଦୃତି ଆଣିଦେଇଛି, ଆଲୋଚ୍ୟ ଇଂଲିଶ୍ ରୂପାନ୍ତରଟି ତାକୁ ନାନା କାରଣରୁ ଯେ ଅତିକ୍ରମ କରିଯିବ, ଏଥିରେ ସନ୍ଦେହ ନାହିଁ। ନୃତାତ୍ତ୍ୱିକ ମୂଲ୍ୟବାହୀ ଏକାଧିକ ବିରଳ ଫଟୋର ସନ୍ନିବେଶ ଓ ରୁଚିଶୀଳ ମୁଦ୍ରଣ ପରିପାଟୀ ବହିଟିକୁ ଉଚ୍ଚ ମାନସମ୍ପନ୍ନ କରିପାରିଛି।

#### ଶ୍ରାବଣ ପାଉନି ଭଲ ମେଘକୁ




**କବି:** ସ୍ନେହଲତା ପୃଷ୍ଟି
**ପ୍ରକାଶକ:** ସାହିତ୍ୟ ଶ୍ୱେତପଦ୍ମା, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୦, **ମୂଲ୍ୟ:** ଟ.୧୦୦/-

୬୮ଟି ଗୀତି-କବିତାର ସମାହାରରେ ଗୀତିମଧୁର ହେବା ସାଙ୍ଗକୁ ଭାବାବେଗରେ ହୃଦୟଛୁଆଁ ହୋଇପାରିଛି ଆଲୋଚ୍ୟ ଗୀତିଗ୍ରନ୍ଥଟି। 'ପଦେ କହିଦିଏ' ଶୀର୍ଷକ ଗଦ୍ୟଲେଖରେ ସ୍ନେହଲତା ଲେଖିଛନ୍ତି: "କେବେ ନଈକୂଳରେ ବସି ସାଙ୍ଗମାନଙ୍କ ସହ ମାଟି କଣ୍ଢେଇ ତିଆରି କରୁଥିଲି। କେବେ କେବେ ମିଛିମିଛିକା ପୁଅଝିଅର ବାହାଘର ପାଇଁ ମନକୁ ମନ ଫାନ୍ଦି କାନ୍ଦଣା ଗାଉଥିଲି। ପିଲାଦିନର ଏଇ ଦୁଷ୍ଟାମି ପରବର୍ତ୍ତୀ ସମୟରେ କିଛି ଲେଖିବା ପାଇଁ ଶିଖେଇଲା। ତା' ନାଁ ହେଲା କବିତା।" "ତୁମେ ଚାହିଁଦେଲା ପରେ/ ଲାଜରେ ଲାଜରେ/ ନଇଁଗଲା ଆଖିପତା।/ ତୁମେ ଥିଲ ଆଉ ମୁଁ ଥିଲି ପୁଣି/ ଥିଲା ଖାଲି ନୀରବତା" ଏବଂ "ଆଜି କାହିଁ ଲାଗେ ମତେ/ ଏମିତି ଏମିତି/ କେହି ଜଣେ ମୋ' କଥା/ ଭାବୁଛି ଯେମିତି" ଠାରୁ ଆରମ୍ଭ କରି ବହିର ଶେଷ ଗୀତ 'ଶ୍ରାବଣ ପାଉନି ଭଲ ମେଘକୁ' ପର୍ଯ୍ୟନ୍ତ ପ୍ରାୟ ସବୁ ଗୀତରେ ମୌଳିକ ଅନୁଭବ ଓ ଭାବକୁ ଭାଷାରେ ବୁଣିବାର ଯେଉଁ କାରିଗରି ଅଛି, ତାହା ସାମ୍ପ୍ରତିକ ଓଡ଼ିଆ ଗୀତି-କବିତାରେ ଛାପ ଛାଡ଼ିଗଲା ଭଳି।

### ପର୍‌ମିଟ୍

**ଅଲେଖ ଚନ୍ଦ୍ର ମିଶ୍ର**

ଅଣୁ ଗଳ୍ପ

ସହରର ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଥିବା ଏକ ସମ୍ଭ୍ରାନ୍ତ ପାର୍କର ଫାଟକ ସାମ୍ନାରେ ଫୁଟ୍‌ପାଥ୍ ଉପରେ ପସରା ମେଲେଇ 'ଚେନାଚୂର, ଚେନାଚୂର' ଡାକୁଥିଲା ଗରିବ ଲୋକଟିଏ। ହଠାତ୍ ତା' ପାଖକୁ ଆସି ଧମକ ଦେଲା ପାର୍କର ସୁରକ୍ଷାକର୍ମୀ– "ହେ, ହେ ପାର୍କ ଚାରିପଟ ଉଠାଦୋକାନୀଙ୍କ ପାଇଁ ବିଲ୍‌କୁଲ ମନା, ଜାଣିନୁ? ଯା, ପଳା ବାହାର ବାହାର। ଆଉଦିନେ ବି ଏଠିକି ଆସିବୁନି।"

– "ହେଲେ ଆଉ ଲୋକମାନେ ତ ଏଠି ବିକ୍ରିବଟା କରୁଛନ୍ତି!" ଥଙ୍ଗେଇ ଥଙ୍ଗେଇ କହିଲା ଲୋକଟି।

– "ଅନ୍ୟମାନଙ୍କ ସହିତ ତୁ ସମାନ?" ଦୃଢ଼ ଜବାବ ଦେଲା ସୁରକ୍ଷାକର୍ମୀ। "ତାଙ୍କର ପର୍‌ମିଟ୍ ଅଛି, ବୁଝିଲୁ?"

– "ବାବୁ, ମତେ ଗୋଟାଏ ପର୍‌ମିଟ୍ ଦଉନା" ନେହୁରା ହେଲା ଲୋକଟି।

– "ପର୍‌ମିଟ୍ କ'ଣ ଏଠି ବଣ୍ଟା ହେଉଛି ଯେ ଯାହାର ନାହିଁ ତା' ହାତରେ ଗୁଞ୍ଜିଦେବି?"


– "ତା'ହେଲେ କେମିତି ମିଳିବ ଟିକେ ବତେଇ ଦିଅ।" କର୍ମୀଟିର ପାଖକୁ ଲାଗିଆସି ଲୋକଟି ତା' ହାତରେ ଦଶଟଙ୍କିଆ ନୋଟ୍‌ଟିଏ ଗୁଞ୍ଜିଦେଇ କହିଲା– 'ଏଇ ନିଅ ପାନଖିଆ।'

– ଏଥରକ କର୍ମୀଟିର ମୁହଁରେ ଫୁଲଫୁଟିଲା। ଲୋକଟିର ପିଠି ଥାପୁଡ଼େଇ ଦେଇ କହିଲା–"ଆଦ୍‌ମୀ ସମଝଦାର୍ ହୋ। ଆଜିପାଇଁ ପର୍‌ମିଟ୍ ତ ମିଳିଗଲା। ଏଥରକ ଯାହା କରୁଛୁ କର। କାଲିକି ପୁଣି ଆସିବୁ।"

ମୋ: ୯୪୩୮୬୭୩୮୯୮

### କାଳକାଳକୁ

"ଜଣେ ଲେଖକର ଧର୍ମ ହେଉଛି ପ୍ରଶ୍ନ କରିବା, ପ୍ରଶ୍ନ ସବୁର ଉତ୍ତର ଦେବା ନୁହେଁ"
– ଆଣ୍ଟୋନ୍ ଚେଖଭ୍



**ଆଣ୍ଟୋନ୍ ଚେଖଭ୍‌ଙ୍କ** ଜନ୍ମ ୨୯ ଜାନୁୟାରୀ ୧୮୬୦ରେ, ରୁଷିଆରେ ଓ ପରଲୋକ ୧୫ ଜୁଲାଇ ୧୯୦୪ରେ ଜର୍ମାନୀରେ। ପେସା ଡାକ୍ତରୀ। ବିଶ୍ୱପ୍ରସିଦ୍ଧ ରୁଷୀୟ ଏହି କଥାଶିଳ୍ପୀ ଓ ନାଟ୍ୟକାର। 'ଇଭାନୋଭ୍', 'ଦ ସିଗଲ', 'ଥ୍ରି ସିଷ୍ଟର୍ସ', 'ଦ ଉଡ୍ ଡେମନ୍', 'ଦ ବିଅର୍' ଆଦି ନାଟକ ଓ 'ୱାର୍ଡ ନଂ. ୬', 'ଦ ଲେଡି ଉଇଥ୍ ଦ ଡଗ୍' ଓ 'ଦ ଡେଥ୍ ଅଫ୍ ଏ କ୍ଲର୍କ' ପ୍ରଭୃତି ଗଳ୍ପଗ୍ରନ୍ଥ ପାଇଁ ସେ ଚର୍ଚ୍ଚିତ। ଗଳ୍ପରେ ଭାଷା ଓ ବିଷୟର ନବନିର୍ମାଣ ପାଇଁ ନିଜ ସମକାଳ ତଥା କାଳାନ୍ତରରେ ଚେଖଭ୍ ବିଶ୍ୱ ସାହିତ୍ୟରେ ଏକ ପ୍ରମୁଖ ସ୍ଥାନ ଦାବି କରନ୍ତି। 'ଦ ସିଗଲ୍' ନାଟକ ପାଇଁ ତାଙ୍କୁ ମିଳିଛି ମର୍ଯ୍ୟାଦାଜନକ 'ପୁଷ୍କିନ୍ ପ୍ରାଇଜ୍'। ସେ କହନ୍ତି: "ମଣିଷର ସମ୍ଭବତଃ ଶହେଟି ଇନ୍ଦ୍ରିୟ ଅଛି। ମୃତ୍ୟୁରେ ମାତ୍ର ପାଞ୍ଚୋଟିର ବିଲୋପ ଘଟେ। ଆଉ ପଞ୍ଚାନବେଟି ବଞ୍ଚିରହେ।"

### ଝିଅଦେଖା

**ସାଗରିକା ପଟ୍ଟନାୟକ**

ଗଳ୍ପ

ମା'ର ସେଇ ପୁରୁଣା ଶାଢ଼ିକୁ ପିନ୍ଧି ମୁଣ୍ଡ ନୁଆଁଇ ବସିଥିଲା ଶତରୂପା। ହେଲେ ମନରେ ଡର ନ ଥିଲା। ଉତ୍ତର ହଁ ଅଥବା ନା ହୋଇପାରେ। ତେବେ ନା ହେବାର ସମ୍ଭାବନା ଅଧିକ। କାହିଁକିନା ଅନେକଥର ସେ ଏ ଶବ୍ଦଟା ଶୁଣିଛି। ଏଥର ବା ନୂଆ ଆଉ କ'ଣ। ସମୟଟା ଥିଲା ତା'ର ଝିଅଦେଖା।

ଇତିମଧ୍ୟରେ ତିନି ବର୍ଷ ବିତିଗଲାଣି। ଆଉ ତିନିଶହରୁ ଊର୍ଦ୍ଧ୍ୱ ବିବାହ ପ୍ରସ୍ତାବ ତା' ବାପା ଦେଖିଲେଣି। ସେମାନଙ୍କ ମଧ୍ୟରୁ କିଛି ଏଇଭଳି ଘରକୁ ଆସନ୍ତି ତାକୁ ଦେଖିବା ପାଇଁ।

ଶତରୂପା ଉଚ୍ଚ ଶିକ୍ଷିତା। ସରକାରୀ ନ ହେଲେ ବି ବେସରକାରୀ ସଂସ୍ଥାରେ ଭଲ ଚାକିରିଟିଏ କରିଛି। ଦରମା ବି ଖୁବ୍ ଭଲ। ହେଲେ ଏସବୁ କିଛି ଫରକ ପକାଏନା ତା' ଝିଅଦେଖାରେ। ଉଚ୍ଚ ଶିକ୍ଷିତ ପୁଅମାନଙ୍କର ପରିବାର କେବେ ଚାକିରି ଛାଡ଼ିବାକୁ ଇଚ୍ଛା ପ୍ରକାଶ କରନ୍ତି ତ କେବେ ତା' ପରିବାରର ସରଳତାକୁ ପସନ୍ଦ କରନ୍ତି ନାହିଁ। ନିରୁପାୟ ଥାଏ ଶତରୂପା। ବାପାଙ୍କ ଆଗରେ ମୁହଁ ଖୋଲିବାକୁ ସାହସ ନ ଥାଏ ତା'ର। ସେଥିପାଇଁ ବାପାଙ୍କ ଡାକରାରେ ନିତି ସଜେଇ ହୋଇ ବସେ ବରପକ୍ଷଙ୍କ ସାମ୍ନାରେ, ଠିକ୍ ଆଜି ଭଳି।

ଏସବୁ ଖିଆଲ ମଧ୍ୟରେ ବରପକ୍ଷର ଜଣେ ମଧ୍ୟବୟସ୍କ ବ୍ୟକ୍ତି ପଚାରିଲେ...

– ମା' ନାଁଟା କ'ଣ?

– ଶତରୂପା।

– କେତେ ଦରମା ପାଉଛ ମା'?

– ତିରିଶ ହଜାର।

– ଆଚ୍ଛା ବିବାହ ପରେ ଚାକିରି ଛାଡ଼ିବ? ନା କିଛି ଅସୁବିଧା ଅଛି।

– ନା। ଅସୁବିଧା ନ ଥିଲେ ବି ମୁଁ ଛାଡ଼ିବାକୁ ଚାହେଁନି।

– କାରଣ?

– ଚାକିରି କରି ମଧ୍ୟ ମୁଁ ମୋ' ପରିବାରର ଦୁଃଖସୁଖ, ହାନିଲାଭ ବୁଝିପାରୁଛି। ବିବାହ ପରେ ବି କରିପାରିବି ବୋଲି ଭରସା ରହିଛି।

ହଠାତ୍ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ବିରତି ଟାଣି ବରପକ୍ଷ ପଟୁ ଆସିଥିବା ଜଣେ ମହିଳା କହିଲେ– 'ସେତିକି ପ୍ରଶ୍ନ ଥାଉ। ପୁଅଝିଅଙ୍କୁ ଟିକେ ନିରୋଳାରେ ସମୟ ଦିଅନ୍ତୁ। ସେମାନେ କଥା ହୁଅନ୍ତୁ। ଆମେ ନୁହେଁ, ଉଭୟଙ୍କୁ ଠିକ୍ ଲାଗିବା ଦରକାର'। ଏହା ପରେ ଉଭୟଙ୍କୁ ଅନ୍ୟ ଏକ କୋଠରିକୁ ପାଛୋଟି ନେଇଥିଲେ ଶତରୂପାର ଭାଉଜ। କିଛି ସମୟ ନୀରବତା ପରେ ପୁନଶ୍ଚ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ।

– ରାକେଶ: ଆପଣ କମ୍ଫର୍ଟେବଲ ତ!

– ଶତରୂପା: ହଁ।

– ମୋତେ କିଛି ପଚାରିବେ?

– ଆପଣ ପ୍ରଥମେ ପଚାରନ୍ତୁ। ମୁଁ ପରେ ପଚାରିବି।

– ଆଚ୍ଛା ଠିକ୍ ଅଛି। ଜୀବନ ଓ ଚାକିରି କିଭଳି ମ୍ୟାନେଜ୍ କରୁଛନ୍ତି?

– ହଁ, କରିନିଏ। ଆଜିଠାରୁ ଠିକ୍ ୭ ବର୍ଷ ଆଗରୁ ଶିଖିବା ଆରମ୍ଭ କରିଥିଲି। ଏବେ ମୁଁ ପ୍ରବୀଣ।

– ଚାକିରି ଛାଡ଼ିବେ ନାହିଁ ବୋଲି କହିଲେ। ଏହା ପଛରେ କିଛି କାରଣ?

– ହଁ। ସରକାରୀ ହେଉ ଅଥବା ବେସରକାରୀ। ନିଜ ଗୋଡ଼ରେ ଛିଡ଼ା ହେବା ବଡ଼ କଥା। ଏହାପରେ ଝିଅଟିଏ ସରକାରୀ ଚାକିରିଟିଏ କରିଥିଲେ ତାକୁ ଛାଡ଼ିବାକୁ କେହି କୁହନ୍ତି ନାହିଁ। ଅଥଚ ବେସରକାରୀ ଚାକିରି କରିଥିଲେ ଏଭଳି ପ୍ରଶ୍ନ ଉଠେ। ଆଉ ମୁଁ ମୋ' ପରିଚୟକୁ ବହୁତ ଭଲପାଏ, ଯାହାକି ଏହି ଚାକିରି ମୋତେ ଦେଇଛି। ଭବିଷ୍ୟତ ମଧ୍ୟ ଏଥିରେ ରହିଛି। ବିବାହ ପୁଅ ଓ ଝିଅ ଉଭୟଙ୍କୁ ନେଇ। ହେଲେ ଝିଅଟିଏ କ'ଣ ପାଇଁ ଏତେ ସବୁ ତ୍ୟାଗ କରେ ମୁଁ ବୁଝିପାରେନା। ଆଜି ମୁଁ ଚାକିରି ଛାଡ଼ି ବିବାହ କରିପାରେ। ହେଲେ ତାହା ମୋ' ସ୍ୱାଭିମାନ ଆଉ ମୋତେ କଷ୍ଟ ଦେବ। ଏଣୁ ମୁଁ ଏସବୁକୁ ନେଇ ପ୍ରସ୍ତୁତ ନୁହେଁ।

– ଆଚ୍ଛା। ଆପଣ କିଛି ପଚାରିବେ ବୋଧେ? ପଚାରନ୍ତୁ...

– ହଁ...। କେତେଜଣ ଝିଅଙ୍କୁ ବିବାହ ନିମନ୍ତେ ମନା କରିଛନ୍ତି?

– ଦଶରୁ ପନ୍ଦର ହୋଇଥିବେ। ହିସାବ ରଖିନାହିଁ।

– ମୋ' ପ୍ରସ୍ତାବଟି କାହିଁକି ଭଲ ଲାଗିଲା?

– ଆପଣ ଲେଖାଲେଖି କରନ୍ତି। ମୁଁ ଭାବେ ଲେଖୁଥିବା ମଣିଷ ଦୁଃଖ ଆଉ ସୁଖକୁ ପାଖରୁ ବୁଝେ। ମୋତେ ବୁଝିପାରୁଥିବା ମଣିଷଟିଏ ଦରକାର।

– କେବଳ ଚାକିରି ଛାଡ଼ିବା ନା ଆଉ କିଛି ଆଶା କରନ୍ତି ବିବାହ ପୂର୍ବରୁ?

– ପ୍ରଥମତଃ ମୋ' ସ୍ତ୍ରୀ ଚାକିରି ଛାଡୁ ବୋଲି ମୁଁ ଚାହେଁନି। ହେଲେ ବାପାଙ୍କ ମତରେ ଚାକିରି କଲେ ପିଲାମାନଙ୍କ ଉପଯୁକ୍ତ ଯତ୍ନ ନେଇ ହୁଏନି।

– ମୁଁ ଜାଣିଛି ଆପଣଙ୍କ ମା' ବୋଧହୁଏ ଜଣେ ପ୍ରଧାନ ଶିକ୍ଷୟିତ୍ରୀ।

– ହଁ।

– ସେ ତ ଦୁଇଟି ପିଲାର ମା'। ଚାକିରି ଛାଡ଼ି ନାହାନ୍ତି କାହିଁକି?


– ମୁଁ କହିପାରିବି ନାହିଁ।

– ଆଉ କିଛି ପ୍ରଶ୍ନ ନାହିଁ। ଆପଣ ଶେଷ ପ୍ରଶ୍ନର ଉତ୍ତର ପାଇଲେ ଜଣାଇବେ ନିଶ୍ଚୟ।

ପ୍ରଥମେ ମୁଣ୍ଡ ନୁଆଁଇଥିଲା ଶତରୂପା। ଏବେ କିନ୍ତୁ ମୁଣ୍ଡ ନୁଆଁଇ ଚାଲିଥାଏ ରାକେଶ। ଆଉ ବହୁତ ଦିନ ପରେ ନିଜ ମନର ପ୍ରଶ୍ନକୁ ଅନ୍ୟ କାହା ଆଗରେ କହିବା ପରେ ହାଲୁକା ଅନୁଭବ କରୁଥାଏ ଶତରୂପା।

ଝିଅଦେଖା ଶେଷ ହେଲା। ପୁଅଘର ଲୋକ ଘରକୁ ବାହୁଡ଼ିଲେ। ଦିନେ ଯାଇ ଦୁଇ ଦିନ ହେଲା। ରାକେଶଙ୍କ ଘରୁ ଖବର ଆସିଲା ନାହିଁ। ଶତରୂପାକୁ ଭାଉଜ ପଚାରିଲେ, 'ସତ କୁହ, କିଛି ଯାଡୁସାଡୁ କଥା କହିନ ତ? ପ୍ରସ୍ତାବ ଓ ପୁଅ ଦୁଇଟାଯାକ ଭଲଥିଲେ। ଉତ୍ତର ଆସିଲା ନାହିଁ କାହିଁକି?' ହସିଦେଇ ଚାଲିଗଲା ଶତରୂପା। ତୃତୀୟ ଦିନ ସନ୍ଧ୍ୟାରେ ଖବର ଆସିଲା– ରାକେଶ ବିବାହ ପାଇଁ ରାଜି।

ମୋ: ୯୮୬୧୭୫୦୨୯୨



## ଗାଡି ଧକ୍କାରେ ଜଣେ ଗୁରୁତର ଆହତ

କୁତ୍ରା,(ଡି.ଏନ.ଏ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅନ୍ତର୍ଗତ ଝାରବେଡାଠାରେ ଥିବା ଡାଲମିଆ କଲେଜ ସମ୍ମୁଖରେ ଏକ ଅଜଣା ଗାଡି ଧକ୍କାରେ ଜଣେ ଗୁରୁତର ଆହତ ହୋଇଛନ୍ତି। ଉକ୍ତ ଆହତ ବ୍ୟକ୍ତି ଜଣକ ପରିଜା(୫୫) ଡାଲମିଆ କଲେଜରେ କ୍ଲର୍କ ଭାବରେ କାମ କରନ୍ତି। ସବୁଦିନ ଭଳି ବୁଧବାର ମଧ୍ୟ କଲେଜରେ କାମ ସାରି ନିଜ ଘର ରାଜଗାଙ୍ଗପୁରକୁ ସ୍କୁଟି ଯୋଗେ ଫେରୁଥିବା ସମୟରେ ସୁନ୍ଦରଗଡ ପଟୁ ଯାଉଥିବା ଏକ ବୋଲେରୋ ପଛ ପଟୁ ସ୍କୁଟିକୁ ଧକ୍କା ଦେଇଥିଲା। ତାଙ୍କ ସହକର୍ମୀ ତାଙ୍କୁ ପ୍ରଥମେ ରାଜଗାଙ୍ଗପୁର ସ୍ଥିତ ସରକାରୀ ଡାକ୍ତରଖାନାକୁ ନେଇଥିଲେ। ସେଠାରୁ ରାଉରକେଲା ସ୍ଥାନାନ୍ତର କରାଯାଇଛି।

**ସଂକ୍ଷେପରେ**

## ଭାଲୁ ଆକ୍ରମଣରେ ଯୁବକ ଗୁରୁତର

ଦେବଗଡ଼,୧୪।୭(ଡି.ଏନ.ଏ): ଦେବଗଡ଼ ଥାନା ଅନ୍ତର୍ଗତ ତିଲେଇବଣି ବ୍ଲକ ଗଲେଇ ଗ୍ରାମର ସାରମନ ଏକ୍କା (୨୫) ନାମକ ଜଣେ ଯୁବକ ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ବୁଧବାର ସକାଳ ପ୍ରାୟ ୬ଟାରେ ସେ ଚାଷ କାମ ପାଇଁ ଜଙ୍ଗଲ ରାସ୍ତାଦେଇ ଜମିକୁ ଯାଉଥିବାବେଳେ ଭାଲୁ ଜଙ୍ଗଲରୁ ବାହାରି ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ସେ ଚିତ୍କାର କରିବାରୁ ନିକଟରେ ଚାଷ କାମ କରୁଥିବା ଲୋକେ ସେଠାକୁ ଧାଇଁ ଆସିବାରୁ ଭାଲୁ ଜଙ୍ଗଲ ମଧ୍ୟକୁ ପଳାଇଥିଲା। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଦେବଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।

## ରାଉରକେଲାରେ ସେକ୍ସ ର୍ୟାକେଟ

ରାଉରକେଲା ଅଫିସ୍, ୧୪।୭: ରାଉରକେଲା ଉଦିତନଗର ଥାନା ଅଞ୍ଚଳରେ ସେକ୍ସ ର୍ୟାକେଟ୍ ଠାବ ହୋଇଛି। ପୋଲିସ ବୁଧବାର ଏକ ହୋଟେଲରେ ସେକ୍ସ ର୍ୟାକେଟ୍ ଚାଲିଥିବା ବେଳେ ଚଢ଼ାଉ କରିଛି। ଚଢ଼ାଉ ବେଳେ ୫ଜଣ ଯୁବତୀ ଓ ୨ଜଣ ଗ୍ରାହକଙ୍କୁ ଉଦ୍ଧାର କରାଯାଇଛି। ସେମାନଙ୍କୁ ଥାନାରେ ଅଟକ ରଖାଯାଇ ପଚରାଉଚରା କରାଯାଉଥିବା ଉଦିତନଗର ପୋଲିସ କହିଛି।

## ଘରୁ ନାଗସାପ ଉଦ୍ଧାର



କୁତ୍ରା,୧୪।୭(ଡି.ଏନ.ଏ): ସୁନ୍ଦରଗଡ ଜିଲ୍ଲା କୁତ୍ରାରେ ଏକ ଘରୁ ନାଗସାପ ଉଦ୍ଧାର କରାଯାଇଛି। ମଙ୍ଗଳବାର ରାତିରେ ଜିଲ୍ଲା ଚଟ୍ଟୋଙ୍କ ଘର ଭିତରକୁ ଏକ ନାଗସାପ ପଶି ଗୋଟିଏ କୁକୁଡ଼ା ମାରି ୧୦ଟି ଅଣ୍ଡା ଖାଇ ଶୋଇଥିବା ସମୟରେ ଘର ଲୋକ ଦେଖି ଭୟଭୀତ ହୋଇଯାଇଥିଲେ। ଘରଲୋକ ଦେଖିବା ପରେ ବଡ଼ଗାଁ ଫରେଷ୍ଟ ଅଫିସକୁ ଖବର ଦେଇଥିଲେ। ବନକର୍ମଚାରୀ ଆସି ସାପକୁ ନେଇ ଏକ ଜଙ୍ଗଲରେ ଛାଡି ଦେଇଥିଲେ।

# କଲ୍ୟାଣ ମଣ୍ଡପ ସାଜିଛି ବୁଲା ଗୋରୁଙ୍କ ଆଶ୍ରୟସ୍ଥଳୀ

**ପୌରପରିଷଦର ଅଜବ ନୀତି**

ଦେବଗଡ଼,୧୪।୭(ଡି.ଏନ.ଏ)

ସ୍ଥାନୀୟ ସହରସ୍ଥିତ ପ୍ରଧାନପାଟ ନିକଟ କଲ୍ୟାଣ ମଣ୍ଡପ ପ୍ରାଙ୍ଗଣ ଭିତରେ ବୁଲା ଗୋରୁ ରଖାଯାଉଥିବା ଅଭିଯୋଗ ହୋଇଛି। ଦେବଗଡ ସହରରେ ବୁଲା ଗୋରୁ, ଷଣ୍ଢ ରାସ୍ତା, ବଜାର ଉପରେ ବେଧଡକରେ ବିଚରଣ କରିବା ସହ ରାସ୍ତା ଉପରେ ଠିଆ ହେଉଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବା ଦେଖିବାକୁ ମିଳିଛି। ଅନେକ ଜନଗହଳି ସ୍ଥାନରେ ସହରର କେତେକ ଗୋରୁ ମାଲିକ ନିଜ ଗାଈଗୋରୁମାନଙ୍କୁ ଘରେ ନ ବାନ୍ଧି ଏଣେ ତେଣେ ଛାଡି ଦେଉଛନ୍ତି। ସେମାନେ ରାସ୍ତାରେ ବିଚରଣ କରିବା ସହ ବାଡିବଗିଚା, ମାର୍କେଟରେ ଥିବା ହାଟବଜାର, ଘରମାନଙ୍କରେ ଫଳ, ପନିପରିବା ଇତ୍ୟାଦି ଛଡାଇ ଖାଉଛନ୍ତି। ଏହାସହ ଗାଈଗୋରୁ, ଷଣ୍ଢମାନେ ରାସ୍ତା ଉପରେ ଦିନ ହେଉ କି ରାତି ଘଣ୍ଟାଘଣ୍ଟା ଧରି ବିଶ୍ରାମ ନେଉଥିବାରୁ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ ଗୋରୁ, ଷଣ୍ଢମାନଙ୍କୁ ରଖିବା ପାଇଁ କୌଣସି ଆଶ୍ରୟସ୍ଥଳୀ ବା କାଞ୍ଜିଆହୁଦା ନ ଥିବାରୁ ଏପରି ସମସ୍ୟା ସୃଷ୍ଟି ହେଉଛି। ତେଣୁ ପୌରପରିଷଦ ଏହି ସମସ୍ୟାର ସମାଧାନ ପାଇଁ କୌଣସି ଜାଗା ନ ଥିବାରୁ ଉକ୍ତ ପୌରପରିଷଦର କଲ୍ୟାଣ ମଣ୍ଡପ ପ୍ରାଙ୍ଗଣ ଭିତରେ ରଖାଯାଉଛି। ଅନ୍ୟପକ୍ଷରେ ଏହିଭଳି ସ୍ଥାନରେ ବୁଲା ଗୋରୁ ରଖିବା ଏକ ଅଜବନୀତି ବୋଲି ସହରରେ ଚର୍ଚ୍ଚା ହେଉଛି। ଏପରିକି କୌଣସି ଛାତ ନ ଥିବାରୁ ଉକ୍ତ ଗୋରୁମାନେ ଖରାବର୍ଷାରେ ପଡିରହିବା ସହ ଛଟପଟ ହେଉଥିବା ଦେଖିବାକୁ ମିଳିଛି। ଠିକ ସେ ଖାଇବାକୁ ମଧ୍ୟ ଦେଉ ନ ଥିବା ଅଭିଯୋଗ ହେଉଛି। ସେହିପରି ନିଜ ଗୋରୁ କୌଣସି ବ୍ୟକ୍ତି ନେବାକୁ ହେଲେ ମୋଟା ଅଙ୍କର ଟଙ୍କା ମଧ୍ୟ ଗଣିବାକୁ ପଡୁଛି। ଟଙ୍କା ତ ନେଉଛନ୍ତି ଠିକ ସେ ଖାଇବା ପିଇବା କି ଏକ ଛାତଥିବା ସ୍ଥାନରେ କଣ ପାଇଁ ରଖୁନାହାନ୍ତି ଅଭିଯୋଗ ହେଉଛି। ପୌରପରିଷଦର ଏକ ସ୍ୱତନ୍ତ୍ର କାଞ୍ଜିଆହୁଦା କରି ବୁଲା ଗୋରୁ ରଖିବା ପାଇଁ ସାଧାରଣରେ ଦାବି ହେଉଛି।



କଲ୍ୟାଣ ମଣ୍ଡପ ପ୍ରାଙ୍ଗଣ ଭିତରେ ବୁଲା ଗୋରୁ ରଖାଯାଉଛି।

# ୧୫ କୁଇଣ୍ଟାଲ ଚାଉଳ ନିଅଣ୍ଟ ଧରାପଡ଼ିଲା

**ବଡ଼ଗାଁ ପଞ୍ଚାୟତରେ ଏପିଡି ଯାଞ୍ଚ କଲେ**

ବଡ଼ଗାଁ, ୧୪।୭(ଡି.ଏନ.ଏ.)

ସୁନ୍ଦରଗଡ ଜିଲ୍ଲା ବଡ଼ଗାଁ ପଞ୍ଚାୟତର ଖାଉଟି ଦ୍ରବ୍ୟ (ପିଡିଏସ) ବଣ୍ଟନ ପରିଚାଳନାରେ ଯାଞ୍ଚ ହେଲା ପରେ ଖାଉଟି ଦ୍ରବ୍ୟ ବଣ୍ଟନରେ ଅନିୟମିତତା ଧରାପଡ଼ିଛି। ମଙ୍ଗଳବାର ଜିଲ୍ଲା ମଙ୍ଗଳବିଭାଗ ଅଧିକାରୀ, ବଡ଼ଗାଁ ବ୍ଲକ ବିଡିଓ, ଏପିଓ ଯୋଗାଣ ନିରୀକ୍ଷକ, ସରପଞ୍ଚ, ନାଏବ ସରପଞ୍ଚଙ୍କ ଉପସ୍ଥିତିରେ ସୁନ୍ଦରଗଡ଼ ଏପିଡ଼ି ଖାଉଟି ସାମଗ୍ରୀ ଷ୍ଟକ, କାଗଜପତ୍ର ଯାଞ୍ଚ କରିଥିଲେ। ସେଠାରେ ସରପଞ୍ଚ ଶୁକ୍ଲା ତନେଇକୁଳଙ୍କୁ ଏପିଡ଼ି ଷ୍ଟକ୍ ବାବଦରେ ପଚାରିଥିଲେ। ସରପଞ୍ଚ କହିଥିଲେ ଯେ, ଯୋଗାଣ ସହାୟିକା କେବେ ଖାଉଟି ଦ୍ରବ୍ୟ କେତେ ଆସିଲା, କେତେ ଏଲଟମେଣ୍ଟ ଆସିଛି ଜଣାଉନାହାନ୍ତି କିମ୍ବା ଦେଖାଉନାହାନ୍ତି। ମନମୁଖି କାର୍ଯ୍ୟ ଚାଲିଥିବା ସରପଞ୍ଚ ଅଭିଯୋଗ କରିଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ଏବଂ ନାଏବ ସରପଞ୍ଚ କେଶବ କର୍ସେଲ ମଧ୍ୟ ଯୋଗାଣ ସହାୟିକାଙ୍କ ମନମୁଖି କାର୍ଯ୍ୟ ଉପରେ ଏପିଡ଼ିଙ୍କୁ ଜଣାଇଥିଲେ। ଏହା ପରେ ଏପିଡ଼ି ଗୋଦାମରେ ଷ୍ଟକ ଓ କାଗଜପତ୍ର ଯାଞ୍ଚ କରିଥିଲେ। ଯାଞ୍ଚ ପରେ ଜନପ୍ରତିନିଧି ଓ କର୍ମଚାରୀଙ୍କ ଉପସ୍ଥିତିରେ ୧୫ କୁଇଣ୍ଟାଲ ଚାଉଳ ଷ୍ଟକରେ ନିଅଣ୍ଟ ଥିବା ଏପିଡ଼ି ଜଣାଇଥିଲେ। ଗୋଦାମ ଯାଞ୍ଚବେଳେ ୩୩୮ ଲିଟର କିରୋସିନ ଷ୍ଟକ୍ ଥିବା ଦେଖି ପଚାରିବାରେ ଯୋଗାଣ ସହାୟିକା ଲୋକେ କିରୋସିନ ନେଉ ନ ଥିବା କହିଥିଲେ। ଖାଉଟିଙ୍କୁ ଶୀଘ୍ର କିରୋସିନ ବଣ୍ଟନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଣିକି ସରପଞ୍ଚଙ୍କ ଏଲଟମେଣ୍ଟ ଷ୍ଟକ୍ ଉପରେ ଜଣାଇବାକୁ କହିଥିଲେ। ତେବେ ପଞ୍ଚାୟତରେ ଗୋଦାମ ଚାବି ରଖିଥିବା ଯୋଗାଣ ସହାୟିକା ମନମୁଖି ଚଳାଉଥିବା, ଅଫିସ ବନ୍ଦ ହେଲା ପରେ ଓ ଛୁଟି ଦିନରେ ଖାଉଟି ଦ୍ରବ୍ୟ ଗୋଦାମରେ ରଖୁଥିବାନେଇ ଜନପ୍ରତିନିଧିମାନେ ଏପିଡ଼ିଙ୍କୁ ଜଣାଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ଗତବର୍ଷ କରୋନା ମହାମାରୀ ସମୟରେ ଲୋକଙ୍କ ଆର୍ଥିକସ୍ଥିତି ଦୁର୍ବଳ ଥିବାବେଳେ ଗରିବ ଖାଉଟୀଙ୍କଠାରୁ ପ୍ରତି ଲିଟରରେ ୧୦ଟଙ୍କା ଅଧିକ ନେବା ଓ ଧରାପଡ଼ିବା ପରେ କେତେଜଣଙ୍କୁ ଟଙ୍କା ଫେରାଇବା ଭଳି ଗରିବଙ୍କୁ ଶୋଷଣ ସତ୍ତ୍ୱେ ପ୍ରଶାସନ ଦୁର୍ନୀତିଗ୍ରସ୍ତଙ୍କ ପ୍ରତି ଅନୁକମ୍ପା ଦେଖାଇଥିଲେ। ବର୍ତ୍ତମାନ ଏପିଡ଼ିଙ୍କ ଦ୍ୱାରା ତଦନ୍ତ, ଯାଞ୍ଚରେ ୧୫ କୁଇଣ୍ଟାଲ ନିଅଣ୍ଟ ଧରାପଡ଼ିଥିବାରୁ ବିଭାଗୀୟ ଅଧିକାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ନା ଘଣ୍ଟଘୋଡ଼ା ନୀତିରେ ଘଟଣାକୁ ଚାପିଦେବେ ତାକୁ ନେଇ ସାଧାରଣରେ ଚର୍ଚ୍ଚା, ଆଲୋଚନା ହେଉଛି।

# ପଞ୍ଚାୟତ ଅଫିସରେ ତାଲା ପକାଇଲେ ଲୋକେ

**ମେଘଚୋରା ପଞ୍ଚାୟତରେ ବିଭିନ୍ନ ଅନିୟମିତତା ଅଭିଯୋଗ, ଗ୍ରାମବାସୀ ଉତ୍ତେଜିତ**

ସୁନ୍ଦରଗଡ଼, ୧୪।୭(ଡି.ଏନ୍.ଏ)

ସୁନ୍ଦରଗଡ଼ ଜିଲ୍ଲା ଟାଙ୍ଗରପାଲି ବ୍ଲକ ମେଘଚୋରା ପଞ୍ଚାୟତରେ ହେଉଥିବା ବିଭିନ୍ନ ଅନିୟମିତତା ଅଭିଯୋଗ ନେଇ ବୁଧବାର ଉତ୍ତ୍ୟକ୍ତ ଗ୍ରାମବାସୀ ଏକଜୁଟ ହୋଇ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ମାରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଯେ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀଙ୍କୁ ଜବରଦସ୍ତି ଘରକୁ ଠିକାଦାର ଦ୍ୱାରା କାମ କରାଇବାକୁ ବାଧ କରାଉଛନ୍ତି ନ ହେଲେ ଘର ମିଳିବନି ବୋଲି ଚେତାବନୀ ଦେଉଛନ୍ତି। ଯଦି ଠିକାଦାର ଠିକା ନେଇ ଘର କରୁଛନ୍ତି ତାହା ହେଲେ ଅସମ୍ପୂର୍ଣ୍ଣ ଅବସ୍ଥାରେ ଛାଡି ସମସ୍ତ ବିଲ୍ ଉଠାଇ ନେଉଛନ୍ତି। କେଉଁଠି କାହାର ଘରର କବାଟ ନାହିଁ ତ କେଉଁଠି ଘର ପଲସ୍ତରା ହୋଇନି। ଏଭଳି ସ୍ଥିତିରେ ହିତାଧିକାରୀ ବିଭାଗୀୟ କର୍ମଚାରୀ, ସ୍ଥାନୀୟ ସରପଞ୍ଚଙ୍କୁ ଅଭିଯୋଗ କଲେ ବି କିଛି ସୁଫଳ ମିଳୁନାହିଁ। ଆଉ ଏକ ଅଭିଯୋଗ ଏପରିକି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ କରୁଥିବା ଶ୍ରମିକ ପାଉଣା ପାଉ ନ ଥିବା ବେଳେ ମିଥ୍ୟା ହିତାଧିକାରୀ ନାମରେ ବିଲ ପେଠ କରି ଠକେଇ କରି ନିଜ ଇଚ୍ଛା ମୁତାବକ ବ୍ୟକ୍ତିଙ୍କ ନାମରେ ବିଲ ଉଠାଯାଉଥିବା କେତେକ ଦସ୍ତାବିଜ ଗ୍ରାମବାସୀ ଦେଖାଇଥିଲେ। ଜମି ଉର୍ବର କରିବା ପାଇଁ ହିତାଧିକାରୀଙ୍କ ପାଇଁ ଆସୁଥିବା ଚାଳିଶ ହଜାର ଟଙ୍କାକୁ ମଧ୍ୟ ଗାଁ ସାଥୀ, ସରପଞ୍ଚ ଏବଂ ପଞ୍ଚାୟତ ଅଧିକାରୀଙ୍କୁ ହାତ କରି ଜେସିବି ମେଶିନ ସାହାଯ୍ୟରେ ଠିକାଦାର କମ ଟଙ୍କାରେ କାମ କରି ଟଙ୍କା ନେଉଯାଉଥିବା ଅଭିଯୋଗ କରିଛନ୍ତି। ଆଉ ଏକ ଦୁର୍ନୀତି ନେଇ ଗ୍ରାମବାସୀଙ୍କ ଅଭିଯୋଗ ଯେ, ସରକାରଙ୍କ ତରଫରୁ ଆସୁଥିବା ଗୁହାଳ ପାଇଁ ଯୋଜନାରେ ପଞ୍ଚାୟତ ଅଧିକାରୀ ଲାଞ୍ଚ ନେଇ ଯେଉଁମାନଙ୍କର ଗୃହପାଳିତ ପଶୁ ନାହିଁ ତାଙ୍କୁ ଏହି ସୁବିଧା ନ ମିଳି ନିଜର ଇଚ୍ଛା ମୁତାବକ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରାଯାଇଛି। ଏ ନେଇ ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସହ ଯୋଗାଯୋଗ କରିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ କୌଣସି ଯୋଗାଯୋଗ ହୋଇପାରିନହିଁ।

# ବେତନ ବୃଦ୍ଧି ଦାବି ନେଇ ବିକ୍ରମ ଷ୍ଟିଲ୍ କର୍ମଚାରୀଙ୍କ ଆନ୍ଦୋଳନ

ଲହୁଣୀପଡା,୧୪।୭(ଡି.ଏନ.ଏ)

ଲହୁଣୀପଡା ବ୍ଲକ ରାଜାମୁଣ୍ଡା ପଞ୍ଚାୟତ ତୁମକଳା ସ୍ଥିତ ବିକ୍ରମ ଷ୍ଟିଲ କାରଖାନାରେ କର୍ମଚାରୀ ଆନ୍ଦୋଳନ ଦେଖାଯାଇଛି। ଉକ୍ତ କାରଖାନା କର୍ତ୍ତୃପକ୍ଷ କାର୍ଯ୍ୟରତ କର୍ମଚାରୀଙ୍କୁ ବେତନ ତଥା ଅନ୍ୟାନ୍ୟ ସୁବିଧା ସୁଯୋଗ ପ୍ରଦାନରେ ଅସହଯୋଗ କରିଆସୁଛନ୍ତି। ଫଳରେ ଏହାର ପ୍ରତିବାଦରେ ମଙ୍ଗଳବାର ସକାଳୁ କାରଖାନା ପରିସରରେ କର୍ମଚାରୀମାନେ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଏହାର ସମାଧାନ ପାଇଁ କର୍ମଚାରୀମାନେ ବଣାଇ ଉପଜିଲାପାଳ, ଶ୍ରମ ଅଧିକାରୀ, ଲହୁଣୀପଡା ଥାନା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଉକ୍ତ କାରଖାନାରେ ଏକ ଶହରୁ ଉର୍ଦ୍ଧ୍ୱ ବିଭିନ୍ନ ଶ୍ରେଣୀର କର୍ମଚାରୀ କାର୍ଯ୍ୟ କରି ଆସୁଛନ୍ତି। ଗତ ତିନିବର୍ଷ ହେଲା ଶ୍ରମ ଆଇନ ଉଲ୍ଲଂଘନ କରି କର୍ମଚାରୀଙ୍କ ବେତନ ବୃଦ୍ଧିରେ ପାତରଅନ୍ତର କରିଆସୁଛନ୍ତି। କାରଖାନା ପରିସରରେ କର୍ମଚାରୀମାନେ ଆନ୍ଦୋଳନ ଆରମ୍ଭ କରିଥିବା ବେଳେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହା ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି।

# ପଶ୍ଚିମ ଓଡ଼ିଶା ଯୁବା ମଞ୍ଚ ପକ୍ଷରୁ ଜିଲାପାଳଙ୍କୁ ସ୍ମାରକପତ୍ର





ପଶ୍ଚିମ ଓଡ଼ିଶା ଯୁବା ମଞ୍ଚ କର୍ମକର୍ତ୍ତା ସ୍ମାରକପତ୍ର ଦେବାକୁ ଯାଉଛନ୍ତି।

ସୁନ୍ଦରଗଡ଼,୧୪।୭(ଡି.ଏନ.ଏ.)

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପଶ୍ଚିମ ଓଡ଼ିଶା ପ୍ରତି ପାତରଅନ୍ତର ନୀତି ପ୍ରତିବାଦରେ ବୁଧବାର ପଶ୍ଚିମ ଓଡ଼ିଶା ଯୁବା ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲାପାଳ ନିଖିଳ ପବନ କଲ୍ୟାଣଙ୍କୁ ପ୍ରଦାନ କରାଯାଇଛି। ପଶ୍ଚିମ ଓଡ଼ିଶା ଯୁବା ମଞ୍ଚ ସୁନ୍ଦରଗଡ ଜିଲ୍ଲା ଆବାହକ ଦିନେଶ ପଟେଲଙ୍କ ନେତୃତ୍ୱରେ ଏକ ପଦଯାତ୍ରା ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଏହି ପଦଯାତ୍ରାରେ ଯୁବାମଞ୍ଚର ସୌମ୍ୟରଞ୍ଜନ ଦାସ, ଶୁଭମ ମହାପାତ୍ର, ହୃତେଶ ଢାରିକ, ମହେଶ କିସାନ, ନିକେଶ ଦାସ ପ୍ରମୁଖ ସାମିଲ ଥିଲେ।

# ଜିଲାପାଳଙ୍କୁ ଜିଲା ଜନଜାତି ସମୂହର ସ୍ମାରକପତ୍ର ପ୍ରଦାନ

ଦେବଗଡ଼, ୧୪।୭ (ଡି.ଏନ.ଏ)

ପଶ୍ଚିମବଙ୍ଗରେ କିଛିମାସ ପୂର୍ବେ ଅନୁଷ୍ଠିତ ନିର୍ବାଚନ ଫଳାଫଳ ଘୋଷଣା ପରେ ଘଟିଥିବା ହିଂସାକୁ ଦେବଗଡ଼ ଜିଲା ଜନଜାତି ସମୂହ ଓ ସ୍ୱୟଂ ସହାୟିକା ଗୋଷ୍ଠୀ ସମୂହ ନିନ୍ଦା କରିଛି। ପଶ୍ଚିମବଙ୍ଗ ସରକାରକୁ ବରଖାସ୍ତ ପାଇଁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ୧୧ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବୁଧବାର ଅଖିଳ ଭାରତୀୟ ଗଣ୍ଡୱାନା ଗୋଁଣ୍ଡ ମହାସଭା ଜିଲା ଆୟୋଜନ ସମିତି ସଭାପତି ଦିବାକର ପାତ୍ର, ଜିଲା ଆଦିବାସୀ କିଷାନ ସମାଜର ସଭାପତି ନିରାକାର ପ୍ରଧାନ, ଓରାମ ସମାଜ ସଭାପତି ମଙ୍ଗୁ କିଶପଟ୍ଟା ସ୍ମାରକପତ୍ର ପ୍ରଦାନ କରିଥିଲେ।

# ମହିଳା କଂଗ୍ରେସର ରିକ୍ସା ଶୋଭାଯାତ୍ରା

ରାଉରକେଲା ଅଫିସ୍, ୧୪।୭

ରନ୍ଧନ ଗ୍ୟାସ୍ ସମେତ ପେଟ୍ରୋଲ, ଡିଜେଲ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଅହେତୁକ ଦରବୃଦ୍ଧିର ପ୍ରତିବାଦ କରିଛି ରାଉରକେଲା ଜିଲା ମହିଳା କଂଗ୍ରେସ। ଏହି ପରିପ୍ରେକ୍ଷୀରେ ବୁଧବାର ଏକ ରିକ୍ସା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ଜିଲା କଂଗ୍ରେସ ତତ୍ତ୍ୱାବଧାନରେ ଜିଲା ମହିଳା କଂଗ୍ରେସ ତରଫରୁ ଏହି ଶୋଭାଯାତ୍ରା ସକାଳ ସାଢେ ୧୦ଟା ବେଳେ ସ୍ଥାନୀୟ ବିଶ୍ରା ଛକରୁ ବାହାରି ଉଦିତନଗର ସ୍ଥିତ ଆମ୍ବେଦକର ଛକରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ଜିଲା କଂଗ୍ରେସ ସଭାପତି ତଥା ପ୍ରାକ୍ତନ ବିଧାୟକ ଜର୍ଜ ତିର୍କୀ, ପୂର୍ବତନ ଜିଲା କଂଗ୍ରେସ ସଭାପତି ବିରେନ ସେନାପତି, କଂଗ୍ରେସ ନେତା ପ୍ରଶାନ୍ତ ସେଠୀ, ଇନ୍‌ଟକ ଅଧକ୍ଷ ନିହାର ଦାସ, ଓବିସି ସେଲ୍ ଅଧକ୍ଷ କୈଳାସ ସାହୁ, ଏସ୍‌ସି ସେଲ୍ ଅଧକ୍ଷ ବିନୋଦ ତନ୍ତୀ, ସେବାଦଳ ଅଧକ୍ଷ ବିନୋଦ ରାଉତ, କୃଷକ ସେଲ୍ ଅଧକ୍ଷ ମନମୋହନ ଓରାମ, ଫିସରମ୍ୟାନ କଂଗ୍ରେସ ଅଧକ୍ଷ ସିଦ୍ଧେଶ୍ୱର ମଲ୍ଲିକ, ବ୍ଲକ୍ କଂଗ୍ରେସ ସଭାପତି ବିଜୟ ଆପଟଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଓ ନେତା ସାମିଲ ହୋଇଥିଲେ। ମହିଳା କଂଗ୍ରେସର ରାଜ୍ୟ ଉପସଭାନେତ୍ରୀ ପ୍ରଭାତୀ ମିଶ୍ର, ଜିଲା ସଭାନେତ୍ରୀ ଲତା ନାୟକ ଓ କାର୍ଯ୍ୟକାରୀ ସଭାନେତ୍ରୀ ନିରୂପମା ବଳିୟାର ସିଂହଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା। ମୋଦି ସରକାର ତୁରନ୍ତ ଦରବୃଦ୍ଧି ପ୍ରତ୍ୟାହାର ନ କଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ତିର୍କୀ ଚେତାବନୀ ଦେଇଥିଲେ।

# ଜଙ୍ଗଲରେ ଗଛକଟା, ଟ୍ରେଞ୍ଚ ଖୋଳା

ଦେବଗଡ଼, ୧୪।୭ (ଡି.ଏନ.ଏ)

ଚାଷଜମି ନିର୍ମାଣ ପାଇଁ ବାରକୋଟ ବନାଞ୍ଚଳ ବଳମ ସେକ୍ସନ ଅନ୍ତର୍ଗତ ଅଶନନାଳି ଗ୍ରାମରେ ଥିବା ଖସଡା ଜଙ୍ଗଲରୁ ବହୁ ସଂଖ୍ୟକ ମୂଲ୍ୟବାନ ଶାଳଗଛ କାଟିବା ଅଭିଯୋଗରେ ବନ ବିଭାଗ ପକ୍ଷରୁ ଉକ୍ତ ଗ୍ରାମର ଅଖିଳ ସାମଲ ନାମକ ଜଣେ ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ କରିଛି। ଏଥିସହ ଗଛ କାଟିବାରେ ବ୍ୟବହୃତ ଏକ ଜେସିବି ମେଶିନକୁ ଜବତ କରିଛି। ସୋମବାର ଅଶନନାଳି ଗ୍ରାମର ଅଖିଳ ଚାଷ ଜମି ନିର୍ମାଣ ନିମନ୍ତେ ଏକ ଜେସିବି ସାହାର୍ଯ୍ୟରେ ଗ୍ରାମର ଖସଡା ଜଙ୍ଗଲରୁ ବହୁ ସଂଖ୍ୟକ ଶାଳଗଛ ଉପାଡୁଥିବା ଦେଖି କେତେକ ଗ୍ରାମବାସୀ ଦେବଗଡ ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) କ୍ଷମା ଷଡଙ୍ଗୀଙ୍କୁ ସୂଚନା ଦେଇଥିଲେ । ସୂଚନା ଆଧାରରେ ଡିଏଫ୍‌ଓ ଷଡଙ୍ଗୀ ସେଠାରେ ଚଢାଉ କରିବାକୁ ବାରକୋଟ ବନାଞ୍ଚଳ ଅଧିକାରୀ ଜୟଶ୍ରୀ ମୁର୍ମୁ ଓ ବଳମ ଫରେଷ୍ଟରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ଅନୁଯାୟୀ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳକୁ ଯାଇ ଜେସିବି ଜବତ କରି ବନ ବିଭାଗ କାର୍ଯ୍ୟାଳୟକୁ ଆଣିଥିବା ଜଣାପଡିଛି। ଏହି କ୍ରମରେ ବୁଧବାର ବଳମ ଫରେଷ୍ଟ ସେକ୍ସନ ତଥା ବିଜୟନଗର ଗ୍ରାମ ପଞ୍ଚାୟତର ଚନ୍ଦନଖୁଂଟି ଗ୍ରାମ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରେ ବେଆଇନ ଭାବେ ଟ୍ରେଞ୍ଚ ଖୋଳୁଥିବା ଏକ ଜେସିବି ମେଶିନକୁ ଜବତ କରିବା ସହ ଅପରେଟରଙ୍କୁ ବନବିଭାଗ କାର୍ଯ୍ୟାଳୟକୁ ଆଣି ପଚରାଉଚରା କରୁଛି। ବନଖଣ୍ଡ ଅଧିକାରୀ ନିଜେ ଏ ଘଟଣାର ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।



# କାରଖାନାରେ ଦୁର୍ଘଟଣା: ଶ୍ରମିକ ଗୁରୁତର

କୁଆଁରମୁଣ୍ଡା,୧୪।୭(ଡି.ଏନ୍.ଏ)

କୁଆଁରମୁଣ୍ଡା ଫାଣ୍ଡି ଲୋଡୋସେରା ନିକଟସ୍ଥ ୧୪୩ ନଂ.ଜାତୀୟ ରାଜପଥ ପାର୍ଶ୍ୱରେ ଥିବା କୋଜେଣ୍ଟ ଷ୍ଟିଲ କାରଖାନାରେ ବୁଧବାର ସକାଳେ ଦୁର୍ଘଟଣାରେ ଜଣେ ଶ୍ରମିକ ଗୁରୁତର ହୋଇଛନ୍ତି। କାରଖାନା କର୍ତ୍ତୃପକ୍ଷ ତରବରିଆଭାବେ ଉକ୍ତ ଶ୍ରମିକଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ତାଙ୍କର ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱର ପଠାଇ ଦିଆଯାଇଥିବା ସ୍ଥାନୀୟ ପୋଲିସ ସୂଚନା ଦେଇଛି। ଶ୍ରମିକ ଜଣଙ୍କ କାରଖାନାରେ କାର୍ଯ୍ୟ କରୁଥିବା ବେଳେ ଏକ ଆଇରନ୍ ମେଣ୍ଡିଙ୍ଗ ମେଶିନ୍ ଭିତରେ ପଶି ଯାଇଥିଲେ। ଏହି ଖବର ପାଇ କୁଆଁରମୁଣ୍ଡାର ଜମିଦାର ତଥା ବରିଷ୍ଠ ନେତା ସଂଜୀବ ପ୍ରତାପ ସିଂଦେଓ, ତାଙ୍କ ସମର୍ଥକମାନେ କାରଖାନା ନିକଟରେ ପହଞ୍ଚି ଗୁରୁତର ଶ୍ରମିକଙ୍କର ଉପଯୁକ୍ତ ଚିକିତ୍ସା ତଥା କ୍ଷତିପୂରଣ ନିମନ୍ତେ ଦାବି କରିଛନ୍ତି। ଏହି କାରଖାନାରେ ଶ୍ରମିକମାନଙ୍କ ସୁରକ୍ଷା ପ୍ରତି ଆଦୌ ଦୃଷ୍ଟି ଦିଆଯାଉ ନାହିଁ ବୋଲି ବରିଷ୍ଠ ନେତା ସିଂଦେଓ ଦୃଢ ଅଭିଯୋଗ କରିଛନ୍ତି।


**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, ANANDAPUR BARRAGE PROJECT, SALAPADA**
(E-mail id: cceabp@gmail.com/loabpbbsr@gmail.com)

No. A-293:- **E-procurement Notice No. CCEABP-03 of 2021-22**

| E-Procurement Officer | Name of the work | Bid Id No. | Tender cost in Lakhs (Appx.) | Bid security (Online) | Cost of Bid Document (Online) | Class of contractor | Period of completion | Availability of tender online for bidding From | Availability of tender online for bidding To | Date of opening of technical Bid (Cover-1) |
|---|---|---|---|---|---|---|---|---|---|---|
| Chief Construction Engineer, A.B. Project, Salapada | Extended protection work to D/S of Anandapur Barrage from RD 1600m to RD 2500m on the Right Bank of Baitarani river. | ABP-ABD-01/3 of 2021-22 | 5320.00 | Bid Security Declaration | 10,000/- | Super Class | 09 (Nine) Calendar months | 19.07.21 11.30 AM | 09.08.21 05.00 PM | 10.08.21 11.30 AM |

Further details can be seen from the Govt. website www.tendersorissa.gov.in/www.dowrodisha.gov.in.
Addendum/corrigendum/cancelletion if any required will be published in Govt. website only.
OIPR-32180/11/0004/2122 Sd./- Chief Construction Engineer, Anandapur Barrage Project, Salapada

**DISTRICT EDUCATION OFFICE, PURI**
**DISTRICT PROJECT MANAGEMENT UNIT, MDM, PURI**
**CORRIGENDUM**

No. 296 Dt.14.07.2021

The following corrigendum is made in tender call notice issued vide Order No. 285 Dt.28.06.2021 of District Project Management Unit, MDM, Puri.

1. At serial No. 13 of application form for engagement of transport agent "the tenderer having no commercial interest" is replaced with "Partners/directors of the tenderer".
2. The draft affidavit at page No. 10 and 11 at Annexure-II has been revised accordingly.
3. The last date of receipt of tender papers is extended to 26.07.2021 and the Document Bid of tender will be opened on Dt.28.07.2021 and the price bid will be opened on 02.08.2021.

The rest of the points of the tender call notice stands unaltered.

Sd./- District Education Officer, Puri

**OFFICE OF THE ADDITIONAL CHIEF ENGINEER RURAL WORKS CIRCLE, BALASORE**
E-Mail ID: serw_balasore@yahoo.in, Ph. No. - 06782-260318, Balia, Balasore
"e" Procurement Notice for inviting Request for proposal from Consultant for Bridge Work

No.O-444:- **Identification No.- Online Tender - Bridge N.C.B. No. 295**

Letter No. 2399/WE Date 14.07.2021

1. Name of the work :- **Consultancy services for Bridge works**
2. Total No. of work :- 02 Nos. (Two)
3. Length :- **184 mtr.** (Approximately) each. (As per Annexure)
4. Eligible bidders :- 'Consulting Engineering Firms (Consultants)'
5. Other details :-

| Procurement Officer | Bid Identification No. | Available of bid document in website From | Available of bid document in website To | Dateline for Submission of Pre-Proposal Query (Through email) | Date & time of Opening of Tender in O/o S.E.R.W. Circle, Balasore: Date of opening of Technical Proposal | Date of opening of Financial Proposal |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Additional Chief Engineer, Rural Works Circle, Balasore | NCB No.-295 | 16.07.2021 at 11.00 A.M. | 06.08.2021 Up to 5.00 P.M. | 23.07.2021 Up to 5.30 P.M. | 09.08.2021 at 11.30 A.M. | Will be intimated later |

• Further details can be seen from the website: www.tendersodisha.gov.in
OIPR-25105/11/0009/2122 Sd./- Er. P.K. Sahoo, Additional Chief Engineer, R.W. Circle, Balasore

**TPWODL**
**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint Venture)
Corporate Office, Burla, Dist.- Sambalpur (Odisha) - 768017
**NOTICE INVITING TENDER**

Tender Notice No. TPWODL/RB/O/SER/018 Date: 15.07.2021

TP Western Odisha Distribution Limited invites tender (2 parts bidding) from eligible vendors for the following package:

**RC for Supply, Installation and Maintenance of Network Equipment (DC Router, DC Switches and Network Rack) for Substation Automation at TPWODL**

Interested bidders to submit Tender Participation Fee and Authorization letter through e-mail before **22nd July 2021, 15.00 hrs.** after which link from e-Tender system shall be shared.

For detailed tender documents mentioned above please visit tender section on TPWODL website: **www.tpwesternodisha.com**. Further details for participating in tender is given in the tender document.

All future correspondence regarding the tender, bid submission, bid submission date extension etc. will happen with participating bidders only through e-Tender system.

Sd./- Chief Contracts & Stores

**GOVERNMENT OF ODISHA, DEPARTMENT OF WATER RESOURCES** No. A-297
**OFFICE OF THE ADDITIONAL CHIEF ENGINEER, EASTERN CIRCLE-I, CUTTACK**
E-Mail ID- seeccuttack@gmail.com
**"e" Procurement Notice No. ACE, EC-I/05 of 2021-22 (On-line)**

| | | |
|---|---|---|
| 1 | Name of Works | Protection to Scoured on Devi left embankment, Providing 5 Nos. spur near village Paluribanka under NABARD Assistance Bid identification No. ACE, EC-I JID/05 of 2021-22 |
| 2 | Total No. of Packages | 1 No. Package |
| 3 | Tender paper Cost | Rs.10,000.00 (On-line payment) |
| 4 | Bid Security | "Bid Security Declaration" as per F.D.O.M. No.-FIN-COD-MISC-0007-2019/8943/F dated 18.03.2021. The bids without "Bid Security Declaration" will be summarily rejected. |

5. Other details are as follows

| Procurement Officer | Bid Identification No. | Tender Cost (Rs. in Lakh) (Approx.) | Class of Contractor | Period of Completion | Availability of Tender On-line for bidding From | Availability of Tender On-line for bidding To | Date of Opening of Technical Bid (Cover-I) |
|---|---|---|---|---|---|---|---|
| Additional Chief Engineer, Eastern Circle-I, Cuttack | ACE, EC-I JID/05 of 2021-22 | 637.00 Lakh | Special & Super | 09 (Nine) calendar months | 19.07.2021 at 10.00 hrs. | 03.08.2021 upto 17.30 hrs. | 04.08.2021 at 11.30 hrs. |

6. e-mail id : seeccuttack@gmail.com
Further details can be seen from the Govt. website "https://tendersodisha.gov.in"
OIPR-32370/11/0006/2122 Sd./- Additional Chief Engineer, Eastern Circle-I, Cuttack

**DISTRICT PLANNING AND MONITORING UNIT, BOUDH**
**Corrigendum Letter No. 65 Dt.14.07.2021**

Reference Tender Notice No. 56 Date: 08.07.2021

The Financial Bid of Tender Notice No. 56 Dt.08.07.2021 for Engagement of Manpower Agencies/Serivce Provider Firm published by OIC, WODC-cum-Deputy Director (P&S), DPMU (Planning Wing), Boudh published in all edition of Dharitri Odia Newspaper on Dt.09.07.2021. The bidders are requested to submit their BIDs using the modified Financial BID uploaded in Boudh NIC Website **www.boudh.nic.in**. However all other things of the tender notice quoted above remain unchanged. Bidders who have applied and send in previous Financial Bid format on or before 14.07.2021 can send the modified financial bid only in a separate envelope mentioning "MODIFIED FINANCIAL BID" to the OIC, WODC-cum-Deputy Director (P&S), DPMU, Boudh address.

Sd./- OIC-WODC-cum-Deputy Director (P&S), DPMU, Boudh

**ସଂକ୍ଷେପରେ**

## କାନାରା ବ୍ୟାଙ୍କ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କ ଓଡ଼ିଶା ଗସ୍ତ

**ଭୁବନେଶ୍ୱର,୧୪।୭:** କାନାରା ବ୍ୟାଙ୍କ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ଏ. ମଣିମେଖାଲାଇ ଭୁବନେଶ୍ୱର ଗସ୍ତରେ ଆସିଥିଲେ। ଏହି ଅବସରରେ ସେ ଓପନ ଲର୍ନିଂ ସିଷ୍ଟମ, ଚାଇଲ୍ଡ କେୟାର ୟୁନିଟ୍ ପରିଦର୍ଶନ କରିଥିଲେ। ଏହି ଚାଇଲ୍ଡ କେୟାର ସୋସାଇଟି ସମାଜର ଅଭାବଗ୍ରସ୍ତ, ଅବହେଳିତ ଶିଶୁମାନଙ୍କର ଉନ୍ନତୀକରଣ, ସଶକ୍ତୀକରଣ ପାଇଁ ସମର୍ପିତ । କାନାରା ବ୍ୟାଙ୍କର ସାମାଜିକ ଦାୟିତ୍ୱବୋଧତା ଅଂଶବିଶେଷ ସୁଶ୍ରୀ ମଣିମେଖାଲାଇ ଅନୁଷ୍ଠାନକୁ ଷ୍ଟିଲ ଆଲମିରା ଏବଂ ସିଲିଂ ଫ୍ୟାନ୍ ପ୍ରଦାନ କରିଥିଲେ। ସେ ଏହି ଅବସରରେ ଜିଏ ୱିଙ୍ଗ୍‌ର ମହା ପ୍ରବନ୍ଧକ ଏମ୍.ଜି. ପଣ୍ଡିତ ଓ ଭୁବନେଶ୍ୱର ସର୍କଲ କାର୍ଯ୍ୟାଳୟର ମହାପ୍ରବନ୍ଧକ ବି.ଏଲ୍. ମିନାଙ୍କ ଉପସ୍ଥିତିରେ ସେଣ୍ଟ୍ରାଲ ପ୍ରୋସେସିଂ ହବ୍ (ସିପିଏଚ୍)ର ଉଦ୍‌ଘାଟନ କରିଥିଲେ। ଉପ ମହାପ୍ରବନ୍ଧକ ଜି.ଏନ୍. ମୂର୍ତ୍ତି, ଏ.କେ. ସିଂ, ସହାୟକ ମହାପ୍ରବନ୍ଧକ ପ୍ରକାଶ ପ୍ରଧାନ ଏବଂ ସର୍କଲ କାର୍ଯ୍ୟାଳୟର ଅନ୍ୟ କର୍ମଚାରୀମାନେ ଏଥିରେ ଉପସ୍ଥିତ ଥିଲେ।

## ବିଜିୟୁ ପକ୍ଷରୁ ୱେବିନାର

**ଭୁବନେଶ୍ୱର,୧୪।୭:** ବିର୍ଲା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ, ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି ପକ୍ଷରୁ ମେଣ୍ଟାଲ ହେଲ୍‌ଥ ଆଣ୍ଡ ଇମୋଶନାଲ ୱେଲବିଙ୍ଗ୍ ସମ୍ପର୍କିତ ଏକ ୱେବିନାର ଆୟୋଜିତ ହୋଇଯାଇଛି। ଏହି ୱେବିନାରକୁ ବିଜିୟୁର ଡିନ୍ ପ୍ରଫେସର ପରମେଶ୍ୱର ନାୟକ ଉଦ୍‌ଘାଟନ କରିଥିଲେ। ଏଥିରେ ମୁମ୍ବାଇସ୍ଥିତ ପିଡି ହିନ୍ଦୁଜା ନ୍ୟାଶନାଲ ହସ୍ପିଟାଲ ଏବଂ ସାର୍ ଏଚ୍‌ଏନ୍ ରିଲାଏନ୍ସ ଫାଉଣ୍ଡେଶନ ହସ୍ପିଟାଲର ଡା. କେର୍ସି ଚାୱାଡା, କନ୍‌ସଲଟାଣ୍ଟ(ମନସ୍ତତ୍ତ୍ୱ), ଭୁବନେଶ୍ୱର ହାଇଟେକ ହସ୍ପିଟାଲର ଡା. ଅମ୍ରିତ ପାଟଜୋଷୀ, ପ୍ରଫେସର(ମନସ୍ତତ୍ତ୍ୱ) ଏବଂ ଭୋପାଳର ରୁମା ଭଟ୍ଟାଚାର୍ଯ୍ୟ, ପ୍ରଫେସର(ମନସ୍ତତ୍ତ୍ୱ) ପ୍ରମୁଖ ଯୋଗଦେଇଥିଲେ। ଏହି ୱେବିନାରଟି ପ୍ୟାନେଲ ଆଲୋଚନା ଉପରେ ପର୍ଯ୍ୟବସିତ ଥିଲା। ଡ. ଅର୍ଚ୍ଚନା ଚୌଧୁରୀ କାର୍ଯ୍ୟକ୍ରମର ପରିଚାଳନା ଏବଂ ବିର୍ଲା ସ୍କୁଲ୍ ଅଫ୍ ମ୍ୟାନେଜମେଣ୍ଟର ଫାକଲ୍ଟି ଡ. ସ୍ନିଗ୍ଧା ମହାପାତ୍ର ଏହାର ସଂଯୋଜନା କରିଥିଲେ।

# ଜୁନ୍‌ରେ ପାଇକାରୀ ମୁଦ୍ରାସ୍ଫୀତି ୧୨.୦୭%

ନୂଆଦିଲ୍ଲୀ, ୧୪।୭

ଜୁନ୍ ମାସରେ ପାଇକାରୀ ମୁଦ୍ରାସ୍ଫୀତି ୧୨.୦୭% ରହିଛି। ଏହି ସମୟରେ ଅଶୋଧିତ ତେଲ ଏବଂ ଖାଦ୍ୟ ସାମଗ୍ରୀ ଦର ସାମାନ୍ୟ ବଢ଼ିଛି। ଲଗାତର ୩ ମାସ ହେବ ପାଇକାରୀ ମୁଦ୍ରାସ୍ଫୀତି ୨ ଅଙ୍କ ସ୍ତର ଛୁଇଁଛି। ଗତ ବର୍ଷର ଲୋ ବେସ୍ ପ୍ରଭାବ ଯୋଗୁ ଏଭଳି ସ୍ଥିତି ଉପୁଜିଛି। ୨୦୨୦ ଜୁନ୍‌ରେ ପାଇକାରୀ ମୁଦ୍ରାସ୍ଫୀତି -୧.୮୧% ସ୍ତରରେ ରହିଥିଲା। ଚଳିତ ବର୍ଷ ମେ ମାସରେ ପାଇକାରୀ ମୁଦ୍ରାସ୍ଫୀତି ୫ ମାସର ସର୍ବୋଚ୍ଚ ସ୍ତର ୧୨.୯୪%ରେ ରହିଥିଲା। ଚଳିତ ବର୍ଷ ଅକ୍ଟୋବର ଯାଏ ଏହି ମୁଦ୍ରାସ୍ଫୀତି ବର୍ଦ୍ଧିତ ସ୍ତରରେ ରହିବା ନେଇ ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି। ସରକାର ବୁଧବାର ପାଇକାରୀ ମୁଦ୍ରାସ୍ଫୀତି ସଂକ୍ରାନ୍ତ ଡାଟା ଜାରି କରିଛନ୍ତି।




ମିନେରାଲ ଅଏଲ ମହଙ୍ଗା ହେବା ଯୋଗୁ ଜୁନ୍‌ରେ ପାଇକାରୀ ମୁଦ୍ରାସ୍ଫୀତି ବଢିଛି। ଏଥିରେ ପେଟ୍ରୋଲ,ଡିଜେଲ, ନେପଥା ଏବଂ ଜେଟ୍ ଫୁଏଲ ସାମିଲ ରହିଛି। ସେହିଭଳି ମାନୁଫାକଚର ପ୍ରଡକ୍ଟ ଭଳି ବେସିକ ମେଟାଲ ଏବଂ ଫୁଡ୍ ପ୍ରଡକ୍ଟର ଦରଦାମ ମଧ୍ୟ ବଢିଛି।

ରିପୋର୍ଟ ମୁତାବକ, ଇନ୍ଧନ ଏବଂ ଶକ୍ତି ୩୨.୮୩% ମହଙ୍ଗା ହୋଇଛି। ମାନୁଫାକ୍‌ଚର ପ୍ରଡକ୍ଟ ୧୦.୮୮% ମହଙ୍ଗା ହୋଇଥିବା ବେଳେ ପ୍ରାଇମେରି ଆର୍ଟିକିଲ ୭.୭୪% ଦର ବଢିଛି। ଖାଦ୍ୟ ସାମଗ୍ରୀ ଦର ଶସ୍ତା ହେବା ଯୋଗୁ ଖାଦ୍ୟ ସୂଚକାଙ୍କରେ ମୁଦ୍ରାସ୍ଫୀତି ୬.୬୬%କୁ ଖସିଛି। ମେ ମାସରେ ଏହା ୮.୧୧% ସ୍ତରରେ ରହିଥିଲା। ସରକାର ସୋମବାର ଖୁଚୁରା ମୁଦ୍ରାସ୍ଫୀତି ଏବଂ ଔଦ୍ୟୋଗିକ ଉତ୍ପାଦନ ସଂକ୍ରାନ୍ତ ଡାଟା ଜାରି କରିଥିଲେ। ଜୁନ୍‌ରେ ଖାଉଟି ମୂଲ୍ୟସୂଚୀ ଭିତ୍ତିକ ମୁଦ୍ରାସ୍ଫୀତି ୬.୨୬% ରହିଛି। ମେ ମାସରେ ଏହା ୬.୩୦% ସ୍ତରରେ ରହିଥିଲା। ମେ ମାସରେ ମୁଦ୍ରାସ୍ଫୀତି ୬ ମାସର ସର୍ବୋଚ୍ଚ ସ୍ତରରେ ରହିଛି। ସେହିଭଳି ଜୁନ୍‌ରେ ଶିଳ୍ପ ଉତ୍ପାଦନ ସୂଚକାଙ୍କ ୨୯.୨% ସ୍ତରରେ ରହିଛି। ଏହା ୨୦୨୦ ମେ ମାସରେ ୩୩.୪% ହ୍ରାସ ହୋଇଥିଲା।

# ରୁଚି ପକ୍ଷରୁ ପ୍ରତିଷ୍ଠା ଦିବସ




କଟକ,୧୪।୭

ରାଜ୍ୟର ପ୍ରମୁଖ ମସଲା ଉଦ୍ୟୋଗ 'ରୁଚି' ପକ୍ଷରୁ ଏହାର ୪୬ତମ ପ୍ରତିଷ୍ଠା ଦିବସ କୋଭିଡ୍ ନିୟମ ଅନୁସାରେ ସ୍ଥାନୀୟ ମଧୁପାଟଣା ଶିଳ୍ପାଞ୍ଚଳସ୍ଥିତ କମ୍ପାନୀ ମୁଖ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ସଂସ୍ଥାର ବରିଷ୍ଠ ଶ୍ରମଜୀବି ଧୀରେନ୍ଦ୍ର ପରିଡ଼ା ରୁଚି ପତାକା ଉତ୍ତୋଳନ କରି ଏହାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ କମ୍ପାନୀର ନିର୍ଦ୍ଦେଶକ ଅରବିନ୍ଦ ସାହୁ ଓ ନିର୍ଦ୍ଦେଶିକା ସଲିନା ସାହୁ ଯୋଗଦେଇ ଅନୁଷ୍ଠାନର ପ୍ରଗତି ଓ ସଫଳତା ପାଇଁ ପ୍ରତ୍ୟେକ କର୍ମଚାରୀଙ୍କ ଭାଗିଦାରୀକୁ ଉଚ୍ଚ ପ୍ରଶଂସା କରିଥିଲେ। ରୁଚିର ପରିଚାଳନା ନିର୍ଦ୍ଦେଶକ ଡ. ଶରତ କୁମାର ସାହୁ କହିଥିଲେ, ରାଜ୍ୟର ପ୍ରତିଟି ଗ୍ରାହକଙ୍କ ବିଶ୍ୱସନୀୟତା ଏବଂ କର୍ମଚାରୀମାନଙ୍କର ସହଭାଗିତା ଯୋଗୁ ସଂସ୍ଥା ରାଜ୍ୟର ଏକ ସଫଳ ଉଦ୍ୟୋଗରେ ପରିଣତ ହୋଇଛି। କାର୍ଯ୍ୟକ୍ରମରେ ଶ୍ରୀମନ୍ଦିରର ପୂର୍ବତନ ପ୍ରଶାସକ ରବୀନ୍ଦ୍ର ନାରାୟଣ ମିଶ୍ରଙ୍କୁ 'ଶ୍ରୀ ଜଗନ୍ନାଥ ରୁଚି ସଂସ୍କୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। କମ୍ପାନୀ ପକ୍ଷରୁ ଲକି ଡ୍ର ଜରିଆରେ କୋଡ଼ିଏ ଜଣ କର୍ମଚାରୀଙ୍କୁ ଅର୍ଥ ରାଶି ଏବଂ ୪୬ ଜଣଙ୍କୁ ସ୍ୱତନ୍ତ୍ର ଉପହାର ପ୍ରଦାନ କରାଯାଇଥିଲା। ସେହିଭଳି ରୁଚି ପରିବାରର ୨୩ ଜଣ ମାଟ୍ରିକ ଉତ୍ତୀର୍ଣ୍ଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ରୁଚି ମେଧାବୃତ୍ତି ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। କାର୍ଯ୍ୟକ୍ରମରେ ମହାପ୍ରବନ୍ଧକ ମହେନ୍ଦ୍ର ଷଡ଼ଙ୍ଗୀ, ଲୋକସଂପର୍କ ବିଭାଗର ମୁଖ୍ୟ ଶୁଭେନ୍ଦୁ କୁମାର ଭୂୟାଁ ଏବଂ ବରିଷ୍ଠ ସୂଚନା ଅଧିକାରୀ ଡ. ନିହାର ରଂଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ହିରୋର ନୂଆ ଡିଲରଶିପ୍ 'ଅରୁନ୍ଧତୀ ହିରୋ'




ଭୁବନେଶ୍ୱର,୧୪।୭

ପ୍ରମୁଖ ଦୁଇଚକିଆ ଯାନ ନିର୍ମାତା ହିରୋ ମୋଟୋକର୍ପ ପକ୍ଷରୁ ବୁଧବାର ସ୍ଥାନୀୟ ଲୁଇସରୋଡସ୍ଥିତ ପାନ୍ଥନିବାସ ନିକଟରେ ଏହାର ଏକ ନୂତନ ଡିଲରଶିପ୍ 'ଅରୁନ୍ଧତୀ ହିରୋ'ର ଶୁଭାରମ୍ଭ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା, ଶକ୍ତି ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମେତ ହିରୋ ମୋଟୋକର୍ପର ଜାତୀୟ ବିକ୍ରି ମୁଖ୍ୟ, ଆଶୁତୋଷ ବର୍ମା ଏବଂ ହିରୋ ମୋଟୋକର୍ପର ପୂର୍ବ ଜୋନାଲ୍ ମୁଖ୍ୟ, ବି. ସ୍ୱାମୀନାଥନ୍ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଅରୁନ୍ଧତୀ ମୋଟୋ ବାଇକ୍ସର ମ୍ୟାନେଜିଂ ପାର୍ଟନର ଇଂ. ବ୍ରହ୍ମାନନ୍ଦ ମେହେର କହିଛନ୍ତି, ହିରୋ ପକ୍ଷରୁ ଅରୁନ୍ଧତୀକୁ ତୃତୀୟ ଡିଲରଶିପ୍ ଭୁବନେଶ୍ୱରଠାରେ ପ୍ରଦାନ କରାଯାଇଛି। ଭବାନୀପାଟଣା ଓ ବଲାଙ୍ଗୀରରେ ଅରୁନ୍ଧତୀ ହିରୋ ଭଲ ବ୍ୟବସାୟ କରୁଛି। ନୂଆ ଶୋ'ରୁମ ୧୦,୦୦୦ ବର୍ଗଫୁଟ ପରିମିତ ସ୍ଥାନରେ ଖୋଲିଛି। ଅତ୍ୟାଧୁନିକ ୱାର୍କଶପ ଜରିଆରେ ଉନ୍ନତ କ୍ରୟ ଅଭିଜ୍ଞତା ଏବଂ ସର୍ଭିସିଂ ପ୍ରଦାନ, ସିନିୟର ସିଟିଜେନ୍ ଓ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ସେବା ପ୍ରଦାନ ସହ ହୋମ୍ ପିକ୍‌ଅପ ଆଣ୍ଡ ଡେଲିଭରିର ସୁବିଧା ରହିଛି। ଶୀଘ୍ର ସକାଳ ୬ରୁ ରାତି ୧୦ ପର୍ଯ୍ୟନ୍ତ ସର୍ଭିସିଂ ସୁବିଧା ଗ୍ରାହକମାନେ ପାଇପାରିବେ ବୋଲି ମେହେର ମତପ୍ରକାଶ କରିଛନ୍ତି।

## ଗୁଗଲ୍ ଦେବ ୫୯୩ ନିୟୁତ ଡଲାର ଜରିମାନା

ନୂଆଦିଲ୍ଲୀ,୧୪।୭

ଫ୍ରାନ୍ସ କମ୍ପିଟେସନ ରେଗୁଲେଟର ମଙ୍ଗଳବାର ଇଣ୍ଟରନେଟ୍ ସର୍ଚ୍ଚ ଇଞ୍ଜିନ କମ୍ପାନୀ ଗୁଗଲ୍‌କୁ ୫୦୦ ନିୟୁତ ୟୁରୋ (୫୯୩ ନିୟୁତ ଡଲାର) ଜରିମାନା ଦେବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ନିୟମ ପାଳନରେ ବିଫଳତା ଲାଗି ନିୟାମକ ଏଭଳି ନିର୍ଦ୍ଦେଶ ଦେଇଥିବା ଜଣାପଡଇଛି। କୌଣସି କମ୍ପାନୀଙ୍କୁ କମ୍ପିଟେସନ ରେଗୁଲେଟରଙ୍କ ପକ୍ଷରୁ ଏହା ଏପର୍ଯ୍ୟନ୍ତ ସବୁଠୁ ବଡ ଜରିମାନା ବୋଲି ନିୟାମକ ଅନୁଷ୍ଠାନ ମୁଖ୍ୟ ଇସାବେଲା ଡି'ସିଲଭା କହିଛନ୍ତି। ତେବେ ଫ୍ରାନ୍ସ ପ୍ରାଧିକରଣଙ୍କ ନିଷ୍ପତ୍ତି ନିରାଶାଜନକ ବୋଲି ଗୁଗଲ ମୁଖପାତ୍ର ଗଣମାଧ୍ୟମକୁ କହିଛନ୍ତ। ଏଥିପାଇଁ ନିୟାମକ ଦେଇଥିବା ଅବଧିରେ ଆମେ ପ୍ରକାଶକଙ୍କ ସହ କଥାବାର୍ତ୍ତା କରିଛୁ। ଏ ନେଇ ଆମ ପ୍ଲାଟଫର୍ମରେ ଆମେ କରିଥିବା ପ୍ରୟାସ ଅଥବା ଆମ ପ୍ଲାଟଫର୍ମରେ ନ୍ୟୁଜ କଣ୍ଟେଣ୍ଟର ବାସ୍ତବିକତା ନିୟାମକଙ୍କ ଆଦେଶରେ ପ୍ରତିଫଳିତ ହେଉନାହିଁ।

# ନୂଆ ଗ୍ରାହକ ଯୋଡ଼ିପାରିବନି ମାଷ୍ଟରକାର୍ଡ

**ନିୟମ ଉଲ୍ଲଂଘନ ଭାରି ପଡ଼ିଲା**

ନୂଆଦିଲ୍ଲୀ, ୧୪।୭

ନିୟମ ଉଲ୍ଲଂଘନ ଅଭିଯୋଗରେ ରିଜର୍ଭ ବ୍ୟାଙ୍କ ମାଷ୍ଟରକାର୍ଡ ଉପରେ କଟକଣା ଲଗାଇଛି। ଫଳରେ ଏହା ନୂଆ ଗ୍ରାହକ ଯୋଡ଼ିପାରିବନି। ୨୨ ଜୁଲାଇଠାରୁ ନିଜ ନେଟ୍‌ୱର୍କରେ ନୂଆ ଗ୍ରାହକ ଯୋଡିବାକୁ ମାଷ୍ଟରକାର୍ଡକୁ ବାରଣ କରାଯାଇଛି। ଏହା ମଧ୍ୟରେ ଡେବିଟ୍, କ୍ରେଡିଟ୍ ଏବଂ ପ୍ରିପେଡ୍ ଗ୍ରାହକ ସାମିଲ ରହିଥିବା ଜଣାପଡିଛି। ଆର୍‌ବିଆଇର କହିବା ଅନୁସାରେ, ମାଷ୍ଟରକାର୍ଡ ଭାରତରେ ପେମେଣ୍ଟ ସିଷ୍ଟମ ଡାଟା ଷ୍ଟୋରେଜ ସଂକ୍ରାନ୍ତ ନିୟମକୁ ଉଲ୍ଲଂଘନ କରିଛି। ଫଳରେ ଏହି ପେମେଣ୍ଟ ସିଷ୍ଟମ ଅପରେଟର ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଆର୍‌ବିଆଇ ନିର୍ଦ୍ଦେଶ ଫଳରେ କମ୍ପାନୀର ପୁରୁଣା ଗ୍ରାହକଙ୍କ ଉପରେ କୌଣସି ପ୍ରଭାବ ପଡିବନି ବୋଲି ଜଣାପଡିଛି।

କାର୍ଡ ଜାରି କରୁଥିବା ବ୍ୟାଙ୍କ ଏବଂ ଅଣ ବ୍ୟାଙ୍କ ସଂସ୍ଥାଗୁଡିକୁ ପୂର୍ବରୁ ଆର୍‌ବିଆଇ ନିର୍ଦ୍ଦେଶନାମା ଜାରି କରିଥିଲା। ୨୦୧୮ ଏପ୍ରିଲରେ ଜାରି ଆର୍‌ବିଆଇ ସର୍କୁଲାର ମୁତାବକ, ସମସ୍ତ ପେମେଣ୍ଟ ସିଷ୍ଟମ ସୁବିଧା ଯୋଗାଣକାରୀ ନିଜ ଅକ୍ତିଆରରେ ରହିଥିବା ପେମେଣ୍ଟ ସଂକ୍ରାନ୍ତ ଡାଟାକୁ ଭାରତରେ ସଂରକ୍ଷିତ କରିବେ। ଏ ନେଇ ସଂସ୍ଥାଗୁଡିକୁ ୬ ମାସର ସମୟସୀମା ପ୍ରଦାନ କରାଯାଇଥିଲା। ଏହି ମାନଦଣ୍ଡ ପାଳନରେ ମାଷ୍ଟରକାର୍ଡ ବିଫଳ ହୋଇଛି। ୨୦୨୧ରେ ଏହା ପ୍ରଥମ ଘଟଣା ନୁହେଁ।

**ଫୁର୍‌ସତ୍**

## ବର୍ଷକୁ ଶୁଅନ୍ତି ୩୦୦ ଦିନ

**ନାଗୌର:** ରାମାୟଣର କୁମ୍ଭକର୍ଣ୍ଣ ବର୍ଷରେ ୬ ମାସ ଖାଉଥିବା ବେଳେ ୬ ମାସ ଶୋଉଥିବା କଥା ସମସ୍ତେ ଶୁଣିଥିବେ। ସମାନ କାରଣ ପାଇଁ ଏବେ ରାଜସ୍ଥାନର ନାଗୌରରେ ଏଭଳି ଜଣେ ବ୍ୟକ୍ତି ଚର୍ଚ୍ଚାରେ ଅଛନ୍ତି, ଯିଏ ବର୍ଷର ୩୬୫ ଦିନରୁ ୩୦୦ ଦିନ ଶୋଉଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ବାସ୍ତବ ଜୀବନର କୁମ୍ଭକର୍ଣ୍ଣ ବୋଲି କହୁଛନ୍ତି। ବ୍ୟକ୍ତିଜଣଙ୍କ ହେଲେ ନାଗୌର ଜିଲା ଭଦୱା ଗ୍ରାମର ୪୨ ବର୍ଷୀୟ ପୁରଖରାମ। ସେ ୨୩ ବର୍ଷରୁ ଆକ୍ସିସ ହାଇପରସୋମନିୟା ନାମକ ଏକ ବିରଳ ରୋଗରେ ପୀଡ଼ିତ। ପୁରଖରାମ ୨୫ ଦିନ ଲଗାତର ଭାବେ ଶୋଇଥାନ୍ତି। ଏହି କାରଣରୁ ସେ ମାସକୁ ମାତ୍ର ୫ ଦିନ ନିଜ ଦୋକାନ ଚଳାଇପାରିଥାନ୍ତି। ପୁରଖରାମଙ୍କ ପରିବାରସଦସ୍ୟ ତାଙ୍କୁ ଶୋଇବା ସମୟରେ ଖାଇବାକୁ ଦିଅନ୍ତି ଏବଂ ଗାଧୋଇ ଦିଅନ୍ତି। ସେ କାମ କରୁଥିବା ସମୟରେ ମଧ୍ୟ ଶୋଇପଡ଼ନ୍ତି। ତାଙ୍କ ଶରୀର ଅଧିକାଂଶ ସମୟ କ୍ଲାନ୍ତ ରହିଥାଏ।

# ପ୍ରଗତି ରଥର ସାରଥି ଦକ୍ଷ ଯୁବବର୍ଗ

**ଆଜି ବିଶ୍ୱ ଯୁବ କୌଶଳ ଦିବସ**



ରାଷ୍ଟ୍ରର କର୍ମଠ ମାନବ ସମ୍ବଳ ହେଉଛନ୍ତି ଯୁବବର୍ଗ। ଦେଶର ପ୍ରଗତି ରଥର ସାରଥି ମଧ୍ୟ। ବୟସ୍କ ତଥା ବରିଷ୍ଠ ନାଗରିକ ଅଭିଜ୍ଞତାର ଉତ୍ସ ହୋଇଥିବାବେଳେ ଯୁବପିଢ଼ି କାର୍ଯ୍ୟକାରୀ ସମ୍ପଦ ଭାବେ ପରିଗଣିତ। ହେଲେ ଏ କଥା ବି ସତ, ଦକ୍ଷତାବିହୀନ ଯୁବତୀଯୁବକଙ୍କ ବିକାଶରେ ଯୋଗଦାନ ଅତି ନଗଣ୍ୟ। ଅନଭିଜ୍ଞ ଯୁବଗୋଷ୍ଠୀ ରାଷ୍ଟ୍ରକଲ୍ୟାଣ ବିଷୟରେ ଚିନ୍ତା କରିବା ତ ଦୂରର କଥା, ଓଲଟି ସମାଜ ଉପରେ ବୋଝ ପାଲଟିଯାଆନ୍ତି। ଭାରତ ଭଳି ବିକାଶଶୀଳ ଦେଶରେ ଏଭଳି ସମସ୍ୟା ଅତି ସାଧାରଣ। ହେଲେ ଯୁବଗୋଷ୍ଠୀଙ୍କ ଅନ୍ତର୍ନିହିତ ଗୁଣ ଏବଂ ଦକ୍ଷତାର ବିକାଶ କରାଯାଇପାରିଲେ ଆର୍ଥନୈତିକ ପ୍ରଗତିକୁ ବଳ ମିଳିବ। ଏଭଳି ଏକ ମହତ୍ ଉଦ୍ଦେଶ୍ୟ ନେଇ ଜାତିସଂଘ ମହାସଭାର ପ୍ରସ୍ତାବକ୍ରମେ ୨୦୧୪ରୁ ପ୍ରତିବର୍ଷ ଜୁଲାଇ ୧୫କୁ 'ବିଶ୍ୱ ଯୁବ କୌଶଳ ଦିବସ' ବା ୱାର୍ଲ୍ଡ ୟୁଥ୍ ସ୍କିଲ୍‌ଡ ଡେ' ଭାବେ ପାଳନ କରାଯାଉଛି। ମହାମାରୀଗ୍ରସ୍ତ ପୃଥିବୀର ଭୁଶୁଡ଼ି ପଡ଼ିଥିବା ଅର୍ଥନୀତିକୁ ସଜାଡ଼ିବା ଦାୟିତ୍ୱ ଯୁବବର୍ଗଙ୍କର। ଏ କ୍ଷେତ୍ରରେ ସକାରାତ୍ମକ ବାତାବରଣ ସୃଷ୍ଟି କରିବା ଲାଗି ଚଳିତବର୍ଷ ଗୁରୁତ୍ୱ ଦିଆଯାଉଛି। ବିଶ୍ୱ ଯୁବ କୌଶଳ ଦିବସ-୨୦୨୧ର ଥିମ୍ ରହିଛି 'ମହାମାରୀ ପରେ ଯୁବ କୌଶଳର ପୁନଃକଳ୍ପନା' ବା ରିମେଇଜିଂ ୟୁଥ୍ ସ୍କିଲ୍ସ ପୋଷ୍ଟ ପାଣ୍ଡେମିକ୍।।

ଭାରତ ଭଳି ବିକାଶଶୀଳ ଦେଶରେ ଯୁବସମ୍ପଦର ଅଭାବ ନାହିଁ। ହେଲେ ଉତ୍ପାଦନ, ଆମଦାନୀ, ରପ୍ତାନି ଆଦି ବିଷୟକୁ ସମୀକ୍ଷା କଲେ ବାସ୍ତବ ଚିତ୍ର ପଦାକୁ ଆସିଥାଏ। ଅଧିକାଂଶ ମଧ୍ୟବିତ୍ତ ଏବଂ ଗରିବ ଶ୍ରେଣୀ ଯୁବତୀଯୁବକ ପରିବାରର ଶୋଚନୀୟ ଆର୍ଥିକ ସ୍ଥିତି ସୁଧାରିବାକୁ କମ୍ ବୟସରେ ପାଠପଢ଼ାକୁ ପଛ କରି ରୋଜଗାରମୁହାଁ ହୋଇଥାଆନ୍ତି। ତେବେ ଏମିତି ଅନେକ ରାଜ୍ୟ ରହିଛି, ଯେଉଁଠାରେ ଯୁବପିଢ଼ି ବେଶ୍ କର୍ମଠ, ନେତୃତ୍ୱ ନେବାରେ ଆଗୁଆ ଏବଂ ବୈଷୟିକ ଜ୍ଞାନକୌଶଳରେ ପାରଙ୍ଗମ। ମହାମାରୀ ଯୋଗୁ ବିଶ୍ୱସ୍ତରରେ ସଙ୍କଟମୟ ପରିସ୍ଥିତି ସୃଷ୍ଟି ହୋଇଥିବାବେଳେ ଅର୍ଥନୀତିକୁ ସ୍ୱାଭାବିକ ଧାରାକୁ ଫେରାଇ ଆଣିବା ଲାଗି କାର୍ଯ୍ୟଦକ୍ଷ ଯୁବପିଢ଼ିଙ୍କ ଗୁରୁଦାୟିତ୍ୱ ରହିଛି। ମହାମାରୀ ସମୟରେ ଯୁବବର୍ଗଙ୍କ ସୁରକ୍ଷା ପ୍ରମୁଖ ପ୍ରସଙ୍ଗ ପାଲଟିଥିବାବେଳେ ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ଉଭୟ ବିକଶିତ ଏବଂ ବିକାଶଶୀଳ ଦେଶ ପାଇଁ ଚ୍ୟାଲେଞ୍ଜ ପାଲଟିଛି। ଏହି ସମସ୍ୟାରୁ ମୁକୁଳିବା ଲାଗି ବିଶ୍ୱସ୍ତରରେ ସମନ୍ୱୟ ରକ୍ଷା କରି କାର୍ଯ୍ୟକ୍ରମ ଆରମ୍ଭ କରିବା ଜରୁରୀ ବୋଲି ବିଶେଷଜ୍ଞମାନେ କହିଛନ୍ତି।

## ୨୦ ଫୋନ୍ ବ୍ୟବହାର କରନ୍ତି ସୁନ୍ଦର ପିଚାଇ



**ୱାଶିଂଟନ:** ଗୁଗୁଲ ଏବଂ ଆଲଫାବେଟ ସିଇଓ ସୁନ୍ଦର ପିଚାଇ ତାଙ୍କର କିଛି ବୈଷୟିକ ଅଭ୍ୟାସ ବିଷୟରେ ସୂଚନା ଦେଇଛନ୍ତି। ସେ ଫୋନ୍ ପାସ୍‌ୱାର୍ଡକୁ କେତେଥର ବଦଳାନ୍ତି ପ୍ରଶ୍ନରେ କହିଥିଲେ ଯେ ସେ ବାରମ୍ବାର ପାସୱାର୍ଡ ପରିବର୍ତ୍ତନ କରନ୍ତି ନାହିଁ। ପାସ୍‌ୱାର୍ଡ ସମ୍ବନ୍ଧରେ ଟୁ ଫ୍ୟାକ୍ଟର୍ ଅଥେଣ୍ଟିକେଶନ ଗ୍ରହଣ କରିବାକୁ ସେ ପରାମର୍ଶ ଦେଇଛନ୍ତି । ଏକ ସମୟରେ ବିଭିନ୍ନ କାର୍ଯ୍ୟ ପାଇଁ ୨୦ରୁ ଅଧିକ ଫୋନ ବ୍ୟବହାର କରନ୍ତି ବୋଲି ସେ କହିଛନ୍ତି। ସେ ଲଗାତର ଫୋନ ବଦଳାଇ ସେଗୁଡିକୁ ପରୀକ୍ଷା କରିଥାନ୍ତି।



**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%


| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |



GALAXY TOWER COMPANY
ଭାରତ ସରକାର ଦ୍ୱାରା ସ୍ୱୀକୃତିପ୍ରାପ୍ତ ନିଜ ଛାତ, ଜମି, କ୍ଷେତ ଏବଂ ଖାଲି ସ୍ଥାନ ମାନଙ୍କରେ 4G/5G ର Digital Mobile Network ଲଗାନ୍ତୁ ।
ଧୋକାବାଜ କମ୍ପାନୀ ରୁ ସାବଧାନ ରୁହନ୍ତୁ
Advance : 60 Lakh
ଭଡା : ୪୫,୦୦୦/- ମାସିକ, ଚାକିରି, ଦରମା : ୨୦,୦୦୦/- (PF+ESI) +ଏକ ବାଇକ
7589604782
8004034927



BANSAL TOWER COMPANY
GOVT APPROVED COMPANY
ଦ୍ୱାରା ମାନ୍ୟତା ପ୍ରାପ୍ତ ନିଜର ଖାଲି ଥିବା ଜମି, କ୍ଷେତ, ଛାତ ଏବଂ ଖାଲି ସ୍ଥାନ ମାନଙ୍କରେ 4G/5G ଟାୱାର ଲଗାନ୍ତୁ ।
FAKE COMPANY ଠାରୁ ସାବଧାନ ରୁହନ୍ତୁ ।
Advance: 60 Lakhs
ମାସିକ ଭଡା: ୪୫୦୦୦
ଏବଂ ଜଣଙ୍କୁ ଚାକିରି ଦିଆଯିବ ।
Contact- 7376459854 / 9518817448



»»ଚମତ୍କାରକୁ ନମସ୍କାର««
ଆପଣ ବିବ୍ରତ ହୁଅନ୍ତୁ ନାହିଁ, ଆପଣଙ୍କର ସବୁ ସମସ୍ୟାର 2 ଘଣ୍ଟାରେ ଘରେ ବସି ସମାଧାନ
ବ୍ୟବସାୟ, ପ୍ରେମବିବାହ, ଗୃହକ୍ଲେଶ ମନପସନ୍ଦ ବିବାହ, ବିଦେଶ ଯାତ୍ରା, କୋର୍ଟ କେସ୍, ସଉତୁଣୀ/ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ମନୋମାଳିନ୍ୟ, ଗୁଣିଗାରେଡ଼ି, କ୍ୟାରିୟରରେ ବାଧା, ଔଷଧ କାମ ନ କରିବା, ବଶୀକରଣ, ମୁଠକରଣୀ ଇତ୍ୟାଦି
ଯଦି କାହାର ସ୍ୱାମୀ, ପ୍ରେମିକ କିମ୍ବା ପୁଅ ଅନ୍ୟ କାହାର ବଶରେ ଥାଆନ୍ତି ତେବେ ଆମକୁ ନିଶ୍ଚୟ କଲ୍ କରନ୍ତୁ
21 ବିଦ୍ୟା ଓ ଅଲୌକିକ ଶକ୍ତିର ସମ୍ରାଟ
ବିଶ୍ୱପ୍ରସିଦ୍ଧ ତାନ୍ତ୍ରିକ ବାବା
ମକବୁଲ ଖାନ୍ ବଙ୍ଗାଳୀ
9520764524



ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9911436726
8800979262


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ପୁରସ୍କାର ପାଇଁ ସନ୍ନିଙ୍କ ରାଗ



ସନ୍ନି ଦେଓଲ

**ମୁମ୍ବାଇ:** ସନ୍ନି ଦେଓଲଙ୍କ ରାଗକୁ ବଲିଉଡ୍‌ରେ କିଏ ବା ନ ଜାଣେ। ସନ୍ନି ତାଙ୍କ କ୍ୟାରିୟରରେ ଅନେକ ସୁପରହିଟ୍ ଫିଲ୍ମ ଦେଇଛନ୍ତି। ଅଦ୍ୟାବଧି ସେ 'ଗଦର', 'ଘାୟଲ', ତ୍ରିଦେବ୍ ସମେତ ଅନେକ ହିଟ୍ ଫିଲ୍ମରେ କାମ କରିଛନ୍ତି। ସନ୍ନି ଫିଲ୍ମ ଦୁନିଆରେ ଏକ ଆକ୍ସନ ଅଭିନେତା ଭାବରେ ଜଣାଶୁଣା । ତାଙ୍କ ଚଳଚ୍ଚିତ୍ର 'ଗଦର' ଦର୍ଶକଙ୍କୁ ବହୁତ ପସନ୍ଦ ଆସିଥିଲା। 'ଗଦର' ପାଇଁ ତାଙ୍କୁ ଶ୍ରେଷ୍ଠ କ୍ରିଟିକ ଅଭିନେତା ପୁରସ୍କାର ପ୍ରଦାନ କରାଯିବାରୁ ସେ ତାହାକୁ ପସନ୍ଦ କରି ନ ଥିଲେ। ଏପରି କି ରାଗରେ ସେ ଉକ୍ତ ପୁରସ୍କାରକୁ ବାଥରୁମ୍‌ରେ ଛାଡି ଚାଲିଗଲେ। ଫିଲ୍ମ ଜଗତରେ ଦିଆଯାଇଥିବା ଏହି ପୁରସ୍କାର ବିଷୟରେ ସନ୍ନି ଅନେକ କଥା କହିଛନ୍ତି ଏବଂ ପୁରସ୍କାର ପ୍ରକ୍ରିୟା ଉପରେ ମଧ୍ୟ ପ୍ରଶ୍ନ କରିଛନ୍ତି। ସୂଚନା ଅନୁସାରେ, ଜି ଟେଲିଫିଲ୍ମର ପୂର୍ବତନ ସିଇଓ ସନ୍ଦୀପ ଗୋୟଲ ତାଙ୍କ ପୁସ୍ତକ 'ଅନେଷ୍ଟି ଟୁ ଗଡ'ରେ ଲେଖିଛନ୍ତି, ୨୦୦୧ ଚଳଚ୍ଚିତ୍ର 'ଗଦର'କୁ ଜି ଟେଲିଫିଲ୍ମ ନିଜେ ପ୍ରସ୍ତୁତ କରିଥିଲେ। ପୁରସ୍କାର କାର୍ଯ୍ୟକ୍ରମ ମଧ୍ୟ ଜି ଦ୍ୱାରା ଆୟୋଜିତ ହୋଇଥିଲା। କିନ୍ତୁ ଏଥିରେ ଆମୀର ଖାନଙ୍କ ଫିଲ୍ମ ଏହି ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିଲା। ଆମୀରଙ୍କ 'ଲଗାନ' ଚଳଚ୍ଚିତ୍ରକୁ ଶ୍ରେଷ୍ଠ ଫିଲ୍ମ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିସହ ଆମୀରଙ୍କୁ ଶ୍ରେଷ୍ଠ ଅଭିନେତା ପୁରସ୍କାର ମଧ୍ୟ ଦିଆଯାଇଥିଲା। ଫଳରେ ଗଦର ଏହି ଆୱାର୍ଡ ପାଇବାରୁ ବଞ୍ଚିତ ହୋଇଥିଲା। ଏହା ସନ୍ନିଙ୍କୁ ପସନ୍ଦ ଆସି ନ ଥିଲା। ବଦଳରେ ସନ୍ନିକୁ ଶ୍ରେଷ୍ଠ କ୍ରିଟିକ୍ ଆୱାର୍ଡ ଦିଆଯାଇଥିଲା। ତେଣୁ ସନ୍ନି ରାଗିଯାଇଥିଲେ। ଏହି କାରଣରୁ ସେ ଉକ୍ତ ପୁରସ୍କାରକୁ ବାଥରୁମ୍‌ରେ ଛାଡ଼ି ଦେଇଥିଲେ।


**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ**

ଜାତସ୍ୟ ହି ଧ୍ରୁବୋ ମୃତ୍ୟୁର୍ଧ୍ରୁବଂ ଜନ୍ମ ମୃତସ୍ୟ ଚ ।
ତସ୍ମାଦପରିହାର୍ଯ୍ୟେଽର୍ଥେ ନ ତ୍ୱଂ ଶୋଚିତୁମର୍ହସି ।



ସ୍ୱ ସୁଧୀର କୁମାର ବିଜୟେନ୍ଦ୍ର ନାରାୟଣ

ବନ୍ଧୁପରିଜନ ପ୍ରିୟ, ପୂଜନୀୟ ସ୍ୱାମୀ, ପିତା, ଜେଜେ, ଅଜା, ଭ୍ରାତା, ସୁଦକ୍ଷ ଯନ୍ତ୍ରୀ, ସୁଲେଖକ, ସମାଜସେବୀ ଓ ପରୋପକାରୀ ପ୍ରିୟଜନ ଶ୍ରୀ ସୁଧୀର କୁମାର ବିଜୟେନ୍ଦ୍ର ନାରାୟଣ (ଜାପାନୀ ବାବୁ) ଗତ ୦୫.୦୭.୨୦୨୧ ରିଖ ସୋମବାର ଦିବା ଘ.୧୨.୫୦ ମିନିଟ୍ ସମୟର ନିଜ ବାସଭବନରେ ଆମ୍ଭମାନଙ୍କୁ ଛାଡ଼ି ସ୍ୱର୍ଗୀୟ ଜଗତକୁ ଚାଲିଯାଇଛନ୍ତି । ତାଙ୍କ 'ସେବା' ଓ 'ପ୍ରେମ'ର ଆଦର୍ଶ ଆମପାଇଁ ମାର୍ଗଦର୍ଶକ । ପ୍ରଭୁଙ୍କ ପାଖରେ ଆମେ ତାଙ୍କର ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରୁଅଛୁଁ ।

ଶୋକ ସନ୍ତପ୍ତ ପରିବାର ବର୍ଗ

ଧ-୨୧୦୮୦

**ଷଷ୍ଠ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତା ଭୁଲେଶ୍ୱରୀ ପଣ୍ଡା

ସାଇକୃପା, ୯୬୩/୨୧୫୧, ପ୍ରକୃତି ବିହାର, ବରମୁଣ୍ଡା
ଆବିର୍ଭାବ: ୧୯୫୦, ତିରୋଧାନ: ୨୧।୦୭।୨୦୧୫
(ଆଷାଢ଼ ଶୁକ୍ଳ ପଞ୍ଚମୀ)

ମା, ତୁ ଚାଲି ଯିବାର ୬ବର୍ଷ ବିତିଗଲା। ତୋର ଅନୁପସ୍ଥିତିରେ ସବୁ କିଛି ଖାଲି ଖାଲି ଲାଗୁଛି। ପ୍ରତ୍ୟେକ ଜନ୍ମରେ ତୋର ସନ୍ତାନ ଭାବେ ଜନ୍ମ ନେବାଲାଗି ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା । ତୋର ସ୍ନେହ, ତ୍ୟାଗ, ପରୋପକାରିତା, କର୍ତ୍ତବ୍ୟନିଷ୍ଠା, ଶୃଙ୍ଖଳାବୋଧ ଭଳି ଆଦର୍ଶରେ ଅନୁପ୍ରାଣିତ ହୋଇ ଜୀବନର ଚଲାପଥରେ ଆଗେଇବା ଲାଗି ଆମ୍ଭେମାନେ ଚେଷ୍ଟିତ । ତୁ ଯେଉଁଠି ବି ଥାଆ ଈଶ୍ୱରଙ୍କ କୃପାରୁ ଭଲରେ ଥାଆ। ତୋ ଭଳି ଜଣେ ମହାନ୍ ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।

ଶ୍ରଦ୍ଧାଞ୍ଜଳି ସହ ତୋର ହତଭାଗ୍ୟ ପରିବାରବର୍ଗ ।

ଧ-୭୦୨୩୪


ନୋରା ଫତେହୀ

# ନୋରାଙ୍କ ନୂଆ ଇନିଂସ

**ନୋ**ରା ଫତେହୀ ଆକ୍ଟିଂ ବ୍ୟତୀତ ଏବେ ଆଉ ଏକ କଥାରେ ମନୋନିବେଶ କରିବାକୁ ଯାଉଛନ୍ତି। ତାହା କ'ଣ ଜାଣନ୍ତି? ସମାଜସେବା। କରୋନା ସମୟରେ ଲୋକମାନଙ୍କର ଅବସ୍ଥା ଦେଖି ସେ ଏ ନେଇ ମାଇଣ୍ଡ ମେକ୍‌ଅପ କରିଛନ୍ତି। ''ଅଭିନୟ ତ ଚାଲିବ। ତା'ସହ କେତୋଟି ମ୍ୟୁଜିକ ଆଲ୍‌ବମର କାମ ମଧ୍ୟ ଚାଲିଛି। ହେଲେ ଏସବୁ ଭିତରେ ମୋତେ ସମାଜସେବା କରିବାକୁ ପଡ଼ିବ। କାରଣ ଲୋକମାନଙ୍କ ପାଖରେ ପହଞ୍ଚି ସେମାନଙ୍କର ଦୁଃଖସୁଖ ସହ ସାମିଲ ହେବା ଲାଗି ଏହା ହେଉଛି ପ୍ରକୃତ ପ୍ଲାଟଫର୍ମ। ଏ ନେଇ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିସାରିଛି ବୋଲି କହନ୍ତି ନୋରା।'' କେବଳ ଅଭିନୟ ନୁହେଁ ମଡେଲିଂ ଜଗତରେ ସେ ବେଶ୍ ପରିଚିତ। ନୋରାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ରୋର୍ : ଦ ଟାଇଗର ଅଫ୍ ସୁନ୍ଦରବନ'। କେବଳ ହିନ୍ଦୀ ସିନେମା ନୁହେଁ, ତେଲୁଗୁ ଏବଂ ତାମିଲ ଫିଲ୍ମରେ ମଧ୍ୟ ସେ ଅଭିନୟ କରିସାରିଛନ୍ତି।

ସ୍ମିତପ୍ରଜ୍ଞା



ନୂଆ ସିନେମା

# ଗୋଟେ ରାଜା ଥିଲା

**ଓ**ଲିଉଡ୍ ପ୍ରଯୋଜକ ରମେଶ ବାରିକ ଇତିମଧ୍ୟରେ ଆଉ ଏକ ନୂଆ ସିନେମା ନିର୍ମାଣ କରିବାକୁ ଯାଉଛନ୍ତି। ଉକ୍ତ ଚିତ୍ରର ଟାଇଟଲ ରହିଛି 'ଗୋଟେ ରାଜା ଥିଲା'। ଏହାର ଟାଇଟଲ ଭୂମିକାରେ ଅଭିନୟ କରିବେ ବାବୁସାନ୍। ନାୟିକା ଭାବରେ ତାଙ୍କ ସହ ସ୍କ୍ରିନ୍ ଶେୟାର କରୁଛନ୍ତି ନବାଗତା ଡା. ସ୍ମିତପ୍ରଜ୍ଞା। ପେସାରେ ଡାକ୍ତର ହୋଇଥିଲେ ମଧ୍ୟ ଅଭିନୟ ପ୍ରତି ରୁଚି ରଖନ୍ତି ସେ। ତା'ସହ ନିଜ ପ୍ରଥମ ସିନେମାରେ ବାବୁସାନଙ୍କ ସହ ଅଭିନୟ କରୁଛନ୍ତି ଜାଣିବା ପରେ ତାଙ୍କର ଖୁସି କହିଲେ ନ ସରେ। ମିସ୍ ଫେମିନା ଇଣ୍ଡିଆର ଫାଇନାଲିଷ୍ଟ ସ୍ମିତପ୍ରଜ୍ଞା ଜଣେ କ୍ଲାସିକାଲ ଡ୍ୟାନ୍ସର ଏବଂ ଗାୟିକା। ଆର୍.ଆର୍. ଇଭେଣ୍ଟସ ସିନେ ପ୍ରଡକ୍ସନ ବ୍ୟାନରରେ ଏହାର ନିର୍ଦ୍ଦେଶନା ଭାର ସମ୍ଭାଳୁଛନ୍ତି ସୁଶାନ୍ତ ମଣି। ଏଥିରୁ ନିଜର ବଡ଼ ପରଦାରେ ସ୍ୱର ସଂଯୋଜନା କ୍ୟାରିୟର ଆରମ୍ଭ କରୁଛନ୍ତି ଗୌରବ ଆନନ୍ଦ। ସଂଳାପ ରଚନା କରିଛନ୍ତି ବାପୁ ଗୋସ୍ୱାମୀ। କୋଭିଡ୍ ଗାଇଡଲାଇନ୍ ଅନୁସାରେ ଏହାର ସୁଟିଂ ଖୁବ୍ ଶୀଘ୍ର ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି ରମେଶ।

# ପାରିଶ୍ରମିକ ପାଇଁ..


ଆଲିୟା

**ଆ**ଲିୟା ଭଟ୍ଟ ଏବେ ଦୋଛକିରେ ପଡ଼ିଛନ୍ତି। ନୂଆ ଅଫରଟିରେ ନିଜ ଭୂମିକାକୁ ନେଇ ସିନା ଖୁସିରେ ଉଚ୍ଛୁଳୁଛନ୍ତି, ହେଲେ କଥା ପାରିଶ୍ରମିକରେ ଅଟକିଛି। କଥା କ'ଣ କି ଏହି ରୋଲ୍ ପାଇଁ ଆଲିୟା ଅଧିକ ପାରଶ୍ରମିକ ଡିମାଣ୍ଡ କରୁଛନ୍ତି ବୋଲି ଆଲୋଚନା ହେଉଛି। ସେପଟେ ଏପରି କଥାକୁ ନେଇ ମୁହଁ ଖୋଲିଛନ୍ତି ଆଲିୟା। ସେ କହନ୍ତି, 'ମୋର ପାରିଶ୍ରମିକକୁ ନେଇ ଯେଉଁ ଆଲୋଚନା ହେଉଛି ତାହା ପଛରେ ଆଦୌ ସତ୍ୟତା ନାହିଁ। ମୋତେ ବଦନାମ କରିବାକୁ କେହି ଏପରି ଅପପ୍ରଚାର ଚଳାଇଛନ୍ତି। ନିକଟରେ ମୋତେ ଏକ ନୂଆ ସିନେମାର ଅଫର ମିଳିଛି ସତ। ହେଲେ ଏହି ଫିଲ୍ମ ପାଇଁ ମୁଁ ଅଧିକ ପାରିଶ୍ରମିକ ଡିମାଣ୍ଡ କରୁଛି ବୋଲି ଯାହା ଆଲୋଚନା ହେଉଛି ତାହା ମିଛ।'

# କଟକ ୱେଡ୍‌ସ ସମ୍ବଲପୁର



**ନ**ବାଗତ ପ୍ରଯୋଜକ କେ. ତମନ୍ନା। ଯେଉଁଭଳି ଏକ କାହାଣୀକୁ ନେଇ ସିନେମାଟିଏ ନିର୍ମାଣ କରିବାକୁ ଚାହୁଁଥିଲେ ତାହା ପୂରଣ ହୋଇଛି। ଉକ୍ତ ସିନେମାର ଟାଇଟଲ ରହିଛି 'କଟକ ୱେଡ୍‌ସ ସମ୍ବଲପୁର'। ନିଜର ଏପରି ଆଭିମୁଖ୍ୟ ବିଷୟରେ ସେ କହନ୍ତି, ପିଲାଟି ଦିନରୁ କଳା ପ୍ରତି ରୁଚି ରହିଛି। ପ୍ରଯୋଜକ ରମେଶ ବାରିକଙ୍କ ସହ ଭେଟ ହେବା ପରେ ସେ ଚଳଚ୍ଚିତ୍ର ପ୍ରଯୋଜନା ବିଷୟରେ ମୋତେ ବିଷଦ ଭାବରେ ବୁଝାଇଥିଲେ। ତା'ପରେ ମୁଁ ଏ ଲାଇନ୍‌ରେ ପାଦ ଦେଇଛି।' 'ଷ୍ଟୁଡିଓ ୩୬୫' ବ୍ୟାନରରେ ଉକ୍ତ ଫିଲ୍ମର ମୁଖ୍ୟ ଭୂମିକାରେ ଅଭିନୟ କରିବେ ସମ୍ମିତ ଏବଂ ଏଥିରେ ତାଙ୍କର ନାୟିକା ସାଜିବେ ନବାଗତା ସସ୍ମିତା। ନିକଟରେ ମହୁରତ ହୋଇଥିବା ଏହି ଚିତ୍ରଟିର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ବାପି ଡେଭିଡ୍। ସଙ୍ଗୀତ ଦାୟିତ୍ୱ ତୁଲାଉଛନ୍ତି ବୈଦନାଥ ଦାଶ-କମଳେଶ।

## ଅତୀତରୁ

➔ 'ସୀମାହୀନ ଦରିଆ ସାଥୀ ବିନା ଦୁନିଆ' ଗୀତଟି ସେ ସମୟରେ ଶ୍ରୋତାଙ୍କୁ ବେଶ୍ ପ୍ରଭାବିତ କରିଥିଲା। ଓଡ଼ିଆ ଚଳଚ୍ଚିତ୍ର 'ବତୀଘର'ରେ ସଂଯୋଜିତ ଏହି ଗୀତଟି ପାଇଁ କଣ୍ଠଦାନ କରିଥିଲେ ପ୍ରଣବ ପଟ୍ଟନାୟକ।

➔ ଓଡ଼ିଆ ଚଳଚ୍ଚିତ୍ର 'ରକ୍ତ ଗୋଲାପ'ର ନାୟକ ଭୂମିକାରେ ଅଭିନୟ କରିଥିଲେ ଶ୍ରୀରାମ ପଣ୍ଡା ଏବଂ ତାଙ୍କର ନାୟିକା ସାଜିଥିଲେ ସେ ସମୟର ଅନ୍ୟତମ ଲୋକପ୍ରିୟ ନାୟିକା ବନଜା ମହାନ୍ତି।

## ଖେଳ ଖବର

# ଅଲିମ୍ପିକ୍ସରେ ଆଥ୍‌ଲେଟ ନିଜେ ପିନ୍ଧିବେ ପଦକ

ଟୋକିଓ, ୧୪।୭

କୋଭିଡ୍-୧୯ ପାଇଁ ଏଥର ଟୋକିଓ ଅଲିମ୍ପିକ୍ସରେ ଆଉ ଏକ ପରମ୍ପରା ଭାଙ୍ଗିବାକୁ ଯାଉଛି। ବିଭିନ୍ନ ଇଭେଣ୍ଟରେ କୃତିତ୍ୱ ହାସଲ କରିଥିବା ଆଥ୍‌ଲେଟମାନଙ୍କୁ ଅଲିମ୍ପିକ ପଦକ ସେରିମନିରେ ଜଣେ ମାନ୍ୟଗଣ୍ୟ ବ୍ୟକ୍ତି ପଦକ ପିନ୍ଧାଇବାର ପରମ୍ପରା ରହିଆସିଛି। ଏହା ମଧ୍ୟ ପ୍ରତ୍ୟେକ ଆଥ୍‌ଲେଟଙ୍କ ପାଇଁ ଏକ ବଡ଼ ସ୍ୱପ୍ନ ବୋଲି ବିବେଚନା କରାଯାଇଥାଏ। କିନ୍ତୁ ଏଥର କଥା ଅଲଗା ହେବ। ଆଥ୍‌ଲେଟମାନେ ନିଜର ଗଳାରେ ନିଜେ ପଦକ ପିନ୍ଧିବେ। କରୋନା ସଂକ୍ରମଣକୁ ରୋକିବା ପାଇଁ ଏପରି ନିଷ୍ପତ୍ତି ନିଆଯାଇଛି। ପାରମ୍ପରିକ ମେଡାଲ ସେରିମନିରେ ଏଥର ପରିବର୍ତ୍ତନ କରାଯାଇଛି। ୩୩୯ଟି ଇଭେଣ୍ଟରେ ଆଥ୍‌ଲେଟମାନେ ନିଜ ଗଳାରେ ନିଜେ ପଦକ ପିନ୍ଧାଇବେ ବୋଲି ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ଅଧ୍ୟକ୍ଷ ଥୋମାସ ବାକ୍ କହିଛନ୍ତି। ଏଥିସହ ମେଡାଲ ସେରିମନିରେ ହାତ ମିଳାଇବା ଓ ଆଲିଙ୍ଗନ କରିବାକୁ ମଧ୍ୟ ବାରଣ କରାଯାଇଛି। ଏଥର ଆଥ୍‌ଲେଟମାନଙ୍କୁ କେହି ପଦକ ପିନ୍ଧାଇବେ ନାହିଁ ବୋଲି ବାକ ଖବରଦାତା ସମ୍ମିଳନୀରେ କହିଛନ୍ତି।



ଆଥଲେଟମାନଙ୍କୁ ଏକ ଟ୍ରେ'ରେ ପଦକ ପ୍ରଦାନ କରାଯିବ। ଆଥଲେଟମାନେ ନିଜେ ଟ୍ରେ'ରୁ ପଦକ ଉଠାଇ ନିଜେ ପିନ୍ଧିବେ। ଟ୍ରେ'ରେ ପଦକ ପ୍ରଦାନ କରିବାକୁ ଥିବ ବ୍ୟକ୍ତି ମଧ ଡିସ୍‌ଇନ୍‌ଫେକ୍‌ଟେଡ ଗ୍ଲୋଭ୍ସ ପିନ୍ଧିବେ। ଯାହାଫଳରେ ତାଙ୍କୁ କେହି ଛୁଇଁ ନ ଥିବା ନେଇ ଆଥଲେଟମାନେ ନିଶ୍ଚିତ ହେବେ ବୋଲି ବାକ୍ କହିଛନ୍ତି।

ସଦ୍ୟ ସମାପ୍ତ ୟୁରୋକପ୍‌ରେ କିନ୍ତୁ ଅଲଗା ଦୃଶ୍ୟ ଦେଖିବାକୁ ମିଳିଥିଲା। ୟୁଇଏଫ୍‌ଏ ଅଧ୍ୟକ୍ଷ ଆଲେକଜାଣ୍ଡର ସେଫେରିନ ଫାଇନାଲରେ ଖେଳାଳିମାନଙ୍କୁ ପଦକ ପିନ୍ଧାଇବାର ଦେଖାଯାଇଥିଲା। ଲଣ୍ଡନରେ ଗତ ରବିବାର ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ସେଫେରିନ୍ ଇଟାଲୀ ଗୋଲକିପର ଜିଆନଲୁଇଗି ଡୋନାରୁମାଙ୍କ ସହ ହାତ ମିଳାଇଥିଲେ। ଜିଆନଲୁଇଗି ଏକ ପେନାଲ୍ଟି ଶୁଟ୍ ଆଉଟ୍ ସେଭ କରିଥିଲେ ଓ ଇଂଲଣ୍ଡ ବିପକ୍ଷ ଇଟାଲୀକୁ ଚାମ୍ପିୟନ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

ଅଲିମ୍ପିକ୍ସରେ ଏଥର ହାତ ମିଳାଇବା କିମ୍ବା ଆଲିଙ୍ଗନ କରିବାକୁ ବାରଣ କରାଯାଇଛି ବୋଲି ବାକ୍ ସ୍ପଷ୍ଟ କରିଛନ୍ତି। ସାଧାରଣତଃ ଜଣେ ଆଇଓସି ସଦସ୍ୟ କିମ୍ବା ବରିଷ୍ଠ ଅଧିକାରୀ ଅଲିମ୍ପିକ୍ସରେ ଆଥ୍‌ଲେଟମାନଙ୍କୁ ପଦକ ପିନ୍ଧାଇବାର ପରମ୍ପରା ରହିଥାଏ। ପୂର୍ବରୁ ମେଡାଲିଷ୍ଟ ଓ ମେଡାଲ ସେରିମନିରେ ଅଂଶଗ୍ରହଣ କରିବାକୁ ଥିବା ଅଫିସିଆଲମାନେ ମାସ୍କ ପିନ୍ଧିବେ ବୋଲି ଆଇଓସି କହିଥିଲା।

# ଜାଫର ଓଡ଼ିଶା କ୍ରିକେଟ କୋଚ୍


ୱାସିମ୍ ଜାଫର

ଭୁବନେଶ୍ୱର, ୧୪।୭(କ୍ରୀଡ଼ା ପ୍ରତିନିଧି)

ଭାରତୀୟ କ୍ରିକେଟର ଜଣାଶୁଣା ଚେହେରା ୱାସିମ୍ ଜାଫର ଓଡ଼ିଶା କ୍ରିକେଟ ଦଳର ମୁଖ୍ୟ କୋଚ୍ ନିଯୁକ୍ତ ହୋଇଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏଶନର କ୍ରିକେଟ ପରାମର୍ଶଦାତା କମିଟି ବୈଠକ ବସି ଏହି ନିଷ୍ପତ୍ତି ନିଆ ଯାଇଛି। ମୁମ୍ବାଇର ଜାଫର ୨୦୨୧-୨୨ ଓ ୨୦୨୨-୨୩ ସିଜନ ପାଇଁ ଏହି ଗୁରୁ ଦାୟିତ୍ୱରେ ରହିବେ। ସେ ବିଭିନ୍ନ ବୟସବର୍ଗ କ୍ରିକେଟର ଉନ୍ନତି ସହ ରାଜ୍ୟରେ କୋଚ୍‌ମାନଙ୍କର ଡେଭଲପ୍‌ମେଣ୍ଟ ପ୍ରୋଗ୍ରାମର ଅଂଶବିଶେଷ ରହିବେ। ଜାଫର ବିସିସିଆଇ ଘରୋଇ କ୍ରିକେଟରେ ମୁମ୍ବାଇ ଓ ବିଦର୍ଭ କ୍ରିକେଟ ଆସୋସିଏଶନ ପକ୍ଷରୁ ଖେଳିଛନ୍ତି। ଜଣେ ଖେଳାଳି ଓ କୋଚ୍ ଭାବେ ଖୁବ୍ ପ୍ରତିଷ୍ଠିତ।

ପ୍ରଥମଶ୍ରେଣୀ କ୍ରିକେଟରେ ଜାଫର ଏକାଧିକ ରେକର୍ଡର ଅଧିକାରୀ। ସେ ପ୍ରଥମଶ୍ରେଣୀ କ୍ରିକେଟରେ ସର୍ବାଧିକ ରନ ସ୍କୋରର ଏବଂ ସର୍ବାଧିକ ଶତକ ହାସଲ କରିଛନ୍ତି। ଭାରତ ପକ୍ଷରୁ ସେ ୩୧ଟି ଟେଷ୍ଟ ମ୍ୟାଚ ଖେଳି ୧୯୪୪ ରନ ସଂଗ୍ରହ କରିଛନ୍ତି। ଏହା ମଧ୍ୟରେ ୫ ଶତକ ଏବଂ ୧୧ ଅର୍ଦ୍ଧଶତକ ସାମିଲ। ଗୋଟିଏ ଇନିଂସରେ ତାଙ୍କର ସର୍ବାଧିକ ସ୍କୋର ହେଉଛି ୨୧୨। ଭାରତ ପକ୍ଷରୁ ସେ ୨ଟି ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି। ଏହା ବ୍ୟତୀତ ୨୦୦୮ ଓ ୨୦୦୯ରେ ସେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ପକ୍ଷରୁ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଖେଳିବା ରେକର୍ଡ ମଧ୍ୟ ରଖିଛନ୍ତି। ଜାଫର କ୍ୟାରିୟରରେ ୨୬୦ ପ୍ରଥମଶ୍ରେଣୀ ମ୍ୟାଚ ଖେଳି ୧୯୪୧୦ ରନ ସଂଗ୍ରହ କରିଛନ୍ତି। ଏହା ମଧ୍ୟରେ ସେ ୫୭ଟି ଶତକ ଏବଂ ୯୧ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ଗୋଟିଏ ଇନିଂସରେ ତାଙ୍କର ସର୍ବାଧିକ ସ୍କୋର ଥିଲା ୩୧୪*। ସେ କ୍ୟାରିୟରରେ ୧୧୮ ଲିଷ୍ଟ-ଏ ମ୍ୟାଚ ଖେଳି ୪୮୪୯ ରନ ସଂଗ୍ରହ କରିଛନ୍ତି। ଏଥିରେ ୧୦ଟି ଶତକ ଏବଂ ୩୩ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ୧୭୮* ହେଉଛି ତାଙ୍କର ସର୍ବାଧିକ ସ୍କୋର।

ଜଣେ କୋଚ୍ ଭାବେ ସେ ବାଂଲାଦେଶ ଜାତୀୟ କ୍ରିକେଟ ଦଳ ସହିତ କାର୍ଯ୍ୟ କରିଛନ୍ତି। ସେ ୨୦୨୦ ଓ ୨୦୨୧ ଆଇପିଏଲ ସିଜନରେ ପଞ୍ଜାବ କିଙ୍ଗ୍ସ ଦଳର ବ୍ୟାଟିଂ କୋଚ୍ ଥିଲେ। ଓଡ଼ିଶା କ୍ରିକେଟ ଆସୋସିଏଶନର ମୁଖ୍ୟ କୋଚ୍ ଅଫର ଗ୍ରହଣ କରିବା ପୂର୍ବରୁ ସେ ୨୦୨୦-୨୧ ସିଜନରେ ଉତ୍ତରାଖଣ୍ଡ ରଣଜୀ ଟ୍ରଫି ଦଳର ମୁଖ୍ୟ କୋଚ୍ ଥିଲେ। ତାଙ୍କ ପ୍ରଶିକ୍ଷଣରେ ଓଡ଼ିଶା କ୍ରିକେଟର ଉନ୍ନତି ଘଟିବ ବୋଲି ଓସିଏ ସମ୍ପାଦକ ସଞ୍ଜୟ ବେହେରା ଆଶାପ୍ରକାଶ କରିଛନ୍ତି।

# ଶପଥ ନେବାକୁ ଥିବା ବ୍ୟକ୍ତିଙ୍କ ସଂଖ୍ୟାରେ ବୃଦ୍ଧି

ଟୋକିଓ,୧୪।୭

ଟୋକିଓ ଅଲିମ୍ପିକ୍ସ ଉଦ୍‌ଘାଟନୀ ଉତ୍ସବରେ ଶପଥ ନେବାକୁ ଥିବା ବ୍ୟକ୍ତିମାନଙ୍କ ସଂଖ୍ୟାରେ ବୃଦ୍ଧି ହୋଇଛି। ଏହି ସଂଖ୍ୟା ୩ରୁ ୬କୁ ବୃଦ୍ଧି କରାଯାଇଛି। ଲିଙ୍ଗଗତ ସନ୍ତୁଳନ ପାଇଁ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ତରଫରୁ ଏପରି ନିଷ୍ପତ୍ତି ନିଆଯାଇଛି। ଆୟୋଜକ କାଉଣ୍ଟି ତରଫରୁ ଜଣେ ଆଥ୍‌ଲେଟ ସବୁ ପ୍ରତିଯୋଗୀଙ୍କ ତରଫରୁ ଉତ୍ସବରେ ଶପଥ ନେଇଥାନ୍ତି। ଏଥିରେ ଜଣେ କୋଚ୍ ଓ ଜଣେ ଜଜ୍ ମଧ୍ୟ ସାମିଲ ରହିଥାନ୍ତି। କିନ୍ତୁ ଏଥର ଆୟୋଜକମାନେ ପୁରୁଷ ଓ ମହିଳାଙ୍କୁ ସମାନ ଭାବେ ଏଥିରେ ସାମିଲ କରିବାକୁ ନିଷ୍ପତ୍ତି ନେଇଛନ୍ତି। ୧୯୨୦ରୁ ଏହା ଅଲିମ୍ପିକ୍ସର ଅଭିନ୍ନ ଅଙ୍ଗ ହୋଇ ରହିଆସିଛି।

ଆଉ ୯ ଦିନ

କ୍ରୀଡ଼ାର ସବୁସ୍ତରରେ ମହିଳାଙ୍କ ସହଭାଗିତାରେ ଉନ୍ନତି ଆଣିବାକୁ ଆଇଓସି ଏପରି ନିଷ୍ପତ୍ତି ନେଇଛି। ଶପଥ ଆରମ୍ଭରେ ଥିବା ପଂକ୍ତିରେ 'ସମାବେଶ ଓ ସମାନତା'କୁ ସାମିଲ କରାଯାଇଛି। ଶପଥ ନେଉଥିବା ବ୍ୟକ୍ତିଙ୍କ ଉପରେ ଶପଥପାଠ ଆରମ୍ଭ କରାଯିବ। ଯେମିତି ଆଥ୍‌ଲେଟଙ୍କ ନାମରେ, ଜଜ୍‌ଙ୍କ ନାମରେ କିମ୍ବା ସବୁ କୋଚ୍ କିମ୍ବା ଅଧିକାରୀଙ୍କ ନାମରେ ଶପଥପାଠ ଆରମ୍ଭ ହେବ। 'ଅଲିମ୍ପିକ୍ କ୍ରୀଡ଼ାରେ ଅଂଶଗ୍ରହଣ କରିବାକୁ ଆମେ ପ୍ରତିଜ୍ଞା କରୁଛୁ, ସବୁ ନିୟମ ଓ ସମ୍ମାନର ପାଳନ କରିବା ସହ ଆମେ ନିରପେକ୍ଷତା ଅବଲମ୍ବନ କରିବୁ, ଡୋପିଂ ବିନା ଆମେ ସମସ୍ତେ ଏକାଠି ଛିଡ଼ା ହେବୁ, ବିନା ଭେଦଭାବରେ କ୍ରୀଡ଼ାପ୍ରତି ଆମେ ଅଙ୍ଗୀକାରବୋଧତା ପୋଷଣ କରିବୁ, ଆମ ଦଳର ସମ୍ମାନ ପାଇଁ ଅଲିମ୍ପିକର ମୌଳିକ ସିଦ୍ଧାନ୍ତକୁ ଅନୁସରଣ କରିବୁ, କ୍ରୀଡ଼ାଜଗତରେ ଏକ ଉନ୍ନତ ସ୍ଥାନ ଅଧିକାର କରିବାକୁ ପ୍ରୟାସ କରିବୁ'। ୧୯୨୦ ଅଲିମ୍ପିକ୍ସରେ ପ୍ରଥମଥର ପାଇଁ ଏହି ଶପଥପାଠ ହୋଇଥିଲା।

# ଶୀର୍ଷରେ ସଂକ୍ରମଣ: ସୁଗାଙ୍କୁ ଭେଟିଲେ ବାକ୍

ଟୋକିଓ,୧୪।୭

ଅଲିମ୍ପିକ୍ସ ଆରମ୍ଭ ହେବାକୁ ଆଉ ୧୦ ଦିନରୁ କମ ସମୟ ବାକିଥିବା ବେଳେ ଗତ ୬ମାସ ମଧ୍ୟରେ ଟୋକିଓରେ କରୋନ ସଂକ୍ରମଣ ଶୀର୍ଷରେ ପହଞ୍ଚିଛି। ବୁଧବାର ଏ ନେଇ ଟୋକିଓ ମେଟ୍ରୋପଲିଟାନ ସରକାର ସୂଚନା ଦେଇଛନ୍ତି। ଜାପାନ ପ୍ରଧାନମନ୍ତ୍ରୀ ୟୋସିହାଇଡ୍ ସୁଗାଙ୍କୁ ଅନ୍ତର୍ଜାତୀୟ ଅଲିମ୍ପିକ କମିଟ (ଆଇଓସି) ମୁଖ୍ୟ ଥୋମାସ ବାକ୍ ଔପଚାରିକ ସାକ୍ଷାତ କରିବାକୁ ଯାଉଥିବା ବେଳେ ସରକାରଙ୍କ ତରଫରୁ ଏଭଳି ସୂଚନା ଦିଆଯାଇଛି।

ଟୋକିଓ ଓ ଆଖପାଖ ପ୍ରାନ୍ତରେ ଷ୍ଟେଟ୍ ଇମର୍ଜେନ୍ସି ଜାରି ରହିଥିବା ବେଳେ ସୁଗା ଓ ବାକ୍ ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ ଅଲିମ୍ପିକ୍ସ ଆୟୋଜନ ହେବ ବୋଲି ମିଳିତ ବିବୃତି ଦେଇଛନ୍ତି। ବୁଧବାର ଟୋକିଓରେ ୧,୧୪୯ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ୬ ମାସ ତଳେ ଜାନୁୟାରୀ ୨୨ରେ ୧,୧୮୪ ସଂକ୍ରମିତ ଚିହ୍ନଟ ହୋଇଥିଲେ। ସେତେବେଳଠାରୁ ଏହା ସର୍ବାଧିକ ବୋଲି କୁହାଯାଇଛି। ଗତ ୨୫ ଦିନଧରି ସଂକ୍ରମଣରେ ବୃଦ୍ଧି ହୋଇଥିବା ଲକ୍ଷ୍ୟ କରାଯାଇଛି।

ଜାପାନରେ ପାଖାପାଖି ୨୦ ପ୍ରତିଶତ ନାଗରିକଙ୍କ ସମ୍ପୂର୍ଣ୍ଣ ଭାବେ ଟିକାକରଣ ହୋଇଛି। ତେଣୁ ଅଲିମ୍ପିକ ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ ପରିବେଶରେ ଆୟୋଜନ ହେବ ବୋଲି ବାକ୍‌ଙ୍କୁ ସେ ପ୍ରତିଶ୍ରୁତି ଦେଇଛନ୍ତି।

ଅଲିମ୍ପିକ୍ସରେ ସାମିଲ ହେବାକୁ ଯାଉଥିବା ସମସ୍ତ ବ୍ୟକ୍ତିବିଶେଷ ମଧ୍ୟ ସବୁପ୍ରକାର ନୀତିନିୟମ ପାଳନ କରିବା ଆବଶ୍ୟକ ଓ ଜାପାନ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ପ୍ରୋଟୋକଲ ପାଳନ କରିବା ଦରକାର ବୋଲି ସୁଗା ବାକ୍‌ଙ୍କୁ ଅବଗତ କରାଇଛନ୍ତି। ଏନେଇ ଆଇଓସି ମଧ୍ୟ ସବୁପ୍ରକାର ପ୍ରୟାସ କରିବ ବୋଲି ସୁଗା ଆଶାପ୍ରକାଶ କରିଛନ୍ତି। ବାକ୍ ମଧ୍ୟ ଏହାର ଜବାବ ରଖିଛନ୍ତି। ଜାପାନ ନାଗରିକଙ୍କର ଆମେ କୌଣସି କ୍ଷତି ହେବାକୁ ଦେବୁନାହିଁ। ଏଥିପାଇଁ ଯଥାସମ୍ଭବ ପଦକ୍ଷେପ ଗ୍ରହଣ କରିବୁ ବୋଲି ବାକ୍ କହିଛନ୍ତି। ଟୋକିଓ ଉପକୂଳରେ ଥିବା ଅଲିମ୍ପିକ କ୍ରୀଡ଼ାଗ୍ରାମରେ ରହିବାକୁ ଥିବା ୮୫ ପ୍ରତିଶତ ଆଥ୍‌ଲେଟ ଓ ଅଫିସିଆଲଙ୍କର ସମ୍ପୂର୍ଣ୍ଣ ଭାବେ ଟିକାକରଣ ହେବ।


ଥୋମାସ ବାକ୍ ଓ ୟୋସିହାଇଡ୍ ସୁଗା।

# ଭାରତୀୟ ଦଳରେ ନମିତା ସାମିଲ


ନମିତା ଟପ୍ପୋ

**ନୂଆଦିଲ୍ଲୀ, ୧୪।୭**

ଟୋକିଓ ଅଲିମ୍ପିକ୍ସ ପାଇଁ ଭାରତୀୟ ହକି ଦଳରେ ଆଉ ୨ ଜଣ (ମହିଳା ଓ ପୁରୁଷ) ଲେଖାଏ ଖେଳାଳିଙ୍କୁ ସାମିଲ କରାଯାଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ଅଭିଜ୍ଞ ମିଡ୍‌ଫିଲ୍ଡର ନମିତା ଟପ୍ପୋ ଦଳରେ ସାମିଲ ହୋଇଛନ୍ତି। ପୂର୍ବରୁ ଓଡ଼ିଶାର କେବଳ ଦୀପ୍ ଗ୍ରେସ୍ ଏକ୍କା ଭାରତୀୟ ଦଳର ସଦସ୍ୟା ଥିଲେ। ନମିତାଙ୍କ ସାମିଲ ଫଳରେ ଭାରତୀୟ ଓଡ଼ିଆ ଖେଳାଳିଙ୍କ ସଂଖ୍ୟା ୨ରେ ପହଞ୍ଚିଛି। ତାଙ୍କ ସମେତ ରୀନା ଖୋଖର ମଧ୍ୟ ମହିଳା ଦଳରେ ସ୍ଥାନ ପାଇଛନ୍ତି। ସେହିପରି ପୁରୁଷ ଦଳରେ ଡିଫେଣ୍ଡର ବରୁଣ କୁମାର ଏବଂ ମିଡ୍ ଫିଲ୍ଡର ସିମରନଜିତ ସିଂଙ୍କୁ ସାମିଲ କରାଯାଇଛି। କୋଭିଡ୍-୧୯ ମହାମାରୀକୁ ଦୃଷ୍ଟିରେ ରଖି ଅଧିକ ଖେଳାଳିଙ୍କୁ ପ୍ରସ୍ତୁତ କରି ରଖିବାକୁ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ପକ୍ଷରୁ ଅନୁମତି ଦିଆଯାଇଛି। ଫଳରେ ହକି ଇଣ୍ଡିଆ ପକ୍ଷରୁ ଘୋଷିତ ୧୬ ଜଣିଆ ଦଳ ଏବେ ୧୮ ଜଣିଆରେ ପରିଣତ ହୋଇଛି।

**ଅଲିମ୍ପିକ୍ସ ହକି**

- ବରୁଣ, ସିମରନଜିତ ଓ ରୀନାଙ୍କୁ ଅଲିମ୍ପିକ୍ସ ପଦାର୍ପଣ ସୁଯୋଗ

ଟୋକିଓ ୨୦୨୦ ପାଇଁ ଆଇଓସିର ସ୍ୱତନ୍ତ୍ର ଗାଇଡ୍‌ଲାଇନ ଅନୁସାରେ ଅତିରିକ୍ତଭାବେ ଦଳରେ ସାମିଲ ହୋଇଥିବା ଖେଳାଳିମାନେ ପ୍ରତି ମ୍ୟାଚ ପାଇଁ ଖେଳାଳି ଚୟନ ସମୟରେ ଉପଲବ୍ଧ ହୋଇପାରିବେ। ସାଧାରଣତଃ ଅଲିମ୍ପିକ୍ସ ପାଇଁ ପ୍ରତି ଦଳରେ ୧୬ ଖେଳାଳିଙ୍କୁ ଅନୁମତି ମିଳିଥାଏ। ମାତ୍ର ଏଥର ମହାମାରୀକୁ ଆଖି ଆଗରେ ରଖି ଆଇଓସି ନିୟମରେ ପରିବର୍ତ୍ତନ କରି ପ୍ରତିଯୋଗିତାରେ ଭାଗ ନେବାକୁ ଯାଉଥିବା ସବୁ ଦଳରେ ଅତିରିକ୍ତ ୨ ଖେଳାଳିଙ୍କୁ ସାମିଲ ପାଇଁ ଅନୁମତି ଦେଇଛି। ହକି, ଫୁଟ୍‌ବଲ, ହ୍ୟାଣ୍ଡବଲ, ରଗ୍‌ବୀ ଓ ୱାଟରପୋଲୋ କ୍ରୀଡ଼ାରେ ବଦଳ ଖେଳାଳିଙ୍କୁ ଆଇଓସି ସବୁଜ ସଙ୍କେତ ଦେଖାଇଛି। ପୂର୍ବ ଅଲିମ୍ପିକ୍ସଗୁଡ଼ିକରେ ଦଳ ସହ ଯାତ୍ରା କରିଥିବା ଷ୍ଟାଣ୍ଡବାଇ ଖେଳାଳିମାନେ ୧୬ ଜଣିଆ ଦଳରୁ କେହି ଆହତ ହେଲେ ସୁଯୋଗ ପାଇଥାନ୍ତି। ଆଇଓସି ଏଥର ୧୮ ଜଣିଆ ଖେଳାଳିଙ୍କୁ ଅନୁମତି ଦେଇଥିଲେ ହେଁ ମ୍ୟାଚ ପାଇଁ ୧୬ ଖେଳାଳିଙ୍କ ତାଲିକା ହିଁ ଦିଆଯାଇ ପାରିବ। ବରୁଣ, ସିମରନଜିତ ଓ ରୀନା ଏଥର ଅଲିମ୍ପିକ୍ସ ପଦାର୍ପଣ କରିବାକୁ ଯାଉଥିବାବେଳେ ନମିତାଙ୍କ ପାଇଁ ଏହା ଦ୍ୱିତୀୟ ଅଲିମ୍ପିକ୍ସ ହେବ। ଦୀର୍ଘ ୩୬ ବର୍ଷ ବ୍ୟବଧାନରେ ରିଓ ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ କରିଥିବା ଭାରତୀୟ ଦଳର ସେ ସଦସ୍ୟା ଥିଲେ। ଡ୍ରାଗ୍‌ଫ୍ଲିକର ବରୁଣ ୨୦୧୬ ଜୁନିୟର ବିଶ୍ୱକପ ବିଜେତା ଭାରତୀୟ ହକି ଦଳର ସଦସ୍ୟ ଥିଲେ। ପେନାଲ୍ଟି କର୍ନର ସମୟରେ ହରମନପ୍ରୀତ ସିଂ, ରୂପିନ୍ଦରପାଲ ସିଂ, ଅମିତ ରୋହିଦାସଙ୍କ ସହିତ ବରୁଣ ଦଳକୁ ସହାୟକ ହୋଇପାରିବେ। ସିମରନଜିତ ସିଂଙ୍କ ଉପସ୍ଥିତି ଭାରତୀୟ ମିଡ୍‌ଫିଲ୍ଡ ବିଭାଗକୁ ଦୃଢ଼ କରିବ। ଜଳନ୍ଧରସ୍ଥିତ ସୁରଜିତ ସିଂ ହକି ଏକାଡେମୀରେ ପ୍ରଶିକ୍ଷଣପ୍ରାପ୍ତ ସିମରନଜିତ ମଧ୍ୟ ୨୦୧୬ ଜୁନିୟର ବିଶ୍ୱକପ ବିଜୟୀ ଭାରତୀୟ ଦଳର ସଦସ୍ୟ ଥିଲେ।

# ପଦ୍ମିନୀଙ୍କ ବିଜୟ ଅଭିଯାନ ଜାରି

**ସୋଚି (ରୁଷିଆ), ୧୪।୭ (ପି.ଟି.):** ଏଠାରେ ଚାଲିଥିବା ଫିଡେ ବିଶ୍ୱକପ ଚେସ୍ ଟୁର୍ନାମେଣ୍ଟରେ ଓଡ଼ିଶାର ଅନ୍ତର୍ଜାତୀୟ ମାଷ୍ଟର (ଆଇଏମ୍) ପଦ୍ମିନୀ ରାଉତଙ୍କ ବିଜୟ ଜାରି ରହିଛି। ବୁଧବାର ମହିଳା ବିଭାଗରେ ପଦ୍ମିନୀଙ୍କ ସମେତ ଆର. ବୈଶାଳୀ ଓ ଭକ୍ତି କୁଲକର୍ଣ୍ଣୀ ମଧ୍ୟ ବିଜୟୀ ହୋଇଛନ୍ତି। ଡି. ହାରିକା ବାଇ ପାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପୁରୁଷ ବିଭାଗରେ ଭାରତୀୟ ଗ୍ରାଣ୍ଡମାଷ୍ଟର ଡି. ଗୁକେଶ ପୋଲାଣ୍ଡର ପାୱେଲ ଟେକାଫ୍‌ଙ୍କୁ ଟାଇବ୍ରେକ୍‌ରେ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ୨ ଗେମ୍ ବିଶିଷ୍ଟ ମିନି ମ୍ୟାଚ ୧-୧ ସ୍ଥିତିରେ ରହିଥିଲା। ଟାଇବ୍ରେକ୍‌ରେ ଗୁକେଶ ପ୍ରଥମ ଗେମ୍ ଜିତିବା ସହ ଦ୍ୱିତୀୟ ଗେମ୍‌କୁ ଡ୍ର ରଖି ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଫଳରେ ସେ ସାଥି ଖେଳାଳି ଆର. ପ୍ରଜ୍ଞାନନ୍ଦ, ନିହାଲ ସରିନ, ପି. ଇନିୟାନ, ବି. ଅଧିବନ, ଅରବିନ୍ଦ ଚିଦାମ୍ବରମଙ୍କ ସହିତ ଦ୍ୱିତୀୟ ରାଉଣ୍ଡରେ ଯୋଗ ଦେଇଛନ୍ତି।




# ଡବ୍ଲ୍ୟୁଟିସି ପାଇଁ ନୂଆ ପଏଣ୍ଟ ବ୍ୟବସ୍ଥା

**ଦୁବାଇ, ୧୪।୭(ପି.ଟି.)**

ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି)ର ଦ୍ୱିତୀୟ ସଂସ୍କରଣ ପାଇଁ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ନୂଆ ପଏଣ୍ଟ ବ୍ୟବସ୍ଥା ପ୍ରଚଳନ କରିବାକୁ ଯାଉଛି। ଏଥର ବିଜେତା ଦଳକୁ ୧୨, ଡ୍ର ପାଇଁ ୪ ଏବଂ ମ୍ୟାଚ ଟାଇ ରହିଲେ ୬ ପଏଣ୍ଟ ଲେଖାଏ ମିଳିବ ବୋଲି ସ୍ପଷ୍ଟ କରାଯାଇଛି। ଆସନ୍ତା ଅଗଷ୍ଟରେ ଭାରତ-ଇଂଲଣ୍ଡ ୫ ମ୍ୟାଚ ବିଶିଷ୍ଟ ସିରିଜରୁ ଡବ୍ଲ୍ୟୁଟିସିର ଦ୍ୱିତୀୟ ସଂସ୍କରଣ ଆରମ୍ଭ ହେବ। ପୂର୍ବରୁ ପ୍ରତି ଟେଷ୍ଟ ସିରିଜ ପାଇଁ ୧୨୦ ପଏଣ୍ଟ ପ୍ରଦାନ କରାଯାଉଥିଲା। ୨ ମ୍ୟାଚ ବିଶିଷ୍ଟ ସିରିଜ ହେଲେ ପ୍ରତି ମ୍ୟାଚ ପାଇଁ ବିଜେତାକୁ ୬୦ ପଏଣ୍ଟ ଏବଂ ୫ ମ୍ୟାଚ ବିଶିଷ୍ଟ ହେଲେ ୨୪ ପଏଣ୍ଟ ପ୍ରଦାନ କରାଯାଉଥିଲା। ଗତବର୍ଷ ପଏଣ୍ଟ ବ୍ୟବସ୍ଥାକୁ ନେଇ ବିବାଦ ଦେଖା ଦେଇଥିଲା। ଏଥର ଏହାକୁ ସରଳୀକରଣ କରାଯାଇଛି ବୋଲି ଆଇସିସି କାର୍ଯ୍ୟକାରୀ ମୁଖ୍ୟ କାର୍ଯ୍ୟନିର୍ବାହୀ ଜେଫ୍ ଆଲାର୍ଡିସ ପ୍ରକାଶ କରିଛନ୍ତି। ପୂର୍ବ ପଏଣ୍ଟ ବ୍ୟବସ୍ଥାକୁ ସରଳୀକରଣ କରିବା ପାଇଁ ଆମକୁ ଫିଡ୍‌ବ୍ୟାକ୍ ମିଳିଥିଲା। କ୍ରିକେଟ କମିଟି ପ୍ରତି ମ୍ୟାଚ ପାଇଁ ପଏଣ୍ଟ ବ୍ୟବସ୍ଥାକୁ ସ୍ଥିରୀକୃତ କରିବାକୁ ବିଚାର କରିଥିଲା ବୋଲି ସେ କହିଛନ୍ତି। ଗତଥର କରୋନା ମହାମାରୀ ପାଇଁ ସମସ୍ତ ସିରିଜ ସମ୍ଭବ ହୋଇ ନ ଥିବାରୁ ଆମେ ର୍‍ୟାଙ୍କିଙ୍ଗ ବ୍ୟବସ୍ଥାରେ ପରିବର୍ତ୍ତନ କରି ଉପଲବ୍ଧ ପଏଣ୍ଟର ପ୍ରତିଶତକୁ ବିଚାରକୁ ନେଇଥିଲୁ। ଏହାଦ୍ୱାରା ଆମକୁ ଫାଇନାଲିଷ୍ଟ ବାହାର କରିବା ସମ୍ଭବ ହୋଇଥିଲା ଏବଂ ଆମେ ନିର୍ଦ୍ଧାରିତ ସମୟରେ ଚାମ୍ପିୟନଶିପ୍ ଶେଷ କରିପାରିଲୁ ବୋଲି ସେ ପ୍ରକାଶ କରିଛନ୍ତି। ଡବ୍ଲ୍ୟୁଟିସିର ଦ୍ୱିତୀୟ ସଂସ୍କରଣ ୨୦୨୩ ଜୁନ୍‌ରେ ଶେଷ ହେବ। ଏଥିରେ ଆଉ ଏକ ୫ ମ୍ୟାଚ ବିଶିଷ୍ଟ ସିରିଜ (ଇଂଲଣ୍ଡ-ଅଷ୍ଟ୍ରେଲିଆ ଆଶେସ ସିରିଜ) ସାମିଲ ରହିବ। ଭାରତ ଆସନ୍ତା ବର୍ଷ ଅଷ୍ଟ୍ରେଲିଆ ଗସ୍ତ କରି ୪ ମ୍ୟାଚ ବିଶିଷ୍ଟ ସିରିଜ ଖେଳିବ। ୯ଟି ଟେଷ୍ଟ ଦଳ ମୋଟ ୬ଟି ଲେଖାଏ (୩ ଘରୋଇ ପରିବେଶରେ ଏବଂ ୩ ବାହାରେ) ଟେଷ୍ଟ ସିରିଜ ଖେଳିବେ।










Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ଶତପଥୀ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୨ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଗୁରୁବାର, ଜୁଲାଇ ୧୫/୨୦୨୧ Sambalpur, Thursday, July 15/ 2021


ନମିତା ଟପ୍ପୋ

# ଭାରତୀୟ ଦଳରେ ନମିତା ସାମିଲ

**ନୂଆଦିଲ୍ଲୀ, ୧୪।୭**

ଟୋକିଓ ଅଲିମ୍ପିକ୍ସ ପାଇଁ ଭାରତୀୟ ହକି ଦଳରେ ଆଉ ୨ ଜଣ (ମହିଳା ଓ ପୁରୁଷ) ଲେଖାଏ ଖେଳାଳିଙ୍କୁ ସାମିଲ କରାଯାଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ଅଭିଜ୍ଞ ମିଡ୍‌ଫିଲ୍ଡର ନମିତା ଟପ୍ପୋ ଦଳରେ ସାମିଲ ହୋଇଛନ୍ତି। ପୂର୍ବରୁ ଓଡ଼ିଶାର କେବଳ ଦୀପ୍ ଗ୍ରେସ୍ ଏକ୍କା ଭାରତୀୟ ଦଳର ସଦସ୍ୟା ଥିଲେ। ନମିତାଙ୍କ ସାମିଲ ଫଳରେ ଭାରତୀୟ ଓଡ଼ିଆ ଖେଳାଳିଙ୍କ ସଂଖ୍ୟା ୨ରେ ପହଞ୍ଚିଛି। ତାଙ୍କ ସମେତ ରୀନା ଖୋଖର ମଧ୍ୟ ମହିଳା ଦଳରେ ସ୍ଥାନ ପାଇଛନ୍ତି। ସେହିପରି ପୁରୁଷ ଦଳରେ ଡିଫେଣ୍ଡର ବରୁଣ କୁମାର ଏବଂ ମିଡ୍ ଫିଲ୍ଡର ସିମରନଜିତ ସିଂଙ୍କୁ ସାମିଲ କରାଯାଇଛି। କୋଭିଡ୍-୧୯ ମହାମାରୀକୁ ଦୃଷ୍ଟିରେ ରଖି ଅଧିକ ଖେଳାଳିଙ୍କୁ ପ୍ରସ୍ତୁତ କରି ରଖିବାକୁ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ପକ୍ଷରୁ ଅନୁମତି ଦିଆଯାଇଛି। ଫଳରେ ହକି ଇଣ୍ଡିଆ ପକ୍ଷରୁ ଘୋଷିତ ୧୬ ଜଣିଆ ଦଳ ଏବେ ୧୮ ଜଣିଆରେ ପରିଣତ ହୋଇଛି।

**ଅଲିମ୍ପିକ୍ସ ହକି**

- ବରୁଣ, ସିମରନଜିତ ଓ ରୀନାଙ୍କୁ ଅଲିମ୍ପିକ୍ସ ପଦାର୍ପଣ ସୁଯୋଗ

ଟୋକିଓ ୨୦୨୦ ପାଇଁ ଆଇଓସିର ସ୍ୱତନ୍ତ୍ର ଗାଇଡ୍‌ଲାଇନ ଅନୁସାରେ ଅତିରିକ୍ତଭାବେ ଦଳରେ ସାମିଲ ହୋଇଥିବା ଖେଳାଳିମାନେ ପ୍ରତି ମ୍ୟାଚ ପାଇଁ ଖେଳାଳି ଚୟନ ସମୟରେ ଉପଲବ୍ଧ ହୋଇପାରିବେ। ସାଧାରଣତଃ ଅଲିମ୍ପିକ୍ସ ପାଇଁ ପ୍ରତି ଦଳରେ ୧୬ ଖେଳାଳିଙ୍କୁ ଅନୁମତି ମିଳିଥାଏ। ମାତ୍ର ଏଥର ମହାମାରୀକୁ ଆଖି ଆଗରେ ରଖି ଆଇଓସି ନିୟମରେ ପରିବର୍ତ୍ତନ କରି ପ୍ରତିଯୋଗିତାରେ ଭାଗ ନେବାକୁ ଯାଉଥିବା ସବୁ ଦଳରେ ଅତିରିକ୍ତ ୨ ଖେଳାଳିଙ୍କୁ ସାମିଲ ପାଇଁ ଅନୁମତି ଦେଇଛି। ହକି, ଫୁଟ୍‌ବଲ, ହ୍ୟାଣ୍ଡବଲ, ରଗ୍‌ବୀ ଓ ୱାଟରପୋଲୋ କ୍ରୀଡ଼ାରେ ବଦଳ ଖେଳାଳିଙ୍କୁ ଆଇଓସି ସବୁଜ ସଙ୍କେତ ଦେଖାଇଛି। ପୂର୍ବ ଅଲିମ୍ପିକ୍ସଗୁଡ଼ିକରେ ଦଳ ସହ ଯାତ୍ରା କରିଥିବା ଷ୍ଟାଣ୍ଡବାଇ ଖେଳାଳିମାନେ ୧୬ ଜଣିଆ ଦଳରୁ କେହି ଆହତ ହେଲେ ସୁଯୋଗ ପାଇଥାନ୍ତି। ଆଇଓସି ଏଥର ୧୮ ଜଣିଆ ଖେଳାଳିଙ୍କୁ ଅନୁମତି ଦେଇଥିଲେ ହେଁ ମ୍ୟାଚ ପାଇଁ ୧୬ ଖେଳାଳିଙ୍କ ତାଲିକା ହିଁ ଦିଆଯାଇ ପାରିବ। ବରୁଣ, ସିମରନଜିତ ଓ ରୀନା ଏଥର ଅଲିମ୍ପିକ୍ସ ପଦାର୍ପଣ କରିବାକୁ ଯାଉଥିବାବେଳେ ନମିତାଙ୍କ ପାଇଁ ଏହା ଦ୍ୱିତୀୟ ଅଲିମ୍ପିକ୍ସ ହେବ। ଦୀର୍ଘ ୩୬ ବର୍ଷ ବ୍ୟବଧାନରେ ରିଓ ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ କରିଥିବା ଭାରତୀୟ ଦଳର ସେ ସଦସ୍ୟା ଥିଲେ। ଡ୍ରାଗ୍‌ଫ୍ଲିକର ବରୁଣ ୨୦୧୬ ଜୁନିୟର ବିଶ୍ୱକପ ବିଜେତା ଭାରତୀୟ ହକି ଦଳର ସଦସ୍ୟ ଥିଲେ। ପେନାଲ୍ଟି କର୍ନର ସମୟରେ ହରମନପ୍ରୀତ ସିଂ, ରୂପିନ୍ଦରପାଲ ସିଂ, ଅମିତ ରୋହିଦାସଙ୍କ ସହିତ ବରୁଣ ଦଳକୁ ସହାୟକ ହୋଇପାରିବେ। ସିମରନଜିତ ସିଂଙ୍କ ଉପସ୍ଥିତି ଭାରତୀୟ ମିଡ୍‌ଫିଲ୍ଡ ବିଭାଗକୁ ଦୃଢ଼ କରିବ। ଜଳନ୍ଧରସ୍ଥିତ ସୁରଜିତ ସିଂ ହକି ଏକାଡେମୀରେ ପ୍ରଶିକ୍ଷଣପ୍ରାପ୍ତ ସିମରନଜିତ ମଧ୍ୟ ୨୦୧୬ ଜୁନିୟର ବିଶ୍ୱକପ ବିଜୟୀ ଭାରତୀୟ ଦଳର ସଦସ୍ୟ ଥିଲେ।

# ପଦ୍ମିନୀଙ୍କ ବିଜୟ ଅଭିଯାନ ଜାରି

**ସୋଚି (ରୁଷିଆ), ୧୪।୭ (ପି.ଟି.):** ଏଠାରେ ଚାଲିଥିବା ଫିଡେ ବିଶ୍ୱକପ ଚେସ୍ ଟୁର୍ନାମେଣ୍ଟରେ ଓଡ଼ିଶାର ଅନ୍ତର୍ଜାତୀୟ ମାଷ୍ଟର (ଆଇଏମ୍) ପଦ୍ମିନୀ ରାଉତଙ୍କ ବିଜୟ ଜାରି ରହିଛି। ବୁଧବାର ମହିଳା ବିଭାଗରେ ପଦ୍ମିନୀଙ୍କ ସମେତ ଆର. ବୈଶାଳୀ ଓ ଭକ୍ତି କୁଲକର୍ଣ୍ଣୀ ମଧ୍ୟ ବିଜୟୀ ହୋଇଛନ୍ତି। ଡି. ହାରିକା ବାଇ ପାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପୁରୁଷ ବିଭାଗରେ ଭାରତୀୟ ଗ୍ରାଣ୍ଡମାଷ୍ଟର ଡି. ଗୁକେଶ ପୋଲାଣ୍ଡର ପାୱେଲ ଟେକାଫ୍‌ଙ୍କୁ ଟାଇବ୍ରେକ୍‌ରେ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ୨ ଗେମ୍ ବିଶିଷ୍ଟ ମିନି ମ୍ୟାଚ ୧-୧ ସ୍ଥିତିରେ ରହିଥିଲା। ଟାଇବ୍ରେକ୍‌ରେ ଗୁକେଶ ପ୍ରଥମ ଗେମ୍ ଜିତିବା ସହ ଦ୍ୱିତୀୟ ଗେମ୍‌କୁ ଡ୍ର ରଖି ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଫଳରେ ସେ ସାଥି ଖେଳାଳି ଆର. ପ୍ରଜ୍ଞାନନ୍ଦ, ନିହାଲ ସରିନ, ପି. ଇନିୟାନ, ବି. ଅଧିବନ, ଅରବିନ୍ଦ ଚିଦାମ୍ବରମଙ୍କ ସହିତ ଦ୍ୱିତୀୟ ରାଉଣ୍ଡରେ ଯୋଗ ଦେଇଛନ୍ତି।




# ଡବ୍ଲ୍ୟୁଟିସି ପାଇଁ ନୂଆ ପଏଣ୍ଟ ବ୍ୟବସ୍ଥା

**ଦୁବାଇ, ୧୪।୭(ପି.ଟି.)**

ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି)ର ଦ୍ୱିତୀୟ ସଂସ୍କରଣ ପାଇଁ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ନୂଆ ପଏଣ୍ଟ ବ୍ୟବସ୍ଥା ପ୍ରଚଳନ କରିବାକୁ ଯାଉଛି। ଏଥର ବିଜେତା ଦଳକୁ ୧୨, ଡ୍ର ପାଇଁ ୪ ଏବଂ ମ୍ୟାଚ ଟାଇ ରହିଲେ ୬ ପଏଣ୍ଟ ଲେଖାଏ ମିଳିବ ବୋଲି ସ୍ପଷ୍ଟ କରାଯାଇଛି। ଆସନ୍ତା ଅଗଷ୍ଟରେ ଭାରତ-ଇଂଲଣ୍ଡ ୫ ମ୍ୟାଚ ବିଶିଷ୍ଟ ସିରିଜରୁ ଡବ୍ଲ୍ୟୁଟିସିର ଦ୍ୱିତୀୟ ସଂସ୍କରଣ ଆରମ୍ଭ ହେବ। ପୂର୍ବରୁ ପ୍ରତି ଟେଷ୍ଟ ସିରିଜ ପାଇଁ ୧୨୦ ପଏଣ୍ଟ ପ୍ରଦାନ କରାଯାଉଥିଲା। ୨ ମ୍ୟାଚ ବିଶିଷ୍ଟ ସିରିଜ ହେଲେ ପ୍ରତି ମ୍ୟାଚ ପାଇଁ ବିଜେତାକୁ ୬୦ ପଏଣ୍ଟ ଏବଂ ୫ ମ୍ୟାଚ ବିଶିଷ୍ଟ ହେଲେ ୨୪ ପଏଣ୍ଟ ପ୍ରଦାନ କରାଯାଉଥିଲା। ଗତବର୍ଷ ପଏଣ୍ଟ ବ୍ୟବସ୍ଥାକୁ ନେଇ ବିବାଦ ଦେଖା ଦେଇଥିଲା। ଏଥର ଏହାକୁ ସରଳୀକରଣ କରାଯାଇଛି ବୋଲି ଆଇସିସି କାର୍ଯ୍ୟକାରୀ ମୁଖ୍ୟ କାର୍ଯ୍ୟନିର୍ବାହୀ ଜେଫ୍ ଆଲାର୍ଡିସ ପ୍ରକାଶ କରିଛନ୍ତି। ପୂର୍ବ ପଏଣ୍ଟ ବ୍ୟବସ୍ଥାକୁ ସରଳୀକରଣ କରିବା ପାଇଁ ଆମକୁ ଫିଡ୍‌ବ୍ୟାକ୍ ମିଳିଥିଲା। କ୍ରିକେଟ କମିଟି ପ୍ରତି ମ୍ୟାଚ ପାଇଁ ପଏଣ୍ଟ ବ୍ୟବସ୍ଥାକୁ ସ୍ଥିରୀକୃତ କରିବାକୁ ବିଚାର କରିଥିଲା ବୋଲି ସେ କହିଛନ୍ତି। ଗତଥର କରୋନା ମହାମାରୀ ପାଇଁ ସମସ୍ତ ସିରିଜ ସମ୍ଭବ ହୋଇ ନ ଥିବାରୁ ଆମେ ର୍‍ୟାଙ୍କିଂ ବ୍ୟବସ୍ଥାରେ ପରିବର୍ତ୍ତନ କରି ଉପଲବ୍ଧ ପଏଣ୍ଟର ପ୍ରତିଶତକୁ ବିଚାରକୁ ନେଇଥିଲୁ। ଏହାଦ୍ୱାରା ଆମକୁ ଫାଇନାଲିଷ୍ଟ ବାହାର କରିବା ସମ୍ଭବ ହୋଇଥିଲା ଏବଂ ଆମେ ନିର୍ଦ୍ଧାରିତ ସମୟରେ ଚାମ୍ପିୟନଶିପ୍ ଶେଷ କରିପାରିଲୁ ବୋଲି ସେ ପ୍ରକାଶ କରିଛନ୍ତି। ଡବ୍ଲ୍ୟୁଟିସିର ଦ୍ୱିତୀୟ ସଂସ୍କରଣ ୨୦୨୩ ଜୁନ୍‌ରେ ଶେଷ ହେବ। ଏଥିରେ ଆଉ ଏକ ୫ ମ୍ୟାଚ ବିଶିଷ୍ଟ ସିରିଜ (ଇଂଲଣ୍ଡ-ଅଷ୍ଟ୍ରେଲିଆ ଆଶେସ ସିରିଜ) ସାମିଲ ରହିବ। ଭାରତ ଆସନ୍ତା ବର୍ଷ ଅଷ୍ଟ୍ରେଲିଆ ଗସ୍ତ କରି ୪ ମ୍ୟାଚ ବିଶିଷ୍ଟ ସିରିଜ ଖେଳିବ। ୯ଟି ଟେଷ୍ଟ ଦଳ ମୋଟ ୬ଟି ଲେଖାଏ (୩ ଘରୋଇ ପରିବେଶରେ ଏବଂ ୩ ବାହାରେ) ଟେଷ୍ଟ ସିରିଜ ଖେଳିବେ।

ICC WORLD TEST CHAMPIONSHIP







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

# ମୃତଦେହ ଧରି ପୋଲିସ ହଟହଟା

**ବରଗଡ଼ ଅଫିସ୍, ୧୪।୭**

ବରଗଡ଼ ଜିଲା ପୁରୁଣା ମୁଖ୍ୟ ଡାକ୍ତରଖାନା ପରିସରରେ ଥିବା ଶବ ସଂରକ୍ଷଣ ଗୃହର ଫ୍ରିଜର ଦୀର୍ଘଦିନ ହେଲା ଅଚଳ ହୋଇ ପଡ଼ିଛି। ଏହାକୁ ମରାମତି କରାଯାଇ ନ ଥିବାରୁ ଏଠାରେ ମୃତଦେହ ସଂରକ୍ଷିତ କରି ରଖାଯାଇ ପାରୁନାହିଁ ଏବଂ ଲୋକଙ୍କୁ ହଟହଟା ହେବାକୁ ପଡୁଛି। ଅତାବିରା ଥାନା ଗୋଡ଼ଭଗା ଫାଣ୍ଡି ପୋଲିସ ବୁଧବାର ବ୍ୟବଚ୍ଛେଦ ପାଇଁ ଜଣେ ଅଜଣା ଲୋକଙ୍କ ମୃତଦେହକୁ ଉକ୍ତ ଡାକ୍ତରଖାନାକୁ ଆଣିଥିଲା। ମୃତକଙ୍କ ପରିଚୟ ମିଳି ନ ଥିବାରୁ ଚିହ୍ନଟ ପାଇଁ ୭୨ଘଣ୍ଟା ପର୍ଯ୍ୟନ୍ତ ସଂରକ୍ଷିତ ରଖିବାର ନିୟମ ରହିଛି। ଏହି ଦୃଷ୍ଟିରୁ ବ୍ୟବଚ୍ଛେଦ ପରେ ମୃତଦେହକୁ ଶବ ସଂରକ୍ଷଣ ଗୃହରେ ରଖିବା ପାଇଁ ଫାଣ୍ଡି ଅଧିକାରୀ ବିପିନ ବାଗ ଡାକ୍ତରଖାନାରେ



ଶବ ସଂରକ୍ଷଣ ଗୃହର ଅଚଳ ହୋଇ ପଡ଼ିଥିବା ଫ୍ରିଜର।

ଥିବା ବିଭାଗୀୟ କର୍ମଚାରୀଙ୍କୁ କହିଥିଲେ। ମାତ୍ର ଫ୍ରିଜର ଅଚଳ ଥିବାରୁ ସେଠାରେ ମୃତଦେହ ସଂରକ୍ଷିତ ରଖିବା ସମ୍ଭବ ନୁହେଁ ବୋଲି ସେମାନେ କହିଥିଲେ। ଏହାପରେ ମୃତଦେହକୁ କେଉଁଠି ରଖାଯିବ ସେ ନେଇ ଗୋଡ଼ଭଗା ପୋଲିସକୁ ହଟହଟା ହେବାକୁ ପଡ଼ିଥିଲା। ଖବର ଲେଖାହେବା ସୁଦ୍ଧା (ରାତ୍ରି ସାଢ଼େ ୮ଟା) ଗୋଡ଼ଭଗା ପୋଲିସ

## ଡାକ୍ତରଖାନା ଫ୍ରିଜର ଅଚଳ

ମୃତଦେହ ଧରି ବୁର୍ଲା ଅଭିମୁଖେ ଯାଇଥିବା ସୂଚନା ମିଳିଛି। ଫାଣ୍ଡି ଅଧିକାରୀ ବାଗଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ପରିଚୟ ମିଳି ନ ଥିବାରୁ ମୃତଦେହକୁ ଡାକ୍ତରଖାନା ଫ୍ରିଜରରେ ସଂରକ୍ଷିତ ରଖିବା ପାଇଁ ବିଭାଗୀୟ କର୍ମଚାରୀଙ୍କୁ କହିଥିଲୁ। କିନ୍ତୁ ଫ୍ରିଜର ଅଚଳ ଥିବା ସେମାନେ କହିଥିଲେ । ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅରୁଣ ପାତ୍ରଙ୍କୁ ପଚାରିବାରୁ କହିଛନ୍ତି ଯେ, ଫ୍ରିଜର ମରାମତି ପାଇଁ ଆବଶ୍ୟକ ଯନ୍ତ୍ରାଂଶ ଏଠାରେ ଉପଲବ୍ଧ ହେଉନାହିଁ। ବାହାରୁ ମେକାନିକ ଆସି ଫ୍ରିଜରକୁ ଦେଖିଯାଇଛନ୍ତି। ୨/୩ଦିନ ମଧ୍ୟରେ ଆବଶ୍ୟକ ଯନ୍ତ୍ରାଂଶ ଆଣି ଫ୍ରିଜର ମରାମତି କରିବେ ବୋଲି ଡା. ପାତ୍ର କହିଛନ୍ତି।

# ୨.୩୮ କୁଇଣ୍ଟାଲ ଗଞ୍ଜେଇ ଜବତ

**ବାଉଁଶୁଣୀ, ୧୪।୭(ଡି.ଏନ୍.ଏ.)**

ବୌଦ୍ଧ ଜିଲା ବାଉଁଶୁଣୀ ଥାନା ପୋଲିସ ମଙ୍ଗଳବାର ରାତି ୮ଟାରେ ବିପୁଳ ପରିମାଣରେ ଗଞ୍ଜେଇ ଜବତ କରିଛି। ବାଉଁଶୁଣୀ-ଗୁନ୍ଦୁଲିଆ ରାସ୍ତାର ଛେଳିବାହାଲ ଛକନିକଟରୁ ବାଉଁଶୁଣୀ ଥାନାର କର୍ମଚାରୀମାନେ ଏହା ଜବତ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଗୁନ୍ଦୁଲିଆ ପଟୁ ଏକ ଡାଲା ପିକ୍ଅପ ଓଡ଼ି ୧୭ ପି ୫୩୨୯ରେ ଗଞ୍ଜେଇ ଚାଲାଣ ହେଉଥିବା ବାଉଁଶୁଣୀ ଥାନା କର୍ମଚାରୀମାନେ ଖବର ପାଇଥିଲେ। ଗାଡିକୁ ଛେଳିବାହାଲ ଛକ ନିକଟରେ କାବୁ କରିଥିଲେ। ପୋଲିସକୁ ଦେଖି ଗାଡ଼ି ଡ୍ରାଇଭର ଫେରାର୍ ହୋଇଯାଇଥିଲେ। ବୌଦ୍ଧ ଉପଖଣ୍ଡ ପୋଲିସ ଅଧିକାରୀ ରାତି ପ୍ରାୟ ୧୦ଟାରେ ବାଉଁଶୁଣୀ ଥାନାରେ ପହଞ୍ଚି ଗାଡ଼ିରେ ୭ବସ୍ତା ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲେ। ଗୋଟିଏ ବସ୍ତାରେ ଆନୁମାନିକ ୧କିଲୋଗ୍ରାମ ଓଜନର ୩୪ଟି ପ୍ୟାକେଟ ରହିଛି। ବୁଧବାର ସନ୍ଧ୍ୟାରେ ମାଜିଷ୍ଟ୍ରେଟ ଭାବେ ବୌଦ୍ଧ ତହସିଲର ଅତିରିକ୍ତ ତହସିଲଦାର ତ୍ରିଦେବ ରଥଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯାଇଛି। ଦୁଇ କୁଇଣ୍ଟାଲ ୩୮ କେଜି ଗଞ୍ଜେଇ ଜବତ ହୋଇଥିବା ଜଣାପଡିଛି। ଏନେଇ ଥାନାରେ ଏକ ମାମଲା (ନଂ.୧୧୫/୨୧) ରୁଜୁ ହୋଇ ତଦନ୍ତ ଚାଲିଛି।


ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ
ଓଡ଼ିଶା, ଭୁବନେଶ୍ୱର
ମୁଖ୍ୟ ବିଭାଗ କାର୍ଯ୍ୟାଳୟ, ୟୁନିଟ୍ - ୫
ରାଜ୍ୟ ହସ୍ତଶିଳ୍ପ ପୁରସ୍କାର - ୨୦୨୦

No. PP-18: ରାଜ୍ୟର ହସ୍ତଶିଳ୍ପ କାରିଗରମାନଙ୍କୁ ସେମାନଙ୍କ ଉତ୍କୃଷ୍ଟ କାରିଗରୀ କୃତି ପାଇଁ ସମ୍ମାନିତ କରିବା ନିମନ୍ତେ ରାଜ୍ୟ ସରକାର ''ରାଜ୍ୟ ହସ୍ତଶିଳ୍ପ ପୁରସ୍କାର'' ଓ ଜୀବନ ବ୍ୟାପୀ ହସ୍ତଶିଳ୍ପ କୃତି ପୁରସ୍କାର ପ୍ରଦାନ କରି ଆସୁଛନ୍ତି। ଏହି କାର୍ଯ୍ୟକ୍ରମ ଅନୁଯାୟୀ ୨୦୨୦ ବର୍ଷ ନିମନ୍ତେ ରାଜ୍ୟର ହସ୍ତଶିଳ୍ପ କାରିଗରମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି।

**ଯୋଗ୍ୟତା:** ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ୫୦ଗୋଟି ହସ୍ତଶିଳ୍ପ ଅନ୍ତର୍ଗତ ୧୮ବର୍ଷରୁ ଊର୍ଦ୍ଧ୍ୱ ଯେ କୌଣସି ହସ୍ତଶିଳ୍ପ କାରିଗର ଆବେଦନ କରିପାରିବେ।

**ଆବେଦନ ପ୍ରଣାଳୀ:**

**ରାଜ୍ୟ ହସ୍ତଶିଳ୍ପ ପୁରସ୍କାର (State Handicraft Awards)**

ଇଚ୍ଛୁକ ହସ୍ତଶିଳ୍ପୀମାନେ ଉକ୍ତ ପ୍ରତିଯୋଗିତାରେ ଭାଗ ନେବା ନିମନ୍ତେ ନିର୍ଦ୍ଧାରିତ ଆବେଦନ ପତ୍ର ସହ ନିଜର କଳାକୃତିର ନମୁନା, ତତ୍ ସମ୍ବନ୍ଧୀୟ ସମସ୍ତ ପ୍ରମାଣ ପତ୍ର ଓ ସ୍ୱହସ୍ତ ନିର୍ମିତ କଳାକୃତିର ଫଟୋ (8" × 10")ର ଦୁଇକିତା ନକଲ ସମ୍ପୃକ୍ତ ସହକାରୀ ନିର୍ଦ୍ଦେଶକ (ହସ୍ତଶିଳ୍ପ)ଙ୍କ କାର୍ଯ୍ୟାଳୟରେ ତା୨୫।୧୦।୨୦୨୧ରିଖ ମଧ୍ୟରେ ଦାଖଲ କରିବା ଆବଶ୍ୟକ।

**ଅସମ୍ପୂର୍ଣ୍ଣ ଥିବା ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ।**

**ପୁରସ୍କାର ରାଶି: ଟ.୫୦,୦୦୦/-ଙ୍କା ସହିତ ପ୍ରମାଣ ପତ୍ର।**

**ଜୀବନ ବ୍ୟାପୀ ହସ୍ତଶିଳ୍ପ କୃତି ପୁରସ୍କାର (Life Time Achievement Award)**

ରାଜ୍ୟର ହସ୍ତଶିଳ୍ପ କାରିଗରମାନଙ୍କ ମଧ୍ୟରୁ ପ୍ରତି ବର୍ଷ ଏକ ଜଣଙ୍କୁ ତାଙ୍କର ହସ୍ତଶିଳ୍ପ ବିକାଶର ଅନବଦ୍ୟ ଅବଦାନ ପାଇଁ ''ଜୀବନ ବ୍ୟାପୀ ହସ୍ତଶିଳ୍ପ କୃତି ପୁରସ୍କାର'' ପ୍ରଦାନ କରାଯିବା ପାଇଁ ଯୋଗ୍ୟ ହସ୍ତଶିଳ୍ପୀ ପ୍ରାର୍ଥୀମାନଙ୍କଠାରୁ ୨୦୨୦ ମସିହାର ପୁରସ୍କାର ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଏହି ପୁରସ୍କାର ପାଇଁ ଯୋଗ୍ୟ ହସ୍ତଶିଳ୍ପ କାରିଗରମାନେ ସେମାନଙ୍କ ସମ୍ପୂର୍ଣ୍ଣ ତଥ୍ୟ ସହ ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ସମ୍ପୃକ୍ତ ସହକାରୀ ନିର୍ଦ୍ଦେଶକ (ହସ୍ତଶିଳ୍ପ)ଙ୍କର କାର୍ଯ୍ୟାଳୟରେ ତା୨୫।୧୦।୨୦୨୧ରିଖ ମଧ୍ୟରେ ଆବେଦନ କରିପାରିବେ।

**ପୁରସ୍କାର ରାଶି: ୫,୦୦,୦୦୦/-ଙ୍କା ସହିତ ମାନପତ୍ର।**

ବି.ଦ୍ର.: ଉପରୋକ୍ତ ଉଭୟ ପୁରସ୍କାର ଯୋଜନାର ଅଂଶ ଗ୍ରହଣ ପାଇଁ ଦରଖାସ୍ତ କରିବାର ଆବଶ୍ୟକ ଆବେଦନ ଫର୍ମ ଓ ସବିଶେଷ ତଥ୍ୟ ସମ୍ପୃକ୍ତ ସହକାରୀ ନିର୍ଦ୍ଦେଶକ (ହସ୍ତଶିଳ୍ପ)ଙ୍କ କାର୍ଯ୍ୟାଳୟରୁ ମିଳିପାରିବ।

ସ୍ୱା./- ନିର୍ଦ୍ଦେଶକ
ହସ୍ତ ଓ କୁଟୀର ଶିଳ୍ପ, ଓଡ଼ିଶା

OIPR-43002/11/0004/2122


## ପୋଲିସ ନିଷ୍କ୍ରିୟତା ବିରୋଧରେ ଏସ୍‌ପିଙ୍କୁ ଭେଟିଲେ ପୀଡିତ ପରିବାର

**ବଲାଙ୍ଗୀର ଅଫିସ, ୧୪।୭**

ବଲାଙ୍ଗୀର ଜିଲା ସିନ୍ଧେକେଲା ଥାନା ଅଞ୍ଚଳରେ ଗୁଣିଗାରେଡି ଘଟଣା ବୃଦ୍ଧି ପାଇବା ସହ ଅମାନବୀୟ ପରିସ୍ଥିତି ସୃଷ୍ଟି କଲାଣି। ଏହି ଥାନାର ନିର୍ମୁଳା ଗାଁରେ ଗତ ୧ ତାରିଖ ଦିନ ଅଭାବନୀୟ ଘଟଣା ଘଟିଥିଲା। ସେହି ଗାଁର ଜଣେ ବ୍ୟକ୍ତି ଗୁଣିଗାରେଡି କରୁଥିବା ଅଭିଯୋଗ କରି ପଞ୍ଚାୟତ ବୈଠକ ଡାକି ନିସ୍ତୁକ ମାଡ ମରାଯିବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କ ପରିବାରକୁ ଗାଁରୁ ତଡି ଦେଇଥିଲେ । ଏନେଇ ସିନ୍ଧେକେଲା ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଉକ୍ତ ଘଟଣାରେ ପୀଡିତ ପରିବାର ସିନ୍ଧେକେଲା ଥାନା ଏବଂ ଟିଟିଲାଗଡ ଏସଡିପିଓଙ୍କଠାରୁ ନ୍ୟାୟ ନ ପାଇବାରୁ ବୁଧବାର ବଲାଙ୍ଗୀର ଆସି ଏସପିଙ୍କୁ ଭେଟି ନ୍ୟାୟ ଭିକ୍ଷା କରିଛନ୍ତି। ଗୁଣିଗାରେଡି କରୁଥିବା କହି ନିର୍ମୁଳା ଗାଁର ବ୍ରଜ ଭୋଇଙ୍କୁ କେତେକ ଲୋକ କଙ୍ଗାରୁ କୋର୍ଟରେ ଦୋଷୀ ସାବ୍ୟସ୍ତ କରି ମାଡ ମାରିଥିବା ଅଭିଯୋଗ ହୋଇଥିଲା। ଅଭିଯୋଗକ୍ରମେ ସିନ୍ଧେକେଲା ଥାନାରେ ଏକ ମାମଲା (ନଂ.୬୨/୨୧) ରୁଜୁ ହୋଇଥିଲା । ଏଥିରେ ପ୍ରତିକ୍ରିୟାଶୀଳ ହୋଇ କେତେକ ବ୍ୟକ୍ତି ବ୍ରଜଙ୍କ ପରିବାରକୁ ଗାଁରୁ ତଡି ଦେଇଥିବା ଅଭିଯୋଗ ହୋଇଛି। ଗତ ୨ତାରିଖରୁ ପୀଡିତ ପରିବାର ମୁଣ୍ଡପଦର ଗାଁର ଏକ କ୍ଲବ ଘରେ ଆଶ୍ରୟ ନେଇଛନ୍ତି । ପରିବାରର ଏକ ବୃଦ୍ଧ ବ୍ୟକ୍ତି, ୪ଜଣ ଶିଶୁ ଓ ୪ ଜଣ ମହିଳାଙ୍କ ସମେତ ମୋଟ ୧୩ ଜଣ ରହିଛନ୍ତି । ଏଭଳି ଏକ ସମ୍ବେଦନଶୀଳ ଘଟଣା ଘଟିଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିନାହିଁ। ଏହାର ପ୍ରତିବାଦରେ ପୀଡିତ ପରିବାର ବଲାଙ୍ଗୀର ଆସି ଏସପିଙ୍କୁ ଭେଟି ଅଭିଯୋଗ ଜଣାଇଛନ୍ତି। ଏସପି ନିତିନ କୁଶଲକର ଏନେଇ ପଦକ୍ଷେପ ଗହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।

## ଔଷଧୀୟ ବୃକ୍ଷ ଚାରା ରୋପଣ

**ବୌଦ୍ଧ, ୧୪।୭(ସ୍ୱ.ପ୍ର.)**

ବୌଦ୍ଧ ସତ୍ୟସାଇ ସେବା ସଙ୍ଗଠନ ତେତେଲେଙ୍ଗା ସମିତି ପକ୍ଷରୁ ବୁଧବାର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଔଷଧୀୟ ବୃକ୍ଷଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସତ୍ୟସାଇ ସେବା ସଙ୍ଗଠନର ଜିଲା ସଭାପତି ଡା. ପ୍ରିୟବ୍ରତ ବେହେରାଙ୍କ ନେତୃତ୍ୱରେ 'ସାଇ ସୁବଜିମା' ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ ଓ ସମ୍ମାନିତ ଅତିଥି ଭାବେ ସହକାରୀ ବନସଂରକ୍ଷକ ଜିତେନ୍ଦ୍ର ବେହେରା, ବିଦ୍ୟାଳୟର ଅଧ୍ୟକ୍ଷ ହରେକୃଷ୍ଣ ବେହେରା ପ୍ରମୁଖ ଯୋଗଦେଇଥିଲେ। ସେମାନେ ହରିଡା, ବାହାଡା, ଅଁଳା, ନିମ୍ବ, ଅଶୋକ, ବଉଳ, ରକ୍ତଚନ୍ଦନ ଆଦି ୧୭ ପ୍ରକାର ଔଷଧୀୟ ଚାରା ରୋପଣ କରିଥିଲେ। ଏହି ଚାରା ରୋପଣ ସମୟରେ ବଢିଙ୍ଗା ଓ ତେତେଲେଙ୍ଗା ସତ୍ୟସାଇ ସେବା ସମିତିର ସଦସ୍ୟ ଭଉଣୀଭାଇ, ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ। ଆଗାମୀ ଦିନରେ ଉକ୍ତ ବିଦ୍ୟାଳୟ ପରିସରରେ ସତ୍ୟସାଇ ସେବା ସଙ୍ଗଠନ ପକ୍ଷରୁ ଏକ ଔଷଧୀୟ ବୃକ୍ଷ ଉଦ୍ୟାନ କରାଯିବାର ଯୋଜନା ରହିଛି ବୋଲି ବେହେରା ପ୍ରକାଶ କରିଛନ୍ତି।

## ସ୍ୱାମୀଙ୍କ ମୃତ୍ୟୁର ୧୪ବର୍ଷ ବିତିଲା, ମିଳିନି ଭତ୍ତା

**ବାଉଁଶୁଣୀ, ୧୪।୭(ଡି.ଏନ.ଏ.)**

ବୌଦ୍ଧ ଜିଲା ବ୍ଲକ କଣ୍ଟାମାଳ ବ୍ଲକ ରେଙ୍ଗାଲି ପଞ୍ଚାୟତ ଅନ୍ତର୍ଗତ ଚାରଭାଟି ଗ୍ରାମର ସିତୟା କହଁର(୭୪)। ସ୍ୱାମୀଙ୍କ ମୃତ୍ୟୁର ୧୪ ବର୍ଷ ବିତିଗଲାଣି। ହେଲେ ଅଦ୍ୟାବଧି ତାଙ୍କୁ ବିଧବା ଭତ୍ତା ମିଳି ପାରିନାହିଁ। ଏ ନେଇ ସେ ସ୍ଥାନୀୟ ପଞ୍ଚାୟତରୁ ବ୍ଲକ ଅଫିସ ଯାଏ ଆବେଦନ କରି ଆସିଥିଲେ ହେଁ କୌଣସି ସୁଫଳ ମିଳିନାହିଁ। ଗ୍ରାମ ପଞ୍ଚାୟତରୁ ବ୍ଲକ କାର୍ଯ୍ୟାଳୟ ବାରମ୍ବାର ଆବେଦନ ଓ ଅଭିଯୋଗ କରିବା ସତ୍ତ୍ୱେ ତାଙ୍କୁ ଭତ୍ତା ମିଳିପାରିନାହିଁ । ଅବିଳମ୍ବେ ସମ୍ପୃକ୍ତ ମହିଳାଙ୍କୁ ଭତ୍ତା ଯୋଗାଇ ଦେବା ଦିଗରେ ପ୍ରଶାସନ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ତାଙ୍କର ୩ଝିଅ ବିବାହ କରିସାରିଛନ୍ତି। ଏକମାତ୍ର ପୁଅ ବିବାହ ପରେ ଅନ୍ୟତ୍ର ରହୁଛନ୍ତି। ବର୍ତ୍ତମାନ ପରିଣତ ବୟସରେ ଭଙ୍ଗା ଘରେ ରହୁଛନ୍ତି। ଖାଦ୍ୟ ସୁରକ୍ଷା ଯୋଜନାରେ ତାଙ୍କୁ ମାସିକ ଚାଉଳ ମିଳୁଛି। ଅନ୍ୟ କୌଣସି ଆୟ ନାହିଁ। ଏବୟସରେ ରୋଜଗାର କରିବା ସମ୍ଭବ ହେଉନାହିଁ। ଏଭଳି ସ୍ଥିତିରେ ତାଙ୍କୁ ଭତ୍ତା ଯୋଜନାରେ ସାମିଲ କରିବା ଜରୁରୀ ହୋଇପଡ଼ିଛି। ତେଣୁ ପ୍ରଶାସନ ଦୃଷ୍ଟିଦେବାକୁ ଦାବି ହେଉଛି।

# ନୂଆ ବସ୍‌ଷ୍ଟାଣ୍ଡ ବୁଲି ଦେଖିଲେ ଜିଲାପାଳ



ଜିଲାପାଳ ନୂଆ ଘରୋଇ ବସ୍‌ଷ୍ଟାଣ୍ଡ ପରିଦର୍ଶନ କରୁଛନ୍ତି।

**ବରଗଡ଼ ଅଫିସ୍, ୧୪।୭**

ବରଗଡ଼-ଭେଡ଼େନ କେନାଲ ରାସ୍ତାପାର୍ଶ୍ୱରେ ସାଢ଼େ ୫କୋଟି ଟଙ୍କା ବ୍ୟୟ ଅଟକଳରେ ନୂଆ ଘରୋଇ ବସ୍‌ଷ୍ଟାଣ୍ଡ ନିର୍ମିତ ହୋଇଛି। କିନ୍ତୁ ନିର୍ମାଣର ଅଢ଼େଇ ବର୍ଷ ପରେ ମଧ୍ୟ ଏହା କାର୍ଯ୍ୟକ୍ଷମ ହୋଇପାରି ନାହିଁ। ଅନ୍ୟପଟେ ପୁରୁଣା ଘରୋଇ ବସ୍‌ଷ୍ଟାଣ୍ଡରେ ଯାତ୍ରୀମାନଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏ ନେଇ ମଙ୍ଗଳବାର ଧରିତ୍ରୀରେ 'ଅଢ଼େଇବର୍ଷ ବିତିଲା, ଗଡ଼ିଲାନି ବସ୍' ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ବୁଧବାର ଜିଲାପାଳ ମୋନିଷା ବାନାର୍ଜୀ ନୂଆ ବସ୍‌ଷ୍ଟାଣ୍ଡକୁ ଅଚାନକ ପରିଦର୍ଶନରେ ଯାଇଥିଲେ। ବିଭାଗୀୟ ଅଧିକାରୀଙ୍କୁ ସେଠାକୁ ଡାକି ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ହୋଇ ନ ପାରିବା ନେଇ ପଚାରି ବୁଝିଥିଲେ। ଆନୁଷଙ୍ଗିକ କାମ ସାରି ଉକ୍ତ ବସ୍‌ଷ୍ଟାଣ୍ଡକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ଜିଲାପାଳ ବାନାର୍ଜୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଆସନ୍ତା ୨୦ତାରିଖ ବାହୁଡ଼ା ଯାତ୍ରାରୁ ନୂଆ ବସ୍‌ଷ୍ଟାଣ୍ଡରୁ ଯାତ୍ରୀବାହୀ ବସ୍‌ଗୁଡ଼ିକ ଗଡ଼ିବ ବୋଲି ଚର୍ଚ୍ଚା ହେଉଛି । ଜିଲାପାଳଙ୍କ ପରିଦର୍ଶନ ସମୟରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ, ପୌର ନିର୍ବାହୀ ଅଧିକାରୀ ନାରାୟଣ ଡନସନା ପ୍ରମୁଖ ଉପସ୍ଥିତ ଥିଲେ।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୧୦ଅମ୍ଳଜାନ ସାନ୍ଦ୍ରକ ପ୍ରଦାନ

**ଲୋଇସିଂହା, ୧୪।୭(ଡି.ଏନ.ଏ)**

ୱାର୍ଲ୍ଡଭିଜନ ଏଡିପି ଶାଖା ପକ୍ଷରୁ ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୧୦ଟି ଅମ୍ଳଜାନ ସାନ୍ଦ୍ରକ ବୁଧବାର ପ୍ରଦାନ କରାଯାଇଛି। ଶାଖା ପରିଚାଳକ ଅମିନ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟଅତିଥି ମହାଲିଙ୍ଗ ଶିଶୁ ବିଶେଷଜ୍ଞ ଡାକ୍ତର ଅରବିନ୍ଦ କାଲସାଏଙ୍କୁ ସଂସ୍ଥା ପକ୍ଷରୁ ପ୍ରଦାନକରାଯାଇଥିବା ଅମ୍ଳଜାନ ସାନ୍ଦ୍ରକ ହସ୍ତାନ୍ତର କରିଥିଲେ। ଅମ୍ଳଜାନ ସାନ୍ଦ୍ରକ ଜରିଆରେ ରୋଗୀ ଉପକୃତ ହେବା ସହ ଏହାର ସଠିକ ବ୍ୟବହାର ଉପରେ ଗୁରୁତ୍ୱ ଦେବାକୁ ବିଧାୟକ କହିଥିଲେ। ଏହି



ଅବସରରେ ସେ ଡାକ୍ତରଖାନାର ବିଭିନ୍ନ ୱାର୍ଡ ବୁଲିଥିଲେ। ଉପଯୁକ୍ତ ଚିକିତ୍ସା, ମାଗଣା ଔଷଧ ଏବଂ ଖାଦ୍ୟ ମିଳୁଛି କି ନାହିଁ ରୋଗୀଙ୍କୁ ପଚାରି ବୁଝିଥିଲେ। ଭୂତନାଥ ନାଏକ, ଗୌରାଙ୍ଗ ନାଏକ, ରାଜୁ ସାହୁ, ବୁଲୁ ବାଦି, ଶଙ୍କର ସାହୁ, ବାହାଦୁର ନନ୍ଦ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।


ODISHA PUBLIC SERVICE COMMISSION
ADVERTISEMENT No.06 OF 2021-2022
RECRUITMENT TO THE POSTS OF ASSOCIATE PROFESSORS IN DIFFERENT STATE PUBLIC UNIVERSITIES UNDER THE ADMINISTRATIVE CONTROL OF THE HIGHER EDUCATION DEPARTMENT
WEBSITE - http://opsc.gov.in

**No. D-55:-** Online applications are invited from the prospective candidates for the posts of Associate Professors in different State Public Universities of Odisha. This recruitment covers across **50 subjects** comprising total vacancies across subjects at **320 (119-W)**. The online registration shall start from **23.07.2021**.

**EDUCATIONAL QUALIFICATION:**
i) A good academic record with a Ph.D. Degree in the concerned/allied/relevant disciplines.
ii) A Master's Degree with at least 55% marks (or an equivalent grade in a point- scale, wherever the grading system is followed).
iii) A minimum of eight years of experience of teaching and / or research in an academic/research position equivalent to that of Assistant Professor in a University, College or Accredited Research Institution/industry.
iv) A minimum of seven publications in the peer-reviewed or UGC-listed journals.
v) Total research score of Seventy five (75).
- Application fee- Rs. 400/- for candidates other than SC, ST and PWD candidates.
- Last date for online registration and payment is **23.08.2021**.
- Last date for submission online application is **31.08.2021**.
- For details, the prospective candidates are requested to visit OPSC Website http://opsc.gov.in.

**N.B.- The online application form is automated & system driven and will guide the candidate seamlessly in filling the application. The requisite options shall be enabled and information shall be asked as per data furnished by the candidate. Before filling up the information ensure that acurate information is fed, for edit option is limited and on confirmation there is no scope for further edit even if wrongful entry has been made while filling up application.**

CUTTACK
DATE: 14.07.21
Sd./- SECRETARY
ODISHA PUBLIC SERVICE COMMISSSION
CUTTACK
OIPR-12002/11/0033/2122



OPHWC
OFFICE OF THE PROJECT MANAGER
THE ODISHA STATE POLICE HOUSING AND WELFARE CORPORATION LTD.
(A Govt. of Odisha Undertaking)
SAMBALPUR DIVISION
AT:- SIVAM COLONY, BEHIND INCOME TAX OFFICE, AINTHAPALI, SAMBALPUR -768004
Tel./Fax. (0663) 2541061, e-mail: jm_sambalpur@rediffmail.com & jmsbp.ophwc.od.@nic.in
PREQUALIFICATION NOTICE
(For Enlistment of different class of Contractors for execution of works through K-2 Agreement)

No. CAD-625:- The Odisha State Police Housing & Welfare Corporation Ltd. (OSPH&WC), Sambalpur Division invites application for enlistment of contractors for execution of Civil, PH & Internal Electrification works of various building projects in the district of Sambalpur, Bargarh, Deogarh, Jharsuguda, Sundargarh, Angul & Dhenkanal. All applications will be evaluated as per terms and conditions laid down in the prequalification documents for enlistment. After successful evaluation of the prequalification documents, selected firms will be registered in Sambalpur Division, OSPH&WC's Contractors list, valid for a period of 01 (One) year from date of enlistment.

The pre-qualification documents can be obtained from the office of the undersigned during office hours on payment of Rs. 2950/-(Rupees two thousand nine hundred and fifty) only inclusive of GST (Non refundable) in Cash or Demand Draft or pay order drawn in favour of **"The Odisha State Police Housing & Welfare Corporation Ltd-Sambalpur Division"** drawn on any Nationalized Bank payable at Sambalpur. The above documents can also be obtained through Speed Post by sending a self-addressed envelope of size 35cmX25cm with stamped Rs.75.00 (Rupees Seventy Five) only. The pre-qualification documents will also available from our website www.ophwc.nic.in and the same can be downloaded. However, in case of downloaded pre-qualification documents, cost of Rs.2950/-(Rupees two thousand nine hundred and fifty) only (Non-refundable) described as above in the shape of Demand Draft or Pay order shall be enclosed along with pre-qualification documents, failing which prequalification documents shall be summarily rejected.

Application for pre-qualification shall be submitted in sealed cover superscribing **"Application for enlistment of Contractors in OSPH&WC, Sambalpur Division"** addressed to the Project Manager, OSPH&WC, At – Sivam Colony, Behind Income Tax Office, Ainthapali, Sambalpur -768004 for award of work eventually to be drawn on K2 Agreement in line with the rules of OPWD Code & other clauses as decided by the Corporation.

The pre-qualification document not submitted in prescribed format or otherwise than in the manner prescribed in the document shall be rejected.

**Last date for issue of pre-qualification document up to : 05.00 PM, Dt-28.07.2021**
**Last date for receipt up to : 02.00 PM, Dt-29.07.2021**
**Date of opening at : 04.00 PM, Dt-29.07.2021**

OIPR-12098/11/0001/2122
**Sd./- Project Manager (Engg.).**

## ପୋଲତଳକୁ ଖସି ପଡିଲା ବାଇକ, ଆରୋହୀ ମୃତ

ଟିଟିଲାଗଡ଼,( ଡି.ଏନ.ଏ.): ବଲାଙ୍ଗୀର ଜିଲା ଟିଟିଲାଗଡ଼ ଥାନା ଅନ୍ତର୍ଗତ ୫୯ନଂ ଜାତୀୟ ରାଜପଥର ଝାରଦେବନ୍ଧ ନିକଟରେ ଥିବା କରଲା ଜୋର ତଳକୁ ବୁଧବାର ସନ୍ଧ୍ୟାରେ ଏକ ବାଇକ ଖସି ପଡିବାରେ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଲୁଥୁରବନ୍ଧ ଗାଁର ଗୋପାଳ ହେର୍ଣ୍ଣା(୧୮)। ବାଇକରେ ଥିବା ଅନ୍ୟତମ ଆରୋହୀ ଆଲାଦ କଟା ଗୁରୁତର ହୋଇଛନ୍ତି। ତାଙ୍କୁ ଟିଟିଲାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗୋପାଳ ଜଣେ କଲେଜ ଛାତ୍ର ଥିଲେ। ଗୋପାଳ ଓ ଆଲାଦ ବାଇକ ଯୋଗେ ବିଜେପୁରରୁ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ପୋଲିସ ମୃତଦେହ ଜବତ କରିଛି।

**ସଂକ୍ଷେପରେ**

### ବିଦ୍ୟୁତ୍ ସଂସ୍ପର୍ଶରେ ଯୁବକ ମୃତ

**ଅତାବିରା,୧୪।୭(ଡି.ଏନ.ଏ):** ବରଗଡ଼ ଜିଲା ଭେଡ଼େନ ଥାନା ତଥା ଗୁଷୁଡ଼ା ଫାଣ୍ଡି ଅଧୀନ ବ୍ରାହ୍ମଣତୁରୁମ ଗ୍ରାମରେ ବିଦ୍ୟୁତ୍ ସଂସ୍ପର୍ଶରେ ସୋମବାର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ ପ୍ରଧାନପାଲି ଗ୍ରାମର ତେଜରାଜ ପ୍ରଧାନ। ବ୍ରାହ୍ମଣତୁରୁମ ଗ୍ରାମର ଜଣେ ବିଦ୍ୟୁତ ମରାମତି ପାଇଁ ଡାକିବାରୁ ସେ ତାଙ୍କ ଘରକୁ ଯାଇଥିଲେ। ମରାମତି କରୁଥିବାବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇ ପଡ଼ିଥିଲେ। ଚିକିତ୍ସା ପାଇଁ ତାଙ୍କୁ ବୁର୍ଲା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ବୁର୍ଲା ଫାଣ୍ଡି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି।

### ଏଟିଏମ୍‌ରୁ ଲୁଟ୍ ଉଦ୍ୟମ ବ୍ୟର୍ଥ

**ଅତାବିରା,୧୪।୭(ଡି.ଏନ.ଏ):** ବରଗଡ଼ ଜିଲା ଅତାବିରା ଥାନା ଗୋଡ଼ଭଗା ଫାଣ୍ଡି ଅଧୀନ ଲରମ୍ବା ମାର୍କେଟ ପାଖରେ ଥିବା ଷ୍ଟେଟବ୍ୟାଙ୍କର ଏଟିଏମ୍‌ରୁ ମଙ୍ଗଳବାର ବିଳମ୍ବିତ ରାତ୍ରିରେ ଲୁଟ୍ ଉଦ୍ୟମ ହୋଇଛି। ଦୁର୍ବୃତ୍ତମାନେ ଏଟିଏମ୍ ଭାଙ୍ଗିବାକୁ ପ୍ରୟାସ କରିଥିଲେ ସୁଦ୍ଧା ସେଥିରେ ସକ୍ଷମ ହୋଇପାରି ନାହାନ୍ତି । ଗୋଡ଼ଭଗା ଫାଣ୍ଡି ପୋଲିସ ଘଟଣାସ୍ଥଳକୁ ପହଞ୍ଚି ତନାଘନା ଚଳାଇଛି ।

### ୪୧ ମହିଳାଙ୍କ ରକ୍ତଦାନ

**ବରଗଡ଼ ଅଫିସ୍,୧୪।୭:** ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ବୁଧବାର ବିଜୁ ମହିଳା ଜନତା ଦଳ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ଶିବିରରେ ୪୧ଜଣ ମହିଳା ରକ୍ତଦାନ କରିଥିଲେ। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରକୁ ରାଜ୍ୟ ମହିଳା ବିଜେଡି ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଉଲ୍ଲେଖନୀୟ ଅବଦାନ ପାଇଁ ବରଗଡ଼ର ପ୍ରସୂତୀ ଓ ସ୍ତ୍ରୀରୋଗ ବିଶେଷଜ୍ଞ ଡା. ସୁସ୍ମିତା ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହେଶ୍ୱତା ଆଚାର୍ଯ୍ୟ, ଟାଉନ ମହିଳା ସଭାନେତ୍ରୀ କଳ୍ପନା ମାଝି, ଜୟା ବେହେରା, ଟାଉନ ସଭାପତି କିଶୋର ମିଶ୍ର, ଯୁବନେତା ଉମେଶ ପଣ୍ଡା, ଓଡ଼ିଶା ମୋ ପରିବାରର ଜିଲା ସଂଯୋଜକ ଗୌରହରି ମିଶ୍ର, ଜୀବନ ବିନ୍ଦୁର ଜିଲା ସହ ସଂଯୋଜକ ଅଶ୍ୱିନୀ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ପାଠାଗାର ନିର୍ମାଣ ପାଇଁ ଶିଳାନ୍ୟାସ

**ବରଗଡ଼ ଅଫିସ୍,୧୪।୭:** ବରଗଡ଼ ବ୍ଲକ ପ୍ରଧାନପାଲି ଗ୍ରାମରେ ମହିଳାଙ୍କ ପାଠାଗାର ନିର୍ମାଣ ପାଇଁ ବୁଧବାର ଶିଳାନ୍ୟାସ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଳାନ୍ୟାସ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ଉମେଶ ପଣ୍ଡା, ସାମନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମର ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ଶତାୟୁଙ୍କ ପରଲୋକ

**ବୌଦ୍ଧ,୧୪।୭(ସ୍ୱ.ପ୍ର.):** ବୌଦ୍ଧର ଶତାୟୁ ପୁରୁଷ ଚନ୍ଦ୍ର ଶେଖର ମିଶ୍ରଙ୍କ ୧୦୨ ବର୍ଷ ବୟସରେ ବୁଧବାର ସନ୍ଧ୍ୟାରେ ସହରର




ପୋଡାପୋଡାସ୍ଥିତ ବାସଭବନରେ ପରଲୋକ ଘଟିଛି। ମୃତ ଚନ୍ଦ୍ରଶେଖର ବୌଦ୍ଧରେ ଡାକଅଜା ନାମରେ ଜଣାଶୁଣା ଥିଲେ। ସେ ୧୯୨୦ ମସିହାରେ ଜନ୍ମଗ୍ରହଣ କରିଥିଲେ। ଚନ୍ଦ୍ରଶେଖରଙ୍କୁ ୧୯୩୮ ମସିହାରେ ଡାକ ପହଞ୍ଚାଇବା କାର୍ଯ୍ୟ ପାଇଁ ବୌଦ୍ଧର ରାଜା ନିଯୁକ୍ତି ଦେଇଥିଲେ। ୧୯୭୯ରେ ଚାକିରୀ ଜୀବନରୁ ଅବସର ପରେ ଦେବୋତ୍ତର ମ୍ୟାନେଜର ଭାବରେ ଦୀର୍ଘବର୍ଷ ଧରି ବୌଦ୍ଧର ପ୍ରସିଦ୍ଧ ରଥଯାତ୍ରା ପର୍ବର ସମସ୍ତ ଦାୟିତ୍ୱ ନିର୍ବାହ କରିଥିଲେ। ପରଲୋକ ଖବର ପ୍ରଚାରିତ ହେବା ପରେ ଅନେକ ମାନ୍ୟଗଣ୍ୟ ଲୋକ ଶତାୟୁଙ୍କ ଶେଷଦର୍ଶନ କରିଛନ୍ତି। ତାଙ୍କର ଏକମାତ୍ର ପୁତ୍ର କୃଷ୍ଣାର୍ଜୁନ ମିଶ୍ର ଦେବୋତ୍ତର ଇନିସ୍‌ପେକ୍ଟର ଚାକିରୀରୁ ଅବସର ଗ୍ରହଣ କରିବା ପରେ ପିତାଙ୍କ ସେବା ଯତ୍ନ ନେଉଥିଲେ। ଚନ୍ଦ୍ର ଶେଖରଙ୍କ ବିୟୋଗ ଏକ ଯୁଗର ଅବସାନ ବୋଲି ସାଧାରଣରେ ମତପ୍ରକାଶ ପାଉଛି। ମୃତ୍ୟୁ ପର୍ଯ୍ୟନ୍ତ ମଧ୍ୟ ସେ କାହାର ସାହାରା ନେଉ ନ ଥିଲେ। ତାଙ୍କର ଶେଷ କୃତ୍ୟ ମହାନଦୀ କୂଳ ବାଲିରେ ହୋଇଥିଲା।

# ଧାନ କିଣାବିକା ବ୍ୟବସ୍ଥିତ କର

**ବରଗଡ଼ ଅଫିସ୍,୧୪।୭**

ଖରିଫ ଧାନ ସଂଗ୍ରହ ପାଇଁ ଗୁରୁବାରଠାରୁ ରାଜ୍ୟରେ ଚାଷୀ ପଞ୍ଜୀକରଣ ଆରମ୍ଭ ହେବ। ଗତ ରବିଧାନ ସଂଗ୍ରହ ଭଳି ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଯେଭଳି ଅବ୍ୟବସ୍ଥିତ ନ ହେବ ସେଥିପ୍ରତି ଏବେଠାରୁ ସଜାଗ ରହି ବିହିତ ପଦକ୍ଷେପ ନେବା ପାଇଁ ଭାଜପା କୃଷକ ମୋର୍ଚ୍ଚା ଦାବି କରିଛି। ବୁଧବାର ବରଗଡ଼ ସାମ୍ବାଦିକ ଭବନରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ପ୍ରଦୀପ ପୁରୋହିତ କହିଛନ୍ତି, ରାଜ୍ୟ ସରକାରଙ୍କ ଅବ୍ୟବସ୍ଥିତ ଧାନ ସଂଗ୍ରହ ପ୍ରକ୍ରିୟା ଯୋଗୁ ଚାଷୀମାନେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ପାଇ ପାରୁ ନାହାନ୍ତି। ମିଲର୍ସମାନେ କଟନୀଛଟନୀ କରି ଫାଇଦା ଉଠାଉଛନ୍ତି। କେନ୍ଦ୍ର ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୧୯୪୦ ଟଙ୍କା ଘୋଷଣା କରିଛନ୍ତି।



ଖବରଦାତା ସମ୍ମିଳନୀରେ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଏବଂ ଅନ୍ୟମାନେ।

- ଜିଲାସ୍ତରୀୟ କମିଟିକୁ ପୂର୍ଣ୍ଣକ୍ଷମତା ମିଳୁ
- ଅବଧି ନ ସରୁଣୁ ମଣ୍ଡି ବନ୍ଦ କରା ନ ଯାଉ
- ସବୁ ପଞ୍ଜୀକୃତ ଚାଷୀଙ୍କ ଧାନ କିଣାଯାଉ

ଫଳରେ ଚାଷୀମାନେ ଆସନ୍ତା ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାରେ ଧାନ ବିକ୍ରି ପରେ ଯେଭଳି ସେମାନଙ୍କ ଏହି ପ୍ରାପ୍ୟ ରାଶି ପାଇବାରୁ ବଞ୍ଚିତ ନ ହୁଅନ୍ତି ରାଜ୍ୟ ସରକାର ସେଥିପ୍ରତି ଆଗୁଆ ପଦକ୍ଷେପ ନେବା ସହ ଚାଷ ପାଇଁ ବିଦ୍ୟୁତ ଶୁଳ୍କ ସମ୍ପୂର୍ଣ୍ଣ ଛାଡ଼, ଅବଧି ପୂର୍ବରୁ କୌଣସି ମଣ୍ଡି ବନ୍ଦ ନ କରିବାକୁ ପୁରୋହିତ ଦାବି କରିଛନ୍ତି। ଧାନ ସଂଗ୍ରହ ପ୍ରକ୍ରିୟାରେ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟିକୁ ଗୁରୁତ୍ୱ ଦିଆଯାଉ ନ ଥିବାରୁ ପୁରୋହିତ କ୍ଷୋଭ ପ୍ରକାଶ କରିଛନ୍ତି। ରାଜ୍ୟସ୍ତରୀୟ କମିଟିରେ ସବୁ ନୀତି ନିର୍ଦ୍ଧାରଣ କରାଯାଉଥିବାରୁ ଧାନ ସଂଗ୍ରହ ପ୍ରକ୍ରିୟା ଅବ୍ୟବସ୍ଥିତ ହୋଇ ପଡୁଥିବା ସେ ଅଭିଯୋଗ କରିଛନ୍ତି। ଜିଲାର କୃଷି, ଭିତ୍ତିଭୂମି, ଧାନଚାଷ, ଅମଳ ଅବଧି ସମ୍ପର୍କରେ ଜିଲାସ୍ତରୀୟ କମିଟି ଭଲ ଭାବେ ଅବଗତ ଅଛି। ଫଳରେ ଜିଲାସ୍ତରୀୟ କମିଟିକୁ କ୍ଷମତା ଦିଆଯାଇ ଧାନ ସଂଗ୍ରହ ନୀତି ନିର୍ଦ୍ଧାରଣ କରିବାକୁ ପୁରୋହିତ ଦାବି କରିଛନ୍ତି। ଭାଜପାର ଜିଲା ସାଧାରଣ ସମ୍ପାଦକ ରବି ନାରାୟଣ ଦାଶ କହିଥିଲେ, ରାଜ୍ୟ ସରକାର ପ୍ରତି ରବି, ଖରିଫରେ ଚାଷୀ ପଞ୍ଜୀକରଣ କରୁଛନ୍ତି। ଦଳୀୟ ନେତା କୁଶ କୁମ୍ଭାର କହିଥିଲେ, ଧାନ କିଣାବିକା ସମୟରେ ମଣ୍ଡିରେ ମିଲର୍ସ ରାଜ୍ ଚାଲିଛି। କଟନୀଛଟନୀ କରି ମିଲର୍ସମାନେ ଚାଷୀଙ୍କୁ ଶୋଷଣ କରୁଛନ୍ତି। ଧାନକ୍ରୟ ପରେ ତାକୁ ଉଠାଇବା ପାଇଁ କେବଳ ମିଲର୍ସଙ୍କୁ ସୁଯୋଗ ଦିଆଯାଉ, ଅନ୍ୟଥା ସେମାନଙ୍କୁ ମଣ୍ଡିକୁ ପ୍ରବେଶ ପାଇଁ ଅନୁମତି ନ ଦେବାକୁ ସେ ଦାବି କରିଛନ୍ତି।

# ଦୁର୍ନୀତି ଯୋଗୁ ଉନ୍ନୟନ କାମରେ ମନ୍ଥରତା



ବିଧାୟକ ନରସିଂହ ମିଶ୍ର ସମୀକ୍ଷା ବୈଠକରେ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

**ବଲାଙ୍ଗୀର ଅଫିସ,୧୪।୭**

**ଦେଓଗାଁ ବ୍ଲକର ଉନ୍ନୟନ କାର୍ଯ୍ୟ ସମୀକ୍ଷା ବୈଠକ**

ବ୍ଲକ ପରିଚାଳନାରେ ଦୁର୍ନୀତିଖୋର ମନୋବୃତ୍ତି ବିକାଶରେ ବାଧକ ସୃଷ୍ଟି କରୁଛି। ଅନେକ ଲୋକାଭିମୁଖୀ କାର୍ଯ୍ୟକ୍ରମ ତଥା ପ୍ରକଳ୍ପ ଅଗ୍ରଗତିରେ ପ୍ରିୟାପ୍ରୀତି ତୋଷଣ ଯୋଗୁଁ ମନ୍ଥରତା ଦେଖାଦେଇଛି। ବ୍ଲକକୁ ଆସୁଥିବା ଅନୁଦାନ ହରିଲୁଟ ହୋଇ ଉନ୍ନୟନ ବାଧାପ୍ରାପ୍ତ ହେଉଛି। ତେଣୁ ଦେଓଗାଁ ବ୍ଲକରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଅଗ୍ରଗତିରେ ସ୍ଥାଣୁତା ଆସି ବ୍ଲକ ଏକ ଦୁର୍ନୀତିର ଗନ୍ତାଘର ସାଜିଛି। ବୁଧବାର ସ୍ଥାନୀୟ ସର୍କିଟ ହାଉସଠାରେ ଦେଓଗାଁ ବ୍ଲକର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା ବୈଠକରେ ବିଧାୟକ ନରସିଂହ ମିଶ୍ର ଏହା କହିଛନ୍ତି।

ସମୀକ୍ଷା ବୈଠକରେ ବ୍ଲକକୁ ଆସୁଥିବା ବିଭିନ୍ନ ଅନୁଦାନ, ପ୍ରକଳ୍ପର ଅଗ୍ରଗତି ତଥା ବିଭିନ୍ନ ପ୍ରକଳ୍ପର ମନ୍ଥରତାକୁ ନେଇ ଆଲୋଚନା ହୋଇଥିଲା। ବ୍ଲକ ଅଞ୍ଚଳରେ ଥିବା ଅନେକ ସ୍କୁଲ ଗୃହ ଜରାଜୀର୍ଣ୍ଣ ଅବସ୍ଥାରେ ଥିବାରୁ ସେଗୁଡିକର ମରାମତି କାହିଁକି ହେଇପାରୁନାହିଁ ଏବଂ ଯେଉଁ ଜାଗାରେ ସ୍କୁଲଗୃହ ନାହିଁ ତାର ଏକ ସବିଶେଷ ରିପୋର୍ଟ ତିଆରି କରିବାକୁ ବିଧାୟକ ମିଶ୍ର ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନୂଆ ନିର୍ମାଣ ହେବାକୁ ଥିବା ଜରାସିଂହା ସ୍କୁଲର ସ୍ଥିତି ଏବଂ ପ୍ରସ୍ତାବ କେଉଁ ପର୍ଯ୍ୟାୟରେ ପହଞ୍ଚିଛି ତାହା ଉପରେ ଆଲୋଚନା ହୋଇଥିଲା। ସ୍କୁଲ ନିର୍ମାଣରେ ବ୍ୟବହୃତ ଅନୁଦାନକୁ ନିୟମିତ ଟେଣ୍ଡର ପ୍ରକ୍ରିୟାରେ କରିବାକୁ ବିଧାୟକ ମିଶ୍ର କହିଥିଲେ। ଯୁକ୍ତଦୁଇ କଲେଜମାନଙ୍କ ଶ୍ରେଣୀକୋଠାର ସ୍ଥିତି ସମ୍ପର୍କରେ ସବିଶେଷ ବିବରଣୀ ତଥା ତାର ନିର୍ମାଣ ପାଇଁ ଜିଲାପାଳ ତଥା ଡିଇଓଙ୍କୁ ଚିଠି ଲେଖି ତାଙ୍କୁ ତାର ଏକ ନକଲ ଦେବାକୁ କହିଥିଲେ ।

ପାଇପ ଯୋଗେ ପାନୀୟ ଜଳ ସମସ୍ୟା ସମାଧାନ ପାଇଁ କଣ ସବୁ ପଦକ୍ଷେପ ନିଆଯାଇଛି ବୋଲି ବିଧାୟକ ବିଡିଓଙ୍କୁ ପ୍ରଶ୍ନ କରିଥିଲେ । କୌଣସି ବି ପରିସ୍ଥିତିରେ ପାଇପ ଯୋଗେ ପିଇବା ପାଣି ଯୋଗାଇବା ବ୍ୟବସ୍ଥା ନ ଥିବା ଜାଗାରେ ଲୋକେ ଯଦି ଦାବି କରିବେ ତେବେ ଟ୍ୟାଙ୍କର ଯୋଗେ ପିଇବା ପାଣିକୁ ବନ୍ଦ କରାଯାଇପାରିବ ନାହିଁ ବୋଲି ବିଡିଓଙ୍କୁ ବିଧାୟକ ତାଗିଦ କରିଥିଲେ। ଉପସ୍ଥିତ ଆରଡବ୍ଲୁଏସ୍ଏସ୍ ଅଧିକ୍ଷଣ ଯନ୍ତ୍ରୀ ଦେଓଗାଁ ବ୍ଲକରେ ପାଇପ ଯୋଗେ ପିଇବା ପାଣି ସମସ୍ୟା ଯାହା କିଛି ବି ଅଛି ଶୀଘ୍ର ତାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । କୌଣସି ଜାଗାରେ ଯଦି କାର୍ଯ୍ୟକାରୀ ସଂସ୍ଥା ଦ୍ୱାରା କୌଣସି ପ୍ରକଳ୍ପ ନିର୍ମାଣରେ ବିଳମ୍ବ ହେଉଛି ତେବେ ତା ଉପରେ ଜରିମାନା କିମ୍ବା ତାକୁ କାର୍ଯ୍ୟରୁ ଅନ୍ତର କରିବା ପାଇଁ ବ୍ୟବସ୍ଥା କରାଯାଉଛି ବୋଲି ଅଧିକ୍ଷଣ ଯନ୍ତ୍ରୀ ଇଂ ବିନୋଦ ବିହାରୀ ଦାଶ ବିଧାୟକଙ୍କୁ ଜଣାଇଥିଲେ । ସମୀକ୍ଷା ବୈଠକରେ ବିଡିଓ ମୁରଲୀଧର ନାଏକ, ସହକାରୀ ଯନ୍ତ୍ରୀ ପ୍ରଶାନ୍ତ ମହାଲିକ, ଆରଡବ୍ଲୁଏସ୍ଏସ୍ ଅଧିକ୍ଷଣ ଯନ୍ତ୍ରୀ ଦାଶ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ମହାପାତ୍ର, ବିଧାୟକ ପ୍ରତିନିଧି କାନ୍ତେଶ୍ୱର ପଧାନ, ଜିଲା ସେବାଦଳ ଅଧ୍ୟକ୍ଷ ଅସିତ ମିଶ୍ର, ବ୍ଲକ କଂଗ୍ରେସ ସଭାପତିରାମଜୀ ଚୌଧୁରୀ ଉପସ୍ଥିତ ଥିଲେ।

# ଖରିଫ୍‌ରେ ୧,୩୦,୧୫୦ ହେକ୍ଟର ଜମିରେ ଚାଷ ଲକ୍ଷ୍ୟ

**ସୋନପୁର,୧୪।୭(ନି.ପ୍ର.)**

**ସୁବର୍ଣ୍ଣପୁର ଜିଲା**

୨୦୨୧-୨୨ ଖରିଫ୍ ଋତୁରେ ସୁବର୍ଣ୍ଣପୁର ଜିଲାରେ ୧,୩୦,୧୫୦ ହେକ୍ଟର ଜମିରେ ବିଭିନ୍ନ ପ୍ରକାର ଫସଲ ଚାଷ କରାଯିବା ଲକ୍ଷ୍ୟ ରଖାଯାଇଛି। ଯାହା ଗତବର୍ଷର ଲକ୍ଷ୍ୟ ହାସଲଠାରୁ ୯୫୦ହେକ୍ଟର କମ୍। ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜିଲାସ୍ତରୀୟ କୃଷି କୌଶଳ ନିର୍ଦ୍ଧାରଣ କମିଟି ବୈଠକରେ ସୂଚନା ଦେଇଛନ୍ତି ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଶାନ୍ତ କୁମାର ପଟ୍ଟନାୟକ। ଜିଲାପାଳ ଅବୋଲି ସୁନିଲ ନରୱଣେ ବୈଠକରେ ଅଧ୍ୟକ୍ଷତା କରିଥିଲେ। ନରୱଣେ ଜିଲାରେ ଥିବା ଭିତ୍ତିଭୂମି ଓ ସମସ୍ତ ବୈଷୟିକ ଜ୍ଞାନ କୌଶଳ ଉପଯୋଗରେ ଖରିଫ ଚାଷ ଲକ୍ଷ୍ୟକୁ ସଫଳତାର ସହ ହାସଲ କରିବା ପାଇଁ କୃଷି ଅଧିକାରୀମାନେ ବଦ୍ଧପରିକର ହେବା ପାଇଁ ପରାମର୍ଶ ଦେଇଥିଲେ। ଗତ ଖରିଫରେ ୧,୨୦,୦୩୫ ହେକ୍ଟର ଜମିରେ ଅଧିକ ଅମଳକ୍ଷମ ଧାନ ଚାଷ କରାଯାଇଥିବା ବେଳେ ଚଳିତ ଥର ୯୬,୫୦୦ ହେକ୍ଟର ଜମିରେ ଧାନ ଚାଷ କରାଯିବା ଲକ୍ଷ୍ୟ ରଖାଯାଇଛି। ଖରିଫ୍‌ରେ ୧ହଜାର ୧୨୦ହେକ୍ଟର ଜମିରେ ଅନ୍ୟ ଶସ୍ୟ ଜାତୀୟ ଫସଲ, ୧୫ହଜାର ୭୪୦ହେକ୍ଟର ଜମିରେ ଡାଲି ଜାତୀୟ, ୩,୫୮୦ହେକ୍ଟର ଜମିରେ ତୈଳବୀଜ କରାଯିବା ଲକ୍ଷ୍ୟ ରଖାଯାଇଛି। ଚଳିତ ଖରିଫ୍‌ରେ ୧, ୧୦, ୦୧୪ ହେକ୍ଟର ଜମିକୁ ବୃହତ, କ୍ଷୁଦ୍ର, ମଧ୍ୟମ, ବୃହତ ଉଠା ଜଳସେଚନ, ଉଠା ଜଳସେଚନ, ଡଗ୍ ୱେଲ ଓ ଅନ୍ୟାନ୍ୟ ଉତ୍ସରୁ ଜଳଯୋଗାଣ କରାଯିବ।



ଜିଲାସ୍ତରୀୟ କୃଷି କୌଶଳ ନିର୍ଦ୍ଧାରଣ କମିଟି ବୈଠକରେ ଉପସ୍ଥିତ ଅଧିକାରୀ।

ଜିଲାର ୬୬ଟି ପ୍ୟାକ୍ସ ଓ ୧୩୫ପ୍ରାଇଭେଟ୍ ଡିଲରଙ୍କ ମାଧ୍ୟମରେ ୧୮,୩୮୫କୁଇଣ୍ଟାଲ ଧାନ, ୩୪କୁଇଣ୍ଟାଲ ହରଡ, ୬୬କୁଇଣ୍ଟାଲ ମୁଗ, ୩୪କୁଇଣ୍ଟାଲ ବିରି, ୧୩୭କୁଇଣ୍ଟାଲ ବାଦାମ ବିହନ ଯୋଗାଇ ଦିଆ ଯିବାକୁ ନିଷ୍ପତ୍ତି ହୋଇଛି। ସେହିଭଳି ହେକ୍ଟର ପ୍ରତି ୭୫.୮୩ କିଲୋଗ୍ରାମ ହିସାବରେ ମୋଟ ୯,୭୮୨ମେଟ୍ରିକ୍ ଟନ୍ ଏନପିକେ ସାର ବ୍ୟବହାର କରିବ। ସମବାୟ ବ୍ୟାଙ୍କ, ଷ୍ଟେଟବ୍ୟାଙ୍କ, ୟୁଜିବି ଓ ଅନ୍ୟାନ୍ୟ ବ୍ୟବସାୟିକ ବ୍ୟାଙ୍କ ଜରିଆରେ ଚାଷୀଙ୍କୁ କୃଷିଋଣ ଯୋଗାଇ ଦିଆଯିବା ଲକ୍ଷ୍ୟ ରଖାଯାଇଛି। ଏହି ଅବସରରେ ଜୈବିକ ସାର, ରୋଗପୋକ ନିୟନ୍ତ୍ରଣ, ଅଧିକ ଅମଳକ୍ଷମ ଓ ଶଙ୍କରଜାତୀୟ ବିହନ ଯୋଗାଣ ସମ୍ପର୍କରେ ଆଲୋଚନା ହୋଇଥିଲା। ଜିଲାରେ ସମ୍ପ୍ରସାରଣ ସଂସ୍କାର ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ଓ ରାଷ୍ଟ୍ରୀୟ ଖାଦ୍ୟ ନିରାପତ୍ତା ମିଶନରେ କାର୍ଯ୍ୟକ୍ରମ ହାତକୁ ନିଆ ଯାଇଥିବା ସୂଚନା ଦିଆଯାଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ସୋନପୁର ଉପଜିଲାପାଳ ନିହାର ରଞ୍ଜନ କହଁର, ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ, ଜିଲାର ସମସ୍ତ ତହସିଲଦାର, ଜଳସେଚନ ଓ କୃଷି ବିଭାଗ ଅଧିକାରୀ ଯୋଗଦେଇଥିଲେ।

## ଗୁପ୍ତେଶ୍ୱର ବାବାଙ୍କ ମନ୍ଦିର ନିର୍ମାଣ ଭୂମି ପୂଜନ



ଭୂମିପୂଜନ ଉତ୍ସବରେ ଶ୍ରଦ୍ଧାଳୁ।

**ଅମରପାଲି,୧୪।୭(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ଦୁଆନପାଲିସ୍ଥିତ ଖୁଣ୍ଟଲା ଦର୍ହଠାରେ ଗୁପ୍ତେଶ୍ୱର ବାବାଙ୍କ ମନ୍ଦିର ନିର୍ମାଣ ପାଇଁ ବୁଧବାର ଶୁଭସ୍ତମ୍ଭ ସ୍ଥାପନ ଓ ଭୂମି ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜୟ କୁମାର ପଣ୍ଡା ପୂଜକ, ବଦ୍ରିନାରାୟଣ ତ୍ରିପାଠୀ, ଶଶି କୁମରା ଓ ଗୋଲାପି କୁମୁରା କୁମରା କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ପ୍ରଥମେ ମନ୍ଦିର ନିର୍ମାଣ ପାଇଁ ଘୃତ ଯଜ୍ଞ କରାଯାଇଥିଲା। ଦୁର୍ଜନତୈଲା ସରପଞ୍ଚ ରଞ୍ଜିତ କୁମାର ଖେତିଙ୍କ ଉପସ୍ଥିତରେ ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା। ରୀତିନୀତିମତେ ହୋମଯଜ୍ଞ କରାଯାଇ ଥିଲା। ଭକ୍ତଙ୍କ ଦ୍ୱାରା ଦିଆଯାଇଥିବା ୧୦୮ ନଡ଼ିଆକୁ ବାବା ଗୁପ୍ତେଶ୍ୱରଙ୍କ ପାଖରେ ଭୋଗ ଲଗାଯାଇଥିଲା। ବାବା ଗୁପ୍ତେଶ୍ୱର ବିକାଶ ଟ୍ରଷ୍ଟ ସଭାପତି ମୁରଲୀଧର ଭୋଇ,ସମ୍ପାଦକ ବିଶ୍ୱାମିତ୍ର ନାଏକ, କୋଷାଧ୍ୟକ୍ଷ ସୁଧାଂଶୁ ସାହୁ, ଉପଦେଷ୍ଟା ଅଜିତ ପାଣିଗ୍ରାହୀ, ସରପଞ୍ଚ ରଞ୍ଜିତ ଖେତି ଓ ଗୁପ୍ତେଶ୍ୱର ପରିଚାଳନା ଟ୍ରଷ୍ଟର ସମସ୍ତ ତଥା ଭକ୍ତଙ୍କ ଉପସ୍ଥିତରେ ୪୫ ଫୁଟ ଉଚ୍ଚତା ବିଶିଷ୍ଟ ଗୁପ୍ତେଶ୍ୱର ମନ୍ଦିରର ନିର୍ମାଣ କାର୍ଯ୍ୟ ନୟାଗଡ଼ର ପ୍ରଦୀପ କୁମାର ମହାରଣା ଆରମ୍ଭ କରିଥିଲେ। ଗୁପ୍ତେଶ୍ୱର ବିକାଶ ଟ୍ରଷ୍ଟ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମନ୍ଦିର ନିର୍ମାଣ ହେଉଛି।

## ୨.୪୧ କୁଇଣ୍ଟାଲ ଗଞ୍ଜେଇ, ଭ୍ୟାନ୍ ଜବତ

**ସୋନପୁର,୧୪।୭(ନି.ପ୍ର.):** ସୋନପୁର ଟାଉନ ପୋଲିସ ନଳିନୀ ଛକ ହନୁମାନ ମନ୍ଦିର ସମ୍ମୁଖରେ ବୁଧବାର ଚଢାଉ କରି ବିପୁଳ ପରିମାଣର ଗଞ୍ଜେଇ ଜବତ କରିଛି। ଟାଟା ୪୦୭ ଭ୍ୟାନ୍ ନଂ ସିଜି୧୦ସି-୯୭୬୦ ତନଖି ସମୟରେ ୧୧ବସ୍ତା ଗଞ୍ଜେଇ ଜବତ ହୋଇଛି। ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଓଜନ ପରେ ୨ କୁଇଣ୍ଟାଲ ୪୧କିଲୋ ୫୯୦ଗ୍ରାମ ଗଞ୍ଜେଇ ଥିବା ଜଣାପଡ଼ିଛି। ବୌଦ୍ଧ ଜିଲାରୁ ସୋନପୁର ରାସ୍ତା ଦେଇ ଛତିଶଗଡକୁ ଗଞ୍ଜେଇ ଚୋରାଚାଲାଣ ହେଉଥିବା ପୋଲିସକୁ ସୂଚନା ମିଳିଥିଲା। ସୋନପୁର ଆଇଆଇସି ପୁଷ୍ପେନ୍ଦୁ ସାଗରଙ୍କ ନେତୃତ୍ୱରେ ପୋଲିସ ଟିମ୍ ୫୭ ନଂ ଜାତୀୟ ରାଜପଥର କୁଞ୍ଜ ଛକଠାରେ ଯାନବାହାନ ତନଖି କରୁଥିଲେ। ତେବେ ଟାଟା ୪୦୭ ଡ୍ରାଇଭର ଦ୍ରୁତଗତିରେ ଡ୍ରାଇଭିଂ କରି ପୋଲିସକୁ ଚକମା ଦେଖାଇ ଥିଲେ। ପୋଲିସ ଟିମ୍ ଭ୍ୟାନ୍‌କୁ ପିଛା କରିବାରୁ ଡ୍ରାଇଭର ନଳିନୀ ଛକ ନିକଟରେ ଗାଡି ରଖି ପେରାର ହୋଇଯାଇଥିଲେ।


**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, ANANDAPUR BARRAGE PROJECT, SALAPADA**
(E-mail id: cceabp@gmail.com/loabpbbsr@gmail.com)

No. A-293:- **E-procurement Notice No. CCEABP-03 of 2021-22**

| E-Procurement Officer | Name of the work | Bid Id No. | Tender cost in Lakhs (Appx.) | Bid security (Online) | Cost of Bid Document (Online) | Class of contractor | Period of completion | Availability of tender online for bidding From | Availability of tender online for bidding To | Date of opening of technical Bid (Cover-1) |
|---|---|---|---|---|---|---|---|---|---|---|
| Chief Construction Engineer, A.B. Project, Salapada | Extended protection work to D/S of Anandapur Barrage from RD 1600m to RD 2500m on the Right Bank of Baitarani river. | ABP-ABD-01/3 of 2021-22 | 5320.00 | Bid Security Declaration | 10,000/- | Super Class | 09 (Nine) Calendar months | 19.07.21 11.30 AM | 09.08.21 05.00 PM | 10.08.21 11.30 AM |

Further details can be seen from the Govt. website www.tendersorissa.gov.in/www.dowrodisha.gov.in.
Addendum/corrigendum/cancelletion if any required will be published in Govt. website only.
OIPR-32180/11/0004/2122 Sd./- Chief Construction Engineer, Anandapur Barrage Project, Salapada

**OFFICE OF THE ADDITIONAL CHIEF ENGINEER RURAL WORKS CIRCLE, BALASORE**
E-Mail ID: serw_balasore@yahoo.in, Ph. No. - 06782-260318, Balia, Balasore
**"e" Procurement Notice for inviting Request for proposal from Consultant for Bridge Work**
No.O-444:- **Identification No.- Online Tender - Bridge N.C.B. No. 295**
Letter No. 2399/WE Date 14.07.2021
1. Name of the work :- **Consultancy services for Bridge works**
2. Total No. of work :- 02 Nos. (Two)
3. Length :- **184 mtr.** (Approximately) each. (As per Annexure)
4. Eligible bidders :- 'Consulting Engineering Firms (Consultants)'
5. Other details :-

| Procurement Officer | Bid Identification No. | Available of bid document in website From | Available of bid document in website To | Dateline for Submission of Pre-Proposal Query (Through email) | Date & time of Opening of Tender in O/o S.E.R.W. Circle, Balasore: Date of opening of Technical Proposal | Date of opening of Financial Proposal |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Additional Chief Engineer, Rural Works Circle, Balasore | NCB No.-295 | 16.07.2021 at 11.00 A.M. | 06.08.2021 Up to 5.00 P.M. | 23.07.2021 Up to 5.30 P.M. | 09.08.2021 at 11.30 A.M. | Will be intimated later |

- Further details can be seen from the website: www.tendersodisha.gov.in

OIPR-25105/11/0009/2122 Sd./- Er. P.K. Sahoo, Additional Chief Engineer, R.W. Circle, Balasore

No. A-297
**GOVERNMENT OF ODISHA, DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER, EASTERN CIRCLE-I, CUTTACK**
E-Mail ID- seeccuttack@gmail.com
**"e" Procurement Notice No. ACE, EC-I/05 of 2021-22 (On-line)**

| | | |
|---|---|---|
| 1 | Name of Works | Protection to Scoured on Devi left embankment, Providing 5 Nos. spur near village Paluribanka under NABARD Assistance Bid identification No. ACE, EC-I JID/05 of 2021-22 |
| 2 | Total No. of Packages | 1 No. Package |
| 3 | Tender paper Cost | Rs.10,000.00 (On-line payment) |
| 4 | Bid Security | "Bid Security Declaration" as per F.D.O.M. No.-FIN-COD-MISC-0007-2019/8943/F dated 18.03.2021. The bids without "Bid Security Declaration" will be summarily rejected. |

5. Other details are as follows

| Procurement Officer | Bid Identification No. | Tender Cost (Rs. in Lakh) (Approx.) | Class of Contractor | Period of Completion | Availability of Tender On-line for bidding From | Availability of Tender On-line for bidding To | Date of Opening of Technical Bid (Cover-I) |
|---|---|---|---|---|---|---|---|
| Additional Chief Engineer, Eastern Circle-I, Cuttack | ACE, EC-I JID/05 of 2021-22 | 637.00 Lakh | Special & Super | 09 (Nine) calendar months | 19.07.2021 at 10.00 hrs. | 03.08.2021 upto 17.30 hrs. | 04.08.2021 at 11.30 hrs. |

6. e-mail id : **seeccuttack@gmail.com**
Further details can be seen from the Govt. website "https://tendersodisha.gov.in"
OIPR-32370/11/0006/2122 Sd./- Additional Chief Engineer, Eastern Circle-I, Cuttack

**DISTRICT EDUCATION OFFICE, PURI**
**DISTRICT PROJECT MANAGEMENT UNIT, MDM, PURI**
**CORRIGENDUM**
No. 296 Dt.14.07.2021
The following corrigendum is made in tender call notice issued vide Order No. 285 Dt.28.06.2021 of District Project Management Unit, MDM, Puri.
1. At serial No. 13 of application form for engagement of transport agent "the tenderer having no commercial interest" is replaced with "Partners/directors of the tenderer".
2. The draft affidavit at page No. 10 and 11 at Annexure-II has been revised accordingly.
3. The last date of receipt of tender papers is extended to 26.07.2021 and the Document Bid of tender will be opened on Dt.28.07.2021 and the price bid will be opened on 02.08.2021.

The rest of the points of the tender call notice stands unaltered.
Sd./- District Education Officer, Puri

**TPWODL**
**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint Venture)
Corporate Office, Burla, Dist.- Sambalpur (Odisha) - 768017
**NOTICE INVITING TENDER**
Tender Notice No. TPWODL/RB/O/SER/018 Date: 15.07.2021
TP Western Odisha Distribution Limited invites tender (2 parts bidding) from eligible vendors for the following package:
**RC for Supply, Installation and Maintenance of Network Equipment (DC Router, DC Switches and Network Rack) for Substation Automation at TPWODL**
Interested bidders to submit Tender Participation Fee and Authorization letter through e-mail before **22nd July 2021, 15.00 hrs.** after which link from e-Tender system shall be shared.
For detailed tender documents mentioned above please visit tender section on TPWODL website: **www.tpwesternodisha.com**. Further details for participating in tender is given in the tender document.
All future correspondence regarding the tender, bid submission, bid submission date extension etc. will happen with participating bidders only through e-Tender system.
Sd./- Chief Contracts & Stores

**DISTRICT PLANNING AND MONITORING UNIT, BOUDH**
**Corrigendum Letter No. 65 Dt.14.07.2021**
Reference Tender Notice No. 56 Date: 08.07.2021
The Financial Bid of Tender Notice No. 56 Dt.08.07.2021 for Engagement of Manpower Agencies/Serivce Provider Firm published by OIC, WODC-cum-Deputy Director (P&S), DPMU (Planning Wing), Boudh published in all edition of Dharitri Odia Newspaper on Dt.09.07.2021. The bidders are requested to submit their BIDs using the modified Financial BID uploaded in Boudh NIC Website **www.boudh.nic.in**. However all other things of the tender notice quoted above remain unchanged. Bidders who have applied and send in previous Financial Bid format on or before 14.07.2021 can send the modified financial bid only in a separate envelope mentioning "MODIFIED FINANCIAL BID" to the OIC, WODC-cum-Deputy Director (P&S), DPMU, Boudh address.
Sd./- OIC-WODC-cum-Deputy Director (P&S), DPMU, Boudh

## ସଂକ୍ଷେପରେ

### ଡବ୍ଲ୍ୟୁଓଡିସି ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କ ନୂଆପଡ଼ା ଗସ୍ତ

ନୂଆପଡ଼ା ଅଫିସ,୧୪।୭: ପଶ୍ଚିମ ଓଡିଶା ବିକାଶ ପରିଷଦ (ଡବ୍ଲ୍ୟୁଓଡିସି) ମୁଖ୍ୟ କାର୍ଯ୍ୟନିର୍ବାହୀ ପ୍ରେମାନନ୍ଦ ଚୌଧୁରି ବୁଧବାର ନୂଆପଡ଼ା ଜିଲ୍ଲା ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ପରିଦର୍ଶନ କରିଥିଲେ। ଖରିଆର ରୋଡ ନେଗିପାଲିସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ, ଆଉଟିଆଳ, ବୋଇଲା ଗାଁର ଚାଷୀ ପ୍ରେମ ନାଏକଙ୍କ ଛେଳି ଓ ମତ୍ସ୍ୟ ଫାର୍ମ ପରିଦର୍ଶନ କରିଥିଲେ। ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ଫେରି ଯାଇଛନ୍ତି। ଏହି ଗସ୍ତ ସମୟରେ ଜିଲାପାଳ ସ୍ୱାଧାଦେବ ସିଂ, ଉପଜିଲାପାଳ ତରଣୀସେନ ନାଏକ, ଖଡିଆଳ ବନଖଣ୍ଡ ଅଧିକାରୀ ବିବେକ କୁମାର, ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଓ ଜିଲସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ। ପଶ୍ଚିମ ଓଡିଶା ପରିଷଦ ପାଣ୍ଠିର ସଦ ବିନିଯୋଗ କରି ଆତ୍ମନିର୍ଭରଶୀଳ କରିବା ପାଇଁ ଚେଷ୍ଟା କରିଛୁ ବୋଲି ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ଖବରଦାତା ସମ୍ମିଳନିରେ ଚୌଧୁରି ସୂଚନା ଦେଇଛନ୍ତି।

### ବିଧାୟକଙ୍କ ଜନ୍ମଦିନ ଉପଲକ୍ଷେ ରକ୍ତଦାନ

**ନୂଆପଡ଼ା ଅଫିସ/ଖଡ଼ିଆଳ, ୧୪।୭ (ଡି.ଏନ.ଏ.):** ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀଙ୍କ ଜନ୍ମଦିନ ଉପଲକ୍ଷେ ନୂଆପଡା ଯୁବ କଂଗ୍ରେସ କମିଟି ପକ୍ଷରୁ ସେଛାକୃତ ରକ୍ତଦାନ ଶିବିର ଖଡିଆଳ କଲ୍ୟାଣ ମଣ୍ଡପ-୨ ଠାରେ ଅନୁଷ୍ଠିତ ହୋଇଯାଇଛି। ରକ୍ତଦାନ ଶିବିରକୁ ଜିଲା ପରିଷଦ ସଭ୍ୟ ଉଜ୍ଜଳ ଗୁପ୍ତା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିବା ବେଳେ ଖଡିଆଳ ଥାନା ଅଧିକାରୀ କୈଳାସ ଚନ୍ଦ୍ର ସେଠୀ, ଖଡିଆଳ ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଦିନବନ୍ଧୁ ମହାନନ୍ଦ, ବିଶ୍ୱଜିତ ପାଢୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଯୁବ କଂଗ୍ରେସ କମିଟି ଦ୍ୱାରା ଆୟୋଜିତ ଶିବିରରେ ୪୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଜିଲା କଂଗ୍ରେସ ସଭାପତି କପିଳେନ୍ଦ୍ର ଭୋଇ, ନୂଆପଡା ଜିଲା କଂଗ୍ରେସ ମୁଖପାତ୍ର ବିଭୁଦତ ଯୋଶୀ, ବିଧାନ ସଭା ଯୁବ କଂଗ୍ରେସ ସଭାପତି ଚନ୍ଦ୍ରଶେଖର ତାଣ୍ଡି, ଆସିଫ ରାଜା, ସୁଶାନ୍ତ ପଟ୍ଟନାୟକ, ଅମିତାଭ ପଟେଲ, ହିରାଧର ମେହେର, ଲିଙ୍ଗରାଜ ଘିବେଲା ପ୍ରମୁଖ ଉପସ୍ଥିତ ଥିଲେ।

# ମୃତଦେହ ରଖି ରାସ୍ତା ଅବରୋଧ

## ଟ୍ରକ୍ ଧକ୍କାରେ ଯୁବକଙ୍କ ଜୀବନ ଗଲା, ୨ ଗୁରୁତର

କୋକସରା,୧୪।୭,(ଡିଏନଏ)

କଳାହାଣ୍ଡି ଜିଲା କୋକସରା ବ୍ଲକ ୨୬ ନଂ. ଜାତୀୟ ରାଜପଥ ଅଁଳାଗୁଡା ପୋଲ ନିକଟରେ ବୁଧବାର ଭୋରରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଟ୍ରକ୍ ଧକ୍କା ଦେବାରୁ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨ ଗୁରୁତର ହୋଇଛନ୍ତି। ମୃତକ ହେଲେ ବିଜିଲି ଗ୍ରାମର ଯୋଗେନ୍ଦ୍ର ବେମାଲ (୩୧)। ଗୁରୁତର ହେଲେ ବଙ୍ଗୋମୁଣ୍ଡା ଗ୍ରାମର ଅନ୍ତ ଗହୀର (୩୮) ଓ କୋକସରା ଗ୍ରାମର ମହିଳା ରାମବତୀ ଦୀପ (୫୦)। ଏକ ଲୁହା ବୋଝେଇ ଟ୍ରକ (ନଂ. ଏପି୦୨ଟିଏଫ୍-୪୦୯୫) ଦ୍ରୁତ ଗତିରେ ଆସି ରାସ୍ତା କଡ଼ରେ ଛିଡ଼ା ହୋଇଥିବା ୩ଜଣଙ୍କୁ ଧକ୍କା ଦେଇଥିଲା। ଦୁଇ ବାଇକ୍ ସହ ଜଣେ ଯୁବକଙ୍କୁ ଘୋଷାଡି ନେଇଥିଲା। ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ତାଙ୍କୁ ଉଦ୍ଧାର କରି କୋକସରା ହସ୍ପିଟାଲରେ ଭର୍ତ୍ତି କରିଥିଲେ। ମହିଳାଙ୍କ ଗୋଡରେ ଗଭୀର ଆଘାତ ଯୋଗୁ ତାଙ୍କୁ ଜିଲା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଗ୍ରାମବାସୀ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଜାତୀୟ ରାଜପଥ ଅବରୋଧ କରିଥିଲେ। ଦୁର୍ଘଟଣା ଘଟାଇଥିବା ଡ୍ରାଇଭରଙ୍କୁ ମଧ୍ୟ ଅଟକ ରଖାଯାଇଥିଲେ। ଦୁର୍ଘଟଣା ପରେ କୋକସରା ପୋଲିସ ବିଳମ୍ବରେ ପହଞ୍ଚିବାରୁ ଉତ୍ତେଜିତ ଲୋକଙ୍କ ଆକ୍ରୋଶର ଶିକାର ହୋଇଥିଲେ। ଟ୍ରକ୍‌ରେ ଚାପି ହୋଇ ରହିଥିବା ଯୁବକଙ୍କୁ ଉଦ୍ଧାର କରିବାରେ ପୋଲିସକୁ ନାକେଦମ ହେବାକୁ ପଡିଥିଲା। ପରେ ପରିବାରବର୍ଗ ଓ ଗ୍ରାମବାସୀ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବିରେ ଅଡି ବସିଥିଲେ। ଖବର ପାଇ ଧର୍ମଗଡ ଉପଖଣ୍ଡ ପୋଲିସ ଅଧିକାରୀ ଧିରଜ କୁମାର ଚୋପଦାର, କୋକସରା ତହସିଲଦାର ମନୋଜ କୁମାର ପାଢୀ, ଜୁନାଗଡ ଥାନା ଅଧିକାରୀ ଉତ୍ତମ କୁମାର ସାହୁ, କୋକସରା ଥାନା ଅଧିକାରୀ ରମଣୀ ରଞ୍ଜନ ଦଳେଇ, ଅଗ୍ନିଶମ ଅଧିକାରୀ କୈଳାଶ ଚନ୍ଦ୍ର ପ୍ରଧାନ ସ୍ଥାନୀୟ ଗ୍ରାମବାସୀ ଓ ମୃତକଙ୍କ ପରିବାରବର୍ଗଙ୍କ ସହ ଆଲୋଚନା କରିଥିଲେ। ରେଡ୍‌କ୍ରସରୁ ୧୦ ହଜାର ଟଙ୍କା ସହ ସରକାରୀ ନିୟମ ମୁତାବକ କ୍ଷତିପୂରଣ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଲୋକେ ରାଜି ହୋଇ ନ ଥିଲେ। ସକାଳ ୫ଟାରୁ ରାସ୍ତା ଅବରୋଧ ଫଳରେ ଭବାନୀପାଟଣା ଜୟପୁର ମଧ୍ୟରେ ଚଳାଚଳ କରୁଥିବା ଗାଡି ମୋଟର ରାସ୍ତାରେ ଫସି ରହିବା ସହ ଯାତ୍ରୀ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଖବର ଲେଖା ହୋବା ପର୍ଯ୍ୟନ୍ତ ରାସ୍ତା ଅବରୋଧ ଜାରି ରହିଛି।


କ୍ଷତିପୂରଣ ଦାବିରେ ଜାତୀୟ ରାଜପଥ ଅବରୋଧ କରାଯାଇଛି।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମରେ ଅନିୟମିତତା ଅଭିଯୋଗ

## ଭିଜିଲାନ୍ସ ତଦନ୍ତ ଦାବି କଲେ ପ୍ରାପ୍ୟ ପାଇ ନ ଥିବା ଶ୍ରମିକ

ଲାଠୋର, ୧୪।୭(ଡି.ଏନ.ଏ.)

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ହଲନଭଟା ପଞ୍ଚାୟତ ଅନ୍ତର୍ଗତ ଭାଲୁକୁନା ଗ୍ରାମରେ ଏମ୍‌ଜିଏନ୍‌ଆରଇଜିଏସ୍ କାମରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ୨୦୨୦-୨୧ ଆର୍ଥିକ ବର୍ଷରେ ଭାଲୁକୁନା ଗ୍ରାମରୁ ଖର୍ଲି ପର୍ଯ୍ୟନ୍ତ ୯ ଲକ୍ଷ ୫୦ହଜାର ଟଙ୍କା ବ୍ୟୟ ଅଟକଳରେ ରାସ୍ତା ନିର୍ମାଣ ଏବଂ ଭାଲୁକୁନା ଗାଁରେ ୯ ଲକ୍ଷ ବ୍ୟୟରେ ବିର୍ଣ୍ଣାମୁଣ୍ଡାର ମାଟି ଉନ୍ନତୀକରଣ କରାଯାଇଛି। ହେଲେ ଏହି କାର୍ଯ୍ୟରେ ନିୟୋଜିତ ଶ୍ରମିକମାନେ କାମ ଅନୁଯାୟୀ ମଜୁରି ପାଇନାହାନ୍ତି। ଗାଁ ସାଥୀ, ଗ୍ରାମ ରୋଜଗାର ସେବକ, କନିଷ୍ଠ ଯନ୍ତ୍ରୀ ଓ ପଞ୍ଚାୟତ କର୍ମଚାରୀ ବେଆଇନଭାବେ ଏମଆର ବାହାର କରି କାମ କରି ନ ଥିବା କେତେକ ବ୍ୟକ୍ତିଙ୍କ ନାମରେ ଟଙ୍କା ଜମା କରିଛନ୍ତି। ଏହିପରିଭାବେ କଳାକାହ୍ନୁ ଶଗଡିଆଙ୍କ ନାମରେ ୧୪୩୦୪ ଟଙ୍କା, ସଂକୀର୍ତ୍ତନ ବଛା ୧୯୩୦୫ ଟଙ୍କା, ସତ୍ୟନାରାୟଣ ବଛା ୧୮୦୬୦ଟଙ୍କା, ସୁଶିଲା ବଛା ୧୮୩୦୪ ଟଙ୍କା, ଉମାକାନ୍ତ ହଂସ ୭୭୪୦ ଟଙ୍କା, ଶକୁ ହାତୀ ୧୪୬୦୪ ଟଙ୍କା, କ୍ଷେତ୍ରବାସୀ ବଛା ୫୧୬୦ ଟଙ୍କା, କୋକିଳ ହଂସ ୧୧୬୦୪ ଟଙ୍କା, ସାଧୁ ହଂସ ୬୩୫୦୪ ଟଙ୍କା, କେସରି ହଂସଙ୍କ ନାମରେ ୭୭୪୦ ଟଙ୍କା ଜମା କରାଯାଇଛି। ଏପରିକି ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ରଙ୍କ ପାସ୍‌ବହିରେ ମଧ୍ୟ ଟଙ୍କା ଜମା କରି ଆତ୍ମସାତ କରାଯାଇଛି। ଏ ନେଇ ତୁରେକେଲା ବିଡିଓ ମନୋରଞ୍ଜନ ପାଣିଗ୍ରାହୀଙ୍କୁ ପଚାରିବାରୁ ଘଟଣାର ତଦନ୍ତ ଚାଲିଛି ବୋଲି କହିଛନ୍ତି। କାମ କରିଥିବା ଶ୍ରମିକଙ୍କୁ ମଜୁରି ପ୍ରଦାନ ସହ ଦୁର୍ନୀତିରେ ଲିପ୍ତ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଈଶ୍ୱର ହଂସ, ବଳରାମ ହଂସ, ଦନାର୍ଦନ ହଂସ, ରିଙ୍କୁ ପ୍ରଧାନ, ବିଠଲ ପ୍ରଧାନଙ୍କ ସହ ୩୦ ଶ୍ରମିକ ଦାବି କରିଛନ୍ତି। ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ ଏହାର ଭିଜିଲାନ୍ସ ତଦନ୍ତ କରିବାକୁ ଜିଲା ବିଜେଡି କୃଷକ ମୋର୍ଚ୍ଚା ସଭାପତି ଅଜୟ ଦାସଙ୍କ ଜରିଆରେ ସେମାନେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଅଭିଯୋଗ ପତ୍ରର ,କ ନକଲ ଜିଲାପାଳ, ପକ୍ଲନିର୍ଦ୍ଦେଶକ, ଟିଟିଲାଗଡ଼ ଉପଜିଲାପାଳ ଓ ତୁରେକେଲା ବିଡିଓଙ୍କ ଜରିଆରେ ପଠାଯାଇଛି।

# ଆବାସ ଯୋଜନାରେ ଜାଲିଆତି: ୩ ଗିରଫ

କୋକସରା, ୧୪।୭ (ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକରେ ଆବାସ ଯୋଜନା ଘର ଜାଲିଆତି ଘଟଣାରେ ପୂର୍ବରୁ ପଞ୍ଚାୟତ ଜିଓଟ୍ୟାଗ୍ କର୍ମଚାରୀ ସଞ୍ଜୀବ କୁମାର ଦାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏବେ ଏହି ଘଟଣାରେ ବଡ଼ପୋଡ଼ାଗୁଡା ପଞ୍ଚାୟତ ନିର୍ବାହୀ ଅଧିକାରୀ ରାଜ ମୋହନ ଶବର, ଗ୍ରାମ ରୋଜଗାର ସେବକ ହେମନ୍ତ ବଛା ଓ ବ୍ଲକ ପୋଗ୍ରାମ କୋର୍ଡ଼ିନେଟର ଚନ୍ଦନ କୁମାର ସାହୁଙ୍କ ସମ୍ପୃକ୍ତି ଥିବା ନେଇ ତଦନ୍ତରୁ ଜଣାପଡିବା ପରେ ମଙ୍ଗଳବାର ଆମପାଣି ପୋଲିସ ତାଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଏ ନେଇ ଆମପାଣି ଥାନାରେ ଏକ ମାମଲା (ନଂ. ୫୫/୨୧) ରୁଜୁ ହୋଇଥିବା ଆମପାଣି ଥାନା ଅଧିକାରୀ କୃଷ୍ଣଚନ୍ଦ୍ର ସ୍ୱାଇଁ ସୂଚନା ଦେଇଛନ୍ତି । ସୂଚନା ଯେ, କୋକସରା ବ୍ଲକ ବଡ଼ପୋଡ଼ାଗୁଡା ପଞ୍ଚାୟତରେ ଆବାସ ଯୋଜନାରେ ଘର ପାଇଥିବା ୬ ହିତାଧିକାରୀଙ୍କ ଘରକୁ ଜାଲିଆତି କରାଯାଇଥିଲା। ହିତାଧିକାରୀଙ୍କ ଅଜାଣତରେ ପଞ୍ଚାୟତ ଜିଓଟ୍ୟାଗ୍ କର୍ମଚାରୀ ସଞ୍ଜୀବ କୁମାର ଦାସ ପ୍ରାୟ ୭ ଲକ୍ଷ ୮୦ ହଜାର ଟଙ୍କା ହଡପ ଘଟଣା ଜଣାପଡ଼ିବା ପରେ କୋକସରା ବିଡିଓ ମନୀଷା ଦାସ ଏ ନେଇ ଆମପାଣି ଥାନାରେ ମାମଲା ରୁଜୁ କରିଥିଲେ। ଅଭିଯୋଗ ପରେ ଜିଓଟେଗ ସଞ୍ଜୀବଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

# ଘାସପଡ଼ିଆ ଦଖଲ ପାଇଁ ତହସିଲଦାରଙ୍କୁ ଦାବିପତ୍ର

କୋକସରା, ୧୪।୭ (ଡି.ଏନ.ଏ.)

ଘାସ ପଡ଼ିଆ ଦଖଲ ପାଇଁ କୋକସରା ତହସିଲଦାରଙ୍କୁ ବୁଧବାର ଡୁଡୁକାଠେଙ୍ଗା ପଞ୍ଚାୟତବାସୀ ଦାବିପତ୍ର ପ୍ରଦାନ କରିଛନ୍ତି। କୋକସରା ବ୍ଲକ ଡୁଡୁକାଠେଙ୍ଗା ପଞ୍ଚାୟତ ବେହେରା ଡ୍ୟାମକୁ ଲାଗି ରହିଥିବା ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ନିକଟ ଘାସ ପଡ଼ିଆ ୮ ବର୍ଷ ହେବ ଡୁଡୁକାଠେଙ୍ଗା ପଞ୍ଚାୟତ ୩ରୁ ୪ଖଣ୍ଡ ଗାଁର ଅନେକ ଗରିବ ଜମିହୀନ ପରିବାର ସଫା କରି ଦଖଲ କରି ଆସୁଛନ୍ତି। ସେହି ପଡିଆରେ ବିଭିନ୍ନ ଋତୁଜନିତ ଚାଷ ମକା, ମାଣ୍ଡିଆ, କୋଳଥ ଚାଷ କରି ପରିବାର ପ୍ରତିପୋଷଣ କରୁଛନ୍ତି। ଦଖଲ ଘାସ ପଡ଼ିଆ ଜବରଦଖଲ ରାଜସ୍ୱ ଦେୟ ପୈଠ କରୁଥିବା ସେମାନେ କହିଛନ୍ତି। ନିକଟ ଧୋବେନଚଞ୍ଚରା ଗ୍ରାମର କେତେକ ଅସାମାଜିକ ବ୍ୟକ୍ତି ଘାସ ପଡ଼ିଆରେ ଚାଷ କରିବା ପାଇଁ ବାରଣ କରିବା ସହ ଗଣ୍ଡଗୋଳ କରୁଥିବା ନେଇ ବୁଧବାର କୋକସରା ତହସିଲଦାର କାର୍ଯ୍ୟାଳୟକୁ ଆସି ଡୁଡୁକାଠେଙ୍ଗା ପଞ୍ଚାୟତ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମର ଗିରିଧାରୀ ପାଣିଗ୍ରାହୀ, ଭୁପେଶ ନିଆଲ, ଲବ ନାଏକ, ଘାସିରାମ ନାଏକ, ବିକ୍ରମ ନିଆଲ, ବୈଦେହୀ ସୁନାଙ୍କ ସମେତ ଅନେକ ମହିଳାପୁରୁଷ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଜବରଦଖଲ କରି ଆସୁଥିବା ଘାସ ପଡ଼ିଆ ସେମାନଙ୍କ ନାମରେ ଦଖଲକାର ପୂର୍ବକ ଶାନ୍ତିପୂର୍ଣ୍ଣ ଦଖଲ କରିବା ପାଇଁ ଅନୁମତି ଦେବାକୁ ଦାବି କରିଛନ୍ତି। ଅସାମାଜିକ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ଏ ନେଇ କୋକସରା ତହସିଲଦାର ମନୋଜ କୁମାର ପାଢୀଙ୍କୁ ପଚାରିବାରୁ ରାଜସ୍ୱ ନିରୀକ୍ଷକଙ୍କୁ ତଦନ୍ତ ପାଇଁ ପଠାଇବା ସହ ଘଟଣାର ତଦନ୍ତ କରାଯିବ। ତଦନ୍ତ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।


ଦାବିପତ୍ର ଦେବାକୁ ଆସିଥିବା ଡୁଡୁକାଠେଙ୍ଗା ପଞ୍ଚାୟତବାସୀ।

# ପମ୍ପୁତଲାବ ପୁନରୁଦ୍ଧାର କାମରେ ଅନିୟମିତତା



ତଦନ୍ତ ଦାବିରେ ଇନ୍ଦିରା ଛକରେ ଦିଆଯାଇଥିବା ଧାରଣା।

## ଭିଜିଲାନ୍ସ ତଦନ୍ତ ଦାବିରେ ଧାରଣା

କଣ୍ଟାବାଞ୍ଜି, ୧୪।୭(ଡି.ଏନ.ଏ.): ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିର ସର୍ବ ପୁରାତନ ରେଲବାଇ ପମ୍ପୁ ତଲାବର ପୁନରୁଦ୍ଧାର କାର୍ଯ୍ୟରେ ଅନିୟମିତତା ଅଭିଯୋଗ ହୋଇଛି। ଭିଜିଲାନ୍ସ ତଦନ୍ତ ହେଲେ ଅନିୟମିତତା ପଦାକୁ ଆସିବ। ଏହିଭଳି ଦାବି କରି ବୁଧବାର ସାମାଜିକ କର୍ମୀ ସୁରଥ ବେହେରାଙ୍କ ନେତୃତ୍ୱରେ ଇନ୍ଦିରା ଛକରେ ଧାରଣା ଦିଆଯାଇଥିଲା। ସେମାନେ ଅଭିଯୋଗ କରିଥିଲେ ଯେ, ପମ୍ପୁ ତଲାବର ପୁନରୁଦ୍ଧାର ପାଇଁ କ୍ଷୁଦ୍ର ଜଳସେଚନ ବିଭାଗ ବଲାଙ୍ଗୀର ପକ୍ଷରୁ ୨କୋଟି ୫୪ଲକ୍ଷ ୯୨ହଜାର ୯୧୨ ଟଙ୍କା ଅନୁଦାନ ମିଳିଥିଲା। କାମ ୨୦୧୭ ମାର୍ଚ୍ଚ ୧୬ତାରିଖରେ ଆରମ୍ଭ ହୋଇ ତା୧୫।୨।୨୦୧୮ରିଖରେ ଶେଷ ହୋଇଥିଲା । ହେଲେ କାର୍ଯ୍ୟ ଆଖିଦୃଶିଆ ହୋଇ ନ ଥିବା ଅଭିଯୋଗ ହୋଇଛି। ଏହି ଧାରଣାରେ ଅନ୍ୟମାନଙ୍କ ମଧ୍ୟରେ ରସିଆନନ୍ଦ ରାଏ, ନରେନ୍ଦ୍ର ସୁନା, ସୁବାଷ ଷଡଙ୍ଗୀ, ଅମରଚନ୍ଦ ଶର୍ମା ପ୍ରମୁଖ ସାମିଲ ହୋଇଥିଲେ।

# ଘରୋଇ ବିଦ୍ୟାଳୟ ବିରୋଧରେ ଦାବିପତ୍ର

**ନୂଆପଡ଼ା ଅଫିସ,୧୪।୭:** ଓଡ଼ିଶା ଅଭିଭାବକ ମହାସଂଘ ନୂଆପଡା ଶାଖା ପକ୍ଷରୁ ପ୍ରଦେଶ ଉପାଧ୍ୟକ୍ଷ ଯଦୁମଣି ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଜିଲାପାଳ ସ୍ୱାଧାଦେବ ସିଂ ଓ ଜିଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ରଙ୍କ ସହ ଆଲୋଚନା କରିଥିଲେ। କୋଭିଡ୍ ମହାମାରୀ ସମୟରେ ଘରୋଇ ବିଦ୍ୟାଳୟ କରୁଥିବା ଶୋଷଣ ଓ ଅନ୍ୟାୟ ବିରୋଧରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଓଡିଶା ଅଭିଭାବକ ମହାସଂଘ ପକ୍ଷରୁ ରାଜ୍ୟବ୍ୟାପୀ ପ୍ରତ୍ୟେକ ଜିଲାରେ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ ନିଆଯାଇଛି। ଆଗାମୀ ଦୁଇ ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନ ହେଲେ ରାଜ୍ୟବ୍ୟାପୀ ଆନ୍ଦୋଳନ ପାଇଁ ମହାସଂଘ ଚେତାବନୀ ଦେଇଛି। କୋଭିଡ୍ ମହାମାରୀ ସମୟରେ ଟ୍ୟୁଶନ ଫି’ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଫି’ ୨୦୧୯-୨୦ ପାଇଁ ଛାଡ କରିବା ସହିତ ୨୦୨୦-୨୧ରେ ପରବର୍ତ୍ତି ଫି’ ବୃଦ୍ଧି ନ କରିବା ପାଇଁ ଅଭିଭାବକ ମହାସଂଘ ହାଇକୋର୍ଟର ଆଶ୍ରୟ ନେଇଥିଲେ। ହାଇକୋର୍ଟ ମହାସଂଘ ସପକ୍ଷରେ ରାୟ ଦେଇ ୧୫ ପ୍ରତିଶତ ଟ୍ୟୁସନ ଫି’ ଛାଡ କରିବା ପାଇଁ କହିଥିଲେ। କିନ୍ତୁ ଏହାକୁ କାର୍ଯ୍ୟକାରୀ କରିବାରେ ଟାଳଟୁଳ ନୀତି କରୁଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଉଛି। ଅଗାମୀ ଦିନରେ ଏହି ଦାବିପତ୍ର କାର୍ଯ୍ୟକାରୀ ନ ହେଲେ ମହାସଂଘ ପକ୍ଷରୁ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଜିଲାପାଳ ଓ ଜିଲା ଶିକ୍ଷା ଅଧିକାରୀ ଏହି ଘଟଣାର ଅନୁଧ୍ୟାନ କରି ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ବୋଲି ପାଣିଗ୍ରହୀ କହିଛନ୍ତି।


ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।


**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, ANANDAPUR BARRAGE PROJECT, SALAPADA**
**(E-mail id: cceabp@gmail.com/loabpbbsr@gmail.com)**

No. A-293:- **E-procurement Notice No. CCEABP-03 of 2021-22**

| E-Procurement Officer | Name of the work | Bid Id No. | Tender cost in Lakhs (Appx.) | Bid security (Online) | Cost of Bid Document (Online) | Class of contractor | Period of completion | Availability of tender online for bidding | | Date of opening of technical Bid (Cover-1) |
|---|---|---|---|---|---|---|---|---|---|---|
| | | | | | | | | From | To | |
| Chief Construction Engineer, A.B. Project, Salapada | Extended protection work to D/S of Anandapur Barrage from RD 1600m to RD 2500m on the Right Bank of Baitarani river. | ABP-ABD-01/3 of 2021-22 | 5320.00 | Bid Security Declara-tion | 10,000/- | Super Class | 09 (Nine) Calendar months | 19.07.21 11.30 AM | 09.08.21 05.00 PM | 10.08.21 11.30 AM |

Further details can be seen from the Govt. website www.tendersorissa.gov.in/www.dowrodisha.gov.in.
Addendum/corrigendum/cancelletion if any required will be published in Govt. website only.
OIPR-32180/11/0004/2122 Sd./- Chief Construction Engineer, Anandapur Barrage Project, Salapada



**DISTRICT EDUCATION OFFICE, PURI**
**DISTRICT PROJECT MANAGEMENT UNIT, MDM, PURI**
**CORRIGENDUM**

**No. 296** **Dt.14.07.2021**

The following corrigendum is made in tender call notice issued vide Order No. 285 Dt.28.06.2021 of District Project Management Unit, MDM, Puri.

1. At serial No. 13 of application form for engagement of transport agent “the tenderer having no commercial interest” is replaced with “Partners/directors of the tenderer”.
2. The draft affidavit at page No. 10 and 11 at Annexure-II has been revised accordingly.
3. The last date of receipt of tender papers is extended to 26.07.2021 and the Document Bid of tender will be opened on Dt.28.07.2021 and the price bid will be opened on 02.08.2021.

The rest of the points of the tender call notice stands unaltered.

**Sd./- District Education Officer, Puri**



**OFFICE OF THE ADDITIONAL CHIEF ENGINEER RURAL WORKS CIRCLE, BALASORE**
**E-Mail ID: serw_balasore@yahoo.in, Ph. No. - 06782-260318, Balia, Balasore**
**“e” Procurement Notice for inviting Request for proposal from Consultant for Bridge Work**

No.O-444:- **Identification No.- Online Tender - Bridge N.C.B. No. 295**
**Letter No. 2399/WE** **Date 14.07.2021**

1. Name of the work :- **Consultancy services for Bridge works**
2. Total No. of work :- 02 Nos. (Two)
3. Length :- **184 mtr.** (Approximately) each. (As per Annexure)
4. Eligible bidders :- ‘Consulting Engineering Firms (Consultants)’
5. Other details :-

| Procurement Officer | Bid Identification No. | Available of bid document in website | | Dateline for Submission of Pre-Proposal Query (Through email) | Date & time of Opening of Tender in O/o S.E.R.W. Circle, Balasore | |
|---|---|---|---|---|---|---|
| | | From | To | | Date of opening of Technical Proposal | Date of opening of Financial Proposal |
| 1 | 2 | 3 | 4 | 5 | 6 | 7 |
| Additional Chief Engineer, Rural Works Circle, Balasore | **NCB No.-295** | 16.07.2021 at 11.00 A.M. | 06.08.2021 Up to 5.00 P.M. | 23.07.2021 Up to 5.30 P.M. | 09.08.2021 at 11.30 A.M. | Will be intimated later |

- **Further details can be seen from the website: www.tendersodisha.gov.in**

OIPR-25105/11/0009/2122 **Sd./- Er. P.K. Sahoo, Additional Chief Engineer, R.W. Circle, Balasore**



**TPWODL**
**TP WESTERN ODISHA DISTRIBUTION LIMITED**
**(A Tata Power & Odisha Govt. Joint Venture)**
**Corporate Office, Burla, Dist.- Sambalpur (Odisha) - 768017**
**NOTICE INVITING TENDER**

**Tender Notice No. TPWODL/RB/O/SER/018** **Date: 15.07.2021**

TP Western Odisha Distribution Limited invites tender (2 parts bidding) from eligible vendors for the following package:

**RC for Supply, Installation and Maintenance of Network Equipment (DC Router, DC Switches and Network Rack) for Substation Automation at TPWODL**

Interested bidders to submit Tender Participation Fee and Authorization letter through e-mail before **22nd July 2021, 15.00 hrs.** after which link from e-Tender system shall be shared.

For detailed tender documents mentioned above please visit tender section on TPWODL website: **www.tpwesternodisha.com**. Further details for participating in tender is given in the tender document.

All future correspondence regarding the tender, bid submission, bid submission date extension etc. will happen with participating bidders only through e-Tender system.

**Sd./- Chief Contracts & Stores**



**GOVERNMENT OF ODISHA, DEPARTMENT OF WATER RESOURCES** No. A-297
**OFFICE OF THE ADDITIONAL CHIEF ENGINEER, EASTERN CIRCLE-I, CUTTACK**
E-Mail ID- seeccuttack@gmail.com
**“e” Procurement Notice No. ACE, EC-I/05 of 2021-22 (On-line)**

| | | | |
|---|---|---|---|
| 1 | Name of Works | : | **Protection to Scoured on Devi left embankment, Providing 5 Nos. spur near village Paluribanka under NABARD Assistance Bid identification No. ACE, EC-I JID/05 of 2021-22** |
| 2 | Total No. of Packages | : | **1 No. Package** |
| 3 | Tender paper Cost | : | **Rs.10,000.00 (On-line payment)** |
| 4 | Bid Security | : | **“Bid Security Declaration” as per F.D.O.M. No.-FIN-COD-MISC-0007-2019/8943/F dated 18.03.2021. The bids without “Bid Security Declaration” will be summarily rejected.** |

5. Other details are as follows

| Procurement Officer | Bid Identification No. | Tender Cost (Rs. in Lakh) (Approx.) | Class of Contractor | Period of Completion | Availability of Tender On-line for bidding | | Date of Opening of Technical Bid (Cover-I) |
|---|---|---|---|---|---|---|---|
| | | | | | From | To | |
| Additional Chief Engineer, Eastern Circle-I, Cuttack | ACE, EC-I JID/05 of 2021-22 | 637.00 Lakh | Special & Super | 09 (Nine) calendar months | 19.07.2021 at 10.00 hrs. | 03.08.2021 upto 17.30 hrs. | 04.08.2021 at 11.30 hrs. |

6. e-mail id : **seeccuttack@gmail.com**
Further details can be seen from the Govt. website “**https://tendersodisha.gov.in**”
OIPR-32370/11/0006/2122 **Sd./- Additional Chief Engineer, Eastern Circle-I, Cuttack**



**DISTRICT PLANNING AND MONITORING UNIT, BOUDH**
**Corrigendum Letter No. 65 Dt.14.07.2021**

**Reference Tender Notice No. 56** **Date: 08.07.2021**

The Financial Bid of Tender Notice No. 56 Dt.08.07.2021 for Engagement of Manpower Agencies/Serivce Provider Firm published by OIC, WODC-cum-Deputy Director (P&S), DPMU (Planning Wing), Boudh published in all edition of Dharitri Odia Newspaper on Dt.09.07.2021. The bidders are requested to submit their BIDs using the modified Financial BID uploaded in Boudh NIC Website **www.boudh.nic.in**. However all other things of the tender notice quoted above remain unchanged. Bidders who have applied and send in previous Financial Bid format on or before 14.07.2021 can send the modified financial bid only in a separate envelope mentioning “MODIFIED FINANCIAL BID” to the OIC, WODC-cum-Deputy Director (P&S), DPMU, Boudh address.

**Sd./- OIC-WODC-cum-Deputy Director (P&S), DPMU, Boudh**